# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୭/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, April 27/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୧୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 152 | ମୂଲ୍ୟ ₹୭/-




**ଏଫ୍‌ଡିଆଇ ନିବେଶ ୯୦ ବିଲିୟନ ଡଲାର ଟପିଛି**

ଭାରତରେ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ (ଏଫ୍‌ଡିଆଇ) ପୂର୍ବ ତୁଳନାରେ ବୃଦ୍ଧି ପାଇ ୯୦ ବିଲିୟନ ଡଲାର ଟପିଥିବା ସିଇଏ ଭି.ଅନନ୍ତ ନାଗେଶ୍ୱରନ୍ କହିଛନ୍ତି।

୧୧

୧୪

**ମହସିନଙ୍କୁ ୫ ଉଇକେଟ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚରେ ୫ ଉଇକେଟ ସଫଳତା ପାଇଛନ୍ତି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ମହସିନ ଖାନ୍।





ନୂଆଦିଲ୍ଲୀଠାରେ ରବିବାର ଆୟୋଜିତ ଦ୍ୱିତୀୟ ଏସୀୟ ଯୋଗାସନ ସ୍ପୋର୍ଟ୍ସ ଚାମ୍ପିୟନଶିପ୍‌ରେ ଯୋଗମୁଦ୍ରାରେ ୨ଜଣ ପ୍ରଶିକ୍ଷାର୍ଥୀ ।

# ଭୁଲ୍ ଇଞ୍ଜେକ୍ସନରୁ ନାବାଳକଙ୍କ ଜୀବନ ଗଲା

ବାସୁଦେବପୁର,୨୬।୪
(ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

- **କ୍ରିକେଟ୍ ଖେଳୁଥିବା ବେଳେ ଗୋଡ଼ରେ ବାଉଁଶ ପଶିଯାଇଥିଲା**
- **ମୃତଦେହ ରଖି ରାସ୍ତା ଅବରୋଧ**
- **ପୋଲିସର ଲାଠିଚାର୍ଜ**

କ୍ରିକେଟ ଖେଳୁଥିବା ସମୟରେ ଆଘାତ ଲାଗିବାରୁ ଡାକ୍ତରଖାନା ଯାଇଥିଲେ। ହେଲେ ସେଠାରେ ଭଲ ହେବା ବଦଳରେ ଭୁଲ୍ ଇଞ୍ଜେକ୍ସନ ଯୋଗୁ ଜଣେ ନାବାଳକଙ୍କ ଜୀବନ ଚାଲିଯାଇଛି। ଭଦ୍ରକ ଜିଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ପୂର୍ବାହ୍ନରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ବାସୁଦେବପୁର ବ୍ଲକ ପଦ୍ମପୁର ପଞ୍ଚାୟତ ମେଳକସାହିର ଦେବକାନ୍ତ ବାରିକଙ୍କ ପୁଅ ମୁକେଶ(୧୪)। ଡାକ୍ତରଙ୍କ ଭୁଲ୍ ଚିକିତ୍ସା ଯୋଗୁ ନାବାଳକଙ୍କ ମୃତ୍ୟୁ ଘଟିଥିବା ତାଙ୍କ ଜେଜେ ଗୟାଧର ବାରିକ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଡାକ୍ତରଖାନାରେ ଭଙ୍ଗାରୁଜା ସହ ଉତ୍ତେଜନା ଦେଖାଦେଇଛି। ଉତ୍ୟକ୍ତ ଲୋକେ ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି।

ଗୟାଧରଙ୍କ କହିବା ଅନୁଯାୟୀ, ମୁକେଶ ସକାଳେ ତାଙ୍କ ନିଜ ବାଡ଼ିରେ ସାଙ୍ଗମାନଙ୍କ ସହ କ୍ରିକେଟ୍ ଖେଳୁଥିବା ବେଳେ ପଡ଼ିଯିବାରୁ ଡାହାଣ ଗୋଡ଼ ଜଙ୍ଘରେ ବାଉଁଶ ପଶିଯାଇଥିଲା। ଅଧିକ ରକ୍ତସ୍ରାବ ହେବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଏଡ଼ତାଳର ଜଣେ କ୍ୱାକ୍‌ଙ୍କ ପାଖକୁ ନେଇଥିଲେ। ସେଠାରେ କୌଣସି ଚିକିତ୍ସା ନ କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ଡାକ୍ତରଖାନାର ଡ୍ରେସର ମୁକେଶଙ୍କ ଜଙ୍ଘରେ ଷ୍ଟିଚ୍ ପକାଇବା ପରେ ଡାକ୍ତରଙ୍କ ପ୍ରେସ୍କ୍ରିପ୍‌ସନ ଅନୁଯାୟୀ କାର୍ଯ୍ୟରତ ନର୍ସ ଇଞ୍ଜେକ୍ସନ ଦେଇଥିଲେ। କିଛି ସମୟ ପରେ ମୁକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିଲା। ଏହାର କିଛି ସମୟ ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ମୁକେଶଙ୍କ ପରିବାର ଲୋକେ ଡାକ୍ତରଙ୍କ କାର୍ଯ୍ୟାଳୟରେ ନାରାବାଜି କରି ପ୍ରତିବାଦ କରିଥିଲେ। ଏହି ସୁଯୋଗରେ ମୁକେଶଙ୍କୁ ଚିକିତ୍ସା କରିଥିବା ଜନୈକ ବରିଷ୍ଠ ସର୍ଜରୀ ଚିକିତ୍ସକ ଡାକ୍ତରଖାନା ଛାଡ଼ି ପଳାଇଥିଲେ। ଉତ୍ୟକ୍ତ ଲୋକେ ଡାକ୍ତରଖାନାରେ ଭଙ୍ଗାରୁଜା କରିବା ସହ ଫାଟକ ସମ୍ମୁଖରେ ମୃତଦେହ ରଖି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବରପାଇ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଓ ବାସୁଦେବପୁର ☞ପୃଷ୍ଠା-୪

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସ୍ଥଗିତ

ଭୁବନେଶ୍ୱର, ୨୬।୪(ବନ୍ଦନା ସେଠୀ)

ସୋମବାର ୨୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ହେବ ନାହିଁ। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ଜନଶୁଣାଣି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିବା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୟୁନିଟ-୨ ଅଶୋକନଗରସ୍ଥିତ ପୁରୁଣା ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ) କୋଠାରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ହେବାର ଥିଲା। ମାତ୍ର ଏବେ ଏହାକୁ ସ୍ଥଗିତ ରଖାଯାଇଥିବାରୁ ଯେଉଁମାନେ ଏହିଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ କରିବା ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ କରିଥିଲେ ସେମାନଙ୍କ ପାଇଁ ଭୁବନେଶ୍ୱରଠାରେ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଧାର୍ଯ୍ୟ କରାଯିବ। ଏ ସମ୍ପର୍କରେ ଖବରକାଗଜ ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ହତ୍ୟା ପରେ ମହିଳାଙ୍କୁ ଜାଳିଦେଲେ

ମହାକାଳପଡ଼ା, ୨୬।୪
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

- **ଅର୍ଦ୍ଧଦଗ୍ଧ ମୃତଦେହ ଜବତ**
- **ସ୍ୱାମୀ, ଶାଶୁ ଗିରଫ**

କେନ୍ଦ୍ରାପଡ଼ା ଜିଲା ତନ୍ତିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ବେଣାକନ୍ଧା ଗାଁର ଜଣେ ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ଶନିବାର ବିଳମ୍ବିତ ରାତିରେ ହତ୍ୟା ପରେ ପେଟ୍ରୋଲ ଢାଳି ଜାଳିଦେଇଥିବା ଅଭିଯୋଗ ହୋଇଛି। ମୃତା ମହିଳା ହେଲେ ତଅପୋଇ ମଣ୍ଡଳ(୨୮)। ଏ ନେଇ ମୃତାଙ୍କ ବାପା ମନୋରଞ୍ଜନ ଦିଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମୃତାଙ୍କ ସ୍ୱାମୀ ବିଶ୍ୱଜିତ ମଣ୍ଡଳ(୩୦) ଓ ଶାଶୁ ନମିତା ମଣ୍ଡଳ(୬୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ସଦର ମହକୁମା ମେଡିକାଲକୁ ପଠାଇଛି।

ମିଳିଥିବା ସୂଚନା ଅନୁସାରେ ବେଣାକନ୍ଧା ଗ୍ରାମର ବିଶ୍ୱଜିତ ମଣ୍ଡଳ ପଟ୍ଟାମୁଣ୍ଡାଇ ଥାନା ଅଧୀନ ନଳଡିହ ଗାଁର ମନୋରଞ୍ଜନ ଦିଣ୍ଡାଙ୍କ ଝିଅ ତଅପୋଇଙ୍କୁ ୩ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହ ପରଠାରୁ ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଉଭୟ ପକ୍ଷ ମଧ୍ୟରେ ଆପୋସ ସମାଧାନ ଉଦ୍ୟମ ହେଉଥିଲା। ଶନିବାର ରାତିରେ ଶାଶୁଘରେ ତଅପୋଇଙ୍କ ମା' ବାପା ଓ କେତେକ ମୁରବିଙ୍କ ଉପସ୍ଥିତିରେ ଆପୋସ ବୁଝାମଣା ହୋଇଥିଲା। ବୁଝାମଣା ପରେ ରାତି ପ୍ରାୟ ୨ଟା୩୦ରେ ତଅପୋଇଙ୍କ ବାପା ମନୋରଞ୍ଜନ ନିଜ ଗାଁ ନଳଡିହକୁ ଫେରିଥିଲେ। ହେଲେ ଘରେ ପହଞ୍ଚିବାର କେଇ ଘଣ୍ଟା ପରେ ସେ ଝିଅର ମୃତ୍ୟୁ ଖବର ପାଇଥିଲେ। ରବିବାର ସକାଳେ ସେ ବେଣାକନ୍ଧା ଗାଁରେ ପହଞ୍ଚି ଝିଅର ଘରପାର୍ଶ୍ୱ ଜମିରେ ଅଧାପୋଡ଼ା ମୃତଦେହ ଦେଖି ହତବାକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଟ୍ରମ୍ପଙ୍କୁ ଲକ୍ଷ୍ୟ

# ଟ୍ରମ୍ପଙ୍କ ଡିନର ପାର୍ଟିରେ ଗୁଳିକାଣ୍ଡ

ୱାଶିଂଟନର ହ୍ୱାଇଟ୍ ହାଉସ୍ କରେସ୍‌ପଣ୍ଡେଣ୍ଟ୍ସ ଆସୋସିଏଶନର ଡିନର ପାର୍ଟିରେ ଶନିବାର ରାତିରେ ଗୁଳିକାଣ୍ଡ ଘଟିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରୁଥିବାବେଳେ ଡିନର ଆୟୋଜିତ ହୋଇଥିବା ହିଲ୍‌ଟନ ହୋଟେଲରେ ଜଣେ ଯୁବକ ଗୁଳିକାଣ୍ଡ ଘଟାଇଛନ୍ତି। ତେବେ ଏଥିରେ ଟ୍ରମ୍ପଙ୍କ କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଏପରି କି ଏହି କନ୍‌ଫରେନ୍ସରେ ଉପସ୍ଥିତ ଥିବା ଆମେରିକାର ପ୍ରଥମ ଲେଡି ତଥା ଟ୍ରମ୍ପଙ୍କ ସ୍ତ୍ରୀ ମେଲାନିଆ ଟ୍ରମ୍ପ ଏବଂ ଉପରାଷ୍ଟ୍ରପତି ଜେ. ଡି. ଭାନ୍ସ ମଧ ଆହତ ହୋଇ ନାହାନ୍ତି। ଏହି ଘଟଣା ପରେ ଟ୍ରମ୍ପ, ମାଲେନିଆ ଏବଂ ଭାନ୍ସଙ୍କୁ ତୁରନ୍ତ ଘଟଣାସ୍ଥଳରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ଅପରପକ୍ଷରେ ଗୁଳି ଚଳାଇଥିବା କାଲିଫର୍ନିଆର ୩୧ ବର୍ଷୀୟ ଇଞ୍ଜିନିୟର ତଥା ୟୁଟ୍ୟୁବର କୋଲେ ଥୋମାସ ଆଲେନ୍‌ଙ୍କୁ ସୁରକ୍ଷା କର୍ମୀ ହେପାଜତକୁ ନେଇଛନ୍ତି। ଏହି ଘଟଣାରେ ଜଣେ ସୁରକ୍ଷା ଅଧିକାରୀ ଆହତ ହୋଇଥିବା ଜଣାପଡ଼ିଛି। ଆଲେନ୍ କାହିଁକି ଗୁଳିକାଣ୍ଡ ଘଟାଇଲେ, ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ତେବେ ରାଷ୍ଟ୍ରପତିଙ୍କ ଡିନର ପାର୍ଟିରେ ଏଭଳି ଗୁଳିକାଣ୍ଡ ଘଟଣାକୁ ବିଶ୍ୱସ୍ତରରେ ନିନ୍ଦା କରାଯାଇଛି। ରାଜନୀତିରେ ହିଂସାର ସ୍ଥାନ ନାହିଁ ବୋଲି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ନେତୃବୃନ୍ଦ କହିଛନ୍ତି।

- **ଟ୍ରମ୍ପ୍, ମେଲାନିଆ, ଭାନ୍ସ ସୁରକ୍ଷିତ**
- **ଗୁଳି ଚଳାଇଥିବା ଯୁବକ ଗିରଫ**
- **୧୯୮୧ରେ ରାଷ୍ଟ୍ରପତି ରେଗାନଙ୍କୁ ହୋଇଥିଲା ଗୁଳି**

ୱାଶିଂଟନ,୨୬।୪
(ପି.ଟି.)/(ରଏଟର୍ସ)

ହ୍ୱାଇଟ୍ ହାଉସ୍ କରେସ୍‌ପଣ୍ଡେଣ୍ଟ୍ସ୍ ଆସୋସିଏଶନର ବାର୍ଷିକ ଡିନର ଶନିବାର ରାତିରେ ୱାଶିଂଟନ୍‌ର ହିଲ୍‌ଟନ ହୋଟେଲରେ ଆୟୋଜିତ ହୋଇଥିବା ବେଳେ ସେଥିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପ୍, ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ସମୟରେ ବହୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଜଣେ ବ୍ୟକ୍ତି ହୋଟେଲ ବଲ୍‌ରୁମ୍ ବାହାରୁ ଗୁଳି ଚଳାଇବାରୁ ସୁରକ୍ଷା କର୍ମୀମାନେ ତୁରନ୍ତ ଟ୍ରମ୍ପଙ୍କ ସମେତ ଅନ୍ୟ ଉଚ୍ଚ ପଦାଧିକାରୀମାନଙ୍କୁ ସେଠାରୁ ଅନ୍ୟତ୍ର ନେଇଯାଇଥିଲେ। ସ୍ଥାନୀୟ ସମୟ ରାତି ୮ଟା ୩୪ ମିନିଟ୍‌ରେ ନୈଶଭୋଜି ପରଷାଯାଉଥିବାବେଳେ ଗୁଳିମାଡ଼ ହୋଇଥିଲା। ସେହି ସମୟରେ ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍ କରେସ୍‌ପଣ୍ଡେଣ୍ଟ୍ସ ଆସୋସିଏଶନ୍‌ର ଅଧ୍ୟକ୍ଷ ୱେଇଜିଆ ଜିଆଙ୍ଗ ଏବଂ ମାନସିକ ଚିତ୍ରଣକାରୀ ଓଜ୍ ପିର୍ଲମାନ୍‌ଙ୍କ ସହ କଥା ହେଉଥିଲେ। ଗୁଳିକାଣ୍ଡ ପରେ ମୁଖ୍ୟ ଟେବୁଲ୍‌ରେ ବସିଥିବା ଟ୍ରମ୍ପ୍ ଫାଷ୍ଟ ଲେଡି ମେଲାନିଆ, ଉପରାଷ୍ଟ୍ରପତି ଭାନ୍ସ ଏବଂ ସେକେଣ୍ଡ ଲେଡି ଉଷା ଭାନ୍ସଙ୍କୁ ସିକ୍ରେଟ୍ ସର୍ଭିସ୍ ଅଫିସର ଓ ଅନ୍ୟ ସୁରକ୍ଷା କର୍ମୀମାନେ ସୁରକ୍ଷା ଦେବା ସହ ବଲ୍‌ରୁମ୍ ବାହାରକୁ ନେଇଯାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ନେତା, ☞ପୃଷ୍ଠା-୪

## ଆକ୍ରମଣକାରୀ ଜଣେ ଟ୍ୟୁଟର, ଗେମ୍ ଡେଭେଲପର



ସୁରକ୍ଷାକର୍ମୀଙ୍କ ଦ୍ୱାରା ଅଟକ ଆଲେନ୍ ।

ଆକ୍ରମଣକାରୀ କୋଲେ ଥୋମାସ୍ ଆଲେନ୍‌ଙ୍କ ନାମରେ ଥିବା ଲିଙ୍କ୍‌ଡଇନ୍ ପ୍ରୋଫାଇଲ୍ ଅନୁଯାୟୀ, ସେ କାଲିଫର୍ନିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ୨୦୧୭ରେ ମେକାନିକାଲ ଇଞ୍ଜିନିୟରିଂରେ ସ୍ନାତକ କରିଛନ୍ତି। ପରେ ସେ କାଲିଫର୍ନିଆ ଷ୍ଟେଟ୍ ୟୁନିଭର୍ସିଟିରୁ ୨୦୨୫ରେ କମ୍ପ୍ୟୁଟର ସାଇନ୍ସରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ସେ ସି୨ ଏଜୁକେଶନରେ ଅନେକ ବର୍ଷ ଧରି ଟ୍ୟୁଟର ଭାବେ କାର୍ଯ୍ୟ କରିଥିଲେ। ଉକ୍ତ କମ୍ପାନୀର ଟୋରାନ୍ସ ଅଫିସ୍‌ରେ ସେ 'ଟିଚର ଅଫ୍ ଦି ମନ୍ଥ' ଭାବେ ୨୦୨୪ରେ ତାଲିକାଭୁକ୍ତ ହୋଇଥିବା ଏକ ସୋସିଆଲ ମିଡିଆ ପୋଷ୍ଟରୁ ଜଣାପଡ଼ିଛି। ଆଲେନ୍ ଜଣେ ସ୍ୱାଧୀନ ଗେମ୍ ଡେଭେଲପର ଭାବେ କାର୍ଯ୍ୟ କରୁଥିଲେ ବୋଲି ତାଙ୍କ ଅନ୍‌ଲାଇନ୍ ରିଜ୍ୟୁମ୍‌ରୁ ଜଣାପଡ଼ିଛି। ସେ ଷ୍ଟିମ୍ ପ୍ଲାଟଫର୍ମରେ ଭିଡିଓ ଗେମ୍ ପ୍ରସ୍ତୁତ କରୁଥିଲେ, ଯେଉଁଥିରେ ମଲିକୁଲାର କେମେଷ୍ଟ୍ରିକୁ ଫୋକସ୍ କରାଯାଇଛି। ଟ୍ୟୁଟର ହେବା ପୂର୍ବରୁ ସେ ବର୍ଷେ ପାଇଁ ମେକାନିକାଲ ଇଞ୍ଜିନିୟର ଭାବେ କାର୍ଯ୍ୟ କରିଥିଲେ। ପରେ ସେ କାଲ୍‌ଟେକ୍‌ରେ ଟିଚିଙ୍ଗ୍ ଆସିଷ୍ଟାଣ୍ଟ ମଧ ଥିଲେ। ୨୦୧୪ରେ ନାସାର ଜେଟ୍ ପ୍ରପୁଲଶନ ଲାବରେଟୋରିରେ ସେ ସମର ଅଣ୍ଡରଗ୍ରାଜୁଏଟ୍ ରିସର୍ଚ୍ଚ ଫେଲୋଶିପ୍ କରିଥିଲେ।

# ନୃତ୍ୟ କାର୍ଯ୍ୟକ୍ରମରେ ଛାତ୍ରୀଙ୍କୁ କୁଣ୍ଢାଇ ପକାଇଲା ହ୍ୟୁମାନଏଡ୍ ରୋବୋ

**ଚାଇନାରେ ଚାଞ୍ଚଲ୍ୟ**

ବେଜିଂ, ୨୬।୪ (ପି.ଟି.)

ଚାଇନାର ଶାନସି ପ୍ରଦେଶର ଏକ ବିଶ୍ୱବିଦ୍ୟାଳୟରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏକ ହ୍ୟୁମାନଏଡ୍ ରୋବୋ (ଯନ୍ତ୍ରମଣିଷ) ନାଚୁଥିବା ସମୟରେ ହଠାତ୍ ଜଣେ ଛାତ୍ରୀଙ୍କ ଆଡ଼କୁ ମାଡ଼ିଆସି ତାଙ୍କୁ କୁଣ୍ଢାଇ ପକାଇଥିଲା। ଏହି ଦୃଶ୍ୟ ଦେଖି ସେଠାରେ ଉପସ୍ଥିତ ଲୋକେ ସ୍ତବ୍ଧ ହୋଇଯାଇଥିଲେ ଏବଂ କର୍ମଚାରୀମାନେ ତୁରନ୍ତ ଦୌଡ଼ିଆସି ରୋବୋକୁ ଟାଣି ନେଇଥିଲେ। ଏହି ଘଟଣାର ଭିଡିଓ ଭାଇରାଲ ହେବା ପରେ ଚାଇନାର ସୋସିଆଲ ମିଡିଆରେ ବଡ଼ ବିତର୍କ ଆରମ୍ଭ ହୋଇଛି। ରୋବୋଟିର ନିଜସ୍ୱ ଚେତନା ବିକଶିତ ହୋଇଗଲାଣି କି ବୋଲି କେତେଜଣ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ କେତେଜଣ ଏହାକୁ ଜଣେ ଅପରେଟରଙ୍କ ଦ୍ୱାରା ନିୟନ୍ତ୍ରିତ ବୋଲି ସନ୍ଦେହ କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଜଣେ କର୍ମଚାରୀ କହିଛନ୍ତି, ଏହା କୌଣସି ପୂର୍ବ ନିର୍ଦ୍ଧାରିତ ପଦକ୍ଷେପ ନ ଥିଲା। ଏହା ରୋବୋର ଏକ ଏଆଇ ପ୍ରୋଗ୍ରାମିଂ ତ୍ରୁଟି। ରୋବାଟିକୁ ପ୍ରଦାନ କରିଥିବା କମ୍ପାନୀର କହିବାନୁଯାୟୀ, କାର୍ଯ୍ୟକ୍ରମ ସ୍ଥଳରେ ସେହି ସମୟରେ ଏକାଧିକ ଡ୍ରୋନ୍ ଉଡୁଥିଲା। ☞ପୃଷ୍ଠା-୪



# ଇସ୍କନର ପୁଣି ଅଦିନିଆ ରଥଯାତ୍ରା

ପୁରୀ,୨୬।୪
(ଅଜିତ୍ କୁମାର ମହାନ୍ତି)

**ଜଗନ୍ନାଥପ୍ରେମୀଙ୍କ ଅସନ୍ତୋଷ, ଆଇନ ପ୍ରଣୟନ ଦାବି**

ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ମାନୁନାହିଁ ଇସ୍କନ। କିଛିଦିନ ତଳେ ପୁଣି ଇସ୍କନ ପକ୍ଷରୁ ଆମେରିକାର ହ୍ୟୁଷ୍ଟନ ସହରରେ ଅଦିନିଆ ରଥଯାତ୍ରା ଆୟୋଜିତ ହୋଇଯାଇଛି। ଏନେଇ ଜଗନ୍ନାଥପ୍ରେମୀ ଓ ଶ୍ରୀମନ୍ଦିର ସେବାୟତମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଇସ୍କନ ପକ୍ଷରୁ ଆମେରିକାର ହ୍ୟୁଷ୍ଟନରେ ଗତ ୧୧ ତାରିଖରେ ରଥଯାତ୍ରା କରାଯାଇ ହାତ ପାପୁଲି ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିକୁ ଏକ ଖୋଲା ଗାଡ଼ିରେ ବସାଇ ନଗର ପରିକ୍ରମା କରାଯାଇଥିଲା, ଯାହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଚଳିତ ବର୍ଷ ବିଦେଶର ବିଭିନ୍ନ ସ୍ଥାନରେ ଇସ୍କନ ପକ୍ଷରୁ ୮୦ଟି ରଥଯାତ୍ରା ଓ ୧୦ଟି ସ୍ନାନଯାତ୍ରା କରାଯିବା ନେଇ ସୂଚୀ ଜାରି ହୋଇଛି। ତେବେ ଏହାକୁ ବିଭିନ୍ନ ମହଲରେ ବିରୋଧ କରାଯାଇଛି। ଏନେଇ ଶ୍ରୀମନ୍ଦିରର ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ଗଜପତି ମହାରାଜା ତଥ୍ୟଭିତ୍ତିକ ତଥ୍ୟ ପ୍ରଦାନ କରିବା ପରେ ମଧ ଇସ୍କନ ଅଦିନିଆ ରଥଯାତ୍ରା ଆୟୋଜନ କରୁଛି। ଇସ୍କନ ଶ୍ରୀଜଗନ୍ନାଥଙ୍କ ପ୍ରଚାର ପ୍ରସାର ନାମରେ ସଂସ୍କୃତିକୁ ଅପ୍ରଚାର କରୁଛି। ତେଣୁ ଏହା ବିରୋଧରେ ବଡ଼ଧରଣର ଜନଆନ୍ଦୋଳନ ହେବା ଆବଶ୍ୟକ। ସେହିପରି ବରିଷ୍ଠ ସେବାୟତ ଗୌରହରି ପ୍ରଧାନ କହିଛନ୍ତି, ଗଜପତି ମହାରାଜା ଇସ୍କନକୁ ଜଣାଇବା ପରେ ମଧ ଇସ୍କନ ସୁଧୁରୁନାହିଁ। ଏହାର ମୁଖ୍ୟ କାରଣ ହେଉଛି, ☞ପୃଷ୍ଠା-୪


SIKSHA 'O' ANUSANDHAN

SAAT-2026

Empowering students for a brighter future

PHARMACY PROGRAMS
- B.Pharm
- M.Pharm in Pharmacology
- M.Pharm in Pharmaceutics
- M.Pharm in Industrial Pharmacy
- M.Pharm in Pharmaceutical Analysis

APPROVAL & RECOGNITIONS
- Approved by UGC and PCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited B.Pharm Program

NIRF INDIA RANKINGS 2025
- 15th Best in University Category
- 25th Best in Overall Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# ଆଳୁଚାଷୀ ଅଭାବୀ ବିକ୍ରିର ଶିକାର

## ସରକାରଙ୍କ ଆଳୁ ମିଶନ୍ ଏବେ ଚାଷୀଙ୍କ ଟେନ୍‌ସନ୍

ଦେଓଗାଁ,୨୬।୪
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ବଜାର ବ୍ୟବସ୍ଥା ଅବା ଶୀତଳ ଭଣ୍ଡାର ନ ଥିବାରୁ ସରକାରଙ୍କ ଆଳୁ ମିଶନ୍ ଏବେ ଆଳୁ ଚାଷୀ ଙ୍କ ପାଇଁ ଟେନ୍‌ସନ୍ ସାଜିଛି । ଉଦ୍ୟାନ ବିଭାଗ ତରଫରୁ ଆଳୁ ମିଶନ ଜରିଆରେ ଆଳୁ ଚାଷ କରିବା ପାଇଁ ଚାଷୀଙ୍କୁ ପ୍ରବର୍ତ୍ତାଇ ବିହନ ବଣ୍ଟନ କରାଯାଇଥିଲା । ବ୍ଲକର ୨୧୫ ଜଣ ଚାଷୀଙ୍କ ୪୦ ହେକ୍ଟର ଜମିରେ ଆଳୁ ଚାଷ କରିବା ପାଇଁ ୧୨ଶହ ପ୍ୟାକେଟ ଅର୍ଥାତ ୬ଶହ କୁଇଣ୍ଟାଲ ବିହନ ଦିଆଯାଇଥିଲା । ଏବେ ଆଳୁ ଉତ୍ପାଦନ ହୋଇ ସାରିଥିବା ବେଳେ ଚାଷୀ ପାଇଁ ଉଚିତ୍ ବଜାର ବ୍ୟବସ୍ଥା ନାହିଁ । ଏହାଛଡା ଶୀତଳ ଭଣ୍ଡାର ବ୍ୟବସ୍ଥା ନ ଥିବାରୁ ଚାଷୀ ଏବେ ଅଭାବୀ ବିକ୍ରିର ଶିକାର ହେଉଥିବା ଅଭିଯୋଗ ହୋଇଛି । ବ୍ଲକର ବନ୍ଧପଡା, ବ୍ରାହ୍ମଣୀଯୋର, ଡୁମେରପିଟା, ଉପରଝର, ଗୌରଗୋଠ, ଧଣ୍ଡାମାଲ, ସିଂହାମୁଣ୍ଡା ଆଦି ପଞ୍ଚାୟତରେ ଉନ୍ନତ ମାନର ଆଳୁ ଉତ୍ପାଦନ ହୋଇଛି । ପ୍ରାୟ ଚାଷୀଙ୍କ ଜମିରେ ହେକ୍ଟର ପ୍ରତି ୭୫ରୁ ୮୦ କୁଇଣ୍ଟାଲ ଆଳୁ ଉପାଦିତ ହୋଇଥିବା ବେଳେ କେତେକ ସ୍ଥାନରେ ଆଳୁ ମଞ୍ଜି ଠିକ ନ ଥିବାରୁ ଉତ୍ପାଦନ ହ୍ରାସ ପାଇଥିବା ଅଭିଯୋଗ ହୋଇଛି । ତେବେ ଉତ୍ପାଦିତ ଆଳୁକୁ ସଂରକ୍ଷିତ ରଖିବା ପାଇଁ ବ୍ଲକରେ ଶୀତଳ ଭଣ୍ଡାରର ବ୍ୟବସ୍ଥା ନଥିବାରୁ ଏବେ ଚାଷୀମାନେ ଶାଗ ମାଛ ଦରରେ ଆଳୁକୁ ବିକ୍ରୟ କରୁଥିବା ନଜରକୁ ଆସିଛି । ଶନିବାର ବନ୍ଧପଡା ବଜାରରେ ଚାଷୀ ଜୟଦେବ ସିଂ ନିଜ ନିଜ ଚାଷଜମିରେ ଉତ୍ପାଦନ କରିଥିବା ଆଳୁକୁ କେଜି ପ୍ରତି ମାତ୍ର ୧୦ଟଙ୍କାରେ ବିକ୍ରୟ କରି ଦେଉଥିବା ଦେଖିବାକୁ ମିଳିଥିଲା । ଚାଷୀ ଉପାର୍ଜିତ କରୁଥିବା ଫସଲକୁ ଉଚିତ ଦରରେ ବାହାର ବଜାରରେ ବିକ୍ରୟ ପାଇଁ ବ୍ୟବସ୍ଥା କରାଗଲେ ଚାଷୀମାନେ ବିଭିନ୍ନ ଅଣ ଧାନ ଚାଷ କରିବା ପାଇଁ ଆଗ୍ରହୀ ହୁଅନ୍ତେ ବୋଲି ମତପ୍ରକାଶ ପାଇଛି ।



ଦେଓଗାଁ ବନ୍ଧପଡା ସାପ୍ତାହିକ ବଜାରରେ ଜଣେ ଚାଷୀ ଆଳୁକୁ କମ ଦରରେ ବିକ୍ରି କରି ଦେଉଛନ୍ତି ।

# ଆବାସ ଯୋଜନା ପାଇଁ ଆଗଲପୁର ପଞ୍ଚାୟତ ସମିତି ପୁରସ୍କୃତ



ମୁଖ୍ୟମନ୍ତ୍ରୀଙ୍କ ଠାରୁ ଚେକ୍ ଗ୍ରହଣ ଅବସରରେ ବ୍ଲକ ଅଧକ୍ଷା ଓ ବିଡିଓ ।

## ସ୍ୱାମୀ ଅଟକ, ଶାଶୁ ପୁରସ୍କୃତ

ଲୋଇସିଂହା,୨୬।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଶୁକ୍ରବାର ସନ୍ଧ୍ୟାରେ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ ପାଳନ କରାଯାଇଥିଲା । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆବସ ଯୋଜନା କାର୍ଯ୍ୟକାରିତାରେ ରାଜ୍ୟରେ ୨ୟ ସ୍ଥାନ ଅଧିକାର କରିଥିବାରୁ ଆଗଲପୁର ପଞ୍ଚାୟତ ସମିତିକୁ ପୁରସ୍କୃତ କରାଯାଇଛି । ପଞ୍ଚାୟତ ସମିତି ଅଧକ୍ଷା ଗୀତାଞ୍ଜଳୀ ଦାଶ ଓ ବିଡିଓ ମହାପାତ୍ର କୁଳଦୀପ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ଠାରୁ ଚେକ୍ ଗ୍ରହଣ କରିଥିଲେ ।

ସୂଚନା ଅନୁଯାୟୀ, ୨୦ଟି ପଞ୍ଚାୟତକୁ ନେଇ ଆଗଲପୁର ପଞ୍ଚାୟତ ସମିତି ଗଠିତ । ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଏହି ବ୍ଲକ ପାଇଁ ୧୯୭୨ ଆବାସ ଘର ମଞ୍ଜୁର କରିଥିଲେ । ସେଥିମଧ୍ୟରୁ ପ୍ରଶାସନର ଉଦ୍ୟମ କ୍ରମେ ଧାର୍ଯ୍ୟ ସମୟ ମଧ୍ୟରେ ୧୧୩୨ ଜଣ ହିତାଧିକାରୀ ଘର ସମ୍ପୂର୍ଣ୍ଣ କରିବାରେ ସକ୍ଷମ ହୋଇଥିଲେ । ରାଜ୍ୟ ସରକାରଙ୍କ ଟାର୍ଗେଟ ଅନୁଯାୟୀ, ଆଗଲପୁର ପଞ୍ଚାୟତ ସମିତି ରାଜ୍ୟରେ ୨ୟ ସ୍ଥାନରେ ରହିଛି । ଏହିକ୍ରମରେ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସରେ ମୁଖ୍ୟମନ୍ତ୍ରୀ ଆଗଲପୁର ପଞ୍ଚାୟତ ସମିତିକୁ ୭ ଲକ୍ଷ ଟଙ୍କାର ଚେକ୍ ଦେଇ ପୁରସ୍କୃତ କରିଥିଲେ । ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଲୋଇସିଂହା ପୋଲିସ ବିଜେଡି ନେତା ତଥା ମିଳିତ କୃଷକ ମଞ୍ଚର ଆବାହକ ଆକାଶ ମିଶ୍ରଙ୍କୁ ଘରୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲା । ଆଗଲପୁର ବ୍ଲକ ଅଧକ୍ଷାଙ୍କ ସ୍ୱାମୀ ହେଉଛନ୍ତି ଆକାଶ । ଏହି କାରଣରୁ ସ୍ୱାମୀଙ୍କୁ ଅଟକ, ଶାଶୁ ପୁରସ୍କୃତ ବୋଲି ସାଧାରଣରେ ଚର୍ଚ୍ଚା ହୋଇଥିଲା । ଏ ସମ୍ପର୍କରେ ବ୍ଲକ ଅଧକ୍ଷା ଦାଶ କହିଛନ୍ତି, ସ୍ୱାମୀ ବିଜେଡିରେ ଅଛନ୍ତି । ବିରୋଧୀ ଦଳ ହିସାବରେ ଲୋକଙ୍କ ହକ୍ ପାଇଁ କାମ କରୁଛନ୍ତି । ଏହା ରାଜନୀତିରେ ହୋଇଥାଏ ବୋଲି ସେ କହିଥିଲେ । ଉଲ୍ଲେଖଯୋଗ୍ୟ ଯେ,୨୦୨୩ ଆର୍ଥିକ ବର୍ଷରେ ଆଗଲପୁର ପଞ୍ଚାୟତ ସମିତିକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବାବଦକୁ ୫୦ ଲକ୍ଷ ଟଙ୍କା ଦେଇ ପୁରସ୍କୃତ କରିଥିଲେ ।

# ମେଲୋଡ଼ି ଗାଡ଼ି ଓଲଟିଲା: ୫ ଗୁରୁତର

## ଅଳ୍ପକେ ବର୍ତ୍ତିଲେ ୨୫ ଜଣ



ସଇଁତଲା,୨୬।୪ (ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ବୋରିଗୁମ୍ମା ଜାତୀୟ ରାଜପଥ-୨୬ କନ୍ଧକେଲଗାଁ ଛକରେ ରବିବାର ଏକ ମେଲୋଡ଼ି ଗାଡ଼ି କୌଣସି କାରଣରୁ ଭାରସାମ୍ୟ ହରାଇ ଓଲଟି ପଡିଛି । ଫଳରେ ଗାଡିରେ ଥିବା ୫ ଜଣ ଗୁରୁତର ହୋଇଥିବା ବେଳେ ଅନ୍ୟ ୨୫ ଜଣ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାଯାଇଛି ।

ପୋଲିସ ସୂଚନା ଅନୁଯାୟୀ, ସକାଳୁ ବରଗଡ଼ ଜିଲା ବିର୍ଜାମ ଗ୍ରାମରୁ ମା' ଲଙ୍କେଶ୍ୱରୀ ନାମକ ମେଲୋଡ଼ି ଏବଂ ଦୁଲଦୁଲି ପାର୍ଟି ଜୁନାଗଡ଼ରେ ହେବାକୁ ଥିବା ଏକ ବିବାହ ଉତ୍ସବକୁ ଯାଉଥିଲେ । ଗାଡ଼ିଟି କୌଣସି କାରଣରୁ ସଇଁତଲା ଥାନା ଅନ୍ତର୍ଗତ କନ୍ଧକେଲଗାଁ ଛକରେ ଓଲଟି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଖବରପାଇ ସ୍ଥାନୀୟ ପୋଲିସ ଓ ଜନସାଧାରଣ ପହଞ୍ଚି ଆହତ ମାନଙ୍କୁ ଉଦ୍ଧାର କରି ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ସଇଁତଲା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

# ଆୟୁଷ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି ଜଣାଇଲେ

## ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ବଲାଙ୍ଗୀର,୨୬।୪ (ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ସଭାପତି ଶ୍ରୀକର ମିଶ୍ରଙ୍କ ନେତୃତ୍ୱରେ ଶନିବାର ବଲାଙ୍ଗୀର ନାଗରିକ କମିଟିର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଦାବିପତ୍ର ପ୍ରଦାନ କରିଥିଲେ । ବିଭିନ୍ନ ଦାବି ମଧ୍ୟରେ ଜିଲାରେ କୃଷିଭିତ୍ତିକ ଶିଳ୍ପ ଯଥା ଟେକ୍ସଟାଇଲ ମିଲ ଓ ଚିନିକଳ ସ୍ଥାପନ କରିବାକୁ ଦାବି ଜଣାଇଥିଲେ । ଏହାସହିତ ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜକୁ ଆୟୁଷ ବିଶ୍ୱବିଦ୍ୟାଳୟରେ ପରିଣତ କରିବା, ବଲାଙ୍ଗୀରରେ ଏକ ହୋମିଓପାଥି କଲେଜ ଖୋଲିବା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଏବଂ ମହିଳା କଲେଜ , ଜିଲାର ସମସ୍ତ ସ୍କୁଲ ଓ କଲେଜରେ ଖାଲି ପଡିଥିବା ଶିକ୍ଷକ, ପ୍ରଫେସର ପଦ ପୂରଣ କରିବାକୁ ଦାବି କରିଥିଲେ । ଭୀମଭୋଇ ମେଡିକାଲ କଲେଜର ସବୁ ବିଭାଗରେ ପିଜି ବିଭାଗ ଖୋଲି ପ୍ରଫେସର ନିଯୁକ୍ତି କରିବାକୁ ନିବେଦନ କରିଥିଲେ । ଭୀମଭୋଇ ମେଡିକାଲ କଲେଜରେ ହୃଦରୋଗ ଓ ମଧୁମେହ ରୋଗ ପାଇଁ ଶୀଘ୍ର ବିଶେଷଜ୍ଞ ଡାକ୍ତର ଯୋଗାଇ ଦେବାକୁ ନିବେଦନ କରିଥିଲେ ।

ଲୋୟର ସୁକତେଲ ପ୍ରକଳ୍ପର ଜଳ ଚଳିତବର୍ଷଠାରୁ ଚାଷ ଜମିକୁ ଯୋଗାଇ ଦେବାକୁ ଦାବି କରିଥିଲେ । ଗମନାଗମନ କ୍ଷେତ୍ରରେ ବଲାଙ୍ଗୀର ବହୁତ ପଛୁଆ ରହିଯାଇଥିବା ଜଣାଇ ବଲାଙ୍ଗୀରରୁ ଭୁବନେଶ୍ୱରକୁ ସକାଳୁଆ ଟ୍ରେନ ଚଳାଚଳ ଏବଂ ବଲାଙ୍ଗୀରରୁ ସିଧାସଳଖ ପ୍ରୟାଗରାଜ ଓ ଦିଲ୍ଲୀକୁ ଟ୍ରେନର ସୁବିଧା ସହ ଖୋର୍ଦ୍ଧା ରେଳପଥକୁ ସମ୍ପୂର୍ଣ୍ଣ କରିବା ପାଇଁ ଅନୁରୋଧ କରିଥିଲେ । ତୁଷରା ଏୟାରଷ୍ଟ୍ରିପର ଉନ୍ନତୀକରଣ ସହ ରାଜଧାନୀକୁ ଉଡାନ୍ ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଥିଲା । କମିଟି ସଦସ୍ୟ ପ୍ରଫେସର ତରୁଣ କୁମାର ମିଶ୍ର ବଲାଙ୍ଗୀର ରେଳ ଷ୍ଟେଶନରେ ପିଟ୍ ଲାଇନ୍‌ର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ । ଏହା ହେଲେ ବଲାଙ୍ଗୀରରୁ ନୂତନ ଟ୍ରେନ ଚଳାଚଳରେ ଢ଼େର ସୁବିଧା ହେବ ବୋଲି କହିଥିଲେ । ଦାବିପତ୍ର ଗ୍ରହଣ କରି ମୁଖ୍ୟମନ୍ତ୍ରୀ ପର୍ଯ୍ୟାୟକ୍ରମେ ବଲାଙ୍ଗୀରର ଉନ୍ନତି ପାଇଁ ଉଦ୍ୟମ କରାଯିବ ବୋଲି କହିଥିଲେ ।

# ଡା. ମନୋରଞ୍ଜନ ମହାପାତ୍ରଙ୍କ ପରଲୋକ

ବଲାଙ୍ଗୀର, ୨୬।୪ (ବୀରେନ୍ଦ୍ର କୁମାର ଝାଙ୍କର)



ଅବସରପ୍ରାପ୍ତ ସିଡିଏମଓ ଡା. ମନୋରଞ୍ଜନ ମହାପାତ୍ର (୯୨)ଙ୍କ ରବିବାର ସକାଳେ ପରଲୋକ ହୋଇଛି । ସେ କିଛିଦିନ ହେଲା ଅସୁସ୍ଥତା କାରଣରୁ ଶଯ୍ୟାଶାୟୀ ଥିଲେ । ଜଣେ ଦରଦୀ ଡାକ୍ତର ଓ ସମାଜସେବୀ ଭାବେ ସେ ଲୋକପ୍ରିୟ ଥିଲେ । ବିଭିନ୍ନ ଜିଲାରେ ସେ କାମ କରି ଶେଷରେ ଗଞ୍ଜାମ ଜିଲା ସିଡିଏମଓ ଭାବେ ଚାକିରି ଜୀବନରୁ ଅବସର ଗ୍ରହଣ କରିଥିଲେ । ବଲାଙ୍ଗୀର ସହରର ଜଣେ ବୁଦ୍ଧିଜୀବୀ ଓ ସମାଜସେବୀ ଭାବେ ସେ ପରିଚିତ ଥିଲେ । ତାଙ୍କ ସ୍ତ୍ରୀ ସମାଜସେବିକା ଡା. ଜ୍ୟୋତ୍ସ୍ନାମୟୀ ମହାପାତ୍ର, ଦୁଇ ପୁଅ ସଞ୍ଜୟ ଓ ସନ୍ତକ, ବୋହୂ, ଦୁଇ ଝିଅ, ଜ୍ୱାଇଁ ଓ ନାତିନାତୁଣୀ ଅଛନ୍ତି । ଡାକ୍ତର ମହାପାତ୍ରଙ୍କ ବିୟୋଗ ଖବର ପାଇବା ପରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟସ୍ଥ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବଲାଙ୍ଗୀର ସହରର ଅନ୍ୟ ବହୁ ବିଶିଷ୍ଟ ବ୍ୟକ୍ତି ଡାକ୍ତର ମହାପାତ୍ରଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସୋମବାର ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି ।

# ପାନୀୟ ଜଳ, ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

## ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି

ଖପ୍ରାଖୋଲ,୨୬।୪(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ହରିଶଙ୍କର ପର୍ଯ୍ୟଟନ ବିଭାଗ ଅଭ୍ୟର୍ଥନା କେନ୍ଦ୍ର ସଭାଗୃହଠାରେ ଦେବୋତ୍ତର ବିଭାଗ ତଥା ପ୍ରଶାସନ ତରଫରୁ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଓ ହରିଶଙ୍କର ମହୋତ୍ସବ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାଟଣାଗଡ଼ ଉପ ଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିଲ କୁମାର ମେହେର ଅଧ୍ୟକ୍ଷତା କରିଥିଲେ । ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ଦେବୋତ୍ତର ପରିଚାଳନା କମିଟି, ସବ୍ କମିଟି ସଦସ୍ୟଙ୍କ ଉପସ୍ଥିତିରେ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ପରିମଳ,ସ୍ୱଚ୍ଛତା , ପୂଜାନୀତି, ପ୍ରଜ୍ଞାପନ ମେଢ, ପ୍ରଦର୍ଶନୀ, ହୋମ ଯଜ୍ଞ, ସାଂସ୍କୃତିକ କାର୍ଯ୍ୟକ୍ରମ, ପାହାଡ ଉପରେ ପାନୀୟ ଜଳ ଯୋଗାଣ, ଟ୍ରାଫିକ ନିୟନ୍ତ୍ରଣ, ଅତିଥି ଓ ସାଂସ୍କୃତିକ ଦଳଙ୍କୁ ଅଭ୍ୟର୍ଥନା ଉପରେ ଆଲୋଚନା ହୋଇଥିଲା । ତେବେ ପାନୀୟ ଜଳ ଯୋଗାଣ ଓ ଟ୍ରାଫିକ ନିୟନ୍ତ୍ରଣକୁ ପ୍ରାଥମିକତା ଦିଆଯାଇଥିଲା । ଆଗାମୀ ୨୭ ତାରିଖରୁ ମେ ୧ ତାରିଖ ଯାଏ ହେବାକୁ ଥିବା ଏହି ମେଳାରେ ଲକ୍ଷାଧିକ ଜନ ସମାଗମ ହେବାର ଆଶା କରାଯାଉଛି । ବୈଠକ ରେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡଙ୍ଗୀ, ତହସିଲଦାର ଆନନ୍ଦ ଚନ୍ଦ୍ର ପଣ୍ଡା, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ବେଲପଡା, ପାଟଣାଗଡ଼ର ତହସିଲଦାର, ଅତିରିକ୍ତ ତହସିଲଦାର, ଦେବୋତ୍ତର କମିଟି ସଦସ୍ୟ ସନ୍ତୋଷ ମେହେର, ଅଭୟ ତ୍ରିପାଠୀ, ଶଶୀ ପୂଝାରୀ, ରୋହିତ ମେହେର, ସବ କମିଟି ସଭାପତି ବିପ୍ର ବିଶି, ଟିକେଶ୍ୱର ଧରୁଆ, କ୍ଷମା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯିବା ଘଟଣାର ତଦନ୍ତ ଆରମ୍ଭ

## ଘଟଣାକୁ ଚପାଇ ଦେବା ଉଦ୍ୟମ

ଲାଠୋର,୨୬।୪(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଅଧୀନ ବଡ଼ବାଙ୍କି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି ।

ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ପାଠ ପଢୁଥିବା ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪ ଶହ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯିବା ସହ ମାଣ୍ଡିଆ ଲଡୁ ଆଦୌ ଦିଆଯାଉ ନଥିଲା । ଏ ନେଇ ଗ୍ରାମବାସୀ , ଅଭିଭାବକ, ବିଦ୍ୟାଳୟ ପରିଚାଳନା ସମିତି ସଭ୍ୟାସଭ୍ୟ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ବଳଦେବ ଦୀପ ଏବଂ ସହକାରୀ ଶିକ୍ଷକ ସୁଶାନ୍ତ ମହାପାତ୍ରଙ୍କୁ ବାରମ୍ବାର ଅବଗତ କରିଥିଲେ । ହେଲେ କୌଣସି ପଦକ୍ଷେପ ନିଆ ନ ଯିବାରୁ ସେମାନେ ଗତ ୧୬ ତାରିଖ ଦିନ ବଲାଙ୍ଗୀର ଜିଲାପାଳ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗପତ୍ର ଦାଖଲ କରିଥିଲେ । ଏନେଇ ଧରିତ୍ରୀରେ 'ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯିବା ନେଇ ଅଭିଯୋଗ' ଶୀର୍ଷକ ଖବର ପ୍ରକାଶ ପାଇଥିଲା । ଏହାପରେ ଗତ ୨୪ ତାରିଖ ଦିନ ତୁରେକେଲା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକିର ଚରଣ ବିଶି , ଜଗବନ୍ଧୁ ମାଝୀ ଓ ସିଆରସି ପ୍ରେମରାଜ ପାଣିଗ୍ରାହୀ ଉକ୍ତ ଗ୍ରାମକୁ ଯାଇ କେତେଜଣ ଛାତ୍ରୀଛାତ୍ରଙ୍କୁ ସାକ୍ଷାତ କରି ଘଟଣାର ତଦନ୍ତ କରିଥିବା ଜଣାଯାଇଛି । କେବଳ ଛାତ୍ରୀଛାତ୍ରମାନଙ୍କୁ ପଚାରି ତଦନ୍ତ କରାଯାଇଥିବା ବେଳେ ଅଭିଯୋଗକାରୀମାନଙ୍କୁ ସାକ୍ଷାତ କରି ନ ଥିବା ଉକ୍ତ ଗ୍ରାମର ଲୋକନାଥ ପୁଟେଲ, ପୂର୍ଣ୍ଣମୟ ମାଝି, ଭୁଷଣ ବେହେରା, ଖଗପତି ଧରୁଆ ଓ ତପ ନିଆଲ ପ୍ରକାଶ କରିଛନ୍ତି । ତେବେ ଏହି ଘଟଣାକୁ ଆପୋଷ ବୁଝାମଣା ମଧ୍ୟରେ ଚପାଇ ଦେବାର ଉଦ୍ୟମ କରାଯାଉଛି ବୋଲି ଅଭିଯୋଗକାରୀମାନେ କହିଛନ୍ତି । ଏନେଇ ଏବିଇଓ ଫକିର ଚରଣ ବିଶିଙ୍କୁ ପଚାରିବାରେ ସେ କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ଘଟଣାକୁ ଏଡାଇ ଯାଇଥିଲେ । ତେବେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।




# ଅବ୍ୟବସ୍ଥା ମଧ୍ୟରେ ଆଗଲପୁର ତହସିଲ ଅଫିସ

ଲୋଇସିଂହା,୨୬।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ତହସିଲ ଅଫିସରେ ନା ନା ଅବ୍ୟବସ୍ଥା ଲାଗି ରହିଛି । ଫଳରେ ବିଭିନ୍ନ କାମରେ ଅଫିସକୁ ଆସୁଥିବା ଲୋକଙ୍କୁ ହଇରାଣ ହରକତ ହେବାକୁ ପଡୁଛି ।

ଆଗଲପୁର ତହସିଲ ଅଧୀନରେ ୨୦ଟି ପଞ୍ଚାୟତ ରହିଛି । ସମସ୍ତ ପଞ୍ଚାୟତର ଜନସାଧାରଣ ବିଭିନ୍ନ ସମସ୍ୟା ନେଇ ତହସିଲ ଅଫିସକୁ ଆସିଥାନ୍ତି । ମୁଖ୍ୟତଃ ଛାତ୍ରୀଛାତ୍ରଙ୍କ ପାଇଁ ଆବଶ୍ୟକ ପଡୁଥିବା ବିଭିନ୍ନ ପ୍ରମାଣପତ୍ର, ଜମିବାଡି କିଣାବିକା, ନକ୍ସା ଏବଂ ପ୍ରାକୃତିକ ବିପର୍ଯ୍ୟୟ ସହାୟତା ପାଇଁ ତହସିଲକୁ ଆସିବାକୁ ପଡୁଥିବାରୁ ଭିଡ ଅଧିକ ହେଉଛି । ହେଲେ ବିଶ୍ରାମ ନେବାକୁ କୌଣସି ବ୍ୟବସ୍ଥା ନାହିଁ । ଫଳରେ ଖୋଲା ଆକାଶ ତଳେ ଟାଣ ଖରାରେ ଠିଆ ହେବାକୁ ପଡୁଛି । ଏହାଛଡା ସାଇକେଲ, ବାଇକ ଷ୍ଟାଣ୍ଡ ନ ଥିବାରୁ ତହସିଲ ପରିସରର ଏକ ବରଗଛ ମୂଳରେ ଲୋକେ ଏହାକୁ ରଖୁଥିବା ଦେଖିବାକୁ ମିଳୁଛି । କୌଣସି ଦଲିଲଗୁଡିକର ଜେରକ୍ସ କରିବାକୁ ହେଲେ ୧ କିମି ଦୂର ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଯିବାକୁ ପଡୁଛି । ପାନୀୟ ଜଳ, ଶୌଚାଳୟ ବ୍ୟବସ୍ଥା ମଧ୍ୟ ନାହିଁ । ଫଳରେ ତହସିଲ କାର୍ଯ୍ୟାଳୟକୁ ଆସୁଥିବା ମହିଳା ହଟହଟା ହେଉଥିବା ଅଭିଯୋଗ ହେଉଛି । ସପ୍ତାହର ଗୁରୁବାର, ଶୁକ୍ରବାର ତହସିଲରେ ଜମିଜମା ପଞ୍ଜୀକରଣ ବା କିଣାବିକା ହେଉଥିବାରୁ ଏହି ଦିନରେ ବହୁ ଲୋକଙ୍କ ଭିଡ ପରିଲକ୍ଷିତ ହୋଇଥାଏ । ତେବେ କ୍ୟାଣ୍ଟିନର ବ୍ୟବସ୍ଥା ନ ଥିବାରୁ ଖାଦ୍ୟ, ପାନୀୟ ପାଇଁ ଲୋକଙ୍କୁ ନା ନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସାଧରଣରେ ଦାବି ହେଉଛି ।

# ମନ୍ଦିରରେ ଶୁଭଖମ୍ବ ସ୍ଥାପନ

କଣ୍ଟାବାଞ୍ଜି,୨୬।୪(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ଅଧିଷ୍ଠାତ୍ରୀ ଦେବୀ ଶ୍ରୀଗଙ୍ଗାମାଈ ପୂଜାର ଶୁଭଖମ୍ବ ରବିବାର ପୂର୍ବାହ୍ନରେ ମନ୍ଦିର ପରିସରରେ ସ୍ଥାପନ କରାଯାଇଛି । ମନ୍ଦିର ପୂଜା କମିଟି ଦ୍ୱାରା ବିଧିବଦ୍ଧ ଭାବେ ପୂଜା ଅର୍ଚ୍ଚନା ପରେ ଶୁଭ ଖମ୍ବ ସ୍ଥାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କମିଟିର ସୁନିଲା ଦୀପ, ନାଗେଶ୍ୱର ଦୀପ, ଜସପାଲ ସୁନାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ । ପ୍ରକାଶଥାଉ କି, ଆସନ୍ତା ମେ ୧୫ ତାରିଖରୁ ୭ ଦିନ ଧରି ହେବାକୁ ଥିବା ଏହି ପୂଜାର ଶୁଭ ଖମ୍ବ ସ୍ଥାପନ କରାଯାଇଛି । ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ମୀନା ବଜାର ପଡିବା ସହ ବିଭିନ୍ନ କାର୍ଯ୍ୟକ୍ରମ ବ୍ୟବସ୍ଥା ରହିଥିବା କମିଟି ତରଫରୁ ପ୍ରକାଶ ।

# ମାଗଣା ସ୍ୱାସ୍ଥ୍ୟ ଶିବିର

କଣ୍ଟାବାଞ୍ଜି,୨୬।୪(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଶ୍ରୀ ହରିଭବନ ଧର୍ମଶାଳାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ ସୃଜନ ଶାଖା ଓ କଣ୍ଟାବାଞ୍ଜି ସାମ୍ବାଦିକ ସଂଘର ମିଳିତ ଉଦ୍ୟମରେ ହୋଇଥିବା ଏହି ଶିବିରରେ ରାୟପୁର ଛତିଶଗଡର ଏକ ଘରୋଇ ଡାକ୍ତରଖାନାର ଅର୍ଥୋପେଡିକ ଡା. ଆୟୁଷ ଅଗ୍ରୱାଲ, ମେଡିସିନ ସ୍ପେଶାଲିଷ୍ଟ ଡା. ଅନମୋଲ ଅଗ୍ରୱାଲ, ଡେଣ୍ଟାଲ ସର୍ଜନ ଡା. ଅଙ୍କିତ ଶର୍ମା ଉପସ୍ଥିତ ରହି ସେବା ଯୋଗାଇ ଥିଲେ । ମୋଟ ୧୦୦ରୁ ଊର୍ଦ୍ଧ୍ୱ ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଔଷଧ ନେଇଥିଲେ । ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ ସୃଜନ ଶାଖା ସଂଯୋଜକ ସଙ୍ଗୀତା ଝରବାହାଲିଆ, ମହିଳା ସମ୍ମେଳନ ଅଧ୍ୟକ୍ଷା ପୁନମ ଖଣ୍ଡେଲୱାଲ,ସମ୍ପାଦିକା ଅନିତା ଡାଲମିଆ,ମହିଳା ସୃଜନ ଶାଖା ଅଧ୍ୟକ୍ଷା ନେହା ଅଗ୍ରୱାଲ, ସାମ୍ବାଦିକ ସଂଘ ସଭାପତି ମୋହନ ସୋନିଙ୍କ ପ୍ରଚେଷ୍ଟା ଏବଂ ମନୋଜ ଡାଲମିଆଙ୍କ ସହାୟତାରେ ଏହି ଶିବିର ଅନୁଷ୍ଠିତ ହୋଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ପୁରନ୍ଦର ବାଗ ଓ ଅଗ୍ରୱାଲ ସଭା ଟ୍ରଷ୍ଟ ସମ୍ପାଦକ ଲଳିତ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରିଥିଲେ । ଦୁର୍ଗା ଶର୍ମାଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ ।




ସ୍ୱାସ୍ଥ୍ୟ ଶିବିରରେ ମଞ୍ଚାସୀନ ଡାକ୍ତର ଓ ଅତିଥି ।

# ନାଇକେନସିରାରେ ପିଇବା ପାଣି ଅଭାବ

ବଲାଙ୍ଗୀର,୨୬।୪
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ହାତୀସରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ନାଇକେନ୍‌ସିରା ଗାଁରେ ପିଇବା ପାଣିର ଉତ୍କଟ ଅଭାବ ଦେଖାଦେଇଛି । ଗାଁରେ ଜଳସଙ୍କଟ କାରଣରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି । ରବିବାର ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନାଇକେନସିରା ଗାଁ ଗସ୍ତରେ ଯାଇଥିବା ବେଳେ ଗ୍ରାମବାସୀ ଗାଁର ଜଳସଙ୍କଟ ଏବଂ ଅନ୍ୟାନ୍ୟ ସମସ୍ୟା ସଂକ୍ରାନ୍ତରେ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଗ୍ରୀଷ୍ମର ପ୍ରକୋପ ବଢ଼ିବା ପରେ ଗାଁର ପାନୀୟ ଜଳସଙ୍କଟ ଗ୍ରାମବାସୀଙ୍କ ସମସ୍ୟାକୁ ବହୁଗୁଣିତ କରିଛି । ପାଣି ଅଭାବରୁ ଗାଁରେ କେବଳ ମଣିଷ ନୁହଁନ୍ତି ବରଂ ଗୃହପାଳିତ ପଶୁପକ୍ଷୀଙ୍କ ଅବସ୍ଥା ଶୋଚନୀୟ ହୋଇ ପଡିଥିବା ଲୋକେ ଜଣାଇଥିଲେ । ଗାଁରେ ଶୀଘ୍ର ଏକ ଡିପ୍ ବୋରୱେଲ ସହ ଓଭରହେଡ଼ ଟାଙ୍କି ନିର୍ମାଣ କରିବାକୁ ଲୋକେ ଦାବି ଜଣାଇଥିଲେ ମଧ୍ୟ ଏହା ହୋଇନାହିଁ । ଏ ଦିଗରେ ଶୀଘ୍ର ପଦକ୍ଷେପ ନେବାକୁ ସେମାନେ ମିଶ୍ରଙ୍କୁ ଜଣାଇଥିଲେ । ଏହାସହିତ ଗାଁରେ ଫୋନ ନେଟୱାର୍କ ଉପଲବ୍ଧ ହେଉନାହିଁ । ଏହି ଅସୁବିଧା କାରଣରୁ ପିଲାମାନଙ୍କ ପଠାପଢ଼ା ବ୍ୟାହତ ହେଉଥିବା ସେମାନେ ଜଣାଇଥିଲେ । ଗାଁରେ ସାଧାରଣ ସୂଚନା ପାଇବାକୁ ଲୋକେ ହଇରାଣ ହେଉଥିବା ଜଣାଇଥିଲେ । ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ ମଧ୍ୟ ପ୍ରଥମେ ଖରାଦିନରେ ଲୋକେ କିଭଳି ଶୀଘ୍ର ପିଇବା ପାଣି ପାଇବେ ସେ ଦିଗରେ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ମିଶ୍ର ଗାଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟ ସମସ୍ୟାଗୁଡିକର ମଧ୍ୟ ସମାଧାନ ପାଇଁ ସେ ପଦକ୍ଷେପ ନେବେ ବୋଲି କହିଥିଲେ । ଆଲୋଚନା ସମୟରେ ସମିତି ସଭ୍ୟ ପପୁ ପାତ୍ର, ରଙ୍କ ବେହେରା, କାଳିଆ ଡାଙ୍ଗ, ଚକ୍ର ମେହେର, ରଞ୍ଜନ କୁଦେଇ, ସହଦେବ ପରୁଆ, ଗୋବିନ୍ଦ ଦାସ, ସାନ ଅଦାବରିଆଙ୍କ ସହ ଗାଁର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।




ନାଇକେନସିରା ଗାଁ ଲୋକେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କୁ ସମସ୍ୟା ଜଣାଉଛନ୍ତି ।

**ବାଉଁଶୁଣୀ ଛକରେ ଖୋଲି ନାହିଁ ଜଳଛତ୍ର**

ବାଉଁଶୁଣୀ,(ଦେବାଶିଷ ନେପାକ): ବୌଦ୍ଧ ଜିଲାରେ ୪୦ ଡିଗ୍ରୀ ତାପମାତ୍ରା ରହୁଥିବା ବେଳେ ଲୋକେ ପାଣି ବୁନ୍ଦାଏ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳ ଛତ୍ର ଖୋଲା ଯିବାର ଏକ ମାସ ବିତି ଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ବାଉଁଶୁଣୀ ଛକରେ ଗୋଟିଏ ବି ଜଳଛତ୍ର ଖୋଲି ନାହିଁ। ଫଳରେ ଲୋକେ ପାଣି ବୁନ୍ଦାଏ ପାଇଁ ଡହଳବିକଳ ହେଉଛନ୍ତି। ଏ ସମ୍ପର୍କରେ ବାଉଁଶୁଣୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରହ୍ଲାଦ ଭୋଇଙ୍କୁ ପଚାରିବାରୁ କିଛି ସନ୍ତୋଷଜନକ ଉତ୍ତର ମିଳି ନଥିଲା। ଶୀଘ୍ର ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଜନସାଧାରଣ ଦାବି କରିଛନ୍ତି।

# କେନାଲ ପାଣି ବନ୍ଦ ଘୋଷଣା, ଚାଷୀଙ୍କ ଫସଲ ରକ୍ଷା ଚିନ୍ତା


ବରଗଡ଼ ମୁଖ୍ୟ କେନାଲ।


ଉଦେପୁର ଅଞ୍ଚଳରେ ଗର୍ଭଣୀ ଅବସ୍ଥାରେ ରହିଥିବା ଧାନ ଫସଲ।

**ବରଗଡ଼/ଭେଡ଼େନ,୨୬।୪ (ପ୍ରେମାନନ୍ଦ ଖମାରୀ/ହୃଷୀକେଶ ଖମାରୀ)**

ବରଗଡ଼ ମୁଖ୍ୟ କେନାଲ ସେଚାଞ୍ଚଳ ଚାଷୀଙ୍କ ଜୀବନ ରେଖା। ହୀରାକୁଦ ଜଳଭଣ୍ଡାରରୁ ବାହାରିଥିବା ଏହି କେନାଲ ଉପରେ କେବଳ ବରଗଡ଼ ନୁହେଁ, ପଡ଼ୋଶୀ ସୋନପୁର ଏବଂ ବଲାଙ୍ଗୀର ଜିଲାର ଆଂଶିକ ଚାଷୀ ନିର୍ଭର କରିଥାନ୍ତି। କେନାଲ ପାଣି ଜମିକୁ ମଡ଼ାଇ ଧାନ ଏବଂ ଅଣଧାନ ଫସଲ କରିଥାନ୍ତି। ଏଥର ରବି ଧାନ ଫସଲ ଭଲ ହୋଇଥିଲା। କିନ୍ତୁ କାଳବୈଶାଖୀ ପ୍ରଭାବରେ କେତେକାଂଶରେ ଫସଲ କ୍ଷତିଗ୍ରସ୍ତ ହୋଇଛି। ବାକି ଫସଲରୁ ଭଲ ଅମଳ ପାଇଁ ଚାଷୀମାନେ ପ୍ରାଣପଣେ ଉଦ୍ୟମ ଜାରି ରଖିଛନ୍ତି। ଫସଲର ଯତ୍ନ ନେବା ସହିତ ଖରାତାତି ସହି ନିୟମିତ ଦେଖାରଖା କରୁଛନ୍ତି। କେତେକାଂଶରେ ଧାନ ଫସଲ ପ୍ରାୟତଃ ଅମଳକ୍ଷମ ଅବସ୍ଥାକୁ ଆସି ଯାଇଛି। ହେଲେ ଅନେକାଂଶରେ ଫସଲ ଏବେ ମଧ ଗର୍ଭ ଅବସ୍ଥାରେ ରହିଛି। ମୁଖ୍ୟତଃ କେନାଲ ତଳିମୁଣ୍ଡରେ ଧାନ ଏଭଳି ଅବସ୍ଥାରେ ରହିଥିବାବେଳେ ଅମଳକ୍ଷମ ଅବସ୍ଥାକୁ ଆସିବା ପାଇଁ ଆଉ ପାଖାପାଖି ୨ସପ୍ତାହ ସମୟ ଲାଗିବ। କିନ୍ତୁ ଆସନ୍ତା ୩୦ତାରିଖ ସନ୍ଧ୍ୟା ୫ଟାରୁ କେନାଲ ପାଣି ଯୋଗାଣ ବନ୍ଦ ରହିବ ବୋଲି କେନାଲ ବିଭାଗ ପକ୍ଷରୁ ଶନିବାର ଘୋଷଣା କରାଯାଇଛି। ଦୀର୍ଘ ୨ମାସ ଧରି ପାଣି ଯୋଗାଣ ବନ୍ଦ ରଖିବାକୁ କେନାଲ ବିଭାଗ ନିଷ୍ପତ୍ତି ନେଇଛି। ଏହି ସୂଚନା ପାଇବା ପରେ ଚାଷୀଙ୍କ ମାନସିକ ସ୍ଥିତି ଦୋହଲି ପଡ଼ିଛି। ଏଭଳି ହେଲେ ଗୋଟିଏ ପଟେ ଆଗାମୀ ଖରିଫ ଧାନ ଚାଷକାର୍ଯ୍ୟ ବିଳମ୍ବିତ ହେବ, ତାହା ସ୍ପଷ୍ଟ ହୋଇ ଯାଇଛି। କିନ୍ତୁ ଏବେ ରବି ଧାନ ଫସଲ ଅମଳକ୍ଷମ ଅବସ୍ଥାକୁ ଆସି ନ ଥିବାରୁ ସେହି ଫସଲକୁ କିଭଳି ରକ୍ଷା କରି ଅମଳ କରିବେ, କେନାଲ ତଳିମୁଣ୍ଡ ଚାଷୀଙ୍କୁ ମୁଖ୍ୟତଃ ସେହି ଚିନ୍ତା ଘାରି ବସିଛି।

## ବିଲ୍‌କୁଲ୍ ଅମଳ ହେବ ନାହିଁ



"ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ୪ ଏକର ଏବଂ କେନାଲ ପାଣି ଦ୍ୱାରା ୩ ଏକର ଜମିରେ ଧାନ ଫସଲ କରିଛି। ଆକାଶଗଙ୍ଗା କିସମର ବିହନରେ ସେହି ଫସଲ କରିଛି। ଫସଲ ତ ଏବେ ଭଲ ରହିଛି। ହେଲେ ୩୦ତାରିଖରୁ କେନାଲ ପାଣି ବନ୍ଦ ହୋଇଗଲେ ମୋର ୩ଏକର ଧାନ ଫସଲରୁ ବିଲକୁଲ ଅମଳ ହୋଇପାରିବ ନାହିଁ।

**ଭରତ ମହାପାତ୍ର, ଉଦେପୁର**

## ଚାଷକାର୍ଯ୍ୟ ହିଁ ଜୀବିକା



"୨ଏକର ଜମିରେ ଧାନଚାଷ କରିଛି। ତାହା କେନାଲ ପାଣି ଦ୍ୱାରା ହୋଇଛି। ଧାନ ଏବେ ଗର୍ଭଣୀ ଅବସ୍ଥାକୁ ମଧ ଆସି ନାହିଁ। ଧାନଚାଷ ବ୍ୟତୀତ ଆଉ ଅନ୍ୟକିଛି ଜୀବିକା ନାହିଁ। ସେଥିରୁ ଅମଳ ଧାନ ବିକ୍ରିବଟା କରି ପରିବାର ଗୁଜୁରାଣ ମେଣ୍ଟାଇଥାଏ। କେନାଲ ପାଣି ବନ୍ଦ ହୋଇଗଲେ ସବୁ ଫସଲ ଉଜୁଡ଼ି ଯିବ ଏବଂ ପରିବାରପ୍ରତିପୋଷଣମଧକଷ୍ଟସାଧ୍ୟହୋଇପଡ଼ିବ।

**ଗିରି ଗୋବର୍ଦ୍ଧନ ଭୋଇ, ଉଦେପୁର**

## ଧୂଳିସାତ୍ ହୋଇଯିବ ଧାନ ଫସଲ



"ଆମ ଅଞ୍ଚଳରେ ଉଭୟ ଉଠା ଜଳସେଚନ ପ୍ରକଳ୍ପ ଏବଂ କେନାଲ ପାଣି ଦ୍ୱାରା ଚାଷକାର୍ଯ୍ୟ କରିଥାଉ। କେନାଲ ପାଣି ଆମ ଅଞ୍ଚଳକୁ ବିଳମ୍ବରେ ଏବଂ କମ୍ ପରିମାଣରେ ଆସିଥାଏ। ଫଳରେ ବିଳମ୍ବରେ ଚାଷକାର୍ଯ୍ୟ ହୋଇଥାଏ। ସେଥିପାଇଁ ଅମଳ ମଧ ବିଳମ୍ବିତ ହୋଇପଡ଼େ। ଏବେ କେନାଲ ପାଣି ବନ୍ଦ ହୋଇଗଲେ ଅଞ୍ଚଳର ୨୦୦ ଏକରରୁ ଊର୍ଦ୍ଧ୍ୱ ଜମିର ଧାନ ଫସଲ ଧୂଳିସାତ୍ ହୋଇଯିବ।

**ପଦ୍ମନାଭ ପୁରୋହିତ, ଉଦେପୁର**

## ୨ ସପ୍ତାହ କେନାଲ ପାଣି ଛଡ଼ାଯାଉ



"କେନାଲ ପାଣି ଉପରେ ନିର୍ଭର କରୁ। ୧୦ଏକର ଜମିରେ ଏଥର ଧାନଚାଷ କରିଛି। ସେଥିମଧ୍ୟରୁ କେତେକ ଗର୍ଭଣୀ ଅବସ୍ଥାକୁ ଆସିଛି ତ ଆଉକିଛି ଗର୍ଭଣୀ ଅବସ୍ଥାକୁ ମଧ ଆସି ନାହିଁ। ଧାନ ଏଭଳି ଅବସ୍ଥାରେ ଥିବାବେଳେ ପର୍ଯ୍ୟାପ୍ତପାଣିଦରକାର।ଏଭଳିସମୟରେକେନାଲ ପାଣି ବନ୍ଦ କରାଯିବା ଠିକ୍ ନୁହେଁ। ଅତିକମ୍‌ରେ ଆଉ ୨ସପ୍ତାହ କେନାଲ ପାଣି ଛଡ଼ାଯାଉ।

**କ୍ଷୀରୋଦ ପ୍ରଧାନ, ଉଦେପୁର**

# ସମସ୍ୟା ନେଇ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘର ଦାବିପତ୍ର

**ବୌଦ୍ଧ,୨୬।୪(ଅଜିତ କୁମାର ବାରିକ)**

ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ, ବୌଦ୍ଧଜିଲା ଶାଖା ତରଫରୁ ଏକ ତିନିଦଫା ଦାବିପତ୍ର ରବିବାର ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟସଚେତକ ସରୋଜ କୁମାର ପ୍ରଧାନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏଥିସହ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ମୁଖ୍ୟସଚେତକଙ୍କ ସହିତ ଆଲୋଚନା କରିଥିଲେ। ସଂଘର ସଭାପତି ସଞ୍ଜିତ କୁମାର ଜେନାଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ଗତ ମାର୍ଚ୍ଚ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ କରିବା ପରେ ୧୯।୦୩।୨୬ରିଖ ମୁଖ୍ୟମନ୍ତ୍ରୀ ମହାସଂଘକୁ ଡକାଇ ଆଲୋଚନା କରିଥିଲେ। ସମସ୍ତ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଦୈନିକ ମଜୁରି ଏବଂ ମାସିକ ବେସିସ୍‌ରେ କୌଣସି ତାରତମ୍ୟ ନ ରଖି ଏକୀକରଣ କରିବା ସମସ୍ତ ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରିବା ଦିଗରେ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କୋଷାଧ୍ୟକ୍ଷ ଜଗଦିଶ ବେହେରା, ନରେଶ କୁମାର ମହାକୁଡ଼, ଜିତେନ୍ଦ୍ର ମୁଖୀ, ସତ୍ୟପ୍ରକାଶ ନାୟକ, ପ୍ରକାଶ କୁମାର ପ୍ରଧାନ, ଜ୍ଞାନରଞ୍ଜନ ସାହୁ, ବିଶ୍ୱଜିତ ଭୋଇ, ଦୀପ୍ତିମଞ୍ଜରୀ ବେହେରା, ଜ୍ୟୋସ୍ନାରାଣୀ ମେହେର, ରାଜୀବ ଲୋଚନ କର୍ଣ୍ଣ, ମନୋଜ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# କଳସ ଯାତ୍ରା ସହ ବୈଶାଖ ମେଳା ଆରମ୍ଭ


ନୃସିଂହନାଥଠାରେ ବୈଶାଖ ମେଳାରେ ଆୟୋଜିତ କଳସ ଯାତ୍ରା।

**ପାଇକମାଳ, ୨୬।୪(ବଡ଼ ଶଥପଥି)**

ଓଡ଼ିଶା ତଥା ଭାରତ ବର୍ଷର ପ୍ରସିଦ୍ଧ ପୁଣ୍ୟ ପୀଠ ଗନ୍ଧମାର୍ଦ୍ଦନ ପର୍ବତର ପାଦଦେଶରେ ଥିବା ନୃସିଂହନାଥଠାରେ ବୈଶାଖ ମେଳା ରବିବାର ସନ୍ଧ୍ୟାରେ ଆରମ୍ଭ ହୋଇଯାଇଛି। ଏକ ଭବ୍ୟ କଳସ ଶୋଭାଯାତ୍ରାରେ ବାହାରି ଭକ୍ତମାନେ ଝରଣାର ଚାଳଧାର ଘାଟରେ ପବିତ୍ର ପାଣି କଳସରେ ଆଣି ନୃସିଂହନାଥ ମନ୍ଦିର, ଶିବ ମନ୍ଦିର, ସମଲେଶ୍ୱରୀ ମନ୍ଦିର, ଶ୍ରୀରାମ ମନ୍ଦିର, ବିନ୍ଧ୍ୟବାସିନୀ ମନ୍ଦିର ଓ ଅନ୍ୟ ପାର୍ଶ୍ୱ ଦେବଦେବୀ ମନ୍ଦିରଗୁଡ଼ିକୁ କଳସ ଯାତ୍ରାରେ ଯାଇ ପୂଜାର୍ଚ୍ଚନା କରିବା ସହ ବିଶ୍ୱ ଶାନ୍ତି ମହାଯଜ୍ଞ ପୀଠରେ କଳସ ସ୍ଥାପନ କରିଥିଲେ। କର୍ତ୍ତା ଭାବେ ଚୂଡ଼ାମଣି ଭୁଏ ଓ ତାଙ୍କ ସ୍ତ୍ରୀ ସନ୍ତୋଷିନୀ ଭୁଏ ଦାୟିତ୍ୱ ତୁଲାଉଛନ୍ତି। ପଣ୍ଡିତ ଡିଗ୍ରୀଧର ଦେବତାଙ୍କ ସହ ମୁନା ଦେବତା କାର୍ଯ୍ୟ ତୁଲାଇଥିଲେ। ପାଇକମାଳ, ପଦ୍ମପୁର, ଝାରବନ୍ଧ ଆଦି ଅଞ୍ଚଳର ବହୁ ଭକ୍ତ ଯୋଗଦେଇ କଳସ ଯାତ୍ରା କରିଥିଲେ। ମନ୍ଦିର ଟ୍ରଷ୍ଟି ତଥା ପାଇକମାଳ ଏବିଡିଓ ଦେବାଶିଷ ସିହ୍ନା, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ବୈଶାଖ ମେଳା କମିଟିର ସଭ୍ୟମାନେ ନିଜ ନିଜର ଦାୟିତ୍ୱ ତୁଲାଉଥିଲେ।

# କାର ଧକ୍କାରେ ବାଇକ୍ ଆରୋହୀ ମୃତ

**ବଘିଆପଡ଼ା,୨୬।୪(ଶ୍ରୀକାନ୍ତ ସାହୁ)**

ବୌଦ୍ଧ-ବଘିଆପଡା ରାସ୍ତାର ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅନ୍ତର୍ଗତ କନକପୁର ମୁଣ୍ଡଧୁଆ ବନ୍ଧ ନିକଟରେ ଏକ ଅଜଣା କାର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟିକରପଡା ପଞ୍ଚାୟତ ବୁରଗୋରା ଗ୍ରାମର ବୀର କିଶୋର ଖଟୁଆ(୫୦)। ଖଟୁଆ ଏକ ବାଇକ୍ ଯୋଗେ ବୌଦ୍ଧ ଆଡ଼କୁ ଆସୁଥିବା ବେଳେ ବିପରିତ ଦିଗରୁ ଆସୁଥିବା ଏକ କାର ଧକ୍କା ଦେଇ ଚାଲିଯାଇଥିଲା । ଫଳରେ ବୀର କିଶୋର ବାଇକ୍ ସହ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଘିଆପଡ଼ା ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ କୃତ୍ରିମ ବୁଦ୍ଧିମତ୍ତା, ସାଇବର ସୁରକ୍ଷା ଆଲୋଚନାଚକ୍ର।

# କୃତ୍ରିମ ବୁଦ୍ଧିମତ୍ତା, ସାଇବର ସୁରକ୍ଷା ଆଲୋଚନାଚକ୍ର

**ବରଗଡ଼,୨୬।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ରବିବାର କୃତ୍ରିମ ବୁଦ୍ଧିମତ୍ତା ଓ ସାଇବର ସୁରକ୍ଷା ଶୀର୍ଷକ ଏକଦିବସୀୟ ଜିଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୌଜନ୍ୟରେ ଓ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ନନ୍ଦିନୀ ନିରୋଦ ପଣ୍ଡା ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ପ୍ରାଧାପିକା ଡ.ପୁଷ୍ପାଞ୍ଜଳି ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବରଗଡ଼ ସାଇବର ଥାନାର ଡିଏସ୍‌ପି ସୁମନ୍ତ କିଷାନ, ଚିରାଗ ରଥ, ସୁବ୍ରତ ମଜୁମଦାର ଏବଂ ରାହୁଲ ପଣ୍ଡା ଅତିଥିଭାବେ ଯୋଗଦେଇ ସାଇବର ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସହ ସଂଯୋଜକ ଡ. ଦେବେନ୍ଦ୍ର ବେହେରା ଏବଂ ଜିଲା ପ୍ରୋଗ୍ରାମ ଅଫିସର ରାଜୀବ ସାହୁ ମଞ୍ଚାସୀନ ଥିଲେ। ଉକ୍ତ ଆଲୋଚନାଚକ୍ରରେ ବରଗଡ଼ ଜିଲାର ୨୦ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଏବଂ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଯୋଗଦେଇଥିଲେ। ପ୍ରାଧାପିକା ମଧୁସ୍ମିତା ନନ୍ଦ ଓ ମୌସୁମୀ ଲିଜା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧାପକ ବିଶ୍ୱଜିତ ସାହୁ ଓ ଅମିତ କୁମାର ଭାର୍ଗ ପରିଚାଳନାରେ ସହଯୋଗ କରିଥିଲେ। ଅଧାପିକା ତୁଳମୁକ୍ତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବୁଦ୍ଧପୂର୍ଣ୍ଣିମା ପାଳନ ପ୍ରସ୍ତୁତି

**ବରଗଡ଼,୨୬।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ବଗେଇବିରା ନାଗାର୍ଜୁନ ବୁଦ୍ଧ ବିହାରରେ ବୁଦ୍ଧ ପୂର୍ଣ୍ଣିମା ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ବୁଦ୍ଧ ବନ୍ଦନା ସହିତ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ବୈଠକରେ ସଭାପତି ପୁରନ୍ଦର ଭୋସାଗର ଅଧକ୍ଷତା କରିଥିଲେ। ସମ୍ପାଦକ ଅବିନାଶ ବାଗ, କୋଷାଧ୍ୟକ୍ଷ ଯୁଧିଷ୍ଠିର ବିଭାର, ଅଚ୍ୟୁତ ସର, ଆନନ୍ଦ କୁଅଁର, ପ୍ରଶାନ୍ତ କୁମାର ସିଂ, ସଞ୍ଜୟ କୁମ୍ଭାର, ଦିଲେଶ୍ୱର ସିଂ, ବାଳମୁକୁନ୍ଦ ଜଗଦଲା, ଆଶିଷ କୁମାର ସୁନକ, ଯୁକ୍ତଚନ୍ଦନ ଦେହେଲିଆ, ସମୀର ବରିହା ପ୍ରମୁଖ ବୈଠକରେ ଉପସ୍ଥିତ ରହି ବୁଦ୍ଧ ପୂର୍ଣ୍ଣିମା ପାଳନ ଉପରେ ନିଜ ମତ ରଖିଥିଲେ।

# ଗାଇସିଲେଟ୍‌ରେ ଜାତୀୟ ପଞ୍ଚାୟତିରାଜ ଦିବସ


ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

**ଗାଇସିଲେଟ୍,୨୬।୪(ଦୁର୍ଗାପ୍ରସାଦ ତ୍ରିବେଦୀ)**

ବରଗଡ଼ ଜିଲା ଗାଇସିଲେଟ୍ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ଲକ୍ଷ୍ମଣ ମାଝୀ ସଭାପତିତ୍ୱ କରିଥିଲେ। ବ୍ଲକ ଅଧକ୍ଷ ପ୍ରଣୟ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିବା ବେଳେ ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ବରଗଡ଼ ଲୋକ ସଭା ସଦସ୍ୟଙ୍କ ପ୍ରତିନିଧି ସଞ୍ଜୟ କୁମାର ପୁରୋହିତ, ଏବିଡିଓ ଭୀଷ୍ମ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ସମସ୍ତେ ଜଡ଼ିତ ରହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ କର୍ମଚାରୀ, ଜନ ପ୍ରତିନିଧି ଏବଂ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

## ପଥଚାରୀଙ୍କୁ ଦହି ପାଣି, ସରବତ୍ ବଣ୍ଟନ



**ବରଗଡ଼,୨୬।୪(ପ୍ରେମାନନ୍ଦ ଖମାରୀ):** ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଇନରହ୍ୱିଲ କ୍ଲବ ଅଫ ବରଗଡ ସେଣ୍ଟ୍ରାଲ, ବରଗଡ଼ ଆନୁକୂଲ୍ୟରେ ଶନିବାର ସହର ମୁଖ୍ୟରାସ୍ତା ପାର୍ଶରେ ପଥଚାରୀମାନଙ୍କୁ ଥଣ୍ଡା ପାନୀୟ ଦହି ପାଣି, ସରବତ୍ ବଣ୍ଟନ କରାଯାଇଥିଲା। ଅନେକ ପଥଚାରୀ ଥଣ୍ଡା ପାନୀୟ ସେବନ କରିଥିଲେ। କ୍ଲବର ସଭାପତି ଅଫସାନା ଲୋଧିଆ, ଭାନା ଅଗ୍ରୱାଲ, ନୂପୁର ଅଗ୍ରୱାଲ, ପ୍ରିୟା ପଂଶାରି, ଇନ୍ଦୁ ଅଗ୍ରୱାଲ, ଦୀପ୍ତି ଶତପଥୀ, ପୁଷ୍ପାଞ୍ଜଳି ସୁବୁଦ୍ଧି, ନିଶା ଲାଠ ପ୍ରମୁଖ ଏଥିରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଇନରହ୍ୱିଲ କ୍ଲବ, ବରଗଡ଼ ସେଣ୍ଟ୍ରାଲର ଏଭଳି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

# ଶୀତଳଷଷ୍ଠୀ କମିଟିର ଖବରଦାତା ସମ୍ମିଳନୀ

**ପଦ୍ମପୁର,୨୬।୪(ପ୍ରଦୀପ୍ତ ଦାଶ)**


ଖବରଦାତା ସମ୍ମିଳନୀରେ କମିଟିର ସଦସ୍ୟ ସୂଚନା ଦେଉଛନ୍ତି।

ଜୁନ ୧୮ ଓ ୧୯ ତାରିଖ ବରଗଡ଼ ଜିଲା ପଦ୍ମପୁର ସହରରେ ପଞ୍ଚମ ବର୍ଷ ଶୀତଳଷଷ୍ଠୀ ୨୦୨୬ ପାଳନ କରାଯିବା ପାଇଁ ରବିବାର ରାମେଶ୍ୱର ବାବା ଶୀତଳଷଷ୍ଠୀ ପୂଜା ପାଳନ କମିଟି ତରଫରୁ ଘୋଷଣା ହୋଇଛି। ଏ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଶୀତଳଷଷ୍ଠୀ ପାଳନ ପାଇଁ ସଭାପତି ଭାବରେ ଅଚ୍ୟୁତାନନ୍ଦ ସେଠ, କାର୍ଯ୍ୟକାରୀ ସଭାପତି ସୁରଜପ୍ରସାଦ ସାହୁ, ଉପସଭାପତି ଚୂଡ଼ାମଣି ମାଝୀ, ସମ୍ପାଦକ ସୁଦାମ ଚରଣ ଦାନୀ, ସହସମ୍ପାଦକ କମଳ କୁମାର ସାହୁ, କୋଷାଧ୍ୟକ୍ଷ ହରିଶଙ୍କର ଅଗ୍ରୱାଲ (ନବୁ) ଉପଦେଷ୍ଟା ଭାବେ ବେଣୁ ମାଧବ ଦୋରା ପ୍ରମୁଖ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିବା ବେଳେ ସହରର ବରିଷ୍ଠ ଓ କନିଷ୍ଠମାନଙ୍କୁ ନେଇ ଏକ କମିଟି ଗଠନ ହୋଇଛି। ଅକ୍ଷୟତୃତୀୟା ଦିନ ଶୀତଳଷଷ୍ଠୀର ଥାଳ ଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କନ୍ୟା ମାତାପିତା ଓ ବର ମାତାପିତା ରୂପରେ ଅଜିତ ପାତ୍ର ଓ ରଜନୀ ପାତ୍ର ଦାୟିତ୍ୱ ନିର୍ବାହ କରିବେ। ସେହିପରି ବର ମାତାପିତା ଭାବେ ପବିତ୍ର ମେହେର ଓ ସୀତା ମେହେର ମନୋନୀତ ହୋଇଛନ୍ତି। ତାଡକାସୁର ଭାବରେ ଶୁଭମ ଘିଲୋ ଅଭିନୟ କରିବେ। ୧୮ତାରିଖରେ ବରଯାତ୍ରା ଓ ୧୯ ତାରିଖରେ ଯୁଗଳ ମୂର୍ତ୍ତିଙ୍କ ନଗର ଶୋଭାଯାତ୍ରା ହେବ। ଶୋଭାଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ କଳାକାର ଯୋଗଦେବେ ବୋଲି ସୂଚନା ଦେଇଥିଲେ।

# ମରାମତି ନାଁରେ ଖୋଳିଦେଲେ ରାସ୍ତା, ଲୋକେ ହନ୍ତସନ୍ତ

**ପଦ୍ମପୁର,୨୬।୪(ପ୍ରଦୀପ୍ତ ଦାଶ)**


ବିଜୁ ଏକ୍ସପ୍ରେସ ରୋଡର ଅବସ୍ଥା।

ପ୍ରତି ୱାର୍ଡ ଓ ଘରକୁ ପାଣି ପାଇପ ବିଛାଇବା ପାଇଁ ଠିକାଦାର ରାସ୍ତାକୁ ଭାଙ୍ଗି ଦେଉଛନ୍ତି। କିନ୍ତୁ କାମ ସାରିବା ପରେ ଏହି ରାସ୍ତା ମରାମତି କଥା ଭୁଲି ଯାଉଛନ୍ତି, ଯାହାକି ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ପଦ୍ମପୁର ଥାନା ଛକରୁ ମେଜର କଟାଁ ରାସ୍ତାରେ ଏହି ସମସ୍ୟା ସୃଷ୍ଟି ହୋଇଛି। ବ୍ଲକକୁ ଯାଉଥିବା ଲୋକ, ଚିକିତ୍ସା ପାଇଁ ଯାଉଥିବା ରୋଗୀ, ମନ୍ଦିର ଯାଉଥିବା ଲୋକେ ଏହି ରାସ୍ତାଦେଇ ଯିବା ଆସିବା କରିଥାନ୍ତି। ମାତ୍ର ଠିକା ସଂସ୍ଥା ଏହାର ମରାମତିର ନାଁ ନେଉନାହିଁ। ସେହିପରି ପଦ୍ମପୁର ଭେଉଁରିଆ ଛକରୁ କପସିଲା ଛକ ପର୍ଯ୍ୟନ୍ତ ପାଇପ ଲାଇନ ମରାମତି କାର୍ଯ୍ୟ ନାମରେ ବିଜୁ ଏକ୍ସପ୍ରେସ ରାସ୍ତାର ବିଭିନ୍ନ ସ୍ଥାନ ଖୋଳିଦେଇ ନିମ୍ନମାନର ମରାମତି କରିଛନ୍ତି। ଫଳରେ ସେଠାରେ ଗର୍ତ୍ତ ସୃଷ୍ଟି ହେବା ସହିତ ପଥଚାରୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ମଧ ନୀରବତା ଅବଲମ୍ବନ କରିବା ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଠିକାସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

## ସଂକ୍ଷେପରେ

### ଶୀତଳପଡ଼ା ବଜରଙ୍ଗ ଦଳର ଗୋସେବା

ରାଉରକେଲା,୨୬।୪(ଦିନେଶ ମିଶ୍ର)

ଉଦିତନଗରସ୍ଥିତ ଶୀତଳପଡା ବଜରଙ୍ଗ ଦଳ ପକ୍ଷରୁ ରବିବାର ଗୋସେବା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଶୀତଳପଡା ବଜରଙ୍ଗ ଦଳ ସଭାପତି ସୋନୁ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ରାସ୍ତାକଡରେ ବୁଲୁଥିବା ଗାଈମାନଙ୍କୁ ଉଦ୍ଧାର କରିସେମାନଙ୍କ ଚିକିତ୍ସା କରିଥିଲେ। ପ୍ରତ୍ୟେକ ଗୋମାତାଙ୍କ ସୁରକ୍ଷା କରିବା ଦଳୀୟ କର୍ମୀଙ୍କ କର୍ତ୍ତବ୍ୟ ବୋଲି ସଭାପତି ସାହୁ ତାଙ୍କ ବକ୍ତବ୍ୟରେ ମତପ୍ରକାଶ କରିଥିଲେ। ଏହି ଅବସରରେ ଉଦିତନଗର ଓ ଓରାମପଡା ଭଳି ଅଞ୍ଚଳରେ ଦଳୀୟ କର୍ମୀମାନେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଗୋମାତାଙ୍କ ସେବା କରିଥିଲେ। ଅରକ୍ଷିତ ପଣ୍ଡା, ବିଜୟ ନାୟକ, ବଣ୍ଟି ଯାଦବ, ସୁରେଶ ପଣ୍ଡା, ଗୋକୁଳ ମହାନ୍ତି, ରୋଶନ ଏକ୍କା, ଲିବ୍ରୁନ ଓରାମ, ବିନୋଦ ତନ୍ତୀ, ଶୁକ୍ରା ତାଣ୍ଡି, ରାମେଶ ମୁର୍ମୁ ଆକାଶ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

### ଶନିଶ୍ଚର ମହାଯଜ୍ଞ ସମ୍ପନ୍ନ

ରାଉରକେଲା,୨୬।୪(ଦିନେଶ ମିଶ୍ର)

ସିଭିଲଟାଉନଶିପସ୍ଥିତ ଶନିଶ୍ଚର ମହାଗ୍ରହଙ୍କ ୩୦ତମ ବାର୍ଷିକୋତ୍ସବ ଓ ମହାଯଜ୍ଞ ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ମନ୍ଦିରର ମୁଖ୍ୟ ପୂଜକ କିଶୋର ମିଶ୍ର ଶନିଶ୍ଚର ମହାଦେବଙ୍କ ଶୋଡ଼ଷ ଉପଚାର ପୂଜା ସାଙ୍ଗକୁ ଅଙ୍କୁରାରୋପଣ କରିଥିଲେ। ଦ୍ୱିତୀୟ ଦିବସରେ ପ୍ରବଚକ ପ୍ରମୋଦ କୁମାର ଶନିଦେବଙ୍କ ମହିମା ଓ ଶନିଗ୍ରହର ପ୍ରଭାବ ଉପରେ ଶ୍ରୋତାଙ୍କୁ ଅବଗତ କରିଥିଲେ। ତୃତୀୟ ଦିବସରେ ସ୍ଥାନୀୟ ୫୦୧ ମହିଳାଙ୍କ ଦ୍ୱାରା ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କଳସଯାତ୍ରାରେ ମହିଳାମାନେ ବେଦବ୍ୟାସ ସଙ୍ଗମ ସ୍ଥଳରୁ ଜଳଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ପରେ ପଣ୍ଡିତମାନଙ୍କ ଦ୍ୱାରା ମନ୍ଦିର ପରିସରରେ ଶନିଶ୍ଚର ମହାଯଜ୍ଞ ଆୟୋଜିତ ହୋଇଥିଲା। ସନ୍ଧ୍ୟା ସମୟରେ ଗାୟକ ପଙ୍କଜ ଜାଲ ଭଜନ ପରିବେଷଣ କରିଥିଲେ। ସିଭିଲଟାଉନଶିପ୍ ଶନିଶ୍ଚର ମହାଗ୍ରହ କମିଟିର ସହଯୋଗ କରିଥିଲେ।

# କାର୍ଯ୍ୟାନୁଷ୍ଠାନ ଦାବିକଲେ ବରିଷ୍ଠ ଖେଳାଳି

**ସିଏମ୍ ଟ୍ରଫି କବାଡି ମ୍ୟାଚ୍ ପରିଚାଳନାରେ ଅନିୟମିତତା ଅଭିଯୋଗ**

ରାଉରକେଲା,୨୬।୪(ସଙ୍ଗୀତା ଜେନା)

ଗତ ୨୨ ତାରିଖରେ ରାଉରକେଲାରେ ସିଏମ୍ ଟ୍ରଫି କବାଡି ଆୟୋଜନ ବିବାଦ ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶିତ ହେବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପ୍ରସଙ୍ଗକୁ ନେଇ ଜିଲାର ମାନ୍ୟତାପ୍ରାପ୍ତ କବାଡି କୋଚ୍ ଏବଂ ବରିଷ୍ଠ ଖେଳାଳି ଆମେଚର କବାଡି ଫେଡେରେଶନ ଅଫ୍ ଇଣ୍ଡିଆ (ଏକେଏଫ୍‌ଆଇ) ଅଫିସିଆଲ ପ୍ରେମାନନ୍ଦ ଶତପଥୀ, ବିକ୍ରମ ପ୍ରଧାନ, ଦୀପକ ଗଡନାୟକ, ବିରଞ୍ଚି ବରୁଆ, ବନମାଳି ଦାସ, କମଳେଶ୍ୱର ସିଂହ, ଶୁକ୍ରୁ ତନ୍ତୀ, ପ୍ରମିଳା ମହାନ୍ତି ପ୍ରମୁଖ ରଘୁନାଥପାଲୀ ବିଧାୟକଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଉକ୍ତ ଅଭିଯୋଗପତ୍ରର ନକଲ ସୁନ୍ଦରଗଡ଼ ଜିଲାପାଳ ଏବଂ ରାଉରକେଲା ଏଡ଼ିଏମ୍‌ଙ୍କୁ ପ୍ରଦାନ କରାଯାଇଛି। ଏହି ଘଟଣାର ଯାଞ୍ଚ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ସୁନ୍ଦରଗଡ଼ ଜିଲାରେ କବାଡି ସହ ସମ୍ପୃକ୍ତ ଏକେଏଫ୍‌ଆଇ ଅଧିକାରୀ, ସିନିଅର ଖେଳାଳି, କୋଚ୍‌ମାନେ ଅଛନ୍ତି। ପ୍ରଥମ କରି ସିଏମ୍ ଟ୍ରଫି ମ୍ୟାଚ୍ ପରିଚାଳନାରେ ଗୁରୁତର ଅନିୟମିତତା ପରିଲକ୍ଷିତ ହୋଇଛି। ଯୋଗ୍ୟ ଅଧିକାରୀମାନଙ୍କୁ ଇଚ୍ଛାକୃତ ତଥା ଉଦ୍ଦେଶ୍ୟମୂଳକ ଭାବେ ଅଣଦେଖା କରି ଅଯୋଗ୍ୟ ବ୍ୟକ୍ତିଙ୍କୁ ମ୍ୟାଚ୍ ପରିଚାଳନାରେ ନିଯୁକ୍ତି କରାଯାଇଛି। ମ୍ୟାଚ୍ ସିଡ୍ୟୁଲ ସମ୍ପର୍କରେ ଖେଳାଳି ଓ କୋଚ୍‌ମାନଙ୍କୁ ସମୟ ପୂର୍ବରୁ ତଥା ସଠିକ୍ ସୂଚନା ପ୍ରଦାନ କରାଯାଇ ନ ଥିଲା। ଫଳରେ ମ୍ୟାଚ୍‌ରେ ଗୁରୁତର ଅବ୍ୟବସ୍ଥା ସୃଷ୍ଟି ହୋଇଛି। ସେହିପରି ଖେଳ ଆୟୋଜନ ସ୍ଥାନ ଉପରେ ପ୍ରଶ୍ନବାଚୀ ରହିଛି। ବିର୍ସା ମୁଣ୍ଡା ଷ୍ଟାଡିୟମ୍ ଭଳି ସୁବିଧା ସମ୍ପନ୍ନ ସ୍ଥାନ ଉପଲବ୍ଧ ଥିବା ସତ୍ତ୍ୱେ ଉକ୍ତ ଖେଳ ଆୟୋଜନ ଅନୁପଯୁକ୍ତ ସ୍ଥାନରେ କରାଯାଇଥିଲା। ଏଥିରେ ବିଶେଷ ଭାବେ ମହିଳା ଖେଳାଳିମାନଙ୍କ ପାଇଁ ଉଚିତ ପରିବେଶ ନ ଥିଲା। ତେଣୁ ଆଗାମୀ ଦିନରେ ସିଏମ୍ ଟ୍ରଫି ପ୍ରତିଯୋଗିତାକୁ ସୂଚାରୁ ରୂପେ ପରିଚାଳନା ପାଇଁ ସିନିଅର ଖେଳାଳି, କୋଚ୍, ଯୋଗ୍ୟ ଅଧିକାରୀଙ୍କୁ ଏକାଠି କରି ସ୍ୱତନ୍ତ୍ର କମିଟି ଗଠନ କରିବା, ଟ୍ରଫି ଆୟୋଜନରେ ବ୍ୟୟର ତଦନ୍ତ, ଦାୟୀ ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଯୋଗ୍ୟ ଅଧିକାରୀଙ୍କୁ ମ୍ୟାଚ୍ ପରିଚାଳନା ପାଇଁ ନିଯୁକ୍ତ ଏବଂ ମହିଳା ଖେଳାଳିଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବାକୁ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ଚଳିତ ମାସ ୨୨ ଓ ୨୩ତାରିଖରେ ଦ୍ୱିଦିବସୀୟ କବାଡି ମ୍ୟାଚ୍ ଛେଣ୍ଡ଼ର ଏକ କଲେଜରେ ଆୟୋଜିତ ହୋଇଥିଲା।

## କୋକ୍ ଓଭେନ୍ ବ୍ୟାଟେରି–୭ରେ ପ୍ରଥମ ଇଟା ସ୍ଥାପନ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଆର୍‌ଏସ୍‌ପି ପଦାଧିକାରୀ।

ରାଉରକେଲା,୨୬।୪(ବିପ୍ଳବ ରଞ୍ଜନ ଦାଶ)

ଆରଏସପିରେ କୋକ୍ ଓଭେନ୍ସ ବ୍ୟାଟେରି–୭ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଏକ ପ୍ରମୁଖ ମାଇଲ ଖୁଣ୍ଟ ଭାବେ ପ୍ରଥମ ଇଟା ସ୍ଥାପନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ସେଲ୍‌ର ପ୍ରଥମ ଷ୍ଟାମ୍ପ ଚାର୍ଜ ବ୍ୟାଟେରିର ପ୍ରଥମ ରିଫ୍ରାକ୍ଟି ଇଟା ସ୍ଥାପନ କରିଥିଲେ। ଏହି ଅବସରରେ ଖଣି ଉନ୍ନୟନ –ସିଏମଏଲଓର ନିର୍ବାହୀ ନିର୍ଦ୍ଦେଶକ ବି. କେ. ଗିରି, ମାଇନ୍ସ –ଓଡିଶା ଗ୍ରୁପ୍ ଅଫ ମାଇନ୍ସ ତଥା ସିଏମ୍‌ଏଲ୍‌ଓର ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂହ, ଆରଏସପି ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ସେବା ବିଭାଗ ସିଜିଏମ୍ ଇନ୍‌ଚାର୍ଜ ତଥା କାର୍ଯ୍ୟ ବିଭାଗର ଇଡିଙ୍କ ଦାୟିତ୍ୱ ବହନ କରୁଥିବା ଆତିଶ ଚନ୍ଦ୍ର ସରକାର, ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ତଥା ଉକ୍ତ ବିଭାଗର ଇଡିଙ୍କ ଅତିରିକ୍ତ କାର୍ଯ୍ୟଭାର ବହନ କରୁଥିବା ରାଜେଶ ଦାସଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡିଆଇସି ନିଜର ଅଭିଭାଷଣରେପ୍ରକଳ୍ପ କାର୍ଯ୍ୟ ସମୟରେ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା ବୋଲି ଗୁରୁତ୍ୱାରୋପ କରିଥିଲେ। ସେ ଆହୁରିମଧ୍ୟ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ସୀମା ପୂର୍ବରୁ ଆଗକୁ ନେବା ପାଇଁ ଆର୍‌ଏସ୍‌ପି ଏବଂ ଏଲ୍‌ଏଣ୍ଡଟିର ପ୍ରକଳ୍ପ ବିଭାଗର ସାମୂହିକଙ୍କ ପ୍ରୟାସକୁ ପ୍ରଶଂସା କରିବା ସହିତ ଉକ୍ତ ପ୍ରକଳ୍ପକୁ ପର୍ଯ୍ୟାୟ କ୍ରମେ ସମାପନ କରିବା ପାଇଁ ପରାମର୍ଶ ଦେଇଥିଲେ।

## ସୁନ୍ଦରଗଡ଼ ଜିଲାରେ ସଙ୍ଗଠନ ସୁଦୃଢ଼ କରିବ ଜେଏମ୍ଏମ୍



ସମ୍ମିଳନୀରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା।

ରାଉରକେଲା,୨୬।୪(ବିପ୍ଳବ ରଞ୍ଜନ ଦାଶ)

ସୁନ୍ଦରଗଡ ଜିଲାରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ସଙ୍ଗଠନକୁ ସୁଦୃଢ କରିବା ପାଇଁ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଅଞ୍ଜନୀ ସୋରେନଙ୍କ ଅଧ୍ୟକ୍ଷତାରେ ପାନପୋଷସ୍ଥିତ ଏକ ହୋଟେଲରେ ରବିବାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜେଏମ୍‌ଏମ୍ ସଦସ୍ୟା ଲେଖା ତିର୍କୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ବାସନ୍ତୀ ମାରାଣ୍ଡି, ସାହେବଜୀ, ଅସଗର ଆଲାମ୍, କେନ୍ଦ୍ରୀୟ ସଦସ୍ୟ ପାତ୍ରାସ୍ ଏକ୍କା, କାହ୍ନା ମଣ୍ଡଳ, ଅମିତ ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ଓଡିଶାରେ ଆଗାମୀ ପଞ୍ଚାୟତ ନିର୍ବାଚନ ଏବଂ ରାଉରକେଲା ମହାନଗର ନିଗମ ବିଜ୍ଞପ୍ତି ଉପରେ ହୋଇଥିବା ମାମଲାକୁ ନେଇ ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ରହିତାଦେଶ ଗତ ଏପ୍ରିଲ ୨୩ ତାରିଖରେ ଖାରଜ ହୋଇଯିବା ପରେ ରାଉରକେଲା ମହାନଗର ନିଗମ ନିର୍ବାଚନ ନେଇ ଏହି ସମ୍ମିଳନୀରେ ଆଲୋଚନା କରାଯାଇଥିଲା। ସୁନ୍ଦରଗଡ ଜିଲାରେ ଜେଏମ୍‌ଏମ୍ ସଙ୍ଗଠନକୁ ମଜଭୁତ କରିବା ପାଇଁ ଜିଲାର ସାଙ୍ଗଠନିକ କମିଟି ଗଠନ ଆସନ୍ତା ସମ୍ମିଳନୀରେ କରାଯିବ ବୋଲି ରାଜ୍ୟ ସଭାନେତ୍ରୀ ସୋରେନ୍ ସୂଚନା ଦେଇଥିଲେ। ଏହି ସମ୍ମିଳନୀରେ ଜେଏମ୍‌ଏମ୍ ସଦସ୍ୟମାନେ ନିଜ ନିଜ ମତପ୍ରକାଶ କରିଥିଲେ।

## ଜଳିଗଲା ଇଲେକ୍ଟ୍ରି ବାଇକ୍

ରାଉରକେଲା,୨୬।୪(ସଙ୍ଗୀତା ଜେନା)

ସେକ୍ଟର–୧୫ ଥାନା ଅନ୍ତର୍ଗତ ସେକ୍ଟର–୧୬ ଅଞ୍ଚଳରେ ରବିବାର ଅପରାହ୍ନରେ ଇଲେକ୍ଟ୍ରିକ୍ ବାଇକ୍‌ରେ ନିଆଁ ଲାଗି ଜଳିଯାଇଥିବା ସୂଚନା ମିଳିଛି। ଗାଡିମାଲିକ ସଂଯୁକ୍ତା ମହାନ୍ତି ୩ ବର୍ଷ ହେଲା ଉକ୍ତ ଗାଡି ଚଳାଇ ଆସୁଥିଲେ। ସେ ସକାଳେ ଚାର୍ଜିଂରେ ଲଗାଇ କୌଣସି କାମ କରୁଥିବା ବେଳେ ହଠାତ୍ ତାହା ହୁତୁହୁତୁ ହୋଇ ଜଳିଉଠିଥିଲା। ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ଶୁଣ୍ଠୀ ସମାଜର ବାର୍ଷିକ ଉତ୍ସବ ପାଳିତ

ରାଉରକେଲା,୨୬।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଶୁଣ୍ଠି ସମ୍ପ୍ରଦାୟର ବାର୍ଷିକ ଉତ୍ସବ ଉତ୍କଳ ପ୍ରଗତି ସଂଘ ହଲରେ ଶନିବାର ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ପୃଷ୍ଠପୋଷକ ପ୍ରଫେସର ପ୍ରତାପ ବେହେରା, ରାଜ୍ୟ କାର୍ଯ୍ୟକାରୀ ସଭାପତି ପୃଥ୍ୱୀରାଜ ବେହେରା, ଆର୍ଥିକ ସଚିବ ଶରତ ସାହୁ, ଭାଜପା ସୁନ୍ଦରଗଡ଼ ଜିଲା ସଭାପତି ଗିରୀଶ ସାହୁ, ପୂର୍ବତନ ଡିଏସ୍‌ପି ଚୂଡ଼ାମଣି ନାଏକ, ସଭାପତି ଡା. ପି. କେ. ସାହୁ, କାର୍ଯ୍ୟକାରୀ ସଭାପତି ଉମେଶ ବେହେରା, ସଚିବ ଜଗଦୀଶ ବେହେରା, ଉପସଭାପତି ସଞ୍ଜିବ ସାହୁ, ସହ ସଚିବ ପଟାୟତ ବେହେରା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏକତା, ସାମାଜିକ ଭାଇଚାରା ଆଗାମୀ ଦିନରେ ଆମ ସମ୍ପ୍ରଦାୟକୁ ଅଧିକ ସଶକ୍ତ କରିବ ବୋଲି ଅତିଥିମାନେ କହିଥିଲେ। ସମ୍ପ୍ରଦାୟର ସଦସ୍ୟମାନଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା। ଏଥିରେ ଶୁଣ୍ଠି ସମ୍ପ୍ରଦାୟର ରାଜ୍ୟ ଓ ଜିଲାସ୍ତରର ବରିଷ୍ଠ ପଦାଧିକାରୀ ଏବଂ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ୫୦ ମହିଳାଙ୍କୁ ଜୈବିକ କୃଷି ତାଲିମ



କର୍ମଶାଳାରେ ଉପସ୍ଥିତ ମହିଳା ଏବଂ ଅନ୍ୟମାନେ।

ରାଉରକେଲା,୨୬।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଏବଂ ରାଉରକେଲାସ୍ଥିତ ନ୍ୟାଶନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ମିଳିତ ସହଭାଗିତାରେ ସିଏସ୍‌ଆର୍ ବିଭାଗ ପକ୍ଷରୁ ଆଇପିଡି ସେଣ୍ଟରରେ ଗତ ଏପ୍ରିଲ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ନିରନ୍ତର ଜୈବିକ କୃଷି କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ଲାଠିକଟା ଏବଂ ବିଶ୍ରା ପାର୍ଶ୍ୱବର୍ତ୍ତୀ ବ୍ଲକର ୫୦ ଜଣ ମହିଳା ଚାଷୀ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନଙ୍କୁ ଜୈବିକ କୃଷି, ଛତୁ ଚାଷର ଜୈବିକ ଉପାୟ, ଭର୍ମିକମ୍ପୋଷ୍ଟ, ଜୈବିକ ସାର, ଜୈବିକ–କୀଟନାଶକ, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ବିଷୟରେ ତାତ୍ତ୍ୱିକ ଏବଂ ବ୍ୟବହାରିକ ସୂଚନା ଦିଆଯାଇଥିଲା। ଏନ୍‌ଆଇଟି ପ୍ରଫେସର ଏବଂ ଗବେଷକ, କେଭିକେ ବୈଜ୍ଞାନିକ ଏବଂ ଜୈବିକ କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଭ୍ୟାସକାରୀମାନେ କର୍ମଶାଳା ପରିଚାଳନା କରିଥିଲେ। ଭାରତୀୟ କୃଷି ପଦ୍ଧତିରେ ଜୈବିକ କୃଷି ଉପଯୋଗକୁ ସହଜ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ସେବା ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଆତିଶ ଚନ୍ଦ୍ର ସରକାର ଉଦଯାପନୀ ସମାରୋହରେ ଅଧ୍ୟକ୍ଷତା କରି ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗର ଜିଏମ୍ ଇନଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଜିଏମ୍ ବି. ମଲ୍ଲିକ, ଡିଜିଏମ୍ ଆର୍. ଏସ୍. ବାରା, ଡିଜିଏମ୍ ପି. ସାହୁ, ଏନଆଇଟି ପ୍ରଫେସର ରାମଚନ୍ଦ୍ର ପ୍ରଧାନ, ଆସୋସିଏଟ୍ ଡିନ୍ ତଥା ଏନ୍‌ଆଇଟିର ପରାମର୍ଶଦାତା ବିଭୂତି ଭୂଷଣ ବେହେରାଙ୍କ ସମେତ ସିଏସ୍‌ଆର୍ ବିଭାଗର ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କ ସାଧାରଣ ଜ୍ଞାନ ପରୀକ୍ଷା

ରାଉରକେଲା,୨୬।୪(ଦିନେଶ ମିଶ୍ର)




ସେକ୍ଟର–୧୪ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ ପରିସରରେ ମିନାକ୍ଷୀ ଧର ଫାଉଣ୍ଡେଶନ ପକ୍ଷରୁ ସାଧାରଣ ଜ୍ଞାନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସହରର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଆବାହକ ନଳନୀକାନ୍ତ ଧରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଇସ୍ପାତ କାରଖାନାର ଅବସରପ୍ରାପ୍ତ ଡିଜିଏମ୍ ଚନ୍ଦ୍ରଶେଖର ଶତପଥୀ ଓ ଉମେଶ ଚନ୍ଦ୍ର ବେହେରା ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘୋଷିକା ସ୍ୱର୍ଗତ ମୀନାକ୍ଷୀ ଧରଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆସନ୍ତା ମେ' ୨୧ ତାରିଖରେ ହେବାକୁ ଥିବା ସାରସ୍ୱତ କାର୍ଯ୍ୟକ୍ରମରେ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ଧର ସୂଚନା ଦେଇଛନ୍ତି। ଅଶୋକ କୁମାର ପଟ୍ଟନାୟକ, ସୁମନ୍ତ ଉପାଧ୍ୟାୟ, ପ୍ରିୟଙ୍କା ଦାସ, ସୁନୀଲ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା, ତ୍ରିଲୋଚନ ମହାରଣା, ସୁମନ୍ତ ଉପାଧ୍ୟାୟ ପ୍ରମୁଖ ସହଯୋଗ କରିଥିଲେ।

# ସାହିତ୍ୟ ମାନବ ଚେତନାର ପ୍ରତିବିମ୍ବ

ରାଉରକେଲା,୨୬।୪(ବିପ୍ଳବ ରଞ୍ଜନ ଦାଶ)

ସ୍ୱସ୍ତି ସାହିତ୍ୟ ସଂସଦ ପକ୍ଷରୁ ଶନିବାର ଓଡ଼ିଆ ସାହିତ୍ୟର ଅପୂର୍ବ ମହାମିଳନ ପର୍ବ ଆୟୋଜିତ ହୋଇଯାଇଛି। ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ସକାଳେ କବିତାୟନ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ରାଉରକେଲା ସିଭିକ୍ ସେଣ୍ଟରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହେନ୍ଦ୍ର କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ଡକ୍ଟର ଅପର୍ଣ୍ଣା ମହାନ୍ତି ଉଦ୍‌ଘାଟକ ଥିଲେ। ଡକ୍ଟର ଗୌରହରି ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ଅଧିବେଶନରେ ସୃଜନଶୀଳତାର କାବ୍ୟ କବିତାର ସମ୍ଭାବନା ଉପରେ ଆଲୋଚନା କରାଯାଇଥିଲା। ସାହିତ୍ୟର ସୃଜନଶୀଳତା ଆତ୍ମାର ମୁକ୍ତିରେ ଥାଏ ବୋଲି ଅପର୍ଣ୍ଣା ମହାନ୍ତି କହିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ 'ସାହିତ୍ୟର ସାର୍ଥକତା ଓ ସମକାଳୀନ ପରିପ୍ରେକ୍ଷ' ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରିଥିଲେ ଶଙ୍କର ପ୍ରସାଦ ତ୍ରିପାଠୀ। ସାହିତ୍ୟ କେବଳ ମନୋରଞ୍ଜନ ନୁହେଁ, ଏହା ସମାଜର ଦର୍ପଣ ଓ ମାନବ ଚେତନାର ପ୍ରତିବିମ୍ବ। ସମକାଳୀନ ପରିପ୍ରେକ୍ଷୀରେ ସାହିତ୍ୟ ଆମକୁ ସଚେତନ, ସମ୍ବେଦନଶୀଳ ଓ ଦାୟିତ୍ୱବାନ କରେ ବୋଲି ଡ. ଦିଲ୍ଲୀପ କୁମାର ସ୍ୱାଇଁ କହିଥିଲେ। ସେହିପରି ସାହିତ୍ୟ ଆଞ୍ଚଳିକତାରୁ ନେଇ ଆନ୍ତର୍ଜାତିକ ସ୍ତରରେ ପହଞ୍ଚାଇଥାଏ ବୋଲି ଅଧ୍ୟାପକ ସୁବ୍ରତ କୁମାର ଦାସ ମତ ଦେଇଥିଲେ। ଗୋପବନ୍ଧୁ ପାଠାଗାର ସଭାପତି ଇଂ. ନବଘନ ସାହୁ ଏବଂ ସାହିତ୍ୟ ସଂସଦର ସାଧାରଣ ସମ୍ପାଦକ ରାଜୀବ ପାଣି ମଞ୍ଚାସୀନ ଥିଲେ।

# ମେ' ୨ରେ ୱେଷ୍ଟର୍ନ ଓଡ଼ିଶା ଫ୍ୟାଶନ୍ ୱିକ୍

ରାଉରକେଲା,୨୬।୪(ସଙ୍ଗୀତା ଜେନା)

ପଶ୍ଚିମ ଓଡ଼ିଶାର ଭାଷା, ସଂସ୍କୃତି ଓ ପ୍ରତିଭାର ଏକ ଅଦ୍ଭୁତ ଉତ୍ସବକୁ ପାଳନ କରିବା ପାଇଁ 'ୱେଷ୍ଟର୍ନ ଓଡ଼ିଶା ଫ୍ୟାସନ୍ ୱିକ' ଆସନ୍ତା ମେ ୨ ତାରିଖରେ ଆୟୋଜିତ ହେବାକୁ ଯାଉଛି। ଏହି ପ୍ରିମିୟର ରନୱେ ମଞ୍ଚରେ ବିଭିନ୍ନ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ପଶ୍ଚିମ ଓଡ଼ିଶାର କଳା, ପୋଷାକ ଆଦିକୁ ପ୍ରଦର୍ଶନ କରିବା ଏହାର ମୂଳ ଲକ୍ଷ୍ୟ। ଏ ନେଇ ରବିବାର ରାଉରକେଲାର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି।



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ସମ୍ମିଳନୀରେ ନିର୍ଦ୍ଦେଶକ ସଂଯୋଗ ପଟ୍ଟନାୟକ, ସହବାଜ ଖାନ୍,ଏମ୍‌ଡ଼ି ଗୁଡ୍ଡୁ, ପିଙ୍କୁ ଜସୱାଲ ପ୍ରମୁଖ ଉପସ୍ଥିତ ଥିଲେ। ହ୍ୟାଣ୍ଡଲୁମ୍ ପ୍ରତି ଲୋକଙ୍କ ଦୃଷ୍ଟିଭଙ୍ଗୀକୁ ନୂତନତ୍ୱ ଦେବା ପାଇଁ ଏପରି କାର୍ଯ୍ୟକ୍ରମ କରାଯାଉଛି। ସବୁ ବର୍ଗର ମଡେଲମାନେ ଏଥିରେ ଶୋକେସିଂ କରିବେ ବୋଲି ଆୟୋଜକ ସୂଚନା ଦେଇଥିଲେ।

# ରାଉରକେଲାକୁ ୫ ସ୍ୱର୍ଣ୍ଣ ପଦକ

**ମାର୍ଶାଲ ଆର୍ଟ ଚାମ୍ପିୟନଶିପ୍**

ରାଉରକେଲା,୨୬।୪(ଦିନେଶ ମିଶ୍ର)

ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଟଙ୍ଗଇଲ୍ ମୁଡୁ ଆସୋସିଏଶନ ପକ୍ଷରୁ ଆୟୋଜିତ ପ୍ରଥମ ରାଜ୍ୟ ଆନ୍ତଃ ସ୍କୁଲ ଓପନ ୟୁନିଫାଏଡ ମାର୍ଶଲ ଆର୍ଟ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସ୍କୁଲର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ରାଉରକେଲା ଗୁରୁକୁଳ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୮ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାବେଳେ ୫ ଜଣ ଗୋଲ୍ଡ ମେଡାଲ ପାଇଛନ୍ତି। ସେମାନେ ହେଲେ ବିଦ୍ୟାଙ୍କ ବେହେରା, ସିଦ୍ଧାର୍ଥ ସାହୁ, ପ୍ରତୀକ୍ଷା ବାରିକ, ସୁଶ୍ରୀ ସୁହାନି ଏବଂ ରୁମାନସି ଶ୍ରୀବାସ୍ତବ । ସେହଭିଳି ଡୁଲି ଓରାମ, ସମୟକ ଶିତଲ ଓ ରୋହନ ବେଉରୀ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ସମସ୍ତ ଖେଳାଳିଙ୍କୁ ସୁଜାତା ସାହୁ ଓ ଏମ୍‌ଡି ସରଫରାଜ କୋଚ୍ ଭାବେ ତାଲିମ ପ୍ରଦାନ କରିଥିଲେ।



ପଦକ ଜିତିଥିବା ପ୍ରତିଯୋଗୀ।

# ମେ' ପହିଲାରୁ ରବିଧାନ ସଂଗ୍ରହ

■ ପ୍ରସ୍ତୁତି ନେଇ ଜାରି ହୋଇଛି ସରକାରୀ ନିର୍ଦ୍ଦେଶନାମା
■ ମେ' ୫ରେ ଡିଏଲ୍‌ପିସି ବୈଠକ


ଅମଳ ପରେ ଧାନକୁ ରାସ୍ତା ଉପରେ ଶୁଖାଉଛନ୍ତି ଚାଷୀ।

**ସମ୍ବଲପୁର,୨୬।୪(ପ୍ରମୋଦ ବହିଦାର)**

ରାଜ୍ୟରେ ଚଳିତ ରବି ଋତୁ ପାଇଁ ମେ ୧ ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସରକାରୀ ନିର୍ଦ୍ଦେଶନାମା ଜାରି ହୋଇସାରିଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଜୁନ୍ ୩୦ ତାରିଖ ସୁଦ୍ଧା ମୌସୁମୀ ପୂର୍ବରୁ ରବି ଧାନ ସଂଗ୍ରହ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଜିଲାସ୍ତରରେ ଧାନ ସଂଗ୍ରହ ସକାଶେ ତାରିଖ ନିର୍ଦ୍ଧାରଣ ପାଇଁ ଏପ୍ରିଲ ଦ୍ୱିତୀୟ ସପ୍ତାହ ସୁଦ୍ଧା ଜିଲାସ୍ତରୀୟ କ୍ରୟ କମିଟି (ଡିଏଲପିସି) ବୈଠକ ଶେଷ କରିବାକୁ ସେ ରାଜ୍ୟର ସମସ୍ତ ଜିଲାପାଳଙ୍କ ଉଦ୍ଦେଶ୍ୟରେ ନିର୍ଦ୍ଦେଶ ଜାରି କରିଛନ୍ତି। ମାତ୍ର ଏଥିପାଇଁ ଚାଷୀ ଅପେକ୍ଷା କରି ବସିଥିବା ବେଳେ ସମ୍ବଲପୁରରେ ଏପ୍ରିଲ ମାସ ଶେଷ ସୁଦ୍ଧା ଡିଏଲ୍‌ପିସି ବୈଠକ କି ଏଥିପାଇଁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇନାହିଁ। ଫଳରେ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରକୃତ ଚାଷୀଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ କିଣାଯିବ ଏବଂ ଏଥିପାଇଁ ପ୍ରାଥମିକ କୃଷି ସମୟବାୟ ସମିତି (ପିଏସିଏସ୍) ଓ ବୃହତ୍ତ ଅଞ୍ଚଳ ବହୁମୁଖି ସମବାୟ ସମିତି (ଏଲ୍‌ଏଏମ୍‌ପିଏସ୍) ଗୁଡ଼ିକୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଉକ୍ତ ପିଏସିଏସ୍ ଓ ଏଲ୍‌ଏଏମ୍‌ପିଏସ୍‌ଗୁଡ଼ିକ ସହିତ ମଣ୍ଡିଗୁଡିକରେ ପାନୀୟ ଜଳ, ଛାଇ ଏବଂ ସିସିଟିଭି ଭଳି ଆନୁସଙ୍ଗିକ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ତାଙ୍କ ନିର୍ଦ୍ଦେଶନାମାରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ପଡ଼ୋଶୀ ରାଜ୍ୟରୁ ଧାନ ଅନୁପ୍ରବେଶ ରୋକିବା ପାଇଁ ସୀମାନ୍ତ ଅଞ୍ଚଳରେ କଡ଼ା ନଜର ରଖିବା ସହ ଜିଲାସ୍ତରରେ ଏକ ନିୟନ୍ତ୍ରଣ କକ୍ଷ ଖୋଲିବାକୁ ମଧ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଖରିଫ ଋତୁର ଧାନ ଏବେ ମଧ୍ୟ ମିଲ୍ ଗୋଦାମଗୁଡ଼ିକରେ ଗଦା ହୋଇ ରହିଥିବାରୁ ରବି ଧାନ ସଂଗ୍ରହ ଏହା ବାଧକ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ (ସିସିଏସ୍‌ଓ) ସୁବୋଧ ହୋତାଙ୍କୁ ପଚାରିବାରେ ଆସନ୍ତା ମେ ୧୦ ତାରିଖରୁ ସମ୍ବଲପୁର ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବା ବେଳେ ଏହାର ସୁପରିଚାଳନା ପାଇଁ ମେ ୫ ତାରିଖରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି (ଡିଏଲ୍‌ପିସି) ବୈଠକ ବସିବ ବୋଲି ସେ ସୂଚନା ଦେଇଛନ୍ତି। ଚାଷୀଙ୍କଠାରୁ ସୁରୁଖୁରୁରେ ଧାନ କିଣିବା, ମଣ୍ଡି ବ୍ୟବସ୍ଥା ଏବଂ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ସହ ଚାଷୀଙ୍କ ସମସ୍ୟାର ସମାଧାନ ସମ୍ପର୍କରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

## ସମ୍ବଲପୁରେ ଡିଏଲ୍‌ପିସି ବୈଠକ ବିଳମ୍ବ ଦୁର୍ଭାଗ୍ୟଜନକ


ବ୍ୟୋମକେଶ ଠାକୁର

ସମ୍ବଲପୁରର ଚାଷୀ ନେତା ବ୍ୟୋମକେଶ ଠାକୁର ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ଅହେତୁକ ବିଳମ୍ବକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ସରକାରୀ ନିୟମ ଅନୁଯାୟୀ ମେ ପହିଲାରୁ ଧାନ ସଂଗ୍ରହ ଆରମ୍ଭ ହେବା କଥା। କିନ୍ତୁ ଏ ପର୍ଯ୍ୟନ୍ତ ଜିଲାସ୍ତରୀୟ ସଂଗ୍ରହ କମିଟି (ଡିଏଲପିସି) ବୈଠକ ଅନୁଷ୍ଠିତ ନ ହେବା ଦୁର୍ଭାଗ୍ୟଜନକ। ଏଥିରେ ଚାଷୀମାନଙ୍କୁ ପୂର୍ବବର୍ଷ ସେମାନେ ଧାନ ସଂଗ୍ରହରେ ସମ୍ମୁଖିନ ହେଉଥିବା ଅସୁବିଧା ଉପସ୍ଥାପନ କରିବାର ଅବସର ମିଳିଥାଏ। ଯାହାଦ୍ୱାରା ପ୍ରଶାସନ ପକ୍ଷରୁ ଉକ୍ତ ସମସ୍ୟାର ସମାଧାନ କରିବାରେ ସହଜ ହୋଇଥାଏ। ସେ ଆହୁରି କହିଛନ୍ତି, ପଡ଼ୋଶୀ ଜିଲା ବରଗଡ଼ରେ ଡିଏଲ୍‌ପିସି ବୈଠକ ସହ ରବିଧାନ ସଂଗ୍ରହ ପାଇଁ ଅନ୍ୟ ସମସ୍ତ ଆନୁସଙ୍ଗିକ ପ୍ରସ୍ତୁତି ଶେଷ ହୋଇସାରିଛି। ଆସନ୍ତା ମେ ୧୧ ତାରିଖରୁ ଏଠାରେ ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲିବାକୁ ଦିନ ମଧ୍ୟ ଧାର୍ଯ୍ୟ ହୋଇସାରିଛି। ମାତ୍ର ସମ୍ବଲପୁର ପ୍ରଶାସନର ନୀରବତା ଚାଷୀଙ୍କ ମଧ୍ୟରେ ରବି ଧାନ ସଂଗ୍ରହକୁ ନେଇ ଅନିଶ୍ଚିତତା ସୃଷ୍ଟି କରୁଛି। କାରଣ ଧାନ ସଂଗ୍ରହ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ଅତିକମରେ ୧୫ରୁ ୨୦ ଦିନ ସମୟ ଲାଗିଥାଏ। ବର୍ତ୍ତମାନର ବିଳମ୍ବ ଚାଷୀଙ୍କୁ ସମସ୍ୟାରେ ପକାଇବ। ବିଶେଷ କରି ଜୁନ୍ ମଧ୍ୟଭାଗରେ ମୌସୁମୀ ବର୍ଷା ଆସିବା ପୂର୍ବରୁ ଯଦି ଧାନ ବିକ୍ରି ସମ୍ପୂର୍ଣ୍ଣ ନ ହୁଏ, ତେବେ ଚାଷୀମାନେ ବ୍ୟାପକ କ୍ଷତିର ସମ୍ମୁଖିନ ହେବା ଆଶଙ୍କା ରହିଛି। ତେଣୁ ଏହି ସମ୍ବେଦନଶୀଳ ସ୍ଥିତିକୁ ଦୃଷ୍ଟିରେ ରଖି ଏପ୍ରିଲ୍ ୩୦ ତାରିଖ ସୁଦ୍ଧା ସମସ୍ତ ସରକାରୀ ପ୍ରକ୍ରିୟା ଶେଷ କରି ତୁରନ୍ତ ମଣ୍ଡି ଖୋଲିବା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବା ଉଚିତ ବୋଲି ସେ କହିଛନ୍ତି।

# ଜାତୀୟ କୁସ୍ତି ପ୍ରତିଯୋଗିତାରେ ଭାଗନେବେ ପ୍ରୀତି

**ଓଡ଼ିଶାର ପ୍ରତିନିଧି ଭାବେ ମହାରାଷ୍ଟ୍ର ଗସ୍ତ**


ପ୍ରୀତି ମିର୍ଦ୍ଧା

**ସମ୍ବଲପୁର,୨୬।୪ (ପ୍ରମୋଦ ବହିଦାର)**

ମହାରାଷ୍ଟ୍ରର ଔରଙ୍ଗାବାଦରେ ହେବାକୁ ଥିବା ୧୭ ବର୍ଷରୁ କମ ଜାତୀୟ କୁସ୍ତି ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇ ପ୍ରୀତି ମିର୍ଦ୍ଧା ସମ୍ବଲପୁର ପାଇଁ ଗୌରବ ଆଣି ଦେଇଛନ୍ତି। ଚଳିତ ମାସ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଓଡ଼ିଶାର ପ୍ରତିନିଧି ଭାବେ ସମ୍ବଲପୁରର ପ୍ରୀତି ମିର୍ଦ୍ଧା ରବିବାର ମହାରାଷ୍ଟ୍ରର ଔରଙ୍ଗାବାଦ ଗସ୍ତ କରିଛନ୍ତି। ସେ ନିଜର ପ୍ରଶିକ୍ଷିକା ପୁଷ୍ପାଞ୍ଜଳି ସାହୁଙ୍କ ସହ ଭୁବନେଶ୍ୱରରୁ ଓଡ଼ିଶା ଦଳ ସହିତ ଯାତ୍ରା କରିଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ସେ ମହିଳା ୬୧ କେଜି ବର୍ଗରେ ନିଜର କ୍ରୀଡ଼ା ନୈପୂଣ୍ୟ ପ୍ରଦର୍ଶନ କରିବେ। ସୂଚନାଯୋଗ୍ୟ, ପ୍ରୀତି ପୂର୍ବରୁ ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରି ଓଡ଼ିଶା ଦଳ ପାଇଁ ଏକମାତ୍ର ଖେଳାଳି ଭାବେ ମନୋନୀତ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଜିଲା କୁସ୍ତି ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା, ରାଜ୍ୟ କୁସ୍ତି ସଂଘର ସାଧାରଣ ସମ୍ପାଦକ କିଶୋର ବେହେରା, ସଞ୍ଜୀବ ପଟ୍ଟନାୟକ, ପ୍ରଶିକ୍ଷକ ସ୍ୱାଗତ କୁମାର ଘଡାଇ, ଦିବ୍ୟ କରିସ୍ମା ପୃଷ୍ଟି ଓ ଗାୟତ୍ରୀ ମିଶ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ସୁବ୍ରତ ପଣ୍ଡା, ରାମଦାସ ପଣ୍ଡା, ଲକ୍ଷ୍ମଣ କୁମାର ମେହେର, ତ୍ରିଲୋଚନ ରାଏ, ସନ୍ତୋଷ ସାହା, ଅରୁଣ କୁମାର ଅଜାଡିଓ୍ୱାଲ, ଶୁନୋ ପ୍ରସାଦ ସୋନାର, ସମୀର ବିଶ୍ୱାଳ ପ୍ରମୁଖ ପ୍ରୀତିଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଜାତୀୟସ୍ତରରେ ସଫଳତା ଅର୍ଜନ ପାଇଁ ଶୁଭକାମନା ଜଣାଇଛନ୍ତି।

# ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦରରେ ମଦ ବିକ୍ରି ଅଭିଯୋଗ

**କୁଚିଣ୍ଡା,୨୬।୪(ବିରଞ୍ଚି ଦର୍ଗା)**

ସମ୍ବଲପୁର ଜିଲା ବାମରାଠାରେ ଥିବା ବିଦେଶୀ ମଦ ଦୋକାନରେ ଧାର୍ଯ୍ୟ ମୂଲ୍ୟଠାରୁ ବୋତଲ ପ୍ରତି ୬୦ ଟଙ୍କା ଅଧିକ ନିଆଯାଉଛି। ଏ ନେଇ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ଅବକାରୀ ବିଭାଗର କୌଣସି ଅଙ୍କୁଶ ରହୁନାହିଁ। ଫଳରେ ପ୍ରତିଦିନ ଗ୍ରାହକ ଓ ଦୋକାନୀଙ୍କ ମଧ୍ୟରେ ଯୁକ୍ତିତର୍କ ହେଉଥିବା ଏକ ଭିଡିଓ ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି।

ସୂଚନା ଅନୁଯାୟୀ, ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡର ବାମରା, କୁଚିଣ୍ଡା ଓ ଜମନକିରାରେ ଥିବା ଲାଇସେନ୍ସ ପ୍ରାପ୍ତ ବିଭିନ୍ନ ବିଦେଶୀ ମଦ ଦୋକାନରେ ଗ୍ରାହକଙ୍କଠାରୁ ମଦ ବୋତଲ ଉପରେ ଉଲ୍ଲେଖ ଥିବା ଧାର୍ଯ୍ୟ ମୂଲ୍ୟଠାରୁ ଦୋକାନୀମାନେ ଅଧିକ ଅର୍ଥ ନେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ବିଶେଷକରି ୯୦ ଏମଏଲ, ୧୮୦ ଏମଏଲ ଓ ୩୬୦ ଏମଏଲ ବୋତଲରେ ୧୦ରୁ ୬୦ ଟଙ୍କା ପର୍ଯ୍ୟନ୍ତ ଅଧିକ ମୂଲ୍ୟ ନିଆଯାଉଛି। ଭାରତ ସରକାରଙ୍କ ୨୦୦୯ ଲିଗାଲ ମେଟ୍ରୋଲୋଜି ଆକ୍ଟ ଓ ୨୦୧୯ କଞ୍ଜ୍ୟୁମର ପ୍ରୋଟେକ୍ସନ ଆକ୍ଟ ଅନୁଯାୟୀ, କୌଣସି ସାମଗ୍ରୀ ଉପରେ ଉଲ୍ଲେଖ ଥିବା ଏମ୍‌ଆରପିଠାରୁ ଅଧିକ ମୂଲ୍ୟ ଆଦାୟ କରିବା ବେଆଇନ ଅଟେ। ଏହି ଆଇନ ଅନୁସାରେ ଏମ୍‌ଆର୍‌ପିଠାରୁ ଅଧିକ ମୂଲ୍ୟ ନେବା ଦଣ୍ଡନୀୟ ଅପରାଧ ଓ ଏଥିପାଇଁ ଜରିମାନା ସହ ଲାଇସେନ୍ସ ବାତିଲ ହେବାର ପ୍ରାବଧାନ ରହିଛି। ସେହିପରି ଓଡ଼ିଶା ଅବକାରୀ ନିୟମ ଅନୁସାରେ ମଦ ଦୋକାନୀ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ମଦ ବିକ୍ରି କରିବାକୁ ବାଧ୍ୟ ଏବଂ ଗ୍ରାହକଙ୍କଠାରୁ ଅଧିକ ଅର୍ଥ ଆଦାୟ କଲେ ଅବକାରୀ ନିୟମ ଉଲ୍ଲଂଘନ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି। ଅଭିଯୋଗ ପ୍ରମାଣିତ ହେଲେ ଦୋକାନୀଙ୍କ ବିରୋଧରେ ଜରିମାନା, ଲାଇସେନ୍ସ ସ୍ଥଗିତ କିମ୍ବା ବାତିଲ ହେବାର ପ୍ରବଧାନ ରହିଛି। ଏପରିସ୍ଥଳେ ଅବକାରୀ ବିଭାଗର ମଦ ଦୋକାନୀଙ୍କ ପ୍ରତି କୌଣସି ଲଗାମ ରହୁ ନଥିବାରୁ ବାମରା ଠାରେ ବିଦେଶୀ ମଦ ଦୋକାନୀ ଗ୍ରାହକଙ୍କୁ ଏଭଳି ଲୁଟ କରୁଥିବା ଦେଖିବାକୁ ମିଳିଛି। ମଦ ବୋତଲରେ ଦର ଉଲ୍ଲେଖ ରହିଥିଲେ ହେଁ ବାସ୍ତବରେ ମଦ ଦୋକାନୀ ୬୦ ଟଙ୍କା ଅଧିକ ମାଗିବାରୁ ଗ୍ରାହକ ଜଣକ ଏହାକୁ ବିରୋଧ କରିଥିଲେ। ମାତ୍ର ଅବକାରୀ ବିଭାଗ ଏ ସମ୍ପର୍କରେ ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବାରୁ ଏପରି ଜଟିଳ ପରିସ୍ଥିତି ଉପୁଜୁଥିବା କୁହାଯାଇଛି। ଏ ନେଇ ସମ୍ପୃକ୍ତ ଦୋକାନୀଙ୍କୁ ପଚାରିବାରେ ମଦ ଉପରେ ଏକ୍ସ ସାଇଜ ଡ୍ୟୁଟି ବଢିଥିବାରୁ ମଦ ମୂଲ୍ୟ ବୃଦ୍ଧି ହୋଇଥିବା କହିଛନ୍ତି। ଏ ସମ୍ପର୍କରେ ବାମରା ଅବକାରୀ ଏସ୍‌ଆଇ ଡୋଳେଶ୍ୱର କୁମୁରାଙ୍କୁ ପଚାରିବାରେ ମଦ କମ୍ପାନୀ ପୁରୁଣା ଏମ୍‌ଆର୍‌ପି ଥିବା ମଦ ଯୋଗାଉଥିବାରୁ ଏପରି ପରିସ୍ଥିତି ଉପୁଜିଛି ବୋଲି ସେ କହିଛନ୍ତି।

# ଛାତ୍ରୀଛାତ୍ରଙ୍କ ମୋବାଇଲ ସ୍ୱଳ୍ପ ବ୍ୟବହାରକୁ ଗୁରୁତ୍ୱ


ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିରରେ ଛାତ୍ରୀଛାତ୍ର ଓ ପ୍ରଶିକ୍ଷକ।

**ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର**

**ସମ୍ବଲପୁର,୨୬।୪ (ବି.ଶଙ୍କର)**

ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର ଶନିବାର ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାରସ୍ଥିତ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ପ୍ରାର୍ଥନା ପରେ ବିଶିଷ୍ଟ ଯୋଗଗୁରୁ ଡା. ଜୟଦେବ ମେହେର ସ୍ୱାସ୍ଥ୍ୟରକ୍ଷା ପାଇଁ ବିଭିନ୍ନ ଯୋଗ ଓ ପ୍ରାଣାୟାମ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ପରେ ପ୍ରଥମ ଅଧିବେଶନ ଉତ୍ତମ ଚରିତ୍ର ଗଠନ ଓ ଚକ୍ଷୁର ଯତ୍ନ ବିଷୟରେ ଆଲୋଚନା ହୋଇଥିଲା। ଡା. ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଡ.ମୀନକେତନ ପାଠୀ ପ୍ରଶିକ୍ଷକ ଭାବେ ଯୋଗଦେଇ ବିଭିନ୍ନ ଉଦାହରଣ ମାଧ୍ୟମରେ ଜୀବନରେ ସତ୍ୟର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଆଖିର ଯତ୍ନ ସମ୍ପର୍କରେ ବିଶିଷ୍ଟ ଚକ୍ଷୁରୋଗ ବିଶେଷଜ୍ଞ ଡା. ସୁରେଶ ଚନ୍ଦ୍ର ଦାନୀ ଆଲୋଚନା କରିଥିଲେ। ମୋବାଇଲ ସ୍ୱଳ୍ପ ବ୍ୟବହାର ଓ ପ୍ରଦୂଷଣଠାରୁ ଦୂରେଇ ରହିବା ପାଇଁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଛାତ୍ରୀଛାତ୍ରମାନେ ଅଧିକ ମୋବାଇଲ ବ୍ୟବହାର କରିବା ଉଚିତ ନୁହେଁ। ଅତ୍ୟଧିକ ମୋବାଇଲ ବ୍ୟବାହାର ଦ୍ୱାରା ଚକ୍ଷୁ ଉପରେ ମାତ୍ରାଧିକ ଭାବେ ଚାପ ପଡିଥାଏ। ଏହି ଅବସରରେ ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାରର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର, ବରିଷ୍ଠ ସଭ୍ୟା ପ୍ରଫେସର ନିଳେନ୍ଦ୍ରୀ ପଣ୍ଡା, ବରିଷ୍ଠ ଖବରଦାତା ଅର୍ଜୁନ ରଞ୍ଜନ ପଣ୍ଡା, ସାମାଜିକ କର୍ମୀ ପ୍ରଫେସର ନିରୁପମା ବଡ଼ପଣ୍ଡା ଓ ମୁକ୍ତକଣ୍ଠ ପ୍ରଧାନ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ସଂଯୋଜକ ଶିବ ଶଙ୍କର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଦସ୍ୟ ହରି ନାରାୟଣ ପଣ୍ଡା, ଡ. ଗିରିଧାରୀ ହୋତା, ଉଦିତ ଚନ୍ଦ୍ର ପଟ୍ଟଯୋଶୀ ଏବଂ ଗ୍ରନ୍ଥାଗାରର ସହକାରୀ ବିଜୟ କୁମାର ସାହୁ ସହାୟତା କରିଥିଲେ। ଶିବିରରେ ଏଥିରେ ୩୦ ଉଚ୍ଚ ବିଦ୍ୟାଳୟର ୫୨ଜଣ ଶିକ୍ଷାର୍ଥି ଯୋଗଦେଇଥିଲେ ।

# ହିନ୍ଦୁତ୍ୱ ହିଁ ସର୍ବ ସମାବେଶୀ ଅଟେ


ସ୍ୱାମୀ ଜୀବନ ଚୈତନ୍ୟ ମୁକ୍ତାନନ୍ଦ ପୁରିଜୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

**ଆର୍‌ଏସ୍‌ଏସ୍ ପକ୍ଷରୁ ନାଗରିକ ସଂଗୋଷ୍ଠୀ କାର୍ଯ୍ୟକ୍ରମ**

**କୁଚିଣ୍ଡା, ୨୬।୪ (ବିରଞ୍ଚି ଦର୍ଗା)**

ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ପ୍ରେକ୍ଷାଳୟରେ ରବିବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଗ୍ରାମୀଣ ଜିଲା ପକ୍ଷରୁ ନାଗରିକ ସଂଗୋଷ୍ଠୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା, ଜମନକିରା, ବାମରା ଓ ଲଇଡା ଅଞ୍ଚଳର ପ୍ରମୁଖ ନେତୃବର୍ଗଙ୍କ ସମେତ କୃଷକ, ଶିକ୍ଷକ, ଅଧ୍ୟାପକ, ଡାକ୍ତର, ଇଞ୍ଜିନିୟର, ଓକିଲ, କଳାକାର, କ୍ରୀଡାବିତ ଓ ସାମାଜିକ କର୍ମୀମାନେ ଯୋଗଦେଇଥିଲେ। ପୂଜ୍ୟ ସ୍ୱାମୀ ଜୀବନ ଚୈତନ୍ୟ ମୁକ୍ତାନନ୍ଦ ପୁରିଜୀ ମହାରାଜଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ଜିଲା ସଂଘ ଚାଳକ ରଙ୍ଗାଧର ଶର୍ମା ଅଧ୍ୟକ୍ଷତା କରିଥିଲେ। ପ୍ରାନ୍ତପ୍ରଚାର ପ୍ରମୁଖ ମହେଶ୍ୱର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ହିନ୍ଦୁତ୍ୱ ହିଁ ସର୍ବ ସମାବେଶୀ ଅଟେ। ଭାରତବର୍ଷର ଉତଥାନରେ ବିଶ୍ୱଶାନ୍ତି ସ୍ଥାପନ ହୋଇ ସଂଘ ସମାଜର ସାମଗ୍ରୀକ ବିକାଶ ପାଇଁ କାର୍ଯ୍ୟ କରୁଛି ବୋଲି କହିଥିଲେ। ଏହାଛଡ଼ା ସମସ୍ତଙ୍କ ସହଯୋଗ ରହିଲେ ଭାରତ ପୁଣି ବିଶ୍ୱଗୁରୁ ହେବ ବୋଲି ଆହ୍ୱାନ ଦେଇଥିଲେ। ଜିଲା କାର୍ଯ୍ୟବାହ ଲକ୍ଷ୍ମୀଧର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ଦୟାସାଗର ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ରିଷନ ଦେଓ, ରୋଶନ ସାହୁ, ସ୍ୱସ୍ତିକ ଶର୍ମା, ଯୋଗେଶ ନାଏକ, ଯଦୁମଣି ସେଠ, ଅତୁଲ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

# ବିଶ୍ୱବିଦ୍ୟାଳୟ ଜୀବନ ଗଠନର ଶିକ୍ଷା ଦେଇଛି

■ ଏସ୍‌ୟୁ ପ୍ରଦର୍ଶନ ବିଭାଗ ପକ୍ଷରୁ ଅନ୍ତରାୟ କାର୍ଯ୍ୟକ୍ରମ
■ ପ୍ରଦର୍ଶନ ବିଭାଗ ନବକଳେବର ହେବ

**ସମ୍ବଲପୁର,୨୬।୪ (ବି.ଶଙ୍କର)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସୟୁ)ର ପ୍ରଦର୍ଶନ ବିଭାଗ ପକ୍ଷରୁ ଅନ୍ତରାୟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ପ୍ରଦୀପ କୁମାର ନାୟକ ସମ୍ମାନୀତ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଦର୍ଶନ କଳା ବିଭାଗର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହାତକୁ ନିଆଯାଉଛି। ଏହି ବିଭାଗର ନବ କଳେବର କରିବା ଉଦ୍ଦେଶ୍ୟରେ ଏକ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇ, ଏ ଦିଗରେ ତୁରନ୍ତ କାର୍ଯାରମ୍ଭ ହେବ। କୌଣସି ବିଦାୟକାଳୀନ କାର୍ଯ୍ୟକ୍ରମ ଆଉ ଏକ ଆରମ୍ଭର ସୂତ୍ରପାତ କରିଥାଏ। ଏଠାରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନେ ଏହି ଅନୁଷ୍ଠାନ ସହ ଯୋଡ଼ି ହୋଇ ନିଜର କ୍ୟାରିୟର ଗଢ଼ିବା ସହ ଏହି ପ୍ରଦର୍ଶନ କଳା ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଉନ୍ନତି ସାଧନରେ ସକ୍ରିୟ ସହଯୋଗ ଜାରି ରଖିବା ଉଚିତ ବୋଲି କୁଳ ସଚିବ ପ୍ରଫେସର ନାୟକ ମତବ୍ୟକ୍ତ କରିଛନ୍ତି। ବିଭାଗୀୟ ସଂଯୋଜକ ପ୍ରଫେସର ଗୋପୀନାଥ ବାଗ କହିଥିଲେ, ପୁରାତନ ଛାତ୍ରୀଛାତ୍ରମାନେ ବିଭାଗର ଭବିଷ୍ୟତର ସମସ୍ତ କାର୍ଯ୍ୟକ୍ରମ ଓ ଉନ୍ନତିରେ ସାମିଲ ରହିବା ଉଚିତ। ସେମାନେ ହିଁ ଏହି ବିଭାଗ, ବିଶ୍ୱବିଦ୍ୟାଳୟର ପରିଚୟ ସୃଷ୍ଟି କରନ୍ତି ଓ ଗୌରବ ବାଣ୍ଟିଥାନ୍ତି। ଏହି ବିଭାଗର ପୁରାତନ ଛାତ୍ରୀଛାତ୍ର ସଂଘରେ ସାମିଲ ହୋଇ ବିଭାଗର ପ୍ରଗତିରେ ଅଂଶୀଦାର ହୋଇପାରିବେ। କାର୍ଯ୍ୟକ୍ରମର ଆରମ୍ଭରେ ଦୀପାନ୍ୱିତା ବସୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅତିଥିମାନେ ପ୍ରଥମେ ମା' ସମଲେଶ୍ୱରୀଙ୍କ ପ୍ରତିମା ସମ୍ମୁଖରେ ଦ୍ୱୀପ ପ୍ରଜ୍ୱଳନ କରି ସ୍ୱସ୍ତିବାଚନ କରିଥିଲେ। ବିଭାଗର ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମେ ବିଭିନ୍ନ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ପରେ ବିଭିନ୍ନ ରଙ୍ଗାରଙ୍ଗ ଗୀତ, ବାଦ୍ୟ ନୃତ୍ୟ ଓ ନାଟ୍ୟ ପରିବେଷଣ କରାଯାଇଥିଲା। ଶେଷ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ସ୍ମୃତିରୋମନ୍ଥନ କରିବା ସହ ଏହି ବିଭାଗ ଓ ବିଶ୍ୱବିଦ୍ୟାଳୟ ସେମାନଙ୍କୁ ଜୀବନ ଗଠନର ଶିକ୍ଷା ଦେଇଛି ବୋଲି କହିଥିଲେ। ଏହାସହ ଜୀବନ ଓ କର୍ମରେ ସାହାଯ୍ୟ କରିବ ବୋଲି ସେମାନେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ସପନ ମିଶ୍ର, ଡ. କୃପାସିନ୍ଧୁ ମହାନ୍ତ, ଡ. ଚନ୍ଦ୍ରକାନ୍ତ ମହାନନ୍ଦ, ଅରବିନ୍ଦ ପଣ୍ଡା, ଜ୍ୟୋତିରେଖା ତ୍ରିପାଠୀ, ସେକ୍ସନ୍ ଅଫିସର ପୁରୁଷୋତ୍ତମ ସାହୁ, କର୍ମଚାରୀ ପ୍ରମୋଦ ମହନ୍ତମ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ଗାୟତ୍ରୀ ମେହେର, ପାୟଲ ଭୋଇ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ଏସ୍‌ୟୁ ପ୍ରଦର୍ଶନ ବିଭାଗ ପକ୍ଷରୁ ଆୟୋଜିତ ଅନ୍ତରାୟ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

# ମହିଳା ସଂରକ୍ଷଣକୁ ନେଇ ଭାଜପାର କୁମ୍ଭୀରକାନ୍ଦଣା

■ ସମ୍ବଲପୁରରେ ଭାଜପାକୁ କଂଗ୍ରେସର ତୀବ୍ର ସମାଲୋଚନା
■ ୨୦୨୩ରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ପାରିତ ହୋଇଥିଲା
■ ୨୦୨୪ ନିର୍ବାଚନରେ କାର୍ଯ୍ୟକାରୀ କଲାନାହିଁ ଭାଜପା


ସମ୍ବଲପୁର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ଓ ଡିସିସି କର୍ମକର୍ତ୍ତା।

**ସମ୍ବଲପୁର, ୨୬।୪ (ପ୍ରମୋଦ ବହିଦାର)**

ମହିଳା ସଂରକ୍ଷଣ ବିଲ୍‌କୁ ନେଇ ଶାସକ ଭାଜପା ଓ ବିରୋଧୀ କଂଗ୍ରେସ ମଧ୍ୟରେ ରାଜନୈତିକ ଲଢ଼େଇ ତେଜିବାରେ ଲାଗିଛି। ଭାଜପା ମହିଳାମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛି। ଏଭଳି ଅଭିଯୋଗ କରି କଂଗ୍ରେସ ପକ୍ଷରୁ ଭାଜପାକୁ ତୀବ୍ର ସମାଲୋଚନା କରାଯାଇଛି। ମହିଳା ସଂରକ୍ଷଣ ବିଲ୍ କାର୍ଯ୍ୟକାରୀ କରିବାରେ କେନ୍ଦ୍ର ସରକାରଙ୍କ ଅହେତୁକ ବିଳମ୍ବ ଓ ଟାଳଟୁଳ ନୀତିର ପ୍ରତିବାଦ କରିଛି କଂଗ୍ରେସ। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲା କଂଗ୍ରେସ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ଉପାଧ୍ୟକ୍ଷା ସସ୍ମିତା ବେହେରା ଯୋଗଦେଇ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରି କହିଥିଲେ, ୨୦୨୩ ସେପ୍ଟେମ୍ବରରେ 'ନାରୀ ଶକ୍ତି ବନ୍ଦନ' ଅଧିନିୟମ ସଂସଦରେ ପାରିତ ହୋଇସାରିଥିଲେ ସୁଦ୍ଧା ଏହାକୁ ୨୦୨୪ ନିର୍ବାଚନରେ କାର୍ଯ୍ୟକାରୀ ନ କରିବା ଦେଶର ନାରୀଙ୍କ ପ୍ରତି କେନ୍ଦ୍ର ଭାଜପା ସରକାରଙ୍କ ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମହିଳାଙ୍କୁ ସଂସଦରେ ୧୮୧ଟି ଆସନ ମିଳିବାରୁ ବଞ୍ଚିତ କରିବା ପାଇଁ ଭାଜପା ଏହି ଅଧିନିୟମକୁ ସୀମା ନିର୍ଦ୍ଧାରଣ ବା ଡିଲିମିଟେସନ ସହ ଯୋଡ଼ି ଅଧିକ ଜଟିଳ କରିଦେଇଛି। ସେ ପୁଣି କହିଥିଲେ ତଥ୍ୟ ଅନୁସାରେ କଂଗ୍ରେସ ତୁଳନାରେ ଭାଜପା କମ୍ ମହିଳାଙ୍କୁ ଲୋକ ସଭାକୁ ପଠାଇଛି। ତଥାପି ନିଜକୁ ମହିଳା ହିତୈଷୀ କହିବା ଅତ୍ୟନ୍ତ ହାସ୍ୟାସ୍ପଦ। ସେହିପରି ଏହି ପ୍ରସଙ୍ଗରେ ଐତିହାସିକ ପୃଷ୍ଠଭୂମିକୁ ମନେପକାଇ ମହିଳାମାନଙ୍କ ଅଧିକାରକୁ ନେଇ କଂଗ୍ରେସର ଅବଦାନ ଉପରେ ସେ ଆଲୋକପାତ କରିଥିଲେ। ୧୯୮୯ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ପ୍ରଥମ କରି ପଞ୍ଚାୟତିରାଜ ଓ ପୌର ନିର୍ବାଚନରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଆରମ୍ଭ କରିଥିଲେ। ଯାହା ଦ୍ୱାରା ଆଜି ଦେଶରେ ୧୫ ଲକ୍ଷରୁ ଅଧିକ ମହିଳା ପ୍ରତିନିଧି ଅଛନ୍ତି, ଯାହାକୁ ମହିଳା ସଶକ୍ତୀକରଣ ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ବିବେଚନା କରାଯାଏ। ପରବର୍ତ୍ତୀ ସମୟରେ ୨୦୧୦ରେ ଡ. ମନମୋହନ ସିଂହଙ୍କ ନେତୃତ୍ୱାଧୀନ ତତ୍କାଳୀନ ୟୁପିଏ ସରକାର ରାଜ୍ୟ ସଭାରେ ମହିଳା ସଂରକ୍ଷଣ ବିଲ୍ ପାସ୍ କରାଇଥିଲେ ମଧ୍ୟ ସେତେବେଳେ ଭାଜପା ସମେତ ଅନ୍ୟ କେତେଗୋଟି ଦଳର ବିରୋଧ ଯୋଗୁ ଏହା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହୋଇପାରି ନ ଥିଲା। ବର୍ତ୍ତମାନର ଭାଜପା ସରକାର କେବଳ ନିର୍ବାଚନକୁ ଆଖି ଆଗରେ ରଖି ନୂଆ ନାମରେ ଏହି ବିଲ୍ ଆଣିଥିଲେ ହେଁ ଜନଗଣନା ଓ ସୀମା ନିର୍ଦ୍ଧାରଣ ବାହାନାରେ ଏହାକୁ ୨୦୨୯ ପର୍ଯ୍ୟନ୍ତ ଘୁଞ୍ଚାଇ ଦେବା ମହିଳାମାନଙ୍କ ପ୍ରତି ଏକ ପ୍ରତାରଣା। ଏହି ବିଲ୍ ପଛରେ ସୀମା ନିର୍ଦ୍ଧାରଣ ବା ଡିଲିମିଟେସନ୍ ଜରିଆରେ ଓଡ଼ିଶା, ତାମିଲନାଡୁ ଓ କେରଳ ଭଳି ରାଜ୍ୟର କ୍ଷମତା ହ୍ରାସ କରିବା ଦିଗରେ ଭାଜପାର ଏକ ଗୁପ୍ତ ଅଭିସନ୍ଧି ସ୍ପଷ୍ଟ ବାରି ହୋଇପଡୁଛି। ଅନ୍ୟପକ୍ଷେ ବିଲକିସ ବାନୋ, ଉନ୍ନାଓ ଓ ମଣିପୁର ପରି ଘଟଣାରେ ପ୍ରଧାନମନ୍ତ୍ରୀଙ୍କ ନୀରବତା ଏବଂ ବିରୋଧୀ ଦଳର ମହିଳା ନେତ୍ରୀଙ୍କ ପ୍ରତି ବ୍ୟବହୃତ ଅଶାଳୀନ ମନ୍ତବ୍ୟ ଭାଜପାର ପ୍ରକୃତ ମହିଳା–ବିରୋଧୀ ଚେହେରାକୁ ପଦାରେ ପକାଇଛି। ତେବେ ମହିଳାଙ୍କୁ ସଂସଦ ଓ ବିଧାନସଭାରେ ତୁରନ୍ତ ସଂରକ୍ଷଣ ପ୍ରଦାନ କରିବା ସହ ଓବିସି ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି। ସମ୍ବଲପୁର ଜିଲା କଂଗ୍ରେସ କମିଟି ସଭାପତି ଅମିତ କୁମାର ଗୁରୁଙ୍କ ନେତୃତ୍ୱରେ ଆୟୋଜିତ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଜୟଶଙ୍କର ମିଶ୍ର, ନିଖତ ପରୱିନ୍, ବିଜୟାଲକ୍ଷ୍ମୀ ବେହେରା, ରବି ରାଉତ, ସଞ୍ଜୀବ ଗର୍ଡିଆ, ଜିତେନ୍ ମହାନନ୍ଦ ପ୍ରମୁଖ ବହୁ ବରିଷ୍ଠ କଂଗ୍ରେସ କର୍ମକର୍ତ୍ତା ଯୋଗଦେଇ ଆଗାମୀ ଦିନରେ ଏହି ଲଢ଼େଇକୁ ଜୋରଦାର କରିବାକୁ ଆହ୍ୱାନ ଦେଇଛନ୍ତି।

JSW JFE

JSW JFE Steel Limited

(Formerly Known as JSW Sambalpur Steel Limited)



ଶ୍ରୀ ନରେନ୍ଦ୍ର ମୋଦୀ
ମାନ୍ୟବର ଭାରତର ପ୍ରଧାନମନ୍ତ୍ରୀ

# ଆଗକୁ ବଢୁଥିବା ପଦକ୍ଷେପ ସାଥିରେ ଅଧିକ ଶକ୍ତିଶାଳୀ




**ବାମରୁ ଡାହାଣ:** ଶ୍ରୀ ଜୟନାରାୟଣ ମିଶ୍ର, ମାନ୍ୟବର ବିଧାୟକ – ସମ୍ବଲପୁର, ଶ୍ରୀ ଟଙ୍କଧର ତ୍ରିପାଠୀ, ମାନ୍ୟବର ବିଧାୟକ – ଝାରସୁଗୁଡା, ଶ୍ରୀ ରବି ନାରାୟଣ ନାୟକ, ମାନ୍ୟବର ଗ୍ରାମୀଣ ବିକାଶ, ପଞ୍ଚାୟତୀ ରାଜ ଓ ପାନୀୟ ଜଳ ମନ୍ତ୍ରୀ, ଓଡିଶା, ଶ୍ରୀ ସୁରେଶ ପୁଜାରୀ, ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡିଶା, ମହାମହିମ ଶ୍ରୀ ଓନୋ କେଇଚି, ଭାରତରେ ଜାପାନର ରାଜଦୂତ, ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଭାରତ ସରକାର, ଶ୍ରୀ ମୋହନ ଚରଣ ମାଝି, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡିଶା, ଶ୍ରୀ ସଜ୍ଜନ ଜିନ୍ଦଲ, ଅଧ୍ୟକ୍ଷ, JSW Group, ଶ୍ରୀ ଯୋଶିହିସା କିତାନୋ, ପ୍ରେସିଡେଣ୍ଟ ଓ CFO, JFE Holdings, Inc., ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟ ଶାସନ ସଚିବ, ଓଡିଶା, ଶ୍ରୀ ପାର୍ଥ ଜିନ୍ଦଲ, MD, JSW Cement ଓ JSW Paints ଏବଂ ଅଧ୍ୟକ୍ଷ, JSW Dulux, ଶ୍ରୀ ଜୟନ୍ତ ଆଚାର୍ଯ୍ୟ, JMD ଓ CEO, JSW Steel, ଶ୍ରୀ ହିରୋୟୁକି ଓଗାୱା, ବୋର୍ଡ ଅଫ ଡାଇରେକ୍ଟର, JFE Steel Corporation

## ଭାରତର ଇସ୍ପାତ ଭବିଷ୍ୟତକୁ ଶକ୍ତି ଦେବା ପାଇଁ JSW Steel ଏବଂ JFE Steel ଏକତ୍ର - ଓଡ଼ିଶାରେ 10 MTPA କ୍ଷମତା ର ଏକ ପରିକଳ୍ପନା

ବିଶ୍ୱର ଶ୍ରେଷ୍ଠ ଇସ୍ପାତ ନିର୍ମାତା ମାନଙ୍କ ମଧ୍ୟରୁ ଦୁଇଟି, JSW Steel ଏବଂ JFE Steel ମଧ୍ୟରେ ଏକ ଯୁଗାନ୍ତକାରୀ 50:50 ମିଳିତ ଉଦ୍ୟୋଗ ।

ଓଡ଼ିଶାର ସମ୍ବଲପୁର ରେ ଅବସ୍ଥିତ ଏହି କାରଖାନାର କ୍ଷମତା 4.5 MTPA ରୁ 10 MTPA ଓ ଅଧିକ ପର୍ଯ୍ୟନ୍ତ ବୃଦ୍ଧି ପାଇବ ଯାହା ହଜାର ହଜାର ନିଯୁକ୍ତି ଓଡ଼ିଶାକୁ ଏକ ସମୃଦ୍ଧ ଶିଳ୍ପ ପରିସଂସ୍ଥାନ ଭାବେ ସୁଦୃଢ଼ କରିବ

**ଏକ ଅଧିକ ଶକ୍ତିଶାଳୀ ଆତ୍ମନିର୍ଭର ଭାରତ ଗଢିବା ଦିଗରେ ଆଉ ଏକ ପଦକ୍ଷେପ ।**



# ଆଜି କ'ଣ କେଉଁଠି

## କଟକ

- ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଟାଙ୍ଗୀ ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ଡମପଡା ବ୍ଲକ ବିଡ଼ିଓଙ୍କ ଜନ ଶୁଣାଣି ଅଭିଯୋଗ, ସ୍ଥାନ: ଦୁଲଣାପୁର ଗ୍ରାମ ପଞ୍ଚାୟତ ପରିସର, ବାଙ୍କୀ, ସମୟ: ସକାଳ ୮ଟା।
- କଟକ ମହାନଗର ଓଡ଼ିଆ ଦରଜୀ ଜାତି ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀଶ୍ରୀ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।
- ଓମ୍ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଗୋପାଳପୁର, ସମୟ: ଅପରାହ୍ନ ୫ଟା।
- ଶ୍ରୀଶ୍ରୀ ଜଗନ୍ନାଥ ସେବାୟତ ସଂଘ ପକ୍ଷରୁ ଶ୍ରୀଶ୍ରୀରାମକଥା ପ୍ରବଚନର ଉଦ୍‌ଯାପନୀ ଦିବସ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପରିସର, ଚାନ୍ଦିନୀଚୌକ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ବ୍ଲକ କାର୍ଯ୍ୟାଳୟ, ବାହାନଗା, ସମୟ : ସକାଳ ୭ଟା।
- ଡ. ମନୋଜ ଦାସଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ : ମନ୍ମଥ-ମନୋଜ ସ୍ମାରକୀ ସ୍ଥଳ, ଶଙ୍ଖାରୀ, ଭୋଗରାଇ, ସମୟ : ସକାଳ ୮ଟା।
- ଗୋ ମାତା ସୁରକ୍ଷା ସଂଘ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ରସିଦପୁର ଶ୍ରୀଜଗନ୍ନାଥ ମନ୍ଦିର, ଭୋଗରାଇ, ସମୟ : ସକାଳ ୮ଟା ୩୦।
- ଗୋ ମାତା ସୁରକ୍ଷା ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ, ସ୍ଥାନ : ତହସିଲ କାର୍ଯ୍ୟାଳୟ, ଭୋଗରାଇ, ସମୟ : ସକାଳ ୯ ଟା।
- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ : ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ମା' ଶୀତଳା ଦେବୀଙ୍କ ବାର୍ଷିକ ପୂଜାର ଉଦ୍‌ଯାପନୀ ଦିବସ, ସ୍ଥାନ : ପଞ୍ଚାରୁଖୀ ଗ୍ରାମ, ବାଲିଆପାଳ, ସମୟ : ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ

- ବ୍ଲକସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ନୀଳମଣି ସଭାଗୃହ, ତିହିଡ଼ି, ସମୟ: ସକାଳ ୭ଟା।
- ପଞ୍ଚାୟତ ପ୍ରତିନିଧିଙ୍କ ଆମରଣ ଅନଶନ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାସୁଦେବପୁର, ସମୟ: ସକାଳ ୮ଟା।
- ମହାବୀରଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ସରତରପୁର, ପଦ୍ମପୁର, ମିଶ୍ରପୁର, ବାସୁଦେବପୁର, ସମୟ: ସକାଳ ୯ଟା।
- ବୈଶାଖୀ ମେଳାର ୨ୟ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୫ଟା ୩୦।

## କେନ୍ଦୁଝର

- ଗୋ ସମ୍ମାନ ଆହ୍ୱାନ ଅଭିଯାନ ଶୋଭାଯାତ୍ରା, ସ୍ଥାନ: କଳାପାହାଡ଼ ଛକ, ଯୋଡା, ସମୟ: ସକାଳ ୭ ଟା।

## ମୟୂରଭଞ୍ଜ

- ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ସମାପନ ଓ ପ୍ରସାଦସେବନ, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର କରଞ୍ଜିଆ, ସମୟ: ସକାଳ ୮ଟା।
- ଆମେ ୮୦ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ କଚେରୀ ରୋଡ ବାରିପଦା, ସକାଳ ୧୦ଟା।
- ବାରିପଦା ଏକ୍ସପୋ ମେଳା, ସ୍ଥାନ: କଲେଜ ପଡିଆ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ଗୋ ସମ୍ମାନ ଆହ୍ୱାନ ଅଭିଯାନ ପକ୍ଷରୁ ଗୋ ରକ୍ଷା ଲାଗି ସ୍ମାରକପତ୍ର ପ୍ରଦାନ,ସ୍ଥାନ- ଆସିକା ତହସିଲ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

## ଗଜପତି

- ପୋଲିସ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର,ସମୟ: ସକାଳ ୭ଟା ୩୦।

## ଢେଙ୍କାନାଳ

- ନାରୀଶକ୍ତି ବନ୍ଦନ ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଗଁଦିଆ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: ସୂର୍ଯ୍ୟ ମଣ୍ଡପ, ସମୟ: ସକାଳ ୮ଟା।

## ଜଗତ୍‌ସିଂହପୁର

- ଜିଲାପାଳଙ୍କ ଜନଶୁଣାଣି, ସ୍ଥାନ: ଏରସମା ବ୍ଲକ ସଭା ଗୃହ, ସମୟ: ସକାଳ ୭ଟା।
- ଦାମବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଏରସମା ତହସିଲ ସମ୍ମୁଖ,ସମୟ: ସକାଳ ୮ଟା।
- ଜାତୀୟ ନାଟ ମହୋତ୍ସବ ସପ୍ତମ ସନ୍ଧ୍ୟାରେ ମଞ୍ଚସ୍ଥ ହେବ ବଙ୍ଗଳା ନାଟକ 'ଏ ବଙ୍ଗୋ ଆମର ବଙ୍ଗଳା', ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଶ୍ରୀ ହନୁମାନଜୀଉଙ୍କ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ଗଜେନ୍ଦ୍ରପୁର, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୬ଟା, ଶ୍ରୀ ହନୁମାନଜୀଉଙ୍କ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ଶାଳିଅଂଚ, ଆଳି, ସମୟ: ସକାଳ ୮ଟା।
- ଶ୍ରୀ ବାସୁଦେବଙ୍କ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ, ସ୍ଥାନ: ବେଣାଜୋରୀ ବଟ, ଭରତପୁର, କେନ୍ଦ୍ରାପଡା, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନିକ ଅଧିକାରୀଙ୍କ ଜନଶୁଣାଣୀ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଆଳି, ସମୟ: ସକାଳ ୭ଟା।
- ହିରୋ ବାଇକର ଶୋ ରୁମ ଉଦ୍‌ଘଶଟନ, ସ୍ଥାନ: ଜେଏମଜି ଅଟୋମୋବାଇଲସ, ଆଇନ କଲେଜ ଛକ, ତିନିମୁହାଣୀ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୩ଟା।

## ଯାଜପୁର

- ଗୋ ସମ୍ମାନ ଆହ୍ୱାନ ସମ୍ପର୍କିତ ପ୍ରାର୍ଥନାପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜାଗୁଳାଇ ମନ୍ଦିର, ବରୀ ମାଉଣ୍ଡ, ସମୟ: ସକାଳ ୮ଟା୩୦।
- ମିଳିତ ଜନ ଶୁଣାଣି ଶିବିର, ସ୍ଥାନ: ବରୀ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୭ଟା।

## କୋରାପୁଟ

- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବୈପାରିଗୁଡ଼ା ବ୍ଲକ୍ ଅଫିସ୍ ମିଟିଂ ହଲ୍, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ସଚେତନତା ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ଗୁଣ୍ଠାପୁଟ, ସେମିଳିଗୁଡ଼ା ବ୍ଲକ, ସମୟ: ସକାଳ ୭ଟା ୩୦।

## ସମ୍ବଲପୁର

- ସାଓଲିନ କୁଂଫୁ ଉସୁ ଆସୋସିଏଶନ ପକ୍ଷରୁ ମାଗଣା ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବିନାଖଣ୍ଡିସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ରେଙ୍ଗାଲି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଆଦିବାସୀ ସମାଜର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଅମୀର ଖୁସରୁ ଫାଉଣ୍ଡେସନର କବି ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ତୁରେକେଲା ବ୍ଲକ କାର୍ଯ୍ୟାଳୟ ସଭା ଗୃହ, ସମୟ: ପୂର୍ବାହ୍ନ ୭ ଟା ୩୦।

## ରାଉରକେଲା

- ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାର ୮ମ ଦିବସରେ ଭଜନ ସନ୍ଧ୍ୟା, ସ୍ଥାନ: ସେକ୍ଟର-୩ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୩ ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି,ସ୍ଥାନ:କୁତ୍ରା ବ୍ଲକ କାର୍ଯ୍ୟାଳୟ,ସମୟ:ସକାଳ ୭ଟା।

## ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ବିଜେପୁର,ସମୟ:ସକାଳ ୭ଟା।
- ବୈଶାଖି ମେଳା,ସ୍ଥାନ: ନୃସିଂହନାଥ, ପାଇକମାଳ,ସମୟ: ସକାଳ ୭ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଜୟପାଟଣା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଓଡ଼ିଶା ସିଡ୍ୟୁଲ କାଷ୍ଟର ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ଗାନ୍ଧୀ ଛକ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ଜିଲାପାଳଙ୍କ ଜନ ଶୁଣାଣି ଶିବିର, ସ୍ଥାନ:ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସାମ୍ପୋଚ' ହରଭଙ୍ଗା ବ୍ଲକ,ସମୟ: ସକାଳ ୭ଟା।
- ଚନ୍ଦନ ଯାତ୍ରା ଉଛବ ଦ୍ୱିତୀୟ ଦିନ, ସ୍ଥାନ: ସାଲ କଟା ଗ୍ରାମ, ହରଭଙ୍ଗା ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ ପଲସମା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳ, ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉଲୁଣ୍ଡା ବ୍ଲକ ସଭାଗୃହ, ସମୟ: ସକାଳ ୭ଟା।
- ତରଭା ନୀଳକଣ୍ଠେଶ୍ୱର ମନ୍ଦିରରେ ରୁଦ୍ରାଭିଷେକ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୭ଟା।

## ନୂଆପଡ଼ା

- ପରିକ୍ଷିତ ଟାଇଗର ବିଜ୍ଞାନ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଖଡିଆଳ ମାଧ୍ୟମିକ ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଶ୍ରୀ ବିରାଟ ପର୍ବ ଚନ୍ଦନ ଯାତ୍ରା ମହୋତ୍ସବ ଚତୁର୍ଥ ରଜନୀ, ସ୍ଥାନ: କୋମନା ବ୍ଲକ ଗଣ୍ଡାମେର ପଞ୍ଚାୟତ ଦାନୋଝଲା ଗାଁ, ସମୟ: ରାତ୍ର ୯ଟା।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି ଓ ବୈଠକୀ କୀର୍ତ୍ତନ, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ, ସମୟ: ଅପରାହ୍ନ ୨ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହ ସିନାପାଲି, ସମୟ: ସକାଳ ୭ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର ବା ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସିନାପାଲି ବ୍ଲକ କଏଟପଦର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଘୋଟସର ଗାଁ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସାମାଜିକ କ୍ଷେତ୍ରରେ କେତେକ ଦିଗରୁ ମାନସିକ ଚାପର ସମ୍ମୁଖୀନ ହେବେ। ପାରିବାରିକ ସମସ୍ୟା ସୁଧାରିବା ପାଇଁ ସହୃଦୟ ବ୍ୟକ୍ତିଠାରୁ ସହାୟତା ପାଇବେ। ଗତକାଲିର ଆଲୋଚନା ମୁତାବକ କାମରେ ଲାଗିପଡନ୍ତୁ କୌଣସି ପ୍ରକାରର ଅସୁବିଧା ହେବନାହିଁ। ଆର୍ଥିକ ଦୁରବସ୍ଥାଜନିତ କେତେକ କାମ ଅଟକି ରହିବାର ସୂଚନା ରହିଛି।

**ବୃଷ** ବନ୍ଧୁଙ୍କ ଆହ୍ୱାନ କ୍ରମେ ଯାତ୍ରା କରିବାକୁ ପଡିପାରେ। ରାଜନୈତିକ କ୍ଷେତ୍ରରେ କିମ୍ବା ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ସାହିତ୍ୟ, ଚଳଚ୍ଚିତ୍ର ତଥା ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ସାଧାରଣ ଘଟଣାକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଯୁକ୍ତିତର୍କଜନିତ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ।

**ମିଥୁନ** ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ସରକାରୀ ସାହାଯ୍ୟ ପାଇ ସ୍ଥଗିତ କାର୍ଯ୍ୟକୁ ସମ୍ପନ୍ନ କରିବେ। ବନ୍ଧୁମାନଙ୍କର ନିମନ୍ତ୍ରଣ କ୍ରମେ ଆମୋଦ ପ୍ରମୋଦର ମଉକା ମଜା ଉଠାଇ ପାରନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କୌଣସି ଆତ୍ମୀୟ ଅଭିଯୋଗ ନେଇ ଆସିପାରନ୍ତି। ଅତୀତରେ ହଜିଯାଇଥିବା କିମ୍ବା ଖୋଜୁଥିବା ଜିନିଷ ପାଇବାର ସୂଚନା ରହିଛି।

**କର୍କଟ** ଉତ୍ତମ ସ୍ୱାସ୍ଥ୍ୟ, ଉନ୍ନତ ଚିନ୍ତା ସାଙ୍ଗକୁ ଲୋକପ୍ରିୟତାଜନିତ ଦିନଚର୍ଯ୍ୟା ସୁଖଦ ଅନୁଭୂତି ପ୍ରଦାନ କରିବ। ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହେବ। ରାଜନୀତି, ସଂଗଠନ, ସଭାସମିତି କ୍ଷେତ୍ରରେ ସ୍ଥିତି ସୁଦୃଢ଼ ହେବା ସହିତ ସୁନାମ ପାଇବେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି।

**ସିଂହ** ଶାରୀରିକ ସୁସ୍ଥତା ସାଙ୍ଗକୁ ନିରଳସ ଜୀବନଯାତ୍ରା ମାନସିକ ସ୍ଥିତିକୁ ବହୁଗୁଣିତ କରିବ। ଅର୍ଥନୈତିକ, ସାମାଜିକ, ରାଜନୈତିକ ଦିଗ ପାଇଁ ଦିନଟି ଅନୁକୂଳ ରହିବ। ସଭାସମିତି, ମନୋରଞ୍ଜନ, ଆନୁଷ୍ଠାନିକ କାମରେ ସମୟ ଅତିବାହିତ କରିପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବ କାରଣରୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇପାରେ।

**କନ୍ୟା** ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସକାଶେ ବନ୍ଧୁଙ୍କ ସହ ଯୋଗାଯୋଗ ନ କରିପାରି ବ୍ୟସ୍ତ ହେବେ। ବ୍ୟବସାୟ, ପରିବହନ, ହୋଟେଲ ଶିଳ୍ପ କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇବେ। ପାରିବାରିକ ଅସ୍ଥିରତାଜନିତ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇପାରେ। ପୁରାତନ ରୋଗରେ ପୀଡା ବୃଦ୍ଧି ଦୈହିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**ତୁଳା** ଉତ୍ତମ ବୁଝାମଣା ମାଧ୍ୟମରେ ପାରିବାରିକ ଶାନ୍ତି, ବନ୍ଧୁ ସମ୍ପର୍କରେ ଉନ୍ନତି, ସ୍ଥଗିତ କାର୍ଯ୍ୟର ଅଗ୍ରଗତି ହେତୁ ଖୁସି ରହିବେ। ପାରିପାର୍ଶ୍ୱିକ ପରିସ୍ଥିତି ଜଟିଳ ହେଲେ ମଧ୍ୟ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ବିନୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିନେବେ। ସାହିତ୍ୟ, କ୍ରୀଡ଼ା, ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ।

**ବିଛା** ଚଳିତ ପରିସ୍ଥିତି ଆପଣଙ୍କୁ ଉନ୍ନତ ଚିନ୍ତାଧାରା ମାଧ୍ୟମରେ ସତ୍‌କର୍ମ ସକାଶେ ଅନୁପ୍ରେରିତ କରିପାରେ। ବିଭିନ୍ନ ବ୍ୟକ୍ତିଙ୍କ ପ୍ରଶଂସାରେ ଉତ୍‌ଫୁଲ୍ଲିତ ହୋଇ ଆତ୍ମଗୌରବ ଅନୁଭବ କରିବେ। ଆତ୍ମୀୟଙ୍କ ବେଖାତିର କଥା ମନକୁ ବେଶି ବାଧିପାରେ। ତ୍ୟାଗପୂତ ମନୋଭାବ ଓ ସହନଶୀଳତା ମାଧ୍ୟମରେ ସମାଜରେ ଆଦରଣୀୟ ହେବେ।

**ଧନୁ** ମନ ଭଲ ନ ଥିଲେ ମଧ୍ୟ ଆପଣଙ୍କ ବ୍ୟବହାରିକ କାର୍ଯ୍ୟକଳାପ ପ୍ରଭାବିତ ହେବନାହିଁ। ପାରିବାରିକ ତଥା ସାମାଜିକ କ୍ଷେତ୍ରର ସମସ୍ୟା ବନ୍ଧୁ ଜରିଆରେ ସମାଧାନ ହେବ। ସାହିତ୍ୟ, ସାମ୍ବାଦିକତା, ଅଧ୍ୟୟନ, ଅଧ୍ୟାପନା କ୍ଷେତ୍ରରେ ସନ୍ତୁଷ୍ଟ ରହିବେ। ବିଭିନ୍ନ ପ୍ରକାର ପ୍ରତିବନ୍ଧକ କାରଣରୁ ବ୍ୟବସାୟିକ ସ୍ଥିତି କେତେକାଂଶରେ ପ୍ରଭାବିତ ହୋଇପାରେ।

**ମକର** କାର୍ଯ୍ୟସିଦ୍ଧି, ବନ୍ଧୁପ୍ରୀତି, ଯାତ୍ରାର ସଫଳତା ଯୋଗୁ ଦିନଟି ଖୁସୀରେ ଅତିବାହିତ ହେବ। ପାରିବାରିକ ଅସ୍ଥିରତାଜନିତ ଭାବପ୍ରବଣତା ବୃଦ୍ଧି ପାଇବା ଯୋଗୁ ମନୋବଳ ହ୍ରାସ ପାଇପାରେ। ଆଜି ଆପଣଙ୍କୁ ନିର୍ମାଣ କାର୍ଯ୍ୟ, ଯୋଗାଯୋଗ, ସଭାସମିତି ପାଇଁ ବିଶେଷ ସମୟ ଦେବାକୁ ପଡିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନ ସନ୍ତୋଷଜନକ ରହିବ।

**କୁମ୍ଭ** ଆଜିର ଦିନଚର୍ଯ୍ୟାରେ ଯେକୌଣସି ବ୍ୟତିକ୍ରମକୁ ସଜାଡି ନେବାରେ ଅସୁବିଧା ରହିବନାହିଁ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବାର ସୂଚନା ରହିଛି। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ସମାଲୋଚିତ ହେବେ।

**ମୀନ** ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବ୍ୟବସାୟ, ପରିବହନ କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇବେ। ସାହିତ୍ୟ ଓ ଚଳଚ୍ଚିତ୍ର, ସଙ୍ଗୀତାଦି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବାର ଆଶା କରାଯାଇପାରେ। ଶାରୀରିକ ଅସୁସ୍ଥତା କେତେକାଂଶରେ କର୍ମସମୂହର ଗତିରୋଧ କରିପାରେ।

ଆଜି ଏପ୍ରିଲ ୨୭ ତାରିଖ, କବିବର ରାଧାନାଥଙ୍କ ତିରୋଧାନ ଦିବସ, ବୈଶାଖ ଶୁକ୍ଳପକ୍ଷର ସର୍ବସମ୍ମତ ମୋହିନୀ(ଶମ୍ଭୁ) ଏକାଦଶୀ ସୋମବାର, ରାଶିନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଉତ୍ତରାଫାଲଗୁନୀ ନକ୍ଷତ୍ରେ ବିବାହ ପାଣିଗ୍ରହଣ, ସକାଳ ଘ. ୦୫।୨୪ ଗତେ, ଘ. ୦୬।୫୯ ମଧ୍ୟେ, ଘ.୧୦।୨୮ ଗତେ, ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୬।୫୯ ଗତେ, ଘ.୦୮।୩୪ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଳାଗଦା ଦେଖି ବିଚାର କଲି ମୁଁ
ହୁଅନ୍ତା କି ଖଣ୍ଡେ ଲୁଗା;
କପାଳ ଲିଖନ ହୁଅଇ କି आନ
ସବୁବେଳେ ଭିକ ମଗା।**

ଭାଗ୍ୟର ବିଡମ୍ବନା। କର୍ମ ଗୁଣେ ଭାଗ୍ୟ ଫଳେ ଓ ସେହି ଅନୁସାରେ ଫଳ ଭୋଗ ହୋଇଥାଏ। ମଣିଷର ଆଶା ଅସୁମାରୀ। ହେଲେ ଭାଗ୍ୟରେ ଯାହାର ସୁଖ ଫଳ ଭୋଗ ହେବାର ନ ଥାଏ ସେ ଯେତେ ମୁଣ୍ଡ ପିଟିଲେ ମଧ୍ୟ ଆଉ କିଛି ମିଳି ନ ଥାଏ। ଏ ପରିସ୍ଥିତିରେ ନିଜ ଭାଗ୍ୟକୁ ଦୋଷ ଦେବା ଛଡ଼ା ଆଉ କିଛି ଚାରା ରହୁନଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ତେଲ ଘଡ଼ି ଡବଡ଼ବ
ମୋ ଖଣ୍ଡି କାଣକୁ ଅନେଇଥିବ
କବାଟ ଫିଟେଇ ଦବା।**

ଆଲୋକ ସନ୍ଧାନରେ ଯେମିତି କୀଟ ଉଡ଼ିଯାଏ ଅନେକ ଦୂର, ଠିକ ସେମିତି ସୁଗନ୍ଧିତ ଫୁଲରୁ ମଧୁ ଶୋଷିବା ପାଇଁ ଉଡ଼ିଆସନ୍ତି ଭଅଁର। ଇଶାରାରେ ମଧ୍ୟ ପ୍ରେମ ନଈ ସୁଅ ଉଛୁଳି ଉଠେ। ସାଧାରଣତଃ ମନ ମଧ୍ୟରେ ଲୁଚି ରହିଥିବା ଭାବ ଓ ଆବେଗକୁ ପରସ୍ପର ମଧ୍ୟରେ ଆଦାନପ୍ରଦାନ କରିବା ନେଇ ପ୍ରେମୀ ଯୁଗଳ ସଦା ଚେଷ୍ଟିତ ରହିଥାନ୍ତି। ଏପରିସ୍ଥଳେ ଇସାରା ମାଧ୍ୟମରେ ଏକତ୍ର ହେବା ନେଇ ଯୋଜନା କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ




ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସାମ୍ନାରେ ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

## ଭୁଲ୍ ଇଞ୍ଜେକ୍ସନରୁ ...

ଥାନାଧିକାରୀ ନୀରଜ ସାମଲ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ବିଫଳ ହୋଇଥିଲେ। ଉତ୍ତ୍ୟକ୍ତ ଲୋକେ ଡାକ୍ତରଖାନାକୁ ପଶିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଲାଠିଚାର୍ଜ କରିବା ଫଳରେ ପରିସ୍ଥିତି ଅଣାୟତ୍ତ ହୋଇଥିଲା। ଏଥିରେ ୪/୫ଜଣ ଆହତ ହୋଇଥିବା ଜଣାପଡ଼ିଛି। ଏହି ସମୟରେ ପୋଲିସ ବଳପୂର୍ବକ ରାସ୍ତାରେ ଥିବା ମୃତଦେହକୁ ଠେଲାପେଲା କରି ହଟାଇବାକୁ ଉଦ୍ୟମ କରିଥିଲା। ମୃତ ନାବାଳକଙ୍କ ମାମୁ ଚନ୍ଦନ ମହାକୁଡ଼, ସମ୍ପର୍କୀୟ ବଡ଼ଭାଇ ମହେଶ କୁମାର ବାରିକ, ସମ୍ପର୍କୀୟ ଜେଜେ ଟେରୁ ବାରିକ ଆହତ ହୋଇଥିବା ବେଳେ ପୋଲିସର ଏଭଳି ଲାଠିଚାର୍ଜ ଓ ମୃତଦେହ ଜୋରଜବରଦସ୍ତ ହଟାଇବା ଉଦ୍ୟମକୁ ନିନ୍ଦା କରିଛନ୍ତି। ପରିସ୍ଥିତି ଅଶାନ୍ତ ହେବାରୁ ନାୟକାଣିଡିହୀ ଥାନାଧିକାରୀ ଉମାଶଙ୍କର ନାୟକ, ଚୂଡ଼ାମଣି ଥାନାଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, କଷିଆ ସାମୁଦ୍ରିକ ଥାନାଧିକାରୀ ସୁଜାତା ଖମାରୀ, ବାଁଶଡ଼ା ଥାନାଧିକାରୀ ମହମ୍ମଦ ହାଫିଜ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚିଥିଲେ। ଅପରାହ୍ନରେ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଏବଂ ତହସିଲଦାର ପ୍ରିୟବ୍ରତ ଦାସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ୧୦ଲକ୍ଷ ଟଙ୍କା କ୍ଷତିପୂରଣ, ପରିବାରର ଜଣଙ୍କୁ ଚାକିରି, ଡାକ୍ତର ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ମୃତ ମୁକେଶଙ୍କ ପରିବାର ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲାପାଳଙ୍କୁ ଘଟଣା ବିଷୟରେ ଅବଗତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେବା ସହ ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବା ପରେ ରାସ୍ତାରୋକୋ ହଟିଥିଲା। ମୁକେଶ ପଦ୍ମପୁର ଜେକେ ହାଇସ୍କୁଲର ୯ମ ଶ୍ରେଣୀର ଛାତ୍ର ଥିଲେ। ତେବେ ଖବର ଲେଖାହେବା ସୁଦ୍ଧା ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ କହିଛନ୍ତି, ବରିଷ୍ଠ ସର୍ଜରୀ ଚିକିତ୍ସକ ଉକ୍ତ ନାବାଳକଙ୍କ ଚିକିତ୍ସା କରିଥିଲେ। କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ବ୍ୟବଚ୍ଛେଦ ପରେ ଜଣାପଡ଼ିବ। ଆବଶ୍ୟକ ସ୍ଥଳେ ମୃତକଙ୍କ ଭିସେରା ରାଜ୍ୟ ଫୋରେନ୍‌ସିକ ଲାବରେଟୋରିକୁ ପଠାଯିବ। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଟ୍ରମ୍ପଙ୍କ ଡିନର ...

ଖବରଦାତା, ନିମନ୍ତ୍ରିତ ଅତିଥି ଉପସ୍ଥିତ ଥିଲେ, ଅଧିକାଂଶ ନିଜକୁ ବଞ୍ଚାଇବା ପାଇଁ ଟେବୁଲ୍ ତଳେ ଆଶ୍ରୟ ନେଇଥିବା ଦେଖାଯାଇଥିଲା। ଆକ୍ରମଣକାରୀ ୩୧ ବର୍ଷୀୟ କୋଲେ ଥୋମାସ୍ ଆଲେନ୍‌ଙ୍କୁ ଗିରଫ କରାଯାଇଛି। କାଲିଫର୍ନିଆର ଟୋରାନ୍ସ ଅଞ୍ଚଳର ଆଲେନ୍ ଜଣେ ଟ୍ୟୁଟର ଏବଂ ସଫ୍ଟୱେର ଡେଭେଲପର୍। ତେବେ ସେ କ'ଣ ପାଇଁ ଡିନର ପାର୍ଟିରେ ଗୁଳି ଚଳାଇଲେ, ତାହା ଜଣାପଡ଼ିନାହିଁ। ତଦନ୍ତକାରୀ ଅଫିସରମାନେ ଏବେ ତାଙ୍କ ପୃଷ୍ଠଭୂମି ଏବଂ ସମ୍ଭାବ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ତଦନ୍ତ ଚଳାଇଛନ୍ତି। ସେ ଏକ ଶଟ୍‌ଗନ୍‌ରୁ ନିକଟରେ ଥିବା ଜଣେ ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟଙ୍କ ଉପରକୁ ୫ରୁ ୬ ରାଉଣ୍ଡ ଗୁଳି ଚଳାଇଥିଲେ। ଉକ୍ତ ଅଫିସରଙ୍କୁ ତାଙ୍କ ବୁଲେଟ୍‌ପ୍ରୁଫ୍ ଜାକେଟ୍ ବଞ୍ଚାଇ ଦେଇଥିବା ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ତରବରିଆ ଭାବେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଉକ୍ତ ଅଫିସର ଏବେ ହସ୍ପିଟାଲରୁ ସୁସ୍ଥ ହୋଇ ଫେରିଥିବା ସିକ୍ରେଟ୍ ସର୍ଭିସ୍ ମୁଖପାତ୍ର ଆନ୍ଥୋନି ଗୁଗ୍ଲିଏଲ୍‌ମି ସ୍ପଷ୍ଟ କରିଛନ୍ତି।

ତେବେ ଟ୍ରମ୍ପ ଆକ୍ରମଣର ଟାର୍ଗେଟ୍‌ରେ ଥିଲେ କି ନାହିଁ, ତାହା ତୁରନ୍ତ ସ୍ପଷ୍ଟ ହୋଇନାହିଁ। ତେବେ ତାଙ୍କୁ ଟାର୍ଗେଟ୍ କରାଯାଇଥିବା ସେ ବିଶ୍ୱାସ କରୁଛନ୍ତି ବୋଲି କହିଛନ୍ତି। ପୂର୍ବରୁ ସେ ୨ଟି ଆକ୍ରମଣରୁ ବର୍ତ୍ତିଯାଇଥିଲେ। ଆକ୍ରମଣକାରୀ ଆଲେନ୍ ଏକ ଶଟ୍‌ଗନ୍, ଏକ ହ୍ୟାଣ୍ଡଗନ୍ ଏବଂ ଏକାଧିକ ଛୁରି ଆଣି ଡିନର ସ୍ଥଳକୁ ଆସିଥିଲେ ବୋଲି ୱାଶିଂଟନ ଅନ୍ତରୀଣ ପୋଲିସ ମୁଖ୍ୟ ଜେଫେରି କାରୋଲ୍ କହିଛନ୍ତି। ପ୍ରାରମ୍ଭିକ ସୂଚନା ଅନୁଯାୟୀ ଆଲେନ୍ ଉକ୍ତ ହୋଟେଲରେ ଜଣେ ଗେଷ୍ଟ ଭାବେ ରହୁଥିଲେ ବୋଲି ବିଶ୍ୱାସ କରାଯାଉଛି। ହୋଟେଲର ବଲ୍‌ରୁମ୍‌ରେ ଆମେରିକାର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିବାବେଳେ ଗୁଳିକାଣ୍ଡ ଘଟିବାକୁ ନେଇ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ଆକ୍ରମଣକାରୀ କିପରି ଶଟ୍‌ଗନ୍ ନେଇ ଉକ୍ତ ହୋଟେଲରେ ପ୍ରବେଶ କଲେ, ତାହା ଉପରେ ତଦନ୍ତକୁ ଫୋକସ୍ କରାଯାଉଛି। ସୂଚନାଯୋଗ୍ୟ, ୧୯୮୧ ମାର୍ଚ୍ଚ ୩୦ରେ ତତ୍କାଳୀନ ରାଷ୍ଟ୍ରପତି ରୋନାଲ୍ଡ ରେଗାନ୍‌ଙ୍କୁ ୱାଶିଂଟନ୍‌ର ହିଲ୍‌ଟନ ହୋଟେଲରେ ଗୁଳିମାଡ଼ ହୋଇଥିଲା। ସେଥିରେ ସେ ଆହତ ହୋଇଥିଲେ। ଟ୍ରମ୍ପଙ୍କ ଡିନର ପାର୍ଟିରେ ଗୁଳିକାଣ୍ଡକୁ ବିଶ୍ୱ ନେତାମାନେ ନିନ୍ଦା କରିଛନ୍ତି। ହୋଟେଲରେ ଗୁଳିମାଡ଼ ପରେ ରାଷ୍ଟ୍ରପତି ଟ୍ରମ୍ପ, ଫାଷ୍ଟ ଲେଡି ମେଲାନିଆ, ଉପରାଷ୍ଟ୍ରପତି ଜେଡି ଭାନ୍ସ ସୁରକ୍ଷିତ ଥିବାରୁ ଆଶ୍ୱସ୍ତ ହେଲି ବୋଲି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ। ଏହି ଘଟଣାକୁ ସ୍ପଷ୍ଟ ଭାବେ ନିନ୍ଦା କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ଉପରେ ଯେକୌଣସି ଆକ୍ରମଣକୁ ନିନ୍ଦା କରାଯିବା ଆବଶ୍ୟକ ବୋଲି ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେଇର୍ ଷ୍ଟାର୍ମର କହିଛନ୍ତି। ଆକ୍ରମଣ ଗ୍ରହଣୀୟ ନୁହେଁ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ କହିବା ସହ ଟ୍ରମ୍ପଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ସେହିପରି ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ରାଷ୍ଟ୍ରପତି ଟ୍ରମ୍ପ, ଫାଷ୍ଟଲେଡି ଏବଂ ଉପରାଷ୍ଟ୍ରପତି ଭାନ୍ସଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ଗଣତନ୍ତ୍ରରେ ରାଜନୈତିକ ଘୃଣାର ସ୍ଥାନ ନାହିଁ ବୋଲି ସେ କହିଛନ୍ତି।

## ଇସ୍କନର ପୁଣି ...

ଏସଂକ୍ରାନ୍ତରେ କୌଣସି ଆଇନ ନାହିଁ। ତେଣୁ ସରକାର ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ଏକ କଡ଼ା ଆଇନ ଆଣିବାର ଆବଶ୍ୟକତା ରହିଛି ବୋଲି ପ୍ରଧାନ ମତ ଦେଇଛନ୍ତି। ମହାପ୍ରଭୁଙ୍କ ପରମ୍ପରା ଓ ତିଥି ଅନୁଯାୟୀ ଆମକୁ ତାଙ୍କ ଯାନିଯାତ୍ରା ପାଳନ କରିବାକୁ ପଡ଼ିବ। ଅଦିନିଆ ରଥଯାତ୍ରା ବିରୋଧରେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି କେତେଜଣ ଭକ୍ତ ମତବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଗତ ୧୧ ତାରିଖରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା 'ଐକ୍ୟ ସ୍ଥାପନା ମଣ୍ଡଳୀ' ବୈଠକରେ ଭାରତର ସବୁ ଜଗନ୍ନାଥ ମନ୍ଦିର ମୂଳପୀଠ ବା ଶ୍ରୀମନ୍ଦିର କ୍ୟାଲେଣ୍ଡର ଅନୁସାରେ ପର୍ବପର୍ବାଣି ଓ ନୀତିକାନ୍ତି ପାଳନ କରିବାକୁ ଗଜପତି ପରାମର୍ଶ ଦେଇଥିଲେ। ଅଦିନିଆ ରଥଯାତ୍ରା ରୋକିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ଏ ନେଇ ସେ ବ୍ୟକ୍ତିଗତ ଭାବେ ଦୁଇଦିନ ତଳେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଅଦିନିଆ ରଥଯାତ୍ରା ନେଇ ରାଜ୍ୟବ୍ୟାପୀ ଜନ ସଚେତନତା ସୃଷ୍ଟି କରାଯିବ। ଆବଶ୍ୟକ ପଡ଼ିଲେ ଇସ୍କନ ବିରୋଧରେ ଆଇନର ଆଶ୍ରୟ ନିଆଯିବ ବୋଲି ଗଜପତି ମହାରାଜା କହିଥିଲେ।

## ହତ୍ୟା ପରେ ମହିଳାଙ୍କୁ ..

ହୋଇଥିଲେ। ଘଟଣାସ୍ଥଳରେ କିଛି ନଡ଼ା, ଜାରକିନ୍ ଓ ଅନ୍ୟାନ୍ୟ ସାମଗ୍ରୀ ପଡିଥିବା ଦେଖିବା ପରେ ତାଙ୍କ ମନରେ ସନ୍ଦେହ ହୋଇଥିଲା। ସୁଚିନ୍ତିତ ଉପାୟରେ ଝିଅକୁ ମାରି ଦିଆଯାଇଛି ଏବଂ ସେ ଆସିବା ପୂର୍ବରୁ ପେଟ୍ରୋଲ ଢାଳି ଶାଶୁଘର ଲୋକେ ଜାଳି ଦେଇଥିବା ଅଭିଯୋଗ କରିଥିଲେ। ଖବର ପାଇ ତଣ୍ଡିଆପାଳ ସାମୁଦ୍ରିକ ଥାନା ଅଧିକାରୀ ରତି ରଞ୍ଜନ ନାୟକଙ୍କ ନେତୃତ୍ୱରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲା। ମନୋରଞ୍ଜନ ଦିଣ୍ଡାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା(ନଂ.୬୭/୨୬) ରୁଜୁ କରିଛି। ସ୍ୱାମୀ ବିଶ୍ୱଜିତ ଓ ଶାଶୁ ନମିତାଙ୍କୁ ଥାନାକୁ ନେଇ ପଚରାଉଚରା କରିବା ସହ ଗିରଫ କରିଛି।

## ନୃତ୍ୟ କାର୍ଯ୍ୟକ୍ରମରେ ...

ଏହି ଡ୍ରୋନ୍‌ଗୁଡ଼ିକରୁ ନିର୍ଗତ ସିଗ୍‌ନାଲ ଯୋଗୁ ରୋବୋର ସିଗନାଲ୍‌ରେ ବାଧା ସୃଷ୍ଟି ହୋଇଥିଲା, ଫଳରେ ରୋବୋ ଅସ୍ୱାଭାବିକ ଆଚରଣ କରିଥିଲା। ଚାଇନା ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଷେତ୍ରରେ ବିଶ୍ୱରେ ନିଜର ପ୍ରଭାବ ବିସ୍ତାର କରୁଛି। ନିକଟରେ ଏକ ହ୍ୟୁମାନଏଡ୍ ରୋବୋ ହାଫ୍ ମାରାଥନ୍‌କୁ ମାତ୍ର ୫୦ ମିନିଟ ୨୬ ସେକେଣ୍ଡରେ ଶେଷ କରି ମଣିଷର ବିଶ୍ୱ ରେକର୍ଡକୁ ମଧ୍ୟ ପଛରେ ପକାଇ ଦେଇଛି। ବର୍ତ୍ତମାନ ଚାଇନାର ପ୍ରାୟ ସମସ୍ତ ବଡ଼ ହୋଟେଲ ଓ ଡାକ୍ତରଖାନାରେ ରୋବୋଗୁଡ଼ିକ ସେବା ଯୋଗାଇ ଦେଉଛନ୍ତି। ତେବେ ଉପରୋକ୍ତ ଘଟଣାଟି ରୋବୋର ଭଲ ପାଇବା ନ ଥିଲା, ବରଂ ତାହା ଏକ ବୈଷୟିକ ତ୍ରୁଟି ଥିଲା। ଏହି ଘଟଣା ସତର୍କ କରାଉଛି ଯେ ମଣିଷ ଏବଂ ମେଶିନ ଏକାଠି କାମ କରିବାବେଳେ ସୁରକ୍ଷା ନିୟମକୁ ଅଧିକ ପ୍ରାଧାନ୍ୟ ଦେବାକୁ ପଡ଼ିବ। ରୋବୋ ବିଶେଷଜ୍ଞ ଗାଓ ହୁଆନ୍ କହିଛନ୍ତି, ସାଧାରଣ ସ୍ଥାନରେ ରୋବୋ ବ୍ୟବହାର ବେଳେ ଅଧିକ ସତର୍କତା ଅବଲମ୍ବନ ଜରୁରୀ। ରୋବୋକୁ କେବଳ ଏକ ଖେଳଣା ଭାବେ ନ ଦେଖି ଏକ ଶକ୍ତିଶାଳୀ ଯନ୍ତ୍ର ଭାବେ ଦେଖିବା ଉଚିତ। ଜରୁରିକାଳୀନ ପରିସ୍ଥିତି ପାଇଁ 'ଏମରଜେନ୍ସି ଷ୍ଟପ୍' ବ୍ୟବସ୍ଥା ଏବଂ ମଣିଷ ପର୍ଯ୍ୟବେକ୍ଷକ ରହିବା ଆବଶ୍ୟକ ବୋଲି ହୁଆନ୍ କହିଛନ୍ତି।




# ଖରାଠୁ ବଳିଯାଉଛି ଗୁଳୁଗୁଳି ଯନ୍ତ୍ରଣା

- ପୁଣି ୪୪.୮ ଡିଗ୍ରୀ ଛୁଇଁଲା ଝାରସୁଗୁଡ଼ା
- ୨୮ରୁ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର, ୨୬।୪ (ବନ୍ଦନା ସେଠୀ)

ରାଜ୍ୟରେ ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ପଶ୍ଚିମରେ ଖରାତାତି ଓ ଉପକୂଳରେ ଗୁଳୁଗୁଳି ଅନୁଭୂତ ହେଉଛି। ଗତ କିଛିଦିନ ହେବ ସାଧାରଣତଃ ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ପାରଦ ଉପରମୁହାଁ ରହୁଥିବାବେଳେ ସେହି ଅନୁପାତରେ ଉପକୂଳ ଜିଲାଗୁଡିକରେ ତାପମାତ୍ରା କମ୍ ରହୁଥିଲେ ମଧ୍ୟ ଖରାଠାରୁ ଗୁଳୁଗୁଳି ବଳିଯାଉଛି। ବାୟୁମଣ୍ଡଳରେ ହ୍ୟୁମିଡିଟି ବା ଆର୍ଦ୍ରତା ଅଧିକ ରହୁଥିବାରୁ ଗୁଳୁଗୁଳି ହେଉଛି। ରବିବାର ମଧ୍ୟ ଝାରସୁଗୁଡା ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ପାଲଟିଥିବାବେଳେ ଏଠାରେ ପୁଣି ରାଜ୍ୟର ସର୍ବାଧିକ ତାପମାତ୍ରା ୪୪.୮ ଡିଗ୍ରୀ ଛୁଇଁଥିଲା। ଏଠାରେ ସକାଳ ୮ଟା ୩୦ ବେଳକୁ ହ୍ୟୁମିଡିଟି ୫୩% ଥିବାବେଳେ ଅପରାହ୍ନ ୫ଟା ୩୦ ବେଳକୁ ୨୦%କୁ ଖସି ଆସିଥିଲା। ସେହିପରି ସୋନପୁରରେ ତାପମାତ୍ରା ୪୩.୭ ଡିଗ୍ରୀ ଥିବାବେଳେ ସକାଳ ୮ଟା ୩୦ରେ ହ୍ୟୁମିଡିଟି ୬୫% ଏବଂ ଅପରାହ୍ନ ୫ଟା ୩୦ ବେଳକୁ ୪୭% ଥିଲା। ତେବେ ଭୁବନେଶ୍ୱରରେ ତାପମାତ୍ରା ୩୫.୫ ଡିଗ୍ରୀ ରହିଥିବାବେଳେ ଏଠାରେ ସକାଳ ୮ଟା ୩୦ ବେଳକୁ ହ୍ୟୁମିଡିଟି ୭୮% ଏବଂ ଅପରାହ୍ନ ୫ଟା ୩୦ରେ ୭୨% ରହିଥିଲା। ଭୁବନେଶ୍ୱର ଭଳି ଉପକୂଳ ଜିଲାର ବିଭିନ୍ନ ଅଞ୍ଚଳରେ ତାପମାତ୍ରା କମ୍ ଥାଇ ମଧ୍ୟ ହ୍ୟୁମିଡିଟି ଅଧିକ ଥିବାରୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହୋଇଥିଲା। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି କହିଛନ୍ତି, ଏହିଦିନରେ ସାଧାରଣତଃ ପଶ୍ଚିମ କିମ୍ବା ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ଆସିଥାଏ। ପୂର୍ବ ଓଡ଼ିଶାରେ ବହୁଥିବା ବାୟୁରେ ଆର୍ଦ୍ରତା ରହୁଥିବାରୁ ପାରଦ ସାମାନ୍ୟ ଉପରମୁହାଁ ହେଲେ ବି ଆମକୁ ଅସ୍ୱାସ୍ଥ୍ୟକର ଅନୁଭବ ହେଉଛି। ସେହିପରି ଝାରସୁଗୁଡା, ଟିଟିଲାଗଡ଼, ସୋନପୁର ଆଦି ପଶ୍ଚିମ ଓଡ଼ିଶା ଜିଲାରେ ଆର୍ଦ୍ରତା କମ୍ ରହୁଥିବାରୁ ସେଠାରେ ସେତେଟା ଗୁଳୁଗୁଳି ଅନୁଭୂତ ହୋଇ ନ ଥାଏ ବୋଲି ଡ. ମହାନ୍ତି କହିଛନ୍ତି। ତେବେ ଆହୁରି ୨୪ଘଣ୍ଟା ଏଭଳି ସ୍ଥିତି ରହିବା ସହ ଏପ୍ରିଲ ୨୮ ମଙ୍ଗଳବାରଠାରୁ କାଳବୈଶାଖୀ ହେବ। ଫଳରେ ୨ରୁ ୩ ଭିତରେ ୨ ରୁ ୪ ଡିଗ୍ରୀ ତାପମାତ୍ରା ହ୍ରାସ ପାଇବା ସହ ତାତିରୁ ଆଶ୍ୱସ୍ତି ମିଳିବ ବୋଲି ଆଶା କରାଯାଉଛି। ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ଆଦି ୧୧ଟି ଜିଲାକୁ ଖରା ଓ ଗୁଳୁଗୁଳି ପାଇଁ ୟେଲୋ ୱାର୍ନିଂ ଦିଆଯାଇଛି। ଏଥିସହ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲାର କିଛି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ଓ ପବନ ନେଇ ସତର୍କ କରାଯାଇଛି। ମଙ୍ଗଳବାର ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼, କେନ୍ଦୁଝର, କନ୍ଧମାଳ, କଳାହାଣ୍ଡି ନବରଙ୍ଗପୁର, ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ ଓ ମାଲକାନଗିରି ଜିଲା ପାଇଁ କାଳବୈଶାଖୀ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଉପକୂଳବର୍ତ୍ତୀ ଅଞ୍ଚଳରେ ୬୬ କି.ମି ବେଗ ପର୍ଯ୍ୟନ୍ତ ପବନ ବହିବା ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିବ। ତେଣୁ ଗୁରୁବାର ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ବାରଣ କରାଯାଇଛି। ଏକ ଟ୍ରଫ୍ ଲାଇନ ସହ ଦକ୍ଷିଣ ପଶ୍ଚିମ ଦିଗରୁ ପବନ ବହୁ ଥିବାରୁ ଏହା ପ୍ରଭାବରେ ବର୍ଷାର ପରିମାଣ ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

ରବିବାର ରାଜ୍ୟର ୧୮ ସହରର ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତା'ଠାରୁ ଅଧିକରହିଥିଲା। ୪୪.୮ ଡିଗ୍ରୀ ସହ ଝାରସୁଗୁଡା ପୁଣି ରାଜ୍ୟର ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ସୋନପୁରରେ ୪୩.୭ ଡିଗ୍ରୀ, ଟିଟିଲାଗଡ଼ ୪୩.୬, ଭବାନୀପାଟଣା ୪୩.୪, ବଲାଙ୍ଗୀର ୪୩.୧, ବୌଦ୍ଧ ୪୩, ସମ୍ବଲପୁର ୪୩, ସୁନ୍ଦରଗଡ଼ ୪୨.୮, ରାଉରକେଲା ୪୨.୭, ନୂଆପଡ଼ା ଓ ନୟାଗଡ଼ ୪୨.୫, ହୀରାକୁଦ ୪୨.୪, ଅନୁଗୋଳ ୪୧.୯, ତାଳଚେର ୪୧.୫, ଫୁଲବାଣୀ ୪୦.୪, ବରଗଡ଼ ୪୦, ପାରଳାଖେମୁଣ୍ଡି ୪୦ ଏବଂ କେନ୍ଦୁଝରଗଡ଼ରେ ୪୦ ଡିଗ୍ରୀ ଛୁଇଁଥିଲା।

# ପ୍ରେରଣାର ଉତ୍ସ ହୋଇଛି 'ମନ୍ କୀ ବାତ୍': ରାଜସ୍ୱମନ୍ତ୍ରୀ

ଭୁବନେଶ୍ୱର,୨୬।୪(ରବିନାରାୟଣ ଜେନା)


ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ୧୩୩ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟମାନେ।

**ପ୍ରଧାନମନ୍ତ୍ରୀଙ୍କ ୧୩୩ତମ 'ମନ୍ କୀ ବାତ୍'**
- ୧୦୩ ନମ୍ବର ବୁଥ୍ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
- ମୋଦିଙ୍କ ଚିନ୍ତାଧାରା ଜନସେବାର ମନୋଭାବକୁ ଦୃଢ଼ କରୁଛି: ମନମୋହନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୩୩ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଶୁଣିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରର ୧୦୩ ନମ୍ବର ବୁଥ୍‌ର ସମୀକ୍ଷା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ତୃଣମୂଳସ୍ତରରେ ବୁଥ୍ କିଭଳି ମଜଭୁତ ହେବ ସେନେଇ ସ୍ଥାନୀୟ କର୍ମକର୍ତ୍ତାଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି।

ରବିବାର ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଭୁବନେଶ୍ୱର ମଧ୍ୟ ବିଧାନସଭା ନିର୍ବାଚନମଣ୍ଡଳୀର ୧୦୨ ଓ ୧୦୩ତମ ବୁଥ୍ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ। ଏହି ଅବସରରେ ମନ୍ତ୍ରୀ ପୂଜାରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ସାରା ଦେଶର କୋଣ ଅନୁକୋଣରେ ଚାଲିଥିବା ଘଟଣାବଳୀ, ବ୍ୟକ୍ତି ବିଶେଷଙ୍କ ଉଲ୍ଲେଖନୀୟ କାର୍ଯ୍ୟ, ସାଧାରଣ ଲୋକଙ୍କ ସଫଳତା, ନାରୀ ସଶକ୍ତୀକରଣ ଉପରେ ମନ୍ କି ବାତ୍ କାର୍ଯ୍ୟକ୍ରମ ଜରିଆରେ ବାର୍ତ୍ତା ଦେଉଛନ୍ତି। ଏହି କ୍ରମରେ ଓଡ଼ିଶାରେ ମହିଳା, ଯୁବକ, ଚାଷୀ ଓ ଉଦ୍ୟୋଗୀମାନଙ୍କ ସଫଳତା ବିଷୟରେ ମୋଦିଜୀ ଅନେକ ସମୟରେ ମନ କୀ ବାତ୍ କାର୍ଯ୍ୟକ୍ରମ ଜରିଆରେ ଲୋକଲୋଚନଙ୍କୁ ଆଣିଛନ୍ତି। ଆଜିର 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଜରିଆରେ ମୋଦି ପାରମାଣବିକ ଶକ୍ତି, ପବନ ଶକ୍ତି ଓ ସୌରଶକ୍ତି କ୍ଷେତ୍ରରେ ଦେଶର ଉପଲବ୍ଧିତା ବିଷୟରେ କହିବା ସହ ଭାରତୀୟ ଜ୍ଞାନ ପରମ୍ପରାର ପ୍ରତୀକ ବୁଦ୍ଧ ଦର୍ଶନ, ଡିଜିଟାଲାଇଜେଶନ, ନାରୀମାନଙ୍କ ସଫଳତା, ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ବାଉଁଶ ଗଛ ବିଷୟରେ ଉପସ୍ଥାପନ କରିଥିଲେ। ଏସବୁ ବିଷୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ମାଝୀ, ମନ୍ତ୍ରୀ ପୂଜାରୀଙ୍କ ସମେତ ଉପସ୍ଥିତ ନେତୃବୃନ୍ଦ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ଭୁବନେଶ୍ୱରସ୍ଥିତ ଏକାମ୍ର ନିର୍ବାଚନମଣ୍ଡଳୀର ୧୧୯ ନମ୍ବର ବୁଥ୍‌ରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ 'ମନ୍ କୀ ବାତ୍'ରେଡିଓ କାର୍ଯ୍ୟକ୍ରମ ଶୁଣିଥିଲେ। ଏହି ଅବସରରେ ସେ କହିଥିଲେ, ମୋଦିଙ୍କ କଥା ଶୁଣିବା ସର୍ବଦା ପ୍ରେରଣାଦାୟକ। ମୋଦିଙ୍କ ନେତୃତ୍ୱରେ ଭାରତ ଗତ ୧୧ ବର୍ଷ ଧରି ପ୍ରତ୍ୟେକ କ୍ଷେତ୍ରରେ ନୂତନ ରେକର୍ଡ ସ୍ଥାପନ କରିଆସୁଛି। ସେ ନେଉଥିବା ପଦକ୍ଷେପ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିବା ଜନଗଣନା ଅଭିଯାନରେ ନିଜର ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ରାଜ୍ୟବାସୀଙ୍କୁ ସାମଲ ଅନୁରୋଧ କରିଥିଲେ। ଭୁବନେଶ୍ୱରସ୍ଥିତ ଉତ୍ତର ନିର୍ବାଚନମଣ୍ଡଳୀର ୨୦୫ ନମ୍ବର ବୁଥରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଶୁଣିବା ସହିତ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ବିଧାୟକ ବାବୁ ସିଂ, ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମାଓବାଦୀ ଗୁଜବକୁ ବରଦାସ୍ତ କରାଯିବ ନାହିଁ: ମୁଖ୍ୟ ସଚିବ

- ୭ଜିଲାରେ 'କୋୟା'ରେ ଲେଖାଯିବ ସରକାରୀ ଯୋଜନା
- ସବୁ ମାଓବାଦୀଙ୍କ ସ୍ମାରକୀ ହେବ ଧୂଳିସାତ୍

ଭୁବନେଶ୍ୱର,୨୬।୪(ରବିନାରାୟଣ ଜେନା)

ରାଜ୍ୟରେ ମାଓବାଦୀ ଏବେ ସମ୍ପୂର୍ଣ୍ଣ ଭାବେ ମୂଳୋତ୍ପାଟନ ହୋଇଛନ୍ତି। ଯେଉଁସବୁ ଦୁର୍ଗମ ଅଞ୍ଚଳର ମାଓବାଦୀମାନେ ସରକାରଙ୍କ ଯୋଜନାକୁ ନେଇ ମୁଖ୍ୟସ୍ରୋତକୁ ଫେରିଛନ୍ତି ସେମାନଙ୍କ ନିଯୁକ୍ତିକୁ ଗୁରୁତ୍ୱ ଦେବା ସହିତ ସରକାରୀ ଯୋଜନାକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ। ତେବେ ମାଓବାଦୀ ସକ୍ରିୟ ନେଇ ଯଦି କୌଣସି କ୍ଷେତ୍ରରୁ ମିଥ୍ୟା ଗୁଜବ ଆସୁଛି ତେବେ ତାକୁ ଜୋରଦାର ମୁକାବିଲା କରିବାକୁ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ରାଜ୍ୟ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟ ସଚିବ ଗର୍ଗଙ୍କ ସହିତ ରାଜ୍ୟ ଗୃହବିଭାଗ ଏବଂ ଅନ୍ୟାନ୍ୟ ସମନ୍ୱୟ ବିଭାଗର ଉଚ୍ଚସ୍ତରୀୟ ବୈଠକକୁ ନେଇ ଏପ୍ରିଲ ୨୦ରେ ଗୃହ ବିଭାଗ ଅତିରିକ୍ତ ସଚିବ ସୌମେନ୍ଦ୍ର ପାତ୍ର ସମ୍ପୃକ୍ତ ବିଭାଗୀୟ ମୁଖ୍ୟଙ୍କୁ ଏହି ନିର୍ଦ୍ଦେଶନାମା ପାଳନ କରିବାକୁ ଅବଗତ କରାଇଛନ୍ତି। ସୌମେନ୍ଦ୍ର ଦର୍ଶାଇଛନ୍ତି, ଏପର୍ଯ୍ୟନ୍ତ କୌଣସି ସ୍ଥାନରେ ମାଓବାଦୀ କିମ୍ବା ତାଙ୍କ ସଙ୍ଗଠନ ସକ୍ରିୟ ନେଇ ସରକାରଙ୍କୁ ଖବର ଆସିନାହିଁ। ଏହାକୁ ଗୁରୁତ୍ୱର ସହ ନେଇ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ହେବ। ଯଦି କୌଣସି ଅଞ୍ଚଳରେ ମାଓବାଦୀ ତାଙ୍କର ଉପସ୍ଥିତ ନେଇ ମିଥ୍ୟା ଖବର ବାହାରକୁ ଆସୁଛି ତେବେ ତୁରନ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗ ଜରିଆରେ ତା'ର ଜବାବ ଦେବାକୁ ହେବ।

ବୈଠକର ସୂଚନା ଅନୁଯାୟୀ, ମାଓବାଦୀମାନଙ୍କୁ ମୁଖ୍ୟସ୍ରୋତକୁ ଫେରାଇ ଆଣିବା ପାଇଁ ସରକାରଙ୍କ ଗତ ଫେବୃଆରୀ ୯ରେ ଆଣିଥିବା ସ୍ୱତନ୍ତ୍ର ରିହାତି ନୀତି କାର୍ଯ୍ୟକାରୀ କରାଯାଇଛି। ଏହାସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ସେମାନଙ୍କ ଜୀବନଜୀବିକା ନେଇ ସ୍ପଷ୍ଟ କରିଛନ୍ତି। ଏହାସତ୍ତ୍ୱେ କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ନୟାଗଡ଼, ବଲାଙ୍ଗୀର ଓ ବରଗଡ଼ ଜିଲାରେ ସରକାରୀ ଯୋଜନାକୁ ଭଲ ଭାବେ ପୋଷ୍ଟର ଏବଂ ବ୍ୟାନରରେ ଦର୍ଶାଇବାକୁ ହେବ। ସେଥିରେ ଓଡ଼ିଆ ସହିତ କୋୟା ଭାଷାରେ ଯୋଜନାଗୁଡ଼ିକୁ ସ୍ପଷ୍ଟ ଭାବେ ଲେଖିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ମାଓବାଦୀ ଅଞ୍ଚଳରେ କାନ୍ଥ ଓ ବାଡ଼ରେ ରଙ୍ଗ ସ୍ପ୍ରେ କରି ଯେଉଁମାନେ ସରକାରଙ୍କ ନିକଟରେ ଶରଣ ପଶିଛନ୍ତି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକ ଲେଖିବାକୁ ମୁଖ୍ୟ ସଚିବ ପରାମର୍ଶ ଦେଇଛନ୍ତି।

ସେହିପରି ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ରାଜନେତାଙ୍କୁ ଏନେଇ ପ୍ରୋତ୍ସାହିତ କରିବାକୁ ପଡ଼ିବ। ସେମାନଙ୍କୁ ନେଇ ହ୍ୱାଟସ୍‌ଆପ୍ ଗ୍ରୁପ୍ କରି ଏସବୁକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ। ତେବେ ମାଓବାଦୀ ଅଞ୍ଚଳରେ ପୁନର୍ବାର ଯେପରି ସେମାନେ ସଙ୍ଗଠନ ନ କରିବେ ତାକୁ ଦୃଷ୍ଟିରେ ରଖି ସରକାରଙ୍କ 'ଗ୍ରାମୋଦ୍ୟୋଗ' ଯୋଜନାକୁ ଅଧିକ ଗୁରୁତ୍ୱ ଦେବାକୁ ହେବ। ସେଥିରେ ୨୧ଟି ବିଭାଗର ୪୪ପ୍ରକାର ସୁବିଧା ସୁଯୋଗ ରହିଛି। ସେମାନଙ୍କ ପାଇଁ ଯାହାସବୁ ଖର୍ଚ୍ଚ ହେବ ତାହା ରାଜ୍ୟ ବଜେଟରୁ ହେବ। ସମ୍ପୃକ୍ତ ଅଞ୍ଚଳରେ ଅଗ୍ନିବୀର, ନିଯୁକ୍ତି ମେଳା କରିବାକୁ ଗୃହ ବିଭାଗକୁ ନିର୍ଦ୍ଦେଶ ରହିଛି। ଏହି ସମସ୍ତ କାର୍ଯ୍ୟକୁ ରାଜ୍ୟସ୍ତରୀୟ କମିଟି ସହିତ ସମନ୍ୱୟ ରକ୍ଷାକରି ତ୍ୱରାନ୍ୱିତ କରିବା ଲାଗି ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଯଦି କୌଣସିଠାରେ ମାଓବାଦୀମାନଙ୍କ ସ୍ମାରକୀ ଠାବ ହେଉଛି ତାକୁ ତୁରନ୍ତ ଧୂଳିସାତ୍ କରିବାକୁ ସ୍ଥାନୀୟ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା ବୈଠକରୁ ଜଣାଯାଇଛି।

# ବିଜେଡିରୁ ୨ ଜିଲା ପରିଷଦ ସଭ୍ୟ, ଜଣେ ସରପଞ୍ଚ ନିଲମ୍ବିତ

ଭୁବନେଶ୍ୱର/ସୋର,୨୬।୪
(ରବିନାରାୟଣ ଜେନା/ଜନ୍ମେଜୟ ମିଶ୍ର)

ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ରବିବାର ଦୁଇଜଣ ଜିଲାପରିଷଦ ସଭ୍ୟ ଓ ଜଣେ ସରପଞ୍ଚଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଏନେଇ ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକ ଜାରି କରିଥିବା ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି, ସୋର ବିଧାନସଭା ନିର୍ବାଚନମଣ୍ଡଳୀର ୪୪ ନମ୍ବର ଜୋନ୍‌ର ଜିଲା ପରିଷଦ ସଭ୍ୟ ଜୟନ୍ତ କୁମାର ସ୍ୱାଇଁ ଓ ସୋର ବ୍ଲକର ନଦୀ ଗାଁ ସରପଞ୍ଚ ବାସନ୍ତୀ ସ୍ୱାଇଁଙ୍କୁ ଦଳ ବିରୋଧୀ କାର୍ଯ୍ୟପାଇଁ ନିଲମ୍ବନ କରାଯାଇଛି।

ସେହିପରି ପାଲଲହଡା ବିଧାନସଭା ନିର୍ବାଚନମଣ୍ଡଳୀର ୧୦ ନମ୍ବର ଜୋନ୍‌ର ଜିଲା ପରିଷଦ ସଭ୍ୟା ରଶ୍ମିତା ବେହେରାଙ୍କୁ ମଧ୍ୟ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବନ କରାଯାଇଛି ବୋଲି ନାୟକ ଦର୍ଶାଇଛନ୍ତି।

# ଜନଗଣନାରେ ନିୟୋଜିତ ୨ଜଣଙ୍କ ମୃତ୍ୟୁ

ବେତନଟୀ/ସୁନ୍ଦରଗଡ଼,୨୬।୪ (ଧରଣୀଧର ମହାନ୍ତି/ଜୟନାରାୟଣ ମେଣ୍ଡୁଲି)

ଜନଗଣନା କାର୍ଯ୍ୟରେ ନିୟୋଜିତ ହୋଇଥିବା ୨ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ୍ ଅଧୀନ ପୁରିନ୍ଦା କଖାରୁଆ ବୈଦନାଥ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରାଜକପୁର ହେମ୍ବ୍ରମଙ୍କ ରବିବାର ସନ୍ଧ୍ୟାରେ ବାରିପଦା ପିଆରଏମ୍ ମେଡିକାଲ କଲେଜରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। କେନ୍ଦ୍ର ସରକାରଙ୍କ ଜନଗଣନା କାର୍ଯ୍ୟରେ ସେ ସାମିଲ ହୋଇଥିଲେ। ସେ ବେତନଟୀ ବ୍ଲକ ପଞ୍ଚାୟତ ଗାଁରେ ଘର ଘର ବୁଲି ଜନଗଣନା କରୁଥିଲେ। ଗୁରୁବାର ଅତ୍ୟଧିକ ଗରମ ଯୋଗୁ ସେ ଅସୁସ୍ଥ ହୋଇପଡ଼ିଥିଲେ। ଏଥିପାଇଁ ସେ ୨ଦିନ ଛୁଟି ନେଇଥିଲେ। ତାଙ୍କ ଦେହ ଅସୁସ୍ଥ ଥିବା ସତ୍ତ୍ୱେ ମଧ୍ୟ ଜନଗଣନା କାମର ଚାପ ରହୁଛି ବୋଲି ଉକ୍ତ ବିଦ୍ୟାଳୟର କିଛି ସହକର୍ମୀଙ୍କ ନିକଟରେ ଛୁଟି ନେବା ନେଇ ପୂର୍ବରୁ ଜଣେଇଥିଲେ। ରବିବାର ତାଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି। ଖବର ପାଇ ପରିବାର ସଦସ୍ୟ ଓ ବେତନଟୀ ଓଷ୍ଟା ଶିକ୍ଷକ ସଂଘ ସମେତ ବ୍ଲକ୍‌ର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ମହଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ସେହିପରି ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ଜର୍ଡା ସରକାରୀ ହାଇସ୍କୁଲର ଶିକ୍ଷକ ଅନୁରାଗ ଶନିବାର ଜଣଗଣନା କାମରେ ନିୟୋଜିତ ଥିଲେ। ହେଲେ ହଠାତ୍ ସେ ଅସୁସ୍ଥତା ଅନୁଭବ କରିଥିଲେ। ତୁରନ୍ତ ତାଙ୍କୁ ଗୁରୁଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ହେଲେ ତାଙ୍କର ମୃତ୍ୟୁ ଅଂଶୁଘାତଜନିତ କି ନୁହେଁ, ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ଜିଲା ଆପାତକାଳୀନ ଅଧିକାରୀ ଅଶ୍ୱିନୀ କୁମାର ପଣ୍ଡା ପ୍ରକାଶ କରିଛନ୍ତି।

# ମହିଳା ସଂରକ୍ଷଣ ବିଲ୍‌କୁ ନେଇ ଭାଜପା ନାଟକ କରୁଛି: ବିଜେଡି

ଭୁବନେଶ୍ୱର,୨୬।୪(ରବିନାରାୟଣ ଜେନା)


ଶଙ୍ଖ ଭବନରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଏବଂ ଦଳର ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାର।

ମହିଳା ସଂରକ୍ଷଣ ବିଲ୍‌କୁ ନେଇ ଭାଜପା ନାଟକ କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଏବଂ ଦଳର ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାର ଏହି ପ୍ରସଙ୍ଗକୁ ନେଇ ଭାଜପା ଉପରେ ବର୍ଷିଛନ୍ତି। ସୁଲତା କହିଛନ୍ତି, ଦେଶର ସମସ୍ତ ରାଜନୈତିକ ଦଳର ସମର୍ଥନରେ ୨୦୨୩ରେ, ଦେଶର ସଂସଦ ଓ ବିଧାନସଭାରେ ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ କରିବା ପାଇଁ ନାରୀ ଶକ୍ତି ବନ୍ଦନ ଅଧିନିୟମ ପାରିତ ହୋଇଥିଲା। ସମସ୍ତେ ଆଶା କରିଥିଲେ, ଏହାକୁ ତୁରନ୍ତ ୨୦୨୪ ସାଧାରଣ ନିର୍ବାଚନରେ ଲାଗୁ କରାଯିବ। କିନ୍ତୁ, ଏନ୍‌ଡିଏ ସରକାର ଏହାକୁ ଲାଗୁ କରି ନ ଥିଲେ। ୨୦୨୬ରେ ଜନଗଣନା ହେବାକୁ ଯାଉ ଥିବାରୁ ଏହି ଜନଗଣନା ଆଧାରରେ ସଂସଦ ଓ ବିଧାନସଭା ଆସନ ଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ ହେବା ପରେ ଏହାକୁ ଲାଗୁ କରାଯିବ ବୋଲି ଭାଜପା ପକ୍ଷରୁ କୁହାଯାଇଥିଲା। ମାତ୍ର ଦେଶର ପାଞ୍ଚଟି ରାଜ୍ୟରେ ନିର୍ବାଚନ ଚାଲିଥିବା ସମୟରେ ହଠାତ୍ ସଂସଦର ବିଶେଷ ଅଧିବେଶନ ଡାକି ମହିଳା ସଂରକ୍ଷଣ ସହିତ ୨୦୧୧ ଜନଗଣନା ଆଧାରରେ ସୀମା ପୁନଃ ନିର୍ଦ୍ଧାରଣକୁ ପାରିତ କରାଯିବାକୁ ଉଦ୍ୟମ କରାଗଲା। ଯେହେତୁ ପ୍ରସ୍ତାବିତ ସୀମା ପୁନଃ ନିର୍ଦ୍ଧାରଣରେ ଓଡ଼ିଶା ସମେତ ସମସ୍ତ ଦକ୍ଷିଣାଞ୍ଚଳ ଓ ପୂର୍ବତର ରାଜ୍ୟଗୁଡ଼ିକର ପ୍ରତିନିଧିତ୍ୱ ହ୍ରାସ ପାଉଥିଲା, ସେଥିପାଇଁ ବିରୋଧୀ ଦଳମାନେ ଏହାକୁ ସମର୍ଥନ ଦେଇ ନ ଥିଲେ। ଏହି ବିଲ୍ କାଟ ଖାଇଯିବା ପରେ ଭାଜପା ବିରୋଧୀ ଦଳମାନଙ୍କୁ ମହିଳା ବିରୋଧୀ କହି ନାଟକ କରୁଛି।

ଡ. ଲେଖାଶ୍ରୀ କହିଛନ୍ତି, ୨୦୧୯ ନିର୍ବାଚନରେ ବିଜେଡି ୩୩ ପ୍ରତିଶତ ସଂସଦୀୟ କ୍ଷେତ୍ରରେ ମହିଳା ପ୍ରାର୍ଥୀ ଦେଇଥିଲା। ଏଥିରୁ ମହିଳା ସଂରକ୍ଷଣ ବିଲ୍ ବା ମହିଳା ସଶକ୍ତୀକରଣ କ୍ଷେତ୍ରରେ ବିଜୁ ଜନତା ଦଳ ସର୍ବାଗ୍ରେ ରହିଛି। ଦେଶରେ ମହିଳାମାନଙ୍କୁ ସାମ୍ବିଧାନିକ ପଦବୀର ସ୍ଥାନ ସଂରକ୍ଷଣ ପ୍ରକ୍ରିୟା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ୧୯୯୨ରେ ବିଜୁବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ସମୟରେ ରାଜ୍ୟର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଓ ଅର୍ବାନ ଲୋକାଲ ବଡି ଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ। ସେହିପରି ୨୦୧୮ରେ ବିଜେଡି ସରକାର ମହିଳାମାନଙ୍କୁ ସଂସଦ ଓ ବିଧାନସଭାରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ପ୍ରଦାନ କରିବା ପାଇଁ ଓଡ଼ିଶା ବିଧାନସଭାରେ ଏକ ସଙ୍କଳ୍ପ ପାରିତ କରାଇବା ସହିତ ଦେଶର ୨୨ଟି ରାଜନୈତିକ ଦଳକୁ ବିଜେଡିର ବରିଷ୍ଠ ପ୍ରତିନିଧିମଣ୍ଡଳୀ ଭେଟି ଏହା ସପକ୍ଷରେ ମତ ଦେବାକୁ ପ୍ରବର୍ତ୍ତାଇ ଥିଲେ। ମହିଳା ସଂରକ୍ଷଣ କ୍ଷେତ୍ରରେ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଭୂମିକା ସର୍ବାଗ୍ରେ ବୋଲି ଲେଖାଶ୍ରୀ କହିଛନ୍ତି।

# ରାଜଗାଙ୍ଗପୁରରେ ଜଳିଗଲା ଟାୟାର କାରଖାନା

ରାଜଗାଙ୍ଗପୁର,୨୬।୪
(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ପଦାଜାମପାଲିଠାରେ ଥିବା ଏକ ଟାୟାର କାରଖାନାରେ ରବିବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି।

ସକାଳ ପ୍ରାୟ ସାଢ଼େ ୫ଟାରେ ଟାୟାର କାରଖାନାରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ନିଆଁର ପ୍ରକୋପରେ ସମ୍ପୂର୍ଣ୍ଣ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଖବର ପାଇ ରାଜଗାଙ୍ଗପୁର ଅଗ୍ନିଶମ ବିଭାଗ, କୁତ୍ରା ଅଗ୍ନିଶମ ବିଭାଗ, ରାଉରକେଲା ଅଗ୍ନିଶମ ବିଭାଗ ତଥା ଡାଲମିଆ ସିମେଣ୍ଟର ନିଆଁଲିଭା ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୀର୍ଘ ୬ ଘଣ୍ଟାର ପ୍ରୟାସ ପରେ ସେମାନେ ନିଆଁକୁ ଆୟତ୍ତ କରିଥିଲେ।


ଟାୟାର କାରଖାନ ଜଳୁଛି।

❝ ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ– ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। –ଶ୍ରୀମା

ମୋହିନୀ ଏକାଦଶୀ
ଉପବାସ ଓ
ହଳ ନିଷେଧ



# ଟ୍ରମ୍ପ୍‌ଙ୍କୁ ଲକ୍ଷ୍ୟ

ମଧ୍ୟପ୍ରାଚ୍ୟ ସଙ୍କଟ ଦୂର କରିବା ଲାଗି ଇରାନ୍ ବୈଦେଶିକ ମନ୍ତ୍ରୀ ଅବାସ ଆରାଘାଚି ଆମେରିକୀୟ ପ୍ରତିନିଧି ଦଳ ସହ କଥାବାର୍ତ୍ତା କରିବା ପୂର୍ବରୁ ୨୫ ଏପ୍ରିଲରେ ଇସ୍‌ଲାମାବାଦ ଛାଡ଼ିଦେଇଥିଲେ। ଆମେରିକା ଶାନ୍ତି ଆଲୋଚନା ପାଇଁ ପ୍ରସ୍ତୁତ ନାହିଁ ଓ ଇରାନ୍‌ର ସାମୁଦ୍ରିକ ଜଳପଥ ହର୍ମୁଜକୁ ଅବରୋଧ କରି ରଖୁଥିବାରୁ ତା' ସହ ପ୍ରତ୍ୟକ୍ଷ କଥାବାର୍ତ୍ତାର ଆବଶ୍ୟକତା ନାହିଁ ବୋଲି ଆରାଘାଚି କହିଥିଲେ। ଅନ୍ୟପକ୍ଷରେ ଆମେରିକୀୟ ପ୍ରତିନିଧି ଷ୍ଟିଭ୍ ୱିଟ୍‌କଫ୍ ଓ ଜାରେଡ୍ କୁଶନର ଇସ୍‌ଲାମାବାଦ ନ ଆସି ସେମାନଙ୍କ ନିଷ୍ପତ୍ତି ବଦଳାଇବା ଆଲୋଚନା ପ୍ରକ୍ରିୟାକୁ ବ୍ୟାହତ ପହଞ୍ଚାଇଛି। ଏହି ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଥିଲେ ଯେ, ଇରାନ୍ ଯେକୌଣସି ସମୟରେ ଫୋନ୍ କରିପାରିବ, ଏଥିପାଇଁ ଦୀର୍ଘ ଘଣ୍ଟାର ବିମାନ ଯାତ୍ରାର ଆବଶ୍ୟକତା ନାହିଁ। ପାକିସ୍ତାନକୁ ମଝିରେ ରଖି ଏଭଳି ପରୋକ୍ଷ କଥୋପକଥନ ଦର୍ଶାଉଛି ଯେ, ଉଭୟ ଆମେରିକା ଓ ଇରାନ୍ ନିଜ ଜିଦ୍‌ରେ ଅଟଳ ଅଛନ୍ତି। ଏଭଳି ସ୍ଥିତି କେବଳ ଦୁଇ ଦେଶ ନୁହେଁ, ସମଗ୍ର ବିଶ୍ୱକୁ ଶକ୍ତି ସଙ୍କଟ ସହ ବହୁସ୍ତରରେ ଅସ୍ଥିରତା ମଧ୍ୟକୁ ଠେଲି ନେଇଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପଶ୍ଚିମ ଏସିଆ ସଙ୍କଟ ନେଇ ନିଜ ଦେଶ ଭିତରେ ମଧ୍ୟ ବିରୋଧର ସମ୍ମୁଖୀନ ହୋଇଛନ୍ତି। ଏହାର ଫଳ ସ୍ୱରୂପ, ଆମେରିକାରେ ତୈଳ ମୂଲ୍ୟ ବୃଦ୍ଧି, ଅର୍ଥନୈତିକ ଅସ୍ଥିରତା ଓ ଟ୍ରମ୍ପ୍ ପ୍ରଶାସନ ପ୍ରତି ଅସନ୍ତୋଷ ବଢୁଥିବା ଲକ୍ଷ୍ୟ କରାଯାଉଛି। ଏଭଳି ଏକ ଯୁଦ୍ଧର କ'ଣ ଆବଶ୍ୟକତା ରହିଛି ବୋଲି ଅନେକେ ପ୍ରଶ୍ନ କରୁଥିଲେ ମଧ୍ୟ ଟ୍ରମ୍ପ୍‌ଙ୍କ ଲକ୍ଷ୍ୟ ଇରାନ୍‌ର ତୈଳଭଣ୍ଡାର ଉପରେ ରହିଆସିଥିବା ବିଷୟରେ ଜାଣିବାଶୁଣିବା ମହଲର ଜ୍ଞାତ ଭିତରେ ରହିଛି। ଆମେରିକୀୟମାନେ ବୁଝିଲେଣି ଯେ, ଯୁଦ୍ଧ କେବଳ ସୈନ୍ୟବଳ ଓ କ୍ଷେପଣାସ୍ତ୍ର ପ୍ରଦର୍ଶନ ନୁହେଁ, ଏହା ମାନବୀୟ କ୍ଷତି ସହ ଦୀର୍ଘକାଳୀନ ଅସ୍ଥିରତା ବଢ଼ାଇଚାଲିଛି। ହର୍ମୁଜ ଜଳପଥ ଅବରୋଧ ଓ ସେଠାରେ ଆକ୍ରମଣଜନିତ ଘଟଣା ବିଶ୍ୱର ତୈଳ ଯୋଗାଣକୁ ସମ୍ପୂର୍ଣ୍ଣ ବ୍ୟାହତ କରିଛି। ଏହାଦ୍ୱାରା ଭାରତ ମଧ୍ୟ ଘୋର ପ୍ରଭାବିତ ହୋଇଛି। ବିଶେଷଜ୍ଞଙ୍କ ମତରେ ଇରାନ୍‌ର ପାରମାଣବିକ କାର୍ଯ୍ୟକ୍ରମ ନିୟନ୍ତ୍ରଣ କରିବା ନେଇ ଆମେରିକାର ଲକ୍ଷ୍ୟ ଥିଲେ ମଧ୍ୟ ତାହା ଯୁଦ୍ଧ ମାଧ୍ୟମରେ କଦାପି ସମ୍ଭବ ନୁହେଁ। ଏଥିପାଇଁ ଦରକାର କୂଟନୈତିକ ଆଲୋଚନା ଓ ଅନ୍ତର୍ଜାତୀୟ ଚାପ। ଯେହେତୁ ଟ୍ରମ୍ପ୍ ଗୋଟେ ଜିଦିରେ ଇରାନ୍‌କୁ ଟାର୍ଗେଟ କରୁଛନ୍ତି, ତାହା ଦ୍ୱାରା ଲକ୍ଷ୍ୟପ୍ରାପ୍ତି ସମ୍ଭବ ହୋଇପାରିବ ନାହିଁ।

> **ଏବର ସମୟରେ ଟ୍ରମ୍ପ୍ ନିଜଆଡୁ ବାସ୍ତବ ଦୃଷ୍ଟିକୋଣରୁ ଯୁଦ୍ଧ ବନ୍ଦ କରିବା ଦିଗରେ କାର୍ଯ୍ୟ କଲେ ଦୁଇଟି ଲାଭ ହୋଇପାରନ୍ତା। ଗୋଟେ ହେଲା ବିଶ୍ୱସ୍ତରରେ ଦେଖାଦେଇଥିବା ଶକ୍ତି ସଙ୍କଟ ଦୂର ହେବା ସହ ଅନ୍ତର୍ଜାତୀୟ ଆର୍ଥିକ ଅସ୍ଥିରତାରେ ସୁଧାର ଆସିପାରନ୍ତା ଏବଂ ଦ୍ୱିତୀୟରେ ଆମେରିକାରେ ଟ୍ରମ୍ପ୍ ସମ୍ପୂର୍ଣ୍ଣ ବିରୋଧର ସମ୍ମୁଖୀନ ହେବାରୁ ନିଜକୁ ରକ୍ଷା କରିପାରନ୍ତେ।**

ବର୍ତ୍ତମାନର ଆମେରିକା ସ୍ଥିତି ଦେଖିଲେ ଟ୍ରମ୍ପ୍‌ଙ୍କୁ ନିଜ ଦେଶର ଅର୍ଥନୈତିକ ସ୍ଥିତି ଓ ତାଙ୍କ ପ୍ରତି ଥିବା ଜନମତ ବିଷୟରେ ଭାବିବା ଦରକାର। ବିଶେଷକରି ଆସନ୍ତା ନଭେମ୍ବରରେ ଥିବା ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଏ ଦୃଷ୍ଟିରୁ ଗୁରୁତ୍ୱ ବହନ କରେ। ୨୫ ଏପ୍ରିଲ ୨୦୨୬ରେ ୱାଶିଂଟନର ହ୍ୱାଇଟ୍ ହାଉସ୍ କରେସ୍‌ପଣ୍ଡେଣ୍ଟସ୍ ଆସୋସିଏଶନର ରାତ୍ରିକାଳୀନ ଭୋଜିରେ ଗୁଳିକାଣ୍ଡ ଘଟିବା ଓ ଟ୍ରମ୍ପ୍‌ଙ୍କୁ ଟାର୍ଗେଟ କରାଯିବା ବିଷୟ ଅନେକ କିଛି ଦର୍ଶାଉଛି। ଟ୍ରମ୍ପ୍ ଖବରଦାତାଙ୍କୁ ସମ୍ବୋଧିତ କରୁଥିବା ବେଳେ ଜଣେ ଯୁବକ ଯେଉଁ ସମୟରେ ଗୁଳିକଲେ ସେଠାରେ ଉପରାଷ୍ଟ୍ରପତି ଜେଡି ଭାନ୍ସ, ଟ୍ରମ୍ପ୍‌ଙ୍କ ସ୍ତ୍ରୀ ମେଲେନିଆଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଅବଶ୍ୟ ଏଥିରେ ଜଣେ ସୁରକ୍ଷା ଅଧିକାରୀ ଆହତ ହେବା ବ୍ୟତୀତ ବିଶେଷ କ୍ଷତି ଘଟିନାହିଁ। ତେବେ କାଲିଫର୍ନିଆର ୩୧ ବର୍ଷୀୟ ଶିକ୍ଷିତ ଯୁବକ କୋଲ୍ ଟମାସ ଆଲେନଙ୍କୁ ସୁରକ୍ଷାକର୍ମୀମାନେ ହେପାଜତକୁ ନେଇଛନ୍ତି। ଆଲେନ କେଉଁଥିପାଇଁ ଗୁଳି କଲେ, ତାହା ଜଣାପଡ଼ି ନ ଥିଲେ ମଧ୍ୟ ଟ୍ରମ୍ପ୍‌ଙ୍କ ପ୍ରତି ଏହା ଅସନ୍ତୋଷକୁ ଦର୍ଶାଉଥିବା ଚର୍ଚ୍ଚା ହେଉଛି। ଅବଶ୍ୟ ଟ୍ରମ୍ପ୍‌ଙ୍କୁ ତାଙ୍କ ନିର୍ବାଚନ ପ୍ରଚାର ସମୟରେ ଗୁଳି କରାଯାଇଥିଲା, ଯେଉଁଥିରେ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏବର ସ୍ଥିତିକୁ ଦେଖିଲେ ଦ୍ୱିତୀୟ ପର୍ଯ୍ୟାୟ ଶାସନ ସମୟରେ ଟ୍ରମ୍ପ୍‌ଙ୍କ ପ୍ରତି ସମର୍ଥନ ହ୍ରାସ ପାଇଥିବା ଲକ୍ଷ୍ୟ କରାଯାଉଛି। ବର୍ତ୍ତମାନ ୫୮ ପ୍ରତିଶତ ଆମେରିକୀୟ ଟ୍ରମ୍ପ୍‌ଙ୍କ କାର୍ଯ୍ୟକୁ ନାପସନ୍ଦ କରୁଥିବା ବେଳେ ୩୯ ପ୍ରତିଶତ ନାଗରିକ ସମର୍ଥନ କରୁଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ଏପରିକି ଯୁଦ୍ଧ ଓ ଅନ୍ୟ ଦେଶର ସାର୍ବଭୌମତ୍ୱରେ ଟ୍ରମ୍ପ୍‌ଙ୍କ ହସ୍ତକ୍ଷେପ ନେଇ ରିପବ୍ଲିକାନ୍ ପାର୍ଟିର ସିନେଟର ରାଣ୍ଡ୍ ପଲ୍, ଲିସା ମୁର୍କୋସ୍କି, ସୁସାନ୍ କୋଲିନ୍, ଟୋଡ୍ ୟଙ୍ଗ୍ ପ୍ରମୁଖ ଅସନ୍ତୋଷ ବ୍ୟକ୍ତ କରିଆସୁଛନ୍ତି। ଯୁଦ୍ଧ ପ୍ରଭାବରେ ଆମେରିକାର ଅର୍ଥନୀତି ଅତିରିକ୍ତ ଚାପର ସମ୍ମୁଖୀନ ହୋଇଥିବାରୁ ଯୁବବର୍ଗ ଟ୍ରମ୍ପ୍‌ଙ୍କ ଉପରେ କ୍ରୋଧିତ ଥିବା କୁହାଯାଉଛି। ଏଠାରେ ମନେପଡ଼େ ଗତବର୍ଷ ଜେନ୍ ଜି ଉତ୍‌କ୍ଷିପ୍ତ ହୋଇ ନେପାଳରେ ସୃଷ୍ଟି କରିଥିବା ଅସମ୍ଭାଳ ସ୍ଥିତି। ତେଣୁ ଏବର ସମୟରେ ଟ୍ରମ୍ପ୍ ନିଜଆଡୁ ବାସ୍ତବ ଦୃଷ୍ଟିକୋଣରୁ ଯୁଦ୍ଧ ବନ୍ଦ କରିବା ଦିଗରେ କାର୍ଯ୍ୟ କଲେ ଦୁଇଟି ଲାଭ ହୋଇପାରନ୍ତା। ଗୋଟେ ହେଲା ବିଶ୍ୱସ୍ତରରେ ଦେଖାଦେଇଥିବା ଶକ୍ତି ସଙ୍କଟ ଦୂର ହେବା ସହ ଅନ୍ତର୍ଜାତୀୟ ଆର୍ଥିକ ଅସ୍ଥିରତାରେ ସୁଧାର ଆସିପାରନ୍ତା ଏବଂ ଦ୍ୱିତୀୟରେ ଆମେରିକାରେ ଟ୍ରମ୍ପ୍ ସମ୍ପୂର୍ଣ୍ଣ ବିରୋଧର ସମ୍ମୁଖୀନ ହେବାରୁ ନିଜକୁ ରକ୍ଷା କରିପାରନ୍ତେ।

# ଦେଶରେ ଶ୍ରମିକ ଅଶାନ୍ତି



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ ଏପ୍ରିଲ ୧୩ ତାରିଖରେ ନଏଡା ଫେଜ୍–୨ରେ ଅନେକ ହଜାର ଶ୍ରମିକଙ୍କ ଆନ୍ଦୋଳନ ସେମାନଙ୍କ ମନରେ ଥିବା ଦୀର୍ଘଦିନର ଆକ୍ରୋଶକୁ ପ୍ରକାଶ କରିଛି। ସେଠାକାର ବିଭିନ୍ନ ଶିଳ୍ପ ଓ ଠିକା ସଂସ୍ଥାଗୁଡ଼ିକ ଅଧୀନରେ କାର୍ଯ୍ୟରତ ଶ୍ରମିକମାନେ ମଜୁରି ବୃଦ୍ଧି ଏବଂ ଅନ୍ୟାନ୍ୟ ଦାବି ନେଇ ଏହି ଆନ୍ଦୋଳନରେ ଭାଗ ନେଇଥିଲେ। ନିକଟସ୍ଥ ଗ୍ରେଟର ନଏଡାରେ ମଧ୍ୟ ଶ୍ରମିକମାନଙ୍କ ସମାନ ପ୍ରତିବାଦ ଦେଖିବାକୁ ମିଳିଥିଲା। ନଏଡା ଫେଜ–୨ରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଶୀଘ୍ର ବିସ୍ତାରିତ ହୋଇ ବର୍ତ୍ତମାନର ନଏଡାରେ କାର୍ଯ୍ୟରତ ପ୍ରାୟ ୪୦ରୁ ୫୦ ହଜାର ଶ୍ରମିକଙ୍କୁ ସାମିଲ କରିବା ସହ ରାଷ୍ଟ୍ରୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ର ୬୮ ଟି ମୁଖ୍ୟ କ୍ଲଷ୍ଟର ଓ ୧୫ରୁ ଅଧିକ ଶିଳ୍ପ ଅଞ୍ଚଳକୁ ଛୁଇଁପାରିଛି।

ନଏଡାରେ ଯାହା ସବୁ ଘଟିଗଲା, ତାହା ବର୍ଷ ବର୍ଷ ଧରି ଶ୍ରମିକଙ୍କ ମନରେ ଦାନା ବାନ୍ଧିଥିବା ଏକ ପୁଞ୍ଜୀଭୂତ ଅସନ୍ତୋଷର ସାମୂହିକ ପରିପ୍ରକାଶ ଥିଲା। ଆନ୍ଦୋଳନରେ ଯୋଗ ଦେଇଥିବା ଶ୍ରମିକମାନେ ନିଜର ନିଯୁକ୍ତିଦାତାଙ୍କ ଦ୍ୱାରା ଲଗାତର ଶୋଷଣ, ଅନିୟମିତ ବେତନ ପ୍ରଦାନ, କମ୍ ମଜୁରି ଓ ବିଭିନ୍ନ ଅନିୟମିତତାର ଅଭିଯୋଗ କରିଛନ୍ତି। ଦୀର୍ଘଦିନ ଧରି ଚାଲି ଆସୁଥିବା ପ୍ରବଞ୍ଚନା, ଚାକିରିର ଅନିଶ୍ଚିତତା ଏବଂ କ୍ରମବର୍ଦ୍ଧମାନ ଜୀବନଯାପନ ଖର୍ଚ୍ଚ ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିବା ସହିତ ସହିବାର ସମସ୍ତ ସୀମାକୁ ପାର ହୋଇଯାଇଥିଲା। ଅତଏବ ଏହି ଶ୍ରମିକ ଆନ୍ଦୋଳନକୁ କେବଳ ଏକ ସ୍ଥାନୀୟ ଘଟଣା କିମ୍ବା କୌଣସି ବିଚ୍ଛିନ୍ନ ଆନ୍ଦୋଳନ ନ କହି ବରଂ ଶୋଷିତ ତଥା ନିର୍ଯାତିତ ଶ୍ରମିକଙ୍କର ସରକାରଙ୍କ ଶ୍ରମିକ ବିରୋଧୀ ନୀତି ବିରୋଧରେ ସ୍ୱାଭାବିକ ପ୍ରତିକ୍ରିୟା ବୋଲି କହିବା ଠିକ୍ ହେବ।

ନଏଡାର ଶ୍ରମିକମାନଙ୍କ ଆନ୍ଦୋଳନ କୌଣସି ଏକ ବିଚ୍ଛିନ୍ନ ଘଟଣା ନୁହେଁ। କାରଣ ତା' ପୂର୍ବରୁ ଦେଶର ଅନେକ ସ୍ଥାନରେ ଗତ କିଛି ମାସ ମଧ୍ୟରେ ଶ୍ରମିକଙ୍କ ଆନ୍ଦୋଳନ ଦେଖିବାକୁ ମିଳିଛି। ତାମିଲନାଡୁର ଶ୍ରୀପେରୁମ୍ବୁଦୁରରେ ଇଲେକ୍ଟ୍ରୋନିକ୍ସ କାରଖାନା ଶ୍ରମିକଙ୍କ ଧର୍ମଘଟ, ହରିୟାଣାର ସୋନିପତ୍, ପାନିପତ, ଫରିଦାବାଦରେ ଶିଳ୍ପ ଶ୍ରମିକଙ୍କ ଆନ୍ଦୋଳନ, ରାଜସ୍ଥାନର ନିମରାନା ଓ ଭିୱାଡିରେ, ଉତ୍ତରାଖଣ୍ଡର ରୁଦ୍ରପୁର ଓ ହାଲଦ୍ୱାନୀରେ, ପଞ୍ଜାବର ଭଟିଣ୍ଡାରେ, ଗୁଜରାଟର ହଜିରା ଓ ସୁରଟରେ ଏବଂ ଛତିଶଗଡର ରାୟପୁର ସହ ଅନ୍ୟାନ୍ୟ ଶିଳ୍ପାଞ୍ଚଳରେ ଶ୍ରମିକମାନେ ଆନ୍ଦୋଳନ କରିଛନ୍ତି। ସେସବୁ ଆନ୍ଦୋଳନରେ ଶ୍ରମିକଙ୍କ ମଧ୍ୟରେ ଥିବା ଅସନ୍ତୋଷ ଓ ଦାବି ପ୍ରାୟତଃ ଏକାଭଳିଆ । ସବୁଠି ସେମାନେ କମ୍ ମଜୁରି, ଅଧିକ କାମର ଚାପ, ବିପଦପୂର୍ଣ୍ଣ କାର୍ଯ୍ୟ ପରିବେଶ, ଚାକିରିର ଅନିଶ୍ଚିତତା, ୟୁନିୟନ ସ୍ୱୀକୃତିର ଅଭାବ ଆଦି ସମସ୍ୟା ଭାବେ ଚିହ୍ନିତ କରିବା ଦେଖାଯାଇଛି। ଅତଏବ ଉପରୋକ୍ତ ଦାବିଗୁଡ଼ିକ କେବଳ କୌଣସି



ନିର୍ଦ୍ଦିଷ୍ଟ ଶିଳ୍ପ ବା ସହରର ସମସ୍ୟା ଭାବେ ସୀମିତ ରହିନି ବରଂ ରାଜ୍ୟ ନିର୍ବିଶେଷରେ ତାହା ସାରା ଦେଶର ଶ୍ରମିକଙ୍କ ସାଧାରଣ ସମସ୍ୟାରେ ପରିଣତ ହୋଇଯାଇଛି। ଗତ କିଛି ମାସ ମଧ୍ୟରେ ଏସବୁ ସମସ୍ୟା ଓ ଅସନ୍ତୋଷର ବାରମ୍ବାର ବିସ୍ଫୋରଣ ଦେଖିବାକୁ ମିଳିଛି। ସର୍ବପ୍ରଥମେ ଗତ ଫେବୃଆରୀରେ ବିହାରର ବରୌଣୀରୁ ଏହି ଶ୍ରମିକ ଆନ୍ଦୋଳନର ଶୁଭାରମ୍ଭ ହୋଇଛି।

ନଏଡା ଆନ୍ଦୋଳନର ଠିକ୍ ପୂର୍ବରୁ ନିକଟବର୍ତ୍ତୀ ହରିୟାଣାର ଫରିଦାବାଦ, ଗୁରୁଗାଓଁ ଓ ମାନସେରରେ ଶିଳ୍ପ ଶ୍ରମିକମାନେ ନିଜର ଦରମା ବୃଦ୍ଧି ଓ ଅନ୍ୟାନ୍ୟ ଦାବି ନେଇ ଆନ୍ଦୋଳନ କରିଥିଲେ। ବଜାରରେ ଲଗାତର ଦରଦାମ୍ ବୃଦ୍ଧି ସତ୍ତ୍ୱେ ଗତ କିଛି ବର୍ଷ ଧରି ଶ୍ରମିକଙ୍କ ମଜୁରିରେ କୌଣସି ବୃଦ୍ଧି କରାଯାଉ ନ ଥିବାରୁ ସେମାନଙ୍କ ମଧ୍ୟରେ ଆକ୍ରୋଶ ଥିଲା। ମଜୁରି ବୃଦ୍ଧି ପାଇଁ ଶ୍ରମିକଙ୍କ ଦାବି ଓ ସଂଗ୍ରାମ ନ୍ୟାୟସଙ୍ଗତ ଥିଲା। ସେମାନଙ୍କ ଆନ୍ଦୋଳନ ଚାପରେ ସେଠାକାର ସରକାର ରାଜ୍ୟର ସର୍ବନିମ୍ନ ମଜୁରିରେ ଏକାଥରକେ ୩୫% ବୃଦ୍ଧି କରିବାକୁ ବାଧ ହୋଇଥିଲେ। ସରକାରଙ୍କ ଉପରୋକ୍ତ ମଜୁରି ବୃଦ୍ଧି ହରିୟାଣାର ଶ୍ରମିକଙ୍କୁ ଆଶ୍ୱସ୍ତି ପ୍ରଦାନ କରିଥିଲା, କିନ୍ତୁ ତା' ସହିତ ପଡ଼ୋଶୀ ଉତ୍ତରପ୍ରଦେଶ, ଦିଲ୍ଲୀ ଓ ରାଜସ୍ଥାନର ଶ୍ରମିକଙ୍କୁ ମଧ୍ୟ ଲଢ଼େଇ ପାଇଁ ଉତ୍ସାହିତ କରିଥିଲା। ସଂଗଠିତ ଆନ୍ଦୋଳନ ଜରିଆରେ ହରିୟାଣାର ଶ୍ରମିକମାନେ ଯେଉଁଭଳି ସରକାରଙ୍କୁ ମଜୁରି ବଢ଼ାଇବା ପାଇଁ ନୁଆଁଇ ଦେଇପାରିଲେ ସେପରି ଆମେ ବି ଚାହିଁଲେ କରିପାରିବା, ଏହି ଆତ୍ମବିଶ୍ୱାସ ସେସବୁ ରାଜ୍ୟର ଶିଳ୍ପ ଶ୍ରମିକଙ୍କ ମନରେ ସୃଷ୍ଟି ହୋଇଥିଲା। ଫଳରେ ହରିୟାଣା ସୀମାଠାରୁ ଅନତି ଦୂରରେ ଥିବା ନଏଡା, ଦିଲ୍ଲୀ ପରି ସହରର ଶ୍ରମିକମାନେ ଦରମା ବୃଦ୍ଧି ଓ ଅନ୍ୟାନ୍ୟ ନ୍ୟାୟୋଚିତ ଦାବି ନେଇ ଆନ୍ଦୋଳନର ରାସ୍ତାକୁ ଓହ୍ଲାଇଥିଲେ। ଏହା ସତ ଯେ, ଦେଶରେ ଶ୍ରମିକମାନଙ୍କ ମଜୁରି ଗତ ବହୁ ବର୍ଷ ଧରି ପ୍ରାୟତଃ ସ୍ଥିର ରହିଛି। ସର୍ବନିମ୍ନ ମଜୁରିରେ ସରକାର ଯେଉଁ ନାମକୁମାତ୍ର ବୃଦ୍ଧି କରୁଛନ୍ତି, ତାହା ବଜାର ଦର ତୁଳନାରେ କମ୍ । ଜିନିଷପତ୍ରର ଦରଦାମ୍ ବୃଦ୍ଧି ସତ୍ତ୍ୱେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଶ୍ରମିକଙ୍କ ଦରମାରେ ଗତ କିଛି ବର୍ଷ ଧରି ପ୍ରାୟତଃ ବୃଦ୍ଧି କରିନାହାନ୍ତି। ଅତଏବ କମ୍ ମଜୁରି ସାଙ୍ଗକୁ ଆକାଶଛୁଆଁ ଦରବୃଦ୍ଧି ଶ୍ରମିକଙ୍କ ଜୀବନକୁ ସଙ୍କଟଗ୍ରସ୍ତ କରି ଦେଇଥିବା ବେଳେ ବର୍ତ୍ତମାନ ଇରାନ–ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ରନ୍ଧନ ଗ୍ୟାସର ଦରବୃଦ୍ଧି ଓ ଯୋଗାଣ ସଙ୍କଟ ସେମାନଙ୍କ ମାସିକ ବ୍ୟୟରେ ଚାପ ସୃଷ୍ଟି କରିଛି। ଅତଏବ ଶ୍ରମିକମାନେ କରିଥିବା ଦାବି ଯଥା – ମାସିକ ମଜୁରି ୧୮ ହଜାରରୁ ୨୫ ହଜାର ଟଙ୍କାକୁ ବୃଦ୍ଧି, ନିର୍ଦ୍ଦିଷ୍ଟ କାମ ସମୟ, ସାପ୍ତାହିକ ଛୁଟି ଓ ଅତିରିକ୍ତ କାମ ସମୟର ଯଥୋଚିତ ପାରିଶ୍ରମିକ ଆଦି କୌଣସିମତେ ଅଯୌକ୍ତିକ ନ ଥିଲା।

ନଏଡାର ଶ୍ରମିକ ଆନ୍ଦୋଳନ ପରେ ଉତ୍ତର ପ୍ରଦେଶର ଭାଜପା ସରକାର ଗୋଟିଏ ପଟେ ଶ୍ରମିକଙ୍କ ଆକ୍ରୋଶକୁ ଥଣ୍ଡା କରିବାକୁ ରାଜ୍ୟର ସର୍ବନିମ୍ନ ମଜୁରିରେ ନାମକୁମାତ୍ର ବୃଦ୍ଧି କରିଥିବା ବେଳେ ଅନ୍ୟପଟେ ଆନ୍ଦୋଳନକାରୀଙ୍କ ଉପରେ ଦମନ ଓ ଅତ୍ୟାଚାର ଆରମ୍ଭ କରିଛନ୍ତି। ଗୋଟିଏ ପଟେ କେନ୍ଦ୍ର ସରକାର ଶ୍ରମିକ ଆନ୍ଦୋଳନର ଚାପରେ ପ୍ରଥମ ପର୍ଯ୍ୟାୟରେ କିଛି ସମ୍ମତି ପତ୍ର କରାଇ ୮ ଘଣ୍ଟିଆ ଶ୍ରମ ଦିବସ ଓ ଶ୍ରମ ଆଇନ ପ୍ରୟୋଗ ନେଇ ପଦକ୍ଷେପ ନେଇଥିବା ବେଳେ ଅନ୍ୟପଟେ ଭାଜପା ଶାସିତ ହରିୟାଣା, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଆଦି ରାଜ୍ୟର ସରକାରମାନେ ଶ୍ରମିକଙ୍କ ବିରୋଧରେ ଏତଲା ଦାଖଲ, ଗିରଫ ଓ ଦମନମୂଳକ କାର୍ଯ୍ୟ କରିବାରେ ଲାଗିଛନ୍ତି। ଆଶ୍ଚର୍ଯ୍ୟର କଥା, ଆଇନର ଉଲ୍ଲଂଘନ କରୁଥିବା କମ୍ପାନୀ ମାଲିକଙ୍କ ବିରୋଧରେ କୌଣସି ଦଣ୍ଡାତ୍ମକ କାର୍ଯ୍ୟ ହୋଇନାହିଁ।

ଆନ୍ଦୋଳନରତ ଶ୍ରମିକଙ୍କୁ ଶାନ୍ତ କରି ନିଜର ଭାବମୂର୍ତ୍ତିକୁ ରକ୍ଷା କରିବାକୁ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ଦୀର୍ଘ ବର୍ଷ ପରେ ରାଜ୍ୟର ସର୍ବନିମ୍ନ ମଜୁରିରେ ୨୧% ଅନ୍ତରୀଣ ବୃଦ୍ଧି କରାଯାଇଛି। କିନ୍ତୁ ଏହି ବୃଦ୍ଧି ଆନ୍ଦୋଳନର ଦାବି ସହ ସାମଞ୍ଜସ୍ୟ ରକ୍ଷା କରୁନି କି ବଜାର ଦର ଅନୁରୂପ ନୁହେଁ। ଶ୍ରମିକଙ୍କ ସର୍ବନିମ୍ନ ମଜୁରିରେ ଏହି ସାମାନ୍ୟ ବୃଦ୍ଧି ଏକ ଛଳନା। ଉତ୍ତର ପ୍ରଦେଶ ଓ ହରିୟାଣାରେ ଶ୍ରମିକମାନେ ସମାନ ଜୀବନଯାପନର ଖର୍ଚ୍ଚ ସତ୍ତ୍ୱେ ଦିଲ୍ଲୀଠାରୁ ବହୁତ କମ୍ ମଜୁରି ପାଉଛନ୍ତି। ଅତଏବ ଶ୍ରମିକମାନେ ମାସିକ ୨୬ ହଜାର ଟଙ୍କା ସର୍ବନିମ୍ନ ମଜୁରି ଘୋଷଣା କରିବାକୁ ଯେଉଁ ଦାବି କରିଛନ୍ତି, ଉତ୍ତର ପ୍ରଦେଶରେ ତା'ଠାରୁ ବହୁତ କମ୍ ଘୋଷଣା କରାଯାଇଛି।

ଦେଶରେ ୪୪ଟି ଶ୍ରମ ଆଇନ ରହିଥିବା ସତ୍ତ୍ୱେ ଶ୍ରମିକମାନଙ୍କ ଶୋଷଣ ଓ ନିର୍ଯାତନା ଅବ୍ୟାହତ ରହିଥିଲା। ଆଜି ସରକାର ଶ୍ରମ ସଂସ୍କାର ନାଁରେ କର୍ପୋରେଟ୍ କମ୍ପାନୀଙ୍କ ସ୍ୱାର୍ଥରେ ତା'କୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ଦେଇଛନ୍ତି। ପୁଞ୍ଜିପତିଙ୍କୁ ସୁହାଇଲା ପରି ଚାରୋଟି ଶ୍ରମ ସଂହିତା ବା କୋଡ୍ ଆଣିଛନ୍ତି। ଉପରୋକ୍ତ ସଂହିତା ଜରିଆରେ ସରକାର ଶ୍ରମିକଙ୍କ କଷ୍ଟାର୍ଜିତ ଶ୍ରମ ଅଧିକାରକୁ ଅକାମୀ କରିବା ସହିତ ସିଂହଭାଗ ଶ୍ରମିକଙ୍କୁ ସମସ୍ତ ପ୍ରକାର ଶ୍ରମ ଅଧିକାରର ପରିସୀମାରୁ ବାହାରକୁ ଠେଲି ଦେଇଛନ୍ତି। ଶ୍ରମ ବିଭାଗର ନିରୀକ୍ଷଣ ଓ ଦଣ୍ଡ ଦେବାର ଅଧିକାରକୁ କମାଇଦେବ ଓ ଶ୍ରମିକ ଅଧିକାରକୁ କ୍ଷୀଣ କରିବ। ଶ୍ରମିକମାନେ ଏକାଠି ହୋଇ ସଂଘ ଗଢ଼ିବାର ଅଧିକାର ଓ ଆନ୍ଦୋଳନ କରିବାର ଅଧିକାରକୁ ବି ସଙ୍କୁଚିତ କରି ଦିଆଯାଇଛି। ସରକାରଙ୍କ ଉପରୋକ୍ତ ପଦକ୍ଷେପ ଶ୍ରମିକମାନଙ୍କୁ ଅଧିକ ଶୋଷିତ, ଶକ୍ତିହୀନ ଓ ଅସହାୟ କରିଦେବ। ସେମାନଙ୍କ ମନରେ ଭୟଙ୍କର ଅଶାନ୍ତି ଓ ଅସନ୍ତୋଷକୁ ଜନ୍ମଦେବ।

ମୋ: ୯୪୩୭୧୬୬୩୯୧

# ଆମ ସଂସ୍କାର, ଆମ ପରିଚୟ



ଚିନ୍ମୟୀ ପଣ୍ଡା

ସମ୍ପ୍ରତି ସୋସିଆଲ ମିଡିଆରେ ଏକ ଭାଇରାଲ ଭିଡିଓ ବ୍ୟାପକ ଚର୍ଚ୍ଚାର ବିଷୟ ହୋଇଛି। ନେପାଳର ଏକ ରାସ୍ତାରେ ଦୁଇଜଣ ଭାରତୀୟ ପର୍ଯ୍ୟଟକ ଗୁଟ୍‌ଖା ଛେପ ପକାଇବା ସମୟରେ ଜଣେ ନେପାଳୀ ବ୍ୟକ୍ତି ସେମାନଙ୍କୁ ଅପମାନିତ କରି ରାସ୍ତା ସଫା କରାଇଥିଲେ। ନେପାଳୀ ବ୍ୟକ୍ତି କହିଥିଲେ, ଏହା ଭାରତ ନୁହେଁ ଭାଇ, ଏହା ନେପାଳ। ପାଣି ଢାଳ ଶୀଘ୍ର। ତୁମେ ଏତେ ବଡ଼ ଦେଶ ଭାରତରୁ ଆସି ଏମିତି କୁତ୍ସିତ କାର୍ଯ୍ୟ କରୁଛ? ଏହି ଘଟଣା କେବଳ ଏକ ବ୍ୟକ୍ତିଗତ ଅପମାନ ନୁହେଁ ବରଂ ଭାରତୀୟ ସଂସ୍କୃତି, ସଂସ୍କାର ଏବଂ ସଭ୍ୟତାର ଅପମାନର ଏକ ଉଦାହରଣ । ଜଣେ ବ୍ୟକ୍ତିର ଅସଭ୍ୟ ଆଚରଣ ସମଗ୍ର ଦେଶର ପ୍ରତିଛବିକୁ କଳଙ୍କିତ କରୁନାହିଁ କି? ଆମେ ଏହି ମାଟିରେ ଜନ୍ମ ନେଇଛେ, ଯେଉଁଠି ଅନେକ ଧର୍ମ ସ୍ଥାନ ମାନ ରହିଛି। ସ୍ୱର୍ଗରୁ ଗଙ୍ଗା ଅବତରଣ କରିଛନ୍ତି ଏହି ମାଟିରେ। ଆମ ସଂସ୍କାରରେ କେଉଁଠି ତ୍ରୁଟି ରହିଗଲା ଯେ, ଗୁଟ୍‌ଖା ଖାଇବା, ମଦ ପିଇବା, ରାସ୍ତା କଡ଼ରେ ପରିସ୍ରା କରିବା ଭଳି କଦର୍ଯ୍ୟ ଅଭ୍ୟାସ ସବୁ ଆରମ୍ଭ ହେଲା?

କିଛିବର୍ଷ ପୂର୍ବର ଘରଗୁଡିକ ଦେଖିବେ, ପାଇଖାନା ସବୁ ଥାଏ ଘରଠାରୁ କିଛି ଦୂରରେ। ପ୍ରତି ବ୍ୟବହାର ପରେ ଗାଧୋଇ ସଫାସୁତର ହୋଇ ଘରେ ପଶିବାକୁ ହୁଏ। ମୋ ମନେପଡ଼େ, ମନ୍ଦିରରେ ପରିବା କାଟିବା ବେଳେ କଥା ହୁଅନ୍ତି ନାହିଁ। କେହି କିଛି ପଚାରିଲେ ମୁଣ୍ଡ ହଲେଇ ଜଣେଇ ଦିଅନ୍ତି। କାରଣ ହେଉଛି କଥା କହିଲେ ଛେପ ପଡିଯାଇପାରେ ପରିବାରେ। ପବିତ୍ର ଓ ସଫା ରଖିବା ପାଇଁ ଆଗରୁ ଘରଗୁଡିକୁ ବାରମ୍ବାର ଧୋଇଦିଆଯାଏ। ଆମେ ସେଭଳି ପରିବେଶରେ ବଢ଼ିଆସିଥିବା ମଣିଷମାନେ ଏତେ କେମିତି ଓ କାହିଁକି ବଦଳିଗଲେ?

ଭାରତୀୟ ସଂସ୍କୃତି ସବୁଦିନିଆ ପରିବେଶ ସଫା ରଖିବା, ଅତିଥି ସେବା ଏବଂ ସମ୍ମାନର ପରମ୍ପରା ଉପରେ ପ୍ରତିଷ୍ଠିତ। ପ୍ରାଚୀନ କାଳରୁ ଆମେ 'ଅତିଥି ଦେବୋ ଭବ' ମନ୍ତ୍ର ପାଳନ କରୁଛୁ। କିନ୍ତୁ ଆଜିର ଆଧୁନିକ ଯୁଗରେ ସହରୀକରଣ, ବ୍ୟସ୍ତତା ଏବଂ ଶିକ୍ଷାର ଅଭାବ ଯୋଗୁ ସାଧାରଣ ନାଗରିକଙ୍କ ମଧ୍ୟରେ ନାଗରିକ ସଚେତନତା କମି ଯାଇଛି। ଗୁଟ୍‌ଖା, ପାନ ଖାଇ ରାସ୍ତାରେ ଛେପ ପକାଇବା,ସରକାରୀ ଅଫିସରେ ପାନଛେପରେ କାନ୍ଥ ସବୁ ଖରାପ ହୋଇଯିବା, ରାସ୍ତାରେ "ଏଠାରେ ଛେପ ପକାଇବା ମନା" ଲେଖାହେବା ଆମ ପାଇଁ ସାଧାରଣ କଥା ହୋଇଗଲାଣି। ଭାରତରେ "ସ୍ୱଚ୍ଛ ଭାରତ ଅଭିଯାନ" ପରି କାର୍ଯ୍ୟକ୍ରମ ସରକାରଙ୍କ ଦ୍ୱାରା କରାଯାଉଛି। କିନ୍ତୁ ଆମେ ସଚେତନ ହେଲେ ଏହା ସ୍ୱତଃ ହୋଇପାରିବ। ଏଥିପାଇଁ ଭିନ୍ନ ଏକ ଅଭିଯାନ ଆବଶ୍ୟକ କାହିଁକି?



ଏହି ଅବନତିର ମୂଳ କାରଣ ହେଉଛି ଶିକ୍ଷା ଓ ସଚେତନତାର ଅଭାବ। ଆମ ସଂସ୍କାରରେ ପରିବେଶ ସୁରକ୍ଷା ଏକ ଧର୍ମ ଥିଲା, କିନ୍ତୁ ଆଧୁନିକତା ଏବଂ ଉପଭୋଗବାଦ ଏହାକୁ ଧ୍ୱଂସ କରୁଛି। ସରକାରୀ ଆଇନ ଥିଲେ ମଧ୍ୟ ଗୁଟ୍‌ଖା ନିଷିଦ୍ଧ ହୋଇଥିବା ସ୍ଥାନରେ ଲୋକେ ଏହା ଖାଉଛନ୍ତି। ପର୍ଯ୍ୟଟନ ସମୟରେ ଏହି ଅଭ୍ୟାସ ବଢ଼ିଯାଉଛି କାରଣ ବିଦେଶରେ ନିଜକୁ ଅଜ୍ଞାତ ଭାବି ଲୋକେ ନିୟମ ଭାଙ୍ଗନ୍ତି। ନେପାଳ ସହ ଭାରତର ସମ୍ପର୍କ ଐତିହାସିକ ଓ ସାଂସ୍କୃତିକ। ହଜାର ହଜାର ନେପାଳୀ ଭାରତରେ ପଢ଼ନ୍ତି ଓ କାମ କରନ୍ତି। ଏପରି ଘଟଣା ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିପାରେ ଏବଂ ଭାରତୀୟଙ୍କ ପ୍ରତି ଭୁଲ୍ ଧାରଣା ସୃଷ୍ଟି କରେ। ସମଗ୍ର ଦେଶର ସଭ୍ୟତା ଜଣେ ବ୍ୟକ୍ତିଙ୍କ କର୍ମ ଯୋଗୁ ପରାଜିତ ହେବା ଏକ ଦୁଃଖଜନକ ବିଷୟ।

ବିମାନବନ୍ଦର, ରେଳଷ୍ଟେଶନ ଏବଂ ଟୁରିଜମ ଡିପାର୍ଟମେଣ୍ଟ ମାଧ୍ୟମରେ ନାଗରିକ ଦାୟିତ୍ୱ ବିଷୟରେ ପ୍ରଚାର କରାଯାଏ। କିନ୍ତୁ ଅନାବଶ୍ୟକ ବୋଲି ଏହାକୁ ଅନେକେ ଆଡେଇ ଯାଆନ୍ତି। ଶିକ୍ଷା ବ୍ୟବସ୍ଥାରେ ନାଗରିକ ସଚେତନତା ଓ ପରିବେଶ ସୁରକ୍ଷାକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଉ। ପରିବାର ସ୍ତରରେ ମଧ୍ୟ ପିଲାମାନଙ୍କୁ ଏହି ସଂସ୍କାର ଶିଖାଯିବା ଦରକାର। ଆମେ ନିଜ ଦେଶରେ ଯେପରି ସଫା ରଖୁ, ବିଦେଶରେ ମଧ୍ୟ ସେହିପରି ଆଚରଣ କରିବା ଉଚିତ। ଏହା କେବଳ ବ୍ୟକ୍ତିଗତ ଗୌରବ ନୁହେଁ, ଜାତୀୟ ଗୌରବର ପ୍ରଶ୍ନ।

କହିବାକୁ ହେବ ଯେ, ବିଦେଶରେ ଆମ ଆଚରଣ ସମଗ୍ର ଦେଶର ସଂସ୍କୃତିକୁ ପ୍ରତିନିଧିତ୍ୱ କରେ। ନେପାଳରେ ହୋଇଥିବା ଏହି ଘଟଣା ଆମକୁ ଆତ୍ମନିରୀକ୍ଷଣ କରିବାକୁ ବାଧ୍ୟ କରୁଛି। ଆମ ପୂର୍ବପୁରୁଷଙ୍କ ସଂସ୍କାରକୁ ଧ୍ୱଂସ ହେବାରୁ ରକ୍ଷା କରିବାକୁ ହେବ। ପ୍ରତ୍ୟେକ ଭାରତୀୟ ଏକ ସଚେତନ ନାଗରିକ ହୋଇ ବିଦେଶରେ ମଧ୍ୟ ନିଜ ଦେଶର ଗୌରବ ରକ୍ଷା କରିବା ଉଚିତ। ଯଦି ଆମେ ଏହି ଦିଗରେ କାର୍ଯ୍ୟ କରିବା, ତେବେ ଏକ ଦିନ ଭାରତୀୟ ସଂସ୍କୃତି ଆହୁରି ଉଜ୍ଜ୍ୱଳ ହେବ ଏବଂ ପୂରା ବିଶ୍ୱରେ ସମ୍ମାନିତ ହେବ। ଏହା କେବଳ ଏକ ଆଶା ନୁହେଁ ବରଂ ଆମର ଦାୟିତ୍ୱ। ଜଣେ ଜଣେ ଲୋକଙ୍କ ପାଇଁ ପୂରା ଦେଶର ସଭ୍ୟତା ପରାଜିତ ହେବା ଏକ ଲଜ୍ଜାଜନକ ବ୍ୟାପାର। ଆମେ ସମସ୍ତେ ମିଳିମିଶି ଏହି ସଂସ୍କାରକୁ ରକ୍ଷା କରିବା ଉଚିତ। ଆଗକୁ କେହି ରାସ୍ତାରେ ଛେପ ପକାଇବା ଦେଖିଲେ ଆପଣ ବି କହିବେ।

ମୋ:୯୮୬୧୧୯୧୯୬୯

## ଏଇ ଭାରତରେ

ହରିୟାଣାର ସଞ୍ଜୀବ ଚୌଧାରୀଙ୍କ ଷ୍ଟାର୍ଟଅପ୍ ଗ୍ରୀନ୍‌ଭିଜ୍ ଏସ୍‌ପିସି ଟେକ୍ନୋ ପ୍ରାଇଭେଟ ଲିମିଟେଡ ନୂତନ ଭାବେ ନିର୍ମାଣ କରିଛି ଉଦ୍‌ଜାନଚାଳିତ ଷ୍ଟୋଭ୍। ଗ୍ରୀନ୍‌ଭିଜ୍ ଷ୍ଟାର୍ଟଅପ୍ ୨୦୨୪ରେ ପ୍ରତିଷ୍ଠା କରାଯାଇଥିଲା। ନ୍ୟାଶନାଲ ଗ୍ରୀନ୍ ହାଇଡ୍ରୋଜେନ ମିଶନ ସହଯୋଗରେ ଏହା କାର୍ଯ୍ୟ କରୁଛି। କମ୍ପାନୀ ପ୍ରସ୍ତୁତ କରିଥିବା ଷ୍ଟୋଭ୍ ଦେଖିବାକୁ ଗ୍ୟାସ୍ ବର୍ନର ଭଳି। ଏହା ଷ୍ଟେନ୍‌ଲେସ୍ ଷ୍ଟିଲ୍‌ରେ କରାଯାଇଛି ଏବଂ ଏଥିରେ ଦୁଇଟି ବର୍ନର ଅଛି। ଇଗ୍ନେଟର ମାଧ୍ୟମରେ ଏହାକୁ ଲଗାଯାଉଛି। ତେବେ ଷ୍ଟୋଭ୍‌କୁ ଉଦ୍‌ଜାନ ଆସୁଛି ପାଣିରୁ ଏବଂ ଏହା ଏଲ୍‌ପିଜି ସଙ୍କଟକୁ ଟାଳିପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଷ୍ଟୋଭ୍ ପ୍ରୋଟନ ଏକ୍ସଚେଞ୍ଜ ମେମ୍ବ୍ରେନ (ପିଇଏମ୍) ଇଲେକ୍ଟ୍ରୋଲାଇଜର ଟେକ୍‌ନୋଲୋଜିକୁ ଆଧାରକରି ନିର୍ମାଣ କରାଯାଇଛି, ଯାହା ପାଣି (ଏଚ୍‌ଟୁଓ)କୁ ବିଭାଜନ କରି ଉଦ୍‌ଜାନ ଓ ଅମ୍ଳଜାନକୁ ଅଲଗା କରୁଛି। ଉଦ୍‌ଜାନ ଷ୍ଟୋଭ୍‌କୁ ଆସୁଥିବାବେଳେ ଅମ୍ଳଜାନ ବାୟୁମଣ୍ଡଳକୁ ନିର୍ଗମନ ହେଉଛି। ଏହି ଷ୍ଟୋଭରୁ ବିଷାକ୍ତ ଗ୍ୟାସ୍ ନିର୍ଗତ ହେଉନାହିଁ।

## ୫୦ ବର୍ଷ ତଳର ଧରିତ୍ରୀ

### ୨୭ ଏପ୍ରିଲ ୧୯୭୭

- ପୂର୍ବତନ ଅର୍ଥମନ୍ତ୍ରୀ ତଥା ପଞ୍ଜାବ ରାଜ୍ୟ ଖଦି ବୋର୍ଡର ଚେୟାରମ୍ୟାନ ମୋହନଲାଲଙ୍କ ସମେତ ଅନ୍ୟ ୧୮ ଜଣ କଂଗ୍ରେସ ନେତା ଦଳରୁ ଇସ୍ତଫା ଦେଇ ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି।
- ରେୱାରୀ ସବ୍‌ଡିଭିଜନର ଦାରୁହେରାଠାରେ ହରିଆନା ସଡ଼କ ପରିବହନର ଗୋଟିଏ ଯାତ୍ରୀବାହୀ ବସ୍ ଓ ରାଜସ୍ଥାନ ସଡ଼କ ପରିବହନ ସଂସ୍ଥାର ଏକ ବସ୍ ଧକ୍କା ହେବା ଫଳରେ ୧୧ ଜଣଙ୍କ ମୃତ୍ୟୁ।

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | 8 | | | | |
| | | | | | | | 9 | 3 |
| | | | 1 | 9 | 3 | | | |
| | | 7 | 4 | | | | 1 | |
| 5 | | | | 7 | | 3 | | |
| | 1 | | | | | | 4 | 2 |
| | | 5 | | 4 | | | | |
| | 9 | 2 | 5 | | | | 7 | |
| | | | | 6 | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 2 | 8 | 7 | 4 | 1 | 5 | 6 |
| 5 | 8 | 7 | 1 | 6 | 3 | 9 | 2 | 4 |
| 6 | 1 | 4 | 9 | 5 | 2 | 7 | 8 | 3 |
| 4 | 9 | 8 | 2 | 1 | 5 | 3 | 6 | 7 |
| 2 | 6 | 5 | 3 | 9 | 7 | 4 | 1 | 8 |
| 1 | 7 | 3 | 6 | 4 | 8 | 5 | 9 | 2 |
| 7 | 2 | 9 | 5 | 3 | 6 | 8 | 4 | 1 |
| 8 | 4 | 1 | 7 | 2 | 9 | 6 | 3 | 5 |
| 3 | 5 | 6 | 4 | 8 | 1 | 2 | 7 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଲସି ଦୋକାନଗୁଡ଼ିକରେ ଖାଦ୍ୟ ସୁରକ୍ଷା ଯାଞ୍ଚ ଜରୁରୀ

ମହାଶୟ,

ଓଡ଼ିଶାରେ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ରାଜ୍ୟର ଗଳିକନ୍ଦିରେ ଅନେକ ଲସି ଦୋକାନ ଖୋଲିଛି। ଲୋକମାନେ ଆଶ୍ୱସ୍ତି ପାଇଁ ଏହି ଲସି ପିଉଥିବା ବେଳେ ଏହା ପଛରେ ଥିବା ଅସଲ ସତ୍ୟ ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ। ଅଧିକାଂଶ ଲସି ଦୋକାନୀ ଅଧିକ ଲାଭ ଆଶାରେ ସାଧାରଣ ଜନତାଙ୍କ ଜୀବନ ସହ ଖେଳୁଛନ୍ତି। ଚିନ୍ତାଜନକ ବିଷୟ ଯେ, ଏହି ଅସ୍ଥାୟୀ ଦୋକାନୀମାନେ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନକ ପ୍ରାଧିକରଣ (FSSAI)ରୁ କୌଣସି ପ୍ରକାର ଅନୁମତି ବା ଲାଇସେନ୍ସ ନେଇ ନ ଥାନ୍ତି। ଲସିରେ ବ୍ୟବହୃତ ହେଉଥିବା ମୁଖ୍ୟ ଉପାଦାନ 'ଦହି' ଅନେକ ସମୟରେ ଅପମିଶ୍ରିତ ହୋଇଥାଏ। ଦହିକୁ ଗାଢ଼ କରିବା ପାଇଁ ଏଥିରେ ବିଭିନ୍ନ ପ୍ରକାର କ୍ଷତିକାରକ ପାଉଡର୍ ବା ରାସାୟନିକ ପଦାର୍ଥ ମିଶାଯାଉଛି। କେବଳ ସେତିକି ନୁହେଁ, ଲସିର ସ୍ୱାଦ ବଢ଼ାଇବା ପାଇଁ ବ୍ୟବହୃତ ହେଉଥିବା ଚେରି, କାଜୁ ଏବଂ ଅନ୍ୟାନ୍ୟ ଶୁଖିଲା ଫଳଗୁଡ଼ିକ ପ୍ରାୟତଃ ନକଲି ବା ନିମ୍ନମାନର। ଏହି ସାମଗ୍ରୀଗୁଡ଼ିକରେ ବ୍ୟବହୃତ ରଙ୍ଗ ଓ ସିନ୍ଥେଟିକ ଫ୍ଲେଭର ଶରୀର ପାଇଁ ବିପଜ୍ଜନକ। ଏହା ବ୍ୟତୀତ ଲସିରେ ବ୍ୟବହୃତ ବରଫ ପ୍ରାୟତଃ ଅସ୍ୱାସ୍ଥ୍ୟକର ପାଣିରେ ପ୍ରସ୍ତୁତ ହୋଇଥାଏ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏବଂ ଖାଦ୍ୟ ନିରାପତ୍ତା ଅଧିକାରୀମାନେ ପ୍ରତି ଜିଲାରେ ଚଢ଼ାଉ କରନ୍ତୁ। ସାମଗ୍ରୀର ଶୁଦ୍ଧତା ଯାଞ୍ଚ କରାଯାଉ ଏବଂ ଯେଉଁମାନେ ବିନା ଲାଇସେନ୍ସରେ ଲସି ବିକୁଛନ୍ତି, ସେମାନଙ୍କ ଉପରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

–ଅଭିଦତ୍ତ ବରାଳ, କୁସୁନପୁର, ଚାନ୍ଦୋଳ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

## ଚିରନ୍ତନୀ

ପଉଷର ପଞ୍ଚମୀ ଚାଁଦ
ଆକାଶର କୋଣେ ଦେଲା ହସି
ମଧୁମାସ ଆଗମନୀ–ଭାଷା
ଜରା–ହୃଦେ ଯଉବନ–ଆଶା
ପୌଷର ପଞ୍ଚମୀ ଶଶି
ଢାଳି ଦେଲା ଦୂରେ ହସି ହସି ।
–(ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଜମି-ଟଙ୍କା-ସନ୍ଦେହ-ହତ୍ୟା


ସୁଧୀର ପାତ୍ର

## କ୍ରାଇମ ସିନ୍ ଦେଖାଇଲେ ଅଭିଯୁକ୍ତ


ଅଭିଯୁକ୍ତ ଡେମୋ ଦେଖାଉଛନ୍ତି।

ଗୋପାଳପୁର,୨୬।୪ (ନବୀନରାଜ ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅଧୀନ ସତ୍ୟନାରାୟଣପୁର ଗ୍ରାମର ଜମି ବ୍ୟବସାୟୀ ତଥା ଭଲିବଲ ଖେଳାଳି ସୁଧୀର ପାତ୍ରଙ୍କୁ ହତ୍ୟା ମାମଲାରେ ପୋଲିସ ୫ ଅଭିଯୁକ୍ତଙ୍କୁ ଶନିବାରଠାରୁ ରିମାଣ୍ଡରେ ଆଣିଛି। ପ୍ରଥମ ଦିନ ୫ ଘଣ୍ଟା ଜଣ ଜଣଙ୍କୁ ମୁହାଁମୁହିଁ ଜେରା କରାଯାଇଥିବାବେଳେ ରବିବାର ଦ୍ୱିତୀୟ ଦିନରେ କ୍ରାଇମ୍ ସିନ୍ ରିକ୍ରିଏଶନ ହୋଇଛି। ଜମି ବାବଦ ଟଙ୍କା ଦେଣନେଣକୁ ନେଇ ହୋଇଥିବା ସନ୍ଦେହରୁ ସୁଧୀରଙ୍କୁ ହତ୍ୟା କରାଯାଇଥିବା ପୋଲିସ ତଦନ୍ତରୁ ଜାଣିପାରିଛି। ମୁଖ୍ୟ ଷଡ଼ଯନ୍ତ୍ରକାରୀ ହେଉଛନ୍ତି ସୁଧୀରଙ୍କ ଝିଆରୀ ନିବେଦିତା। ତାଙ୍କ ପୁରୁଷବନ୍ଧୁ କାଲୁ ପ୍ରଧାନଙ୍କୁ ପୋଲିସ ତୁରା ପଞ୍ଚାୟତର ଭାବିନାରାୟଣପୁର ଭଲିବଲ କୋର୍ଟକୁ ନେଇଥିଲା। କିଭଳି ସୁଧୀରଙ୍କୁ ପିଛା କରିଥିଲେ କାଲୁ ତାହାର ଡେମୋ ଦେଖାଇଥିଲେ।

କ୍ରାଇମ୍ ସିନ୍ ଅନୁଯାୟୀ, ଘଟଣାଦିନ ଅର୍ଥାତ୍ ଗତ ୧୫ ତାରିଖରେ ଭାବିନାରାୟଣପୁର ଭଲିବଲ କୋର୍ଟରେ ସୁଧୀରଙ୍କ ଗତିବିଧି ଉପରେ ଅଭିଯୁକ୍ତ କାଲୁ ନଜର ରଖିଥିଲେ। ଅଭିଯୁକ୍ତ ସୂର୍ଯ୍ୟପ୍ରତାପ ସିଂ ଓରଫ ଗୋଲୁଙ୍କ ସମେତ ଅନ୍ୟ ୪ ଜଣ ଏକ ବୋଲେରୋରେ ଛକି ରହିଥିଲେ। ସୁଧୀର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଭଲିବଲ୍ କୋର୍ଟରୁ ବାହାରି ବାଇକ୍ ଯୋଗେ ଆସୁଥିବା କାଲୁ ତାଙ୍କ ସହଯୋଗୀଙ୍କୁ ଖବର ଦେଇଥିଲେ। ପ୍ରେମସଂସ୍ଥା ଛକ ନିକଟରେ ଅଭିଯୁକ୍ତମାନେ ସୁଧୀରଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ସେ ନ ଅଟକିବାରୁ ସେମାନେ ହଠାତ୍ ବୋଲେରୋ ଡୋର ଖୋଲିଦେଇଥିଲେ। ଡୋର ବାଡ଼େଇ ହେବାରୁ ସୁଧୀର ବାଇକ୍‌ରୁ ପଡିଯାଇଥିଲେ। ପରେ ତାଙ୍କ ସହ ୪ ଅଭିଯୁକ୍ତଙ୍କ ଯୁକ୍ତିତର୍କ ହୋଇଥିଲା। ସେଠାରୁ ସେମାନେ ସୁଧୀରଙ୍କୁ ଉଠାଇ ନେଇଥିବା ଗୋଲୁ ପୋଲିସକୁ ଡେମୋ ଦେଖାଇଥିଲେ। ମାଜିଷ୍ଟ୍ରେଟ ଓ ୨ ସରକାରୀ ସାକ୍ଷୀଙ୍କ ଉପସ୍ଥିତିରେ ପୋଲିସ ଏହି ଡେମୋର ଭିଡ଼ିଓ କରିଥିଲା। ପରେ ପୋଲିସ ଅଭିଯୁକ୍ତଙ୍କୁ ଧରି ବୁଗୁଡ଼ା ଅଭିମୁଖେ ଯାଇଥିଲା। ସେଠାରେ ମଧ୍ୟ ସେମାନେ ଡେମୋ ଦେଖାଇଥିଲେ। ୩ ଦିନିଆ ରିମାଣ୍ଡ ଅବଧି ସରିବା ପରେ ଆସନ୍ତା ୨୮ ତାରିଖରେ ୫ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯିବ। ଆବଶ୍ୟକ ପଡ଼ିଲେ ପୁଣି ରିମାଣ୍ଡରେ ନିଆଯିବ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

ଗିରଫ ହୋଇଥିବା ଜିତୁନ ପଲେଇଙ୍କ ନାଁରେ ପୂର୍ବରୁ ଗଞ୍ଜେଇ, ଗଣବଳାତ୍କାର ଓ ଦୁର୍ଘଟଣା ଘଟାଇଥିବା ନେଇ ମାମଲା ରହିଛି। ଗୋଲୁଙ୍କ ନାଁରେ ୩ ହତ୍ୟା ମାମଲା ରହିଛି। ସୁଧୀର ହତ୍ୟା ମାମଲାରେ ଫେରାର ଥିବା ୪ ଅଭିଯୁକ୍ତ ରାଜ୍ୟ ବାହାରକୁ ପଳାଇ ଯାଇଥିବା ସନ୍ଦେହ କରାଯାଉଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ। ସେମାନଙ୍କ ମଧ୍ୟରୁ ୩ ଜଣ ଗୁଜରାଟର ଏକ ମାମଲାରେ ପାରୋଲରେ ଆସି ଆଉ ଜେଲକୁ ଫେରି ନାହାନ୍ତି ବୋଲି ଜଣାପଡିଛି। ଅନ୍ୟପକ୍ଷରେ ସୁଧୀର ଜମି ଅଧିକ ଟଙ୍କାରେ ବିକ୍ରି କରି ନିବେଦିତାଙ୍କ ପରିବାରକୁ କମ୍ ଦେଉଥିଲେ। ଏହା ହତ୍ୟାକାଣ୍ଡର ମୂଳ କାରଣ ବୋଲି ପୋଲିସ ଅଭିଯୁକ୍ତଙ୍କୁ ଜେରା ବେଳେ ଜାଣିପାରିଛି। ସେହିପରି ନିବେଦିତାଙ୍କ ପୁରୁଷବନ୍ଧୁ କାଲୁ ଅନ୍‌ଲାଇନ କେସିନୋ ଖେଳରେ ୨୮ ଲକ୍ଷ ଟଙ୍କା ଖେଳି ହାରି ଯାଇଥିବା ବେଳେ ତାଙ୍କୁ ୩୦ ଲକ୍ଷ ଟଙ୍କା ଆବଶ୍ୟକ ଥିଲା। ତେଣୁ ସୁଧୀରଙ୍କୁ ଅପହରଣ କଲେ ୩୦ ଲକ୍ଷ ପାଇବେ ବୋଲି ତାଙ୍କ ଆଶା ଥିଲା। ସେ ଜଣେ ସାଇବର ଠକ ବୋଲି ପୋଲିସ ଆଗରେ ମାନିଥିଲେ।

ସୂଚନାଯୋଗ୍ୟ, ଜମି ବ୍ୟବସାୟୀ ସୁଧୀର ଜଣେ ଭଲିବଲ ଖେଳାଳି ଥିଲେ। କିଛି ବର୍ଷ ମଧ୍ୟରେ ରାଜ୍ୟ ଓ ରାଜ୍ୟ ବାହାରକୁ ଯାଇ ଅନେକ ପୁରସ୍କାର ପାଇଛନ୍ତି। ଗତ ୧୫ ତାରିଖ ସନ୍ଧ୍ୟାରେ ସେ ଭାବିନାରାୟଣପୁର ବଣଗାଁକୁ ନିଜ ବାଇକ୍ (ନଂ.ଓଆର ୦୭ ଏନ ୩୫୨୭)ରେ ଭଲିବଲ ଗ୍ରାଉଣ୍ଡକୁ ଯାଇଥିଲେ। ସେଠାରୁ ଘରକୁ ଫେରିବା ସମୟରେ ଅଭିଯୁକ୍ତମାନେ ତାଙ୍କୁ ଅପହରଣ କରିନେଇ ୨ କୋଟି ଟଙ୍କା ଦାବି କରିଥିଲେ। ଟଙ୍କା ନ ମିଳିଲେ ହତ୍ୟା କରିବୁ ବୋଲି କହିଥିବା ସୁଧୀରଙ୍କ ସ୍ତ୍ରୀ ଅଭିଯୋଗ କରିଥିଲେ। ଘଟଣାର ୮ ଦିନ ପରେ ସୋରଡ଼ା ଥାନା ଅଞ୍ଚଳର ଏକ ଜଙ୍ଗଲରୁ ସୁଧୀରଙ୍କ ମୃତଦେହ ମିଳିବା ପରେ ତାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଗତ ୨୩ ତାରିଖରେ ପୋଲିସ ସୁଧୀରଙ୍କ ଝିଆରୀ , ପୁତୁରାଙ୍କ ସମେତ ୯ ଜଣଙ୍କୁ ଗିରଫ କରିଥିଲା।

# ଗୋମାଂସ ବିକ୍ରିକୁ କେନ୍ଦ୍ର କରି ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

## ନାବାଳକ ଆହତ, ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ରାଉରକେଲା, ୨୬।୪ (ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ଝିରପାଣି ଥାନା ଅନ୍ତର୍ଗତ ଝିରପାଣି ଶେଷ ବସ୍ ଷ୍ଟପେଜ୍ ଅଞ୍ଚଳରେ ଗୋମାଂସ ବିକ୍ରିକୁ କେନ୍ଦ୍ର କରି ରବିବାର ଅପରାହ୍ନ ୨ଟାରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ସୂଚନା ମିଳିଛି। ଏହି ଘଟଣାରେ ଜଣେ ନାବାଳକ ଆହତ ହୋଇ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଉକ୍ତ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଖବର ଲେଖାଯିବା ସୁଦ୍ଧା (ରାତି ୯ଟା) ଉଭୟ ଗୋଷ୍ଠୀ ପକ୍ଷରୁ ଏତଲା ହୋଇଥିଲେ ମଧ୍ୟ ମାମଲା ରୁଜୁ ହୋଇନାହିଁ।

ଅଭିଯୋଗକାରୀ ସୋନୁ ବଡାଇକଙ୍କ ସୂଚନା ଅନୁଯାୟୀ, ରବିବାର ଅପରାହ୍ନ ୧ଟା ସମୟରେ ସ୍ଥାନୀୟ କେତେଜଣ ଯୁବକ କୋଏଲ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ସେମାନେ ଫେରିବା ସମୟରେ ଝିରପାଣି ଅଞ୍ଚଳର ଜଣେ ଯୁବକ ଉକ୍ତ ବସ୍ ଷ୍ଟପେଜ୍ ଅଞ୍ଚଳରେ ଗୋମାଂସ ବିକ୍ରି ହେଉଥିବା ସେମାନଙ୍କୁ କହିଥିଲେ। ଏହି ଯୁବକମାନେ ଗ୍ରାହକ ହୋଇ ଉକ୍ତ ଗୋମାଂସ ଟଙ୍କା ଦେଇ କିଣିଥିଲେ ଏବଂ ପରେ ଥାନାକୁ ଯାଇ ଅଭିଯୋଗ କରିଥିଲେ। ମାମଲାର ତଦନ୍ତ ପାଇଁ କିଛି ପୋଲିସ ଅଧିକାରୀ ଉକ୍ତ ଯୁବକମାନଙ୍କ ସହ ଘଟଣାସ୍ଥଳକୁ ଯାଇଥିଲେ। ଏହି ସମୟରେ ପୋଲିସ ଉପସ୍ଥିତିରେ କିଛି ଲୋକ ଉକ୍ତ ଯୁବକମାନଙ୍କୁ ଆକ୍ରମଣ କରିବାରୁ ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଜଣେ ନାବାଳକ ଆହତ ହୋଇଥିଲେ। ପରେ ଉଭୟ ପକ୍ଷ ଥାନାରେ ଅଭିଯୋଗ କରିଥିଲେ। ତେବେ ଜବତ ମାଂସ ଲାବରେଟୋରିକୁ ପଠାଯିବ। ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିବା ପୋଲିସ କହିଛି। ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ନିଲମ୍ବିତ ପ୍ରଧାନଶିକ୍ଷକ ଗିରଫ

## ୭ ମଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଘଟଣା

ତେନ୍ତୁଳିଖୁଣ୍ଟି, ୨୬।୪(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଧୀନ ଏକ ସେବାଶ୍ରମର ଜଣେ ୭ମ ଶ୍ରେଣୀ ଅନ୍ତେବାସୀଙ୍କୁ ଅସଦାଚରଣ ଅଭିଯୋଗରେ ନିଲମ୍ବିତ ପ୍ରଧାନଶିକ୍ଷକ ସୁକାନ୍ତ କୁମାର ଷଡ଼ଙ୍ଗୀଙ୍କୁ ରବିବାର ଗିରଫ ସହ କୋର୍ଟ ଚାଲାଣ କରାଯାଇଛି। ସୁକାନ୍ତଙ୍କ ବିରୋଧରେ ନବରଙ୍ଗପୁର ଥାନାରେ ଶନିବାର ନାବାଳିକାଙ୍କ ପରିବାର, ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀଙ୍କ ନେତୃତ୍ୱରେ ଯାଇ ଏତଲା ଦେଇଥିଲେ। ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ଓ ଥାନାଧିକାରୀ ସମ୍ବିତ କୁମାର ବେହେରା ଏତଲା ଗ୍ରହଣ କରିଥିଲେ। ମାମଲାଟି ତେନ୍ତୁଳିଖୁଣ୍ଟି ଥାନା ଅଞ୍ଚଳର ହୋଇଥିବାରୁ ତେନ୍ତୁଳିଖୁଣ୍ଟି ଥାନାକୁ କେସ ପଠାଇ ଇନ୍ସପେକ୍ଟର ସୀମା ପ୍ରଧାନଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଅଧିକାରୀ ତଦନ୍ତ କରି ସୁକାନ୍ତଙ୍କୁ ଗିରଫ କରିଥିଲେ। ବୟାନ ନେବା ସହ ଡାକ୍ତରୀମାଇନା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ଗତ ୧୫ତାରିଖ ରାତିରେ ପ୍ରଧାନଶିକ୍ଷକ ସୁକାନ୍ତ ପୀଡ଼ିତାଙ୍କ ହାତ ଧରି ଟାଣିଥିଲେ। ରୁମ୍ ଭିତରକୁ ଡାକି ତାଙ୍କ ଶରୀରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନକୁ ଛୁଇଁବା ସହ ଟଣାଓଟରା କରିଥିଲେ। ପୀଡ଼ିତା ଓ ତାଙ୍କ ପରିବାର ଏ ନେଇ ଜିଲା ମଙ୍ଗଳ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ଶୁକ୍ରବାର ୨୪ ତାରିଖରେ ସେବାଶ୍ରମକୁ ଯାଇ ତଦନ୍ତ କରିଥିଲେ। ତାଙ୍କ ତଦନ୍ତ ରିପୋର୍ଟ ଆଧାରରେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରିଥିଲେ।

# ଆନ୍ଧ୍ର ବି.ଇଡି ନାମଲେଖା ନାଁରେ ଠକେଇ, ୨ ଗିରଫ

ଝାରସୁଗୁଡ଼ା,୨୬।୪ (ଆଶିଷ ରଞ୍ଜନ ଦାଶ)



ଗିରଫ ଅଭିଯୁକ୍ତ ରିମା ଦାସ, ଚିତ୍ତରଞ୍ଜନ ବାରିକ୍।

ଓଡ଼ିଶାର ଅନେକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳୁଥିବା ଏକ ଆନ୍ତଃରାଜ୍ୟ ଶିକ୍ଷା ଠକେଇ ର୍‍ୟାକେଟକୁ ଝାରସୁଗୁଡ଼ା ପୋଲିସ ଧରିଛି। ଆନ୍ଧ୍ରପ୍ରଦେଶର ବିଭିନ୍ନ କଲେଜରେ ବି.ଇଡି ନାମଲେଖାଇ ଦେବା ପ୍ରଲୋଭନ ଦେଖାଇ ବହୁ ଲକ୍ଷ ଟଙ୍କା ହଡ଼ପ କରୁଥିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚିତ୍ତରଞ୍ଜନ ବାରିକ ଏବଂ ରିମା ଦାସ।

ବୁର୍ଲା ଜ୍ୟୋତିବିହାର ନିକଟସ୍ଥ ବସନ୍ତ ବିହାରରେ ଏକ ଭଡ଼ାଘରେ ୱାନ୍ ୱାର୍ଲ୍ଡ ଏକାଡେମୀ ନାମକ ଏକ ସଂସ୍ଥା ଖୋଲି ଚିତ୍ତରଞ୍ଜନ ଏବଂ ରିମା ୫ ବର୍ଷ ଧରି ଏହି କାରନାମା ଚଳାଇଥିଲେ। ସେମାନେ ମୁଖ୍ୟତଃ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲାରେ ଥିବା ୭ ହିଲ୍ସ ବି.ଇଡି କଲେଜ ଏବଂ ରାମକୃଷ୍ଣ ବି.ଇଡି କଲେଜରେ ସହଜରେ ନାମଲେଖାଇ ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଥିଲେ। ଅନେକ ଛାତ୍ରୀଛାତ୍ରଙ୍କଠାରୁ ଟଙ୍କା ନେଇ ନାମଲେଖା ନ କରି ସେମାନଙ୍କୁ ଜାଲ୍ ଆଡମିଶନପତ୍ର ଓ ସାର୍ଟିଫିକେଟ ପ୍ରଦାନ କରାଯାଉଥିଲା। ବି.ଇଡି ଏକ ରେଗୁଲାର କୋର୍ସ ହୋଇଥିବା ବେଳେ ଏହାକୁ ଡିଷ୍ଟାନ୍ସ କୋର୍ସ କହି ଛାତ୍ରୀଛାତ୍ରଙ୍କୁ ବିଭ୍ରାନ୍ତ କରାଯାଉଥିଲା। କେବଳ ବିଏଡ୍ ନୁହେଁ, ବରଂ ଏମ୍.ଇଡି, ବିଏ, ବିଏସ୍‌ସି ଭଳି ବିଭିନ୍ନ ପାଠ୍ୟକ୍ରମର ପ୍ରମାଣପତ୍ର ଯୋଗାଇଦେବା ନାଁରେ ଏହି ର୍‍ୟାକେଟ ବହୁ କୋଟି ଟଙ୍କା ଆଦାୟ କରିଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକଙ୍କ ସନ୍ଦେହ ଏଡ଼ାଇବା ପାଇଁ ଅଭିଯୁକ୍ତମାନେ ମୁଖ୍ୟତଃ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ପିଲାମାନଙ୍କୁ ଟାର୍ଗେଟ କରୁଥିଲେ। ବ୍ରଜରାଜନଗର ଅଞ୍ଚଳର ୨ଜଣ ଛାତ୍ରୀ ଏହି ଠକେଇର ଶିକାର ହେବା ପରେ ଝାରସୁଗୁଡ଼ା ସାଇବର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୯/୨୦୨୬) ରୁଜୁକରି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଥିଲା। ଯେଉଁ ଘରେ ଏହି ଏକାଡେମୀ ଚାଲିଥିଲା, ସେହି ଘର ମାଲିକଙ୍କ ଭୂମିକାକୁ ନେଇ ମଧ୍ୟ ପୋଲିସ ତଦନ୍ତ କରୁଛି। ସରକାରୀ ଜମି ଜବରଦଖଲ କରାଯାଇ ଏହି ଘର ନିର୍ମାଣ କରାଯାଇଥିବା ସୂଚନା ମିଳିଛି। ପୋଲିସ ବର୍ତ୍ତମାନ ଏହି ନେଟୱର୍କରେ ସମ୍ପୃକ୍ତ ଥିବା ଅନ୍ୟ ସଦସ୍ୟମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଝାରସୁଗୁଡ଼ା ପୋଲିସ ପକ୍ଷରୁ ସମସ୍ତ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ଅନୁରୋଧ କରାଯାଇଛି, କୌଣସି ବି ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପୂର୍ବରୁ ସେହି ସଂସ୍ଥାର ଏନ୍‌ସିଟିଇ ସ୍ୱୀକୃତି ଏବଂ ବିଶ୍ୱବିଦ୍ୟାଳୟ ଅନୁବନ୍ଧନକୁ ଭଲଭାବେ ଯାଞ୍ଚ କରନ୍ତୁ। ଯଦି କେହି ଏଭଳି ଠକେଇର ଶିକାର ହୋଇଛନ୍ତି, ତେବେ ତୁରନ୍ତ ପୋଲିସକୁ ଜଣାନ୍ତୁ।

# ଦାଦାବଟି: ୪ ଗିରଫ, ପିସ୍ତଲ ସହ ୩ ଖଣ୍ଡା ଜବତ

ବାଲେଶ୍ୱର, ୨୬।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)


ଜବତ ମାରଣାସ୍ତ୍ର ଓ ଗିରଫ ୪ ଅଭିଯୁକ୍ତ।

ରାସ୍ତାକାମ କରୁଥିବା ଠିକାଦାରଙ୍କ ସୁପରଭାଇଜରଙ୍କୁ ମାରଣାସ୍ତ୍ର ଦେଖାଇ ଦାଦାବଟି ନେଇଥିବା ଅଭିଯୋଗରେ ବାଲେଶ୍ୱର ସଦର ଥାନା ପୋଲିସ ରବିବାର ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ସଦର ଥାନା ସାହାର୍ଦା ଗ୍ରାମର ଜୟୀ ଓରଫ ଜୟରାମ ଦାସ (୩୩) ଡିଟୁଆ ଓର୍ଫ ରାକେଶ ଦାସ (୧୯), ମିଠିକା ଓରଫ ବିକି ଦାସ (୧୯) ଓ ରଘୁନାଥପୁର ଗ୍ରାମର ନୱା ଓରଫ ମନୋଜ ବେହେରା (୨୬)। ଏହି ୪ ଅଭିଯୁକ୍ତ ଗତ ୨୨ତାରିଖରେ ଗୁଡୁଦା ଛକରେ ରାସ୍ତା କାମ କରୁଥିବା ଠିକାଦାରଙ୍କ ସୁପରଭାଇଜରଙ୍କୁ ମାରଣାସ୍ତ୍ର ଦେଖାଇ ଜବରଦସ୍ତ ୧୦ହଜାର ଟଙ୍କା ଦାଦାବଟି ନେଇଥିଲେ। ଗତ ୨୩ ତାରିଖରେ ଠିକାଦାରଙ୍କ ତରଫରୁ ପ୍ରଦୀପ କୁମାର ପରିଡ଼ା ସଦର ଥାନାରେ ଏତାଲା ଦେଇଥିଲେ। ସଦର ଥାନାରେ ପୋଲିସ ମାମଲା (ନଂ ୨୪୬/୨୬) ରୁଜୁ କରି ପୋଲିସ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ପାଖରୁ ଗୋଟିଏ ପିସ୍ତଲ, ଗୋଟିଏ ବୁଲେଟ, ୩ଟି ଖଣ୍ଡା ଓ ନଗଦ ୩୫୦୦ଟଙ୍କା ପୋଲିସ ଜବତ ହୋଇଛି। ତେବେ ଏହି ଅଭିଯୁକ୍ତମାନେ ସହରର ଆଖପାଖ ଅଞ୍ଚଳର ବିଭିନ୍ନ ସ୍ଥାନରେ ଲୋକମାନଙ୍କୁ ମାରଣାସ୍ତ୍ର ଦେଖାଇ ଦାଦାବଟି ନିଅନ୍ତି। ବାଲେଶ୍ୱର ସହଦେବଖୁଣ୍ଟା, ଟାଉନ ଓ ସଦର ଥାନାରେ ଏହି ୪ ଅଭିଯୁକ୍ତଙ୍କ ନାମରେ ଏକାଧିକ ମାମଲା ରହିଛି ବୋଲି ଏସ୍‌ଡିପିଓ ନାୟକ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସଦର ଥାନା ଅଧିକାରୀ ଅଜୟ ମୁର୍ମୁ ଉପସ୍ଥିତ ଥିଲେ।

# ପରକୀୟା ପ୍ରୀତିରୁ ହତ୍ୟା ଅଭିଯୋଗ, ସ୍ତ୍ରୀ ଅଟକ

## ଭଡ଼ାଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ତିହିଡ଼ି,୨୬।୪(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କୋହ୍ଲ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଘରଭଡ଼ା ନେଇ ରହୁଥିବା ପ୍ରଭାକର ବେହେରା ନାମକ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ରବିବାର ପୋଲିସ ଜବତ କରିଛି। ପରକୀୟା ପ୍ରୀତିରୁ ପ୍ରଭାକରଙ୍କୁ ହତ୍ୟା କରାଯାଇଥିବା ତାଙ୍କ ମା' ପାର୍ବତୀ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପ୍ରଭାକରଙ୍କ ସ୍ତ୍ରୀଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ମଲ୍ଲିକାପୁର ଗ୍ରାମର ପ୍ରଭାକର କୋହ୍ଲ ଗ୍ରାମର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ସେ ସ୍ତ୍ରୀଙ୍କ ସହ କୋହ୍ଲ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଜଣେ ବ୍ୟକ୍ତିଙ୍କ ଘରେ ଭଡ଼ା ନେଇ ରହୁଥିଲେ। ରବିବାର ସକାଳେ ପ୍ରଭାକରଙ୍କ ମୃତଦେହ ଘର ଭିତରେ ଫ୍ୟାନ୍‌ରେ ଝୁଲୁଥିବା ଖବରପାଇ ଆଇଆଇସି ଲୋପାମୁଦ୍ରା ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପ୍ରଭାକରଙ୍କ ମା' ଓ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରଭାକରଙ୍କ ସ୍ତ୍ରୀଙ୍କର ପରକୀୟା ପ୍ରୀତି ଥିଲା। ସେ ତାଙ୍କ ପ୍ରେମିକଙ୍କ ସହ ମିଶି ପ୍ରଭାକରଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟା ରୂପ ଦେବାକୁ ଫ୍ୟାନ୍‌ରେ ଝୁଲାଇ ଦେଇଥିବା ପାର୍ବତୀ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା (ନଂ.୧୪୫/୨୬) ରୁଜୁ କରି ମୃତ ପ୍ରଭାକରଙ୍କ ସ୍ତ୍ରୀଙ୍କୁ ଅଟକ ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଏହା ହତ୍ୟା କିମ୍ବା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇଯିବ ବୋଲି ଆଇଆଇସି ନାୟକ କହିଛନ୍ତି।


### ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
### ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

No.9001/25/2627: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତା ସୋମବାର ତା.୨୭.୦୪.୨୦୨୬ରିଖ ଦିନ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସ୍ଥଗିତ ରଖାଗଲା । ଯେଉଁମାନେ ଏହିଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିବା ପାଇଁ ଅନଲାଇନ ଯୋଗେ ପଞ୍ଜୀକରଣ କରିଥିଲେ, ସେମାନେ ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣି ପାଇଁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ । ସେମାନଙ୍କ ପାଇଁ ଭୁବନେଶ୍ୱରଠାରେ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-9001/9001/1/26-27/0013



GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR**
E-mail : eeroads.khr@rediffmail.com
**E-Procurement Notice-02**
No. 1943 Date : 21.04.2026
No.34001/100/2627
**Invitation For Bids**
**Bid Identification No. SER&BKHR-02/2026-27**

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate bids in Single Cover System Civil work in ONLINE MODE only. The Office Memorandum of Govt. of Works Department No.07764600022025-173/W Bhubaneswar Dt.03.01.2026 of Principal Secretary to Govt. Sub-Amendment of Codal & Contractual Provisions to be followed scrupulously. | |
| 2 | Nature of work | S/R to Circuit House at Nuapada, Such as providing inner & outer painting with Minor Repair for the year 2026-27 |
| 3 | No. of work | 01 No. work |
| 4 | Tender Paper cost | As specified in the notice for the respective Work, to be remits online only |
| 5 | Class of Contractor | As specified in the notice for the respective Work |
| 6 | Availability of Bid documents in the website | 10.00 hours of 29.04.2026 to 17.00 hours of 08.05.2026 |
| 7 | Date of opening of Bid | Dt.11.05.2026 at 11:00 hours |
| 8 | EMD/Bid Security | As specified in the notice to be remitted online only |
| 9 | The Bidders shall have to participate in ONLINE bidding only. Further details can be seen from the website : https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Superintending Engineer,
Khariar (R&B) Division, Khariar

OIPR-34001/34062/1/26-27/0003



### ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ
ବୟନ ଭବନ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

No.31001/13/2627

### ବାର୍ଷିକ ସାଧାରଣ ସଭା ନୋଟିସ

ନଂ- ୧୦୪୪ ତା.୨୪.୦୪.୨୦୨୬

ପ୍ରାପ୍ତେଷୁ,

ଓଡିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ (ବୟନିକା) ଅନ୍ତର୍ଭୁକ୍ତ ସମସ୍ତ ସଭ୍ୟ ସମିତି/ଅନୁଷ୍ଠାନ।

ମହାଶୟା/ମହାଶୟ,

ଓଡିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ (ବୟନିକା) ଭୁବନେଶ୍ୱର ୩୯ ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା.୧୩.୦୫.୨୦୨୬ ରିଖ ବୁଧବାର ଦିନ ଦିବା ୧୧.୦୦ ଘଟିକା ସମୟରେ ଭୁବନେଶ୍ୱର ସ୍ଥିତ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟରସ୍ (ରେଡକ୍ରସଭବନ ସମ୍ମୁଖ) ଠାରେ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ।

ଏଣୁ ଏହି ଶୀର୍ଷ ସମିତିର ପ୍ରତ୍ୟେକ ସଭ୍ୟ ସମିତି ମାନଙ୍କର ପରିଚାଳନା ପରିଷଦଦ୍ୱାରା କ୍ଷମତା ପ୍ରାପ୍ତ ଜଣେ ପ୍ରତିନିଧି ଯଥା ସଭାପତି/ଉପସଭାପତି/ପରିଚାଳନା ପରିଷଦର ସଭ୍ୟା/ସଭ୍ୟ ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟରେ ଉକ୍ତ ସଭାରେ ଯୋଗଦାନ କରି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ। ଅଧିକୃତ ପ୍ରତିନିଧିମାନେ ସେମାନଙ୍କ ସହିତ ପରିଚାଳନା ପରିଷଦରେ ଗ୍ରହଣ କରାଯାଇଥିବା ପ୍ରତିନିଧିତ୍ୱ ପ୍ରସ୍ତାବରଏକକିତା ନକଲ ସମ୍ପାଦକଙ୍କ ସ୍ୱାକ୍ଷର ଓ ସମିତି ମୋହର ସହିତ ପ୍ରତିନିଧିଙ୍କ ଫଟୋ ପରିଚୟ ପତ୍ର (Identity Card) ସାଧାରଣ ସଭାରେ ଉପସ୍ଥାପନ କରିବେ।

**ସ୍ଥାନ - ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟରସ୍ (ରେଡକ୍ରସ ଭବନ ସମ୍ମୁଖ) ସଚିବାଳୟମାର୍ଗ, ଭୁବନେଶ୍ୱର**
**ସମୟ-ଦିନ ଘ ୧୧.୦୦ ଟିକା**

**ନିର୍ଦ୍ଧାରିତ କାର୍ଯ୍ୟସୂଚୀ**

୧ ସଭାପତି ଙ୍କ ସ୍ୱାଗତ ଭାଷଣ।
୨ ପରିଚାଳନା ନିର୍ଦ୍ଦେଶକଙ୍କ ଅଭିଭାଷଣ।
୩ ତା.୧୨.୦୩.୨୫ରେ ଅନୁଷ୍ଠିତ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ, ଆଲୋଚନା ଓ ଦୃଢ଼ୀକରଣ।
୪ ପରିଚାଳନା ନିର୍ଦ୍ଦେଶକଙ୍କ ଦ୍ୱାରା୨୦୨୪-୨୫ ବର୍ଷର କାର୍ଯ୍ୟ ସମ୍ପାଦନ ବିବରଣୀ ଉପସ୍ଥାପନ।
୫ ୨୦୨୪-୨୫ ବର୍ଷର ଆୟ, ବ୍ୟୟ ଓ ପରିବର୍ତ୍ତିତ ବଜେଟ୍ ପଠନ ଓ ଅନୁମୋଦନ।
୬ ପରିଚାଳନା ପରିଷଦ ଦ୍ୱାରା ଅନୁମୋଦିତ ୨୦୨୫-୨୬ ବର୍ଷର ବାର୍ଷିକ ବଜେଟ ଉପସ୍ଥାପନ, ଆଲୋଚନା ଓ ଅନୁମୋଦନ
୭ ୨୦୨୦-୨୧ ବର୍ଷର ସମୀକ୍ଷା ଫର୍ଦ୍ଦ ଉପସ୍ଥାପନା, ତ୍ରୁଟିସଂଶୋଧନ ଓ ଅନୁମୋଦନ।
୮ ସ୍ୱପନ କୁମାର କୁଣ୍ଡୁ ଙ୍କ ନାମରେ ଥିବା ଡିସପୁଉଟ୍‌କେସ୍ ନଂ.୧/୨୦୧୨ କୁ ଡ୍ରପ୍ ଆଉଟ୍/ ବାଦ ଦେବା ସମ୍ବନ୍ଧେ ଆଲୋଚନା ଓ ନିଷ୍ପତି ଗ୍ରହଣ।
୯ ଅଧିକ ସଂଖ୍ୟକ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ପ୍ରାଇଭେଟ ସପ୍ଲାୟର୍‌ମାନେ ସେମାନଙ୍କର ଉତ୍ପାଦ ଗୁଡିକୁ ବୟନିକାକୁ ଯୋଗାଇବା ସଂପର୍କରେ ଆଲୋଚନା ଓ ନିଷ୍ପତି ଗ୍ରହଣ।
୧୦ ଅନ୍ୟାନ୍ୟ ସଭାପତିଙ୍କ ଅନୁମୋଦନ କ୍ରମେ।

ସଭାପତିଙ୍କ ଅନୁମୋଦନ କ୍ରମେ
ସ୍ୱା/-
ଡ. ନିବେଦିତା ପୃଷ୍ଟି
ପରିଚାଳନା ନିର୍ଦ୍ଦେଶିକା

OIPR-31001/31004/2/26-27/0004



ODISHA HYDRO POWER CORPORATION LTD.
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO : BARINIPUT, DIST. : KORAPUT - 764006, ODISHA
PHONE : (06854)242001, Fax : (06854)242093, e-mail : sgmel.ukhep@gmail.com
CIN : U40101OR1995SGC003963

**TENDER CALL NOTICE NO UKHEP - 03/2026-27, DATED. 23.04.2026**

**No.4001/38/2627** : Sealed tenders are invited in TWO PART i.e (i) Techno Commercial Bid & (ii) Price Bid in separate sealed envelopes from the Registered Manufacturers / Authorized dealers / Channel partners / Reputed Suppliers for **"Supply of EHV Grade Insulating Transformer Oil including barrels confirming to IS 335/1993 as revised IS 335/2018 for Upper Kolab Hydro Electric Project, Bariniput"**.

| Sl. No. | Description | Cost of tender paper in Rs. | EMD amount in Rs. |
|---|---|---|---|
| 1 | "Supply of EHV Grade Insulating Transformer Oil including barrels confirming to IS 335/1993 as revised IS 335/2018 for Upper Kolab Hydro Electric Project, Bariniput" | Rs.7,080.00 (Rs.6000/- + GST@18%) | Rs.21,000/- |

Sale of Tender Paper : From Dt.30.04.2026 to 11:00 Hrs of Dt.21.05.2026
Last date of submission of tender : Up to 12:00 Hrs of Dt.21.05.2026
Date and time of opening of Tender : At 12:30 Hrs of Dt.21.05.2026
For details of the tender documents, Terms & conditions & corrigendum please visit our website www.ohpcltd.com

Sd./- C & P Head,
U.K.H.E.P, Bariniput

OIPR-4001/4002/1/26-27/0004



ଗୁରୁଗ୍ରାମରେ ଏକ ପ୍ଲାଷ୍ଟିକ୍ କାରଖାନା ତଥା ଗୋଦାମରେ ରବିବାର ନିଆଁ ଲାଗିଥିବାବେଳେ ଲୋକେ ସେଠାରୁ ଦରକାରୀ ଜିନିଷ ଖୋଜୁଛନ୍ତି।

# ଆଇସିୟୁ ସର୍ବନିମ୍ନ ମାନ ରକ୍ଷା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୬।୪**

### କ୍ରିଟିକାଲ୍ କେୟାର ବ୍ୟବସ୍ଥାକୁ ନେଇ ଆଇସିୟୁ ପାଇଁ ମାର୍ଗଦର୍ଶିକା କାର୍ଯ୍ୟକାରୀ କରିବାକୁ ପରାମର୍ଶ

ସ୍ୱାସ୍ଥ୍ୟସେବାକୁ ନେଇ ଇଣ୍ଟେନସିଭ୍ କେୟାର ୟୁନିଟ୍(ଆଇସିୟୁ)ର ସର୍ବନିମ୍ନ ମାନ ରକ୍ଷା ଲାଗି ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ସ୍ତରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କ୍ରିଟିକାଲ୍ କେୟାର ବ୍ୟବସ୍ଥାର ସୁବ୍ୟବସ୍ଥିତ ଭିତ୍ତିଭୂମିର ଉନ୍ନତି କରାଯିବା ଜରୁରୀ ବୋଲି ଦର୍ଶାଇ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ କହିଛନ୍ତି। ସାରାଦେଶରେ କ୍ରିଟିକାଲ୍ କେୟାର ବ୍ୟବସ୍ଥାକୁ ନେଇ ଆଇସିୟୁ ପାଇଁ ମାର୍ଗଦର୍ଶିକା ଜାରି କରିବାକୁ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ), ସାର୍ ଗଙ୍ଗାରାମ ହସ୍ପିଟାଲ, ଟାଟା ମେମୋରିଆଲ ହସ୍ପିଟାଲ ଏବଂ ମେଦାନ୍ତ ଭଳି ପ୍ରତିଷ୍ଠିତ ହସ୍ପିଟାଲର ବିଶେଷଜ୍ଞମାନଙ୍କ ଦ୍ୱାରା ଯେଉଁ ପରାମର୍ଶ ଦେଇଥିଲେ ତାହା ଉପରେ ସହମତି ପ୍ରକାଶ ପାଇବା ପରେ ଏହାକୁ ଏକ ମୌଳିକ ଦସ୍ତାବିଜ୍ ଭାବେ ବିବେଚନା କରି କାର୍ଯ୍ୟକାରୀ କରିବାକୁ ଜଷ୍ଟିସ୍ ଆଶାନୁଦ୍ଦିନ ଅମାନୁଲ୍ଲା ଓ ଜଷ୍ଟିସ୍ ଆର୍. ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି। ବିଶେଷଜ୍ଞମାନେ ଦେଇଥିବା ପରାମର୍ଶ ଅନୁଯାୟୀ



ଆଇସିୟୁରେ ଏସ୍‌ଓପି ପ୍ରଚଳନ କରିବା, କର୍ମଚାରୀମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ, ସମୟାନୁଯାୟୀ ସେବା, ରିଅଲ ଟାଇମ୍ ହସ୍ପିଟାଲ ଆକ୍ସେସ୍ ବ୍ୟବସ୍ଥା ପ୍ରଚଳନ ଏବଂ ରୋଗୀମାନଙ୍କ ସହାୟତା ଲାଗି ଜିପିଏସ୍ ଲୋକେଟର୍ ବ୍ୟବସ୍ଥା ପ୍ରଚଳନ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

## ତାମିଲନାଡୁ, ପଶ୍ଚିମବଙ୍ଗରେ ପୁନଃ ମତଦାନ ହେବନି

**ନୂଆଦିଲ୍ଲୀ,୨୬।୪**

ଇତିମଧ୍ୟରେ ତାମିଲନାଡୁରେ ଗୋଟିଏ ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ଶେଷ ହୋଇଛି। ସେହିପରି ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ମତଦାନ ସରିଛି। ତାମିଲନାଡୁରେ ସମସ୍ତ ୨୩୪ ଆସନ ପାଇଁ ମତଦାନ କରାଯାଇଥିଲାବେଳେ ପଶ୍ଚିମବଙ୍ଗର ମୋଟ ୨୯୪ ଆସନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୫୨ ଆସନ ପାଇଁ ମତଦାନ ହୋଇଛି। ତେବେ ମତଦାନ ହୋଇସାରିଥିବା ଦୁଇ ରାଜ୍ୟର ଏହିସବୁ ଆସନ ପାଇଁ ପୁନଃ ମତଦାନ ହେବ ନାହିଁ ବୋଲି ନିର୍ବାଚନ କମିଶନ ଶନିବାର ସ୍ପଷ୍ଟ କରିଛନ୍ତି।

## ଦଳ ଛାଡିଥିବା ଏମ୍‌ପିଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଆପ୍‌ର ଆବେଦନ

**ନୂଆଦିଲ୍ଲୀ,୨୬।୪**

ବରିଷ୍ଠ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତା ତଥା ରାଜ୍ୟ ସଭା ସଦସ୍ୟ ରାଘବ ଚଢ଼ାଙ୍କ ସମେତ ୭ ଜଣ ଏମ୍‌ପି ଦଳ ଛାଡ଼ି ଭାଜପାରେ ଯୋଗ ଦେଇଥିବାବେଳେ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ଆପ୍ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ସେମାନଙ୍କୁ ଅଯୋଗ୍ୟ ଘୋଷଣା ଦାବିରେ ବରିଷ୍ଠ ଆପ୍ ନେତା ସଞ୍ଜୟ ସିଂ ରବିବାର ରାଜ୍ୟ ସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନଙ୍କ ନିକଟରେ ଆବେଦନ କରିଛନ୍ତି। ଚଢ଼ାଙ୍କ ନେତୃତ୍ୱରେ ଏମ୍‌ପିମାନେ ଦଳବଦଳ ନିରୋଧୀ ଆଇନର ବ୍ୟବସ୍ଥା ବିରୋଧରେ ଯାଇ ଭାଜପାରେ ଯୋଗଦେଇଥିବା ଏକ ଖବରଦାତା ସମ୍ମିଳନୀରେ ସଞ୍ଜୟ କହିଛନ୍ତି। ସେମାନେ ଆପ୍ ଟିକେଟରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ପରେ ସେମାନେ ଦଳ ଛାଡ଼ି ଭାଜପାରେ ଯୋଗଦେଇଥିବାରୁ ସେମାନଙ୍କ ସଦସ୍ୟତା ରଦ୍ଦ ହେବା ଆବଶ୍ୟକ ବୋଲି ସଞ୍ଜୟ ଦାବି କରିଛନ୍ତି।

# ଆମେରିକା-ଇରାନ ଶାନ୍ତି ଆଶା ମଉଳିଲା

## ପ୍ରତିନିଧି ପଠାଇବା ନିଷ୍ପତ୍ତି ସ୍ଥଗିତ ରଖିଲେ ଟ୍ରମ୍ପ

**ଇସ୍‌ଲାମାବାଦ/ୱାଶିଂଟନ,୨୬।୪**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତିନିଧି ଭାବେ ଷ୍ଟିଭ୍ ୱିଟ୍‌କଫ୍ ଏବଂ ଜାରେଡ କୁଶ୍‌ନେର ଇରାନ ସହ ଆଲୋଚନା ପାଇଁ ପାକିସ୍ତାନ ଗସ୍ତରେ ଯିବେ ନାହିଁ ବୋଲି ସେ କହିବା ପରେ ଦୁଇ ଦେଶ ମଧ୍ୟରେ ଶାନ୍ତି ସ୍ଥାପନ ଆଶା ମଉଳିଯାଇଛି। ଉଭୟ ଦେଶ ଅଟକି ରହିଥିବା ଆଲୋଚନାକୁ ପୁନର୍ବାର ଆରମ୍ଭ କରିବା ଦିଗରେ ଉଦ୍ୟମ କରିଥିଲେ ମଧ୍ୟ ନିଜ ନିଜର କଠୋର ନିଷ୍ପତ୍ତିରୁ ନରମିବାକୁ ଚାହୁଁ ନ ଥିବା ଜଣାପଡ଼ିଛି। ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଅରାଘଚି ଆଲୋଚନା ପାଇଁ ପାକିସ୍ତାନ ଆସିଥିଲେ ମଧ୍ୟ ଶନିବାର ସନ୍ଧ୍ୟାରେ ମଧ୍ୟପ୍ରାଚ୍ୟକୁ ଫେରିଯାଇଛନ୍ତି।

ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ଯୁଦ୍ଧରେ ଅସ୍ତ୍ରବିରତି ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ଯୁଦ୍ଧ ବନ୍ଦ କରିବା ନେଇ କୌଣସି ଚୁକ୍ତିନାମାରେ ଉଭୟ ଦେଶ ପହଞ୍ଚିପାରି ନାହାନ୍ତି। ଇରାନ ବିରୋଧରେ ଆମେରିକା ଏବଂ ଇସ୍ରାଏଲ୍‌ର ଆକ୍ରମଣ ଯୋଗୁ ଅନେକ ହଜାର ଲୋକଙ୍କ ଜୀବନ ଯିବା ସହ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି



ଡୋନାଲ୍ଡ ଟ୍ରମ୍ପ | ମାସୌଦ ପେଜେଶ୍‌କିଆନ୍

ପାଇଛି ଏବଂ ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧି ପ୍ରଭାବିତ ହୋଇଛି। ବିଶ୍ୱର ୨୦ ପ୍ରତିଶତ ଇନ୍ଧନ ପରିବହନର ମୁଖ୍ୟ ସାମୁଦ୍ରିକ ପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ତେହରାନ୍ ବନ୍ଦ କରିଦେଇଥିବାବେଳେ ୱାଶିଂଟନ ଇରାନର ପୋର୍ଟଗୁଡ଼ିକୁ ଅବରୋଧ କରି ରଖିଛି। ଆମେରିକା ଅବରୋଧ ହଟାଉ ବୋଲି ଇରାନ ଦାବି କରିଛି। ଧମକ କିମ୍ବା ବ୍ଲାକ୍‌ମେଲ୍ ଦ୍ୱାରା ଜବରଦସ୍ତ ବୁଝାମଣାରେ ତେହରାନ୍ ପଶିବ ନାହିଁ ବୋଲି ଇରାନ ରାଷ୍ଟ୍ରପତି ମାସୌଦ ପେଜେଶ୍‌କିଆନ୍ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କୁ ଫୋନ୍‌ରେ କହିଛନ୍ତି। ଆଲୋଚନାକାରୀମାନେ ସମାଧାନ ପାଇଁ ପୃଷ୍ଠଭୂମି ପ୍ରସ୍ତୁତ କରିବା ପୂର୍ବରୁ ଆମେରିକା ସାମୁଦ୍ରିକ ଅବରୋଧ ଓ ଅନ୍ୟାନ୍ୟ କଟକଣା ପ୍ରଥମେ ହଟାଇବା ଦରକାର ବୋଲି ପେଜେଶ୍‌କିଆନ୍ କହିଛନ୍ତି।

ଅରାଘଚି ଇସ୍‌ଲାମାବାଦରୁ ଅନ୍ୟତମ ମଧ୍ୟସ୍ଥ ରାଷ୍ଟ୍ର ଓମାନ୍ ଯାଇଥିବାବେଳେ ପରେ ସେ ରୁଷିଆ ଗସ୍ତ କରିବେ ବୋଲି ଜଣାପଡ଼ିଛି। ଓମାନ୍‌ରେ ସେ ଦେଶର ନେତା ହାଇଥାମ୍ ବିନ୍ ତାରିକ୍ ଅଲ୍-ସଏଦଙ୍କ ସହ ଯୁଦ୍ଧ ବନ୍ଦ ନେଇ ଆଲୋଚନା କରିବେ ବୋଲି ସେଠାର ସରକାରୀ ଗଣମାଧ୍ୟମ କହିଛି। ଅନ୍ୟପକ୍ଷରେ କୂଟନୈତିକ ଗସ୍ତ ସ୍ଥଗିତ ରହିବା ପରେ ଟ୍ରମ୍ପ କହିଛନ୍ତି, ଇରାନ ଅନେକ ପ୍ରସ୍ତାବ ଦେଇଛି, କିନ୍ତୁ ଯଥେଷ୍ଟ ନୁହେଁ। ଇରାନର ନେତାମାନଙ୍କ ମଧ୍ୟରେ ମତଭେଦ ଓ ଦ୍ୱନ୍ଦ୍ୱ ଲାଗି ରହିଥିବା ଟ୍ରମ୍ପ ଟ୍ରୁଥ୍ ସୋସିଆଲ୍‌ରେ ଲେଖିଛନ୍ତି।

## ପଚପଦ୍ର ରିଫାଇନେରିରେ ଲିକ୍ ହୋଇଥିବା ସ୍ପଷ୍ଟକଲା ଏଚ୍‌ପିସିଏଲ୍

**ଜୟପୁର,୨୬।୪**

ରାଜସ୍ଥାନର ବଲୋତ୍ରା ଜିଲାରେ ଥିବା ପଚପଦ୍ର ତୈଳ ବିଶୋଧନାଗାରରେ ଲିକ୍ ଯୋଗୁ ଗତ ୨୦ ତାରିଖରେ ଅଗ୍ନିକାଣ୍ଡ ଘଟିଥିବା ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିଃ (ଏଚ୍‌ପିସିଏଲ୍) ରବିବାର ସ୍ପଷ୍ଟ କରିଛି। ରିଫାଇନେରିର ଭାକ୍ୟୁମ୍ ରେସିଡ୍ୟୁ ଏକ୍ସଚେଞ୍ଜର୍ ଇନ୍‌ଲେଟ୍ ଲାଇନ୍ ପ୍ରେସର ଗଜ୍ ଟ୍ୟାପିଂ ପଏଣ୍ଟରେ ଲିକ୍ ହୋଇଥିଲା ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ୨୦ ତାରିଖରେ ରିଫାଇନେରିରେ ହୋଇଥିବା ଭୟାବହ ଅଗ୍ନିକାଣ୍ଡର କାରଣକୁ ନେଇ କଳ୍ପନାଜଳ୍ପନା ଲାଗି ରହିଥିବାବେଳେ କମ୍ପାନୀର ସ୍ପଷ୍ଟୀକରଣ ଯୋଗୁ ତାହାର ଅନ୍ତ ଘଟିଛି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୧ ତାରିଖରେ ଉକ୍ତ ରିଫାଇନେରି ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ଥିବାବେଳେ ଏହାର ପୂର୍ବଦିନ ସେଠାରେ ଅଗ୍ନିକାଣ୍ଡ ଘଟିଥିଲା।

# ଚେର୍ନୋବିଲ୍ ଆଣବିକ ବିପର୍ଯ୍ୟୟ ବାର୍ଷିକୀରେ ଆକ୍ରମଣ: ୧୬ ମୃତ



**କିଭ୍,୨୬।୪**

ଚେର୍ନୋବିଲ୍ ଆଣବିକ ବିପର୍ଯ୍ୟୟର ୪୦ତମ ବାର୍ଷିକୀ ଅବସରରେ ୟୁକ୍ରେନ୍, ରୁଷିଆ ଅଧିକୃତ ଅଞ୍ଚଳ ଏବଂ ରୁଷିଆରେ ଏକାଧିକ ଆକ୍ରମଣରେ ଅନ୍ୟୂନ ୧୬ ଜଣଙ୍କ ମୃତ୍ୟୁ ଘଟିଛି। ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଲାଗି ରହିଥିବାବେଳେ ଆଣବିକ ପ୍ଲାଣ୍ଟ ନିକଟରେ ଆକ୍ରମଣକୁ ନେଇ ସାନି ବିପଦ ଭୟ ସୃଷ୍ଟି ହୋଇଛି। ଡ୍ନିପ୍ରୋ ସହରରେ ରୁଷିଆର ଡ୍ରୋନ୍ ଓ ମିଶାଇଲ୍ ଆକ୍ରମଣ ଯୋଗୁ ୯ ଜଣଙ୍କ ମୃତ୍ୟୁ ଘଟିଥିବା ରବିବାର ସେଠାର ଆଞ୍ଚଳିକ ମୁଖ୍ୟ ଓଲେକ୍‌ସାଣ୍ଡର ହାଞ୍ଜା କହିଛନ୍ତି। ସେହିପରି ରୁଷିଆ ଅଧିକୃତ କ୍ରିମିଆର ସେଭାଷ୍ଟୋପୋଲ ବନ୍ଦର ସହରରେ ୟୁକ୍ରେନ୍ ଡ୍ରୋନ୍ ଆକ୍ରମଣରେ ଜଣେ ପ୍ରାଣ ହରାଇଛନ୍ତି। ଶନିବାର ଭୋର ସମୟରେ ଏକ ଗ୍ରାମରେ ୟୁକ୍ରେନ୍ ଡ୍ରୋନ୍ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ରାତି ଆକ୍ରମଣରେ ୩ ଜଣ ପ୍ରାଣ ହରାଇଛନ୍ତି। ରୁଷିଆର ବେଲଗୋରୋଡ ସୀମାନ୍ତ ଅଞ୍ଚଳରେ ୟୁକ୍ରେନ୍ ଡ୍ରୋନ୍ ଆକ୍ରମଣରେ ଜଣେ ମହିଳା ନିହତ ହୋଇଥିବା ଜଣାପଡ଼ିଛି।

# ଫଟୋଗ୍ରାଫର ରଘୁ ରାୟଙ୍କ ପରଲୋକ

**ନୂଆଦିଲ୍ଲୀ,୨୬।୪(ପି.ଟି.)**

ଭାରତର ଖ୍ୟାତନାମା ଫଟୋଗ୍ରାଫର ତଥା ଫଟୋ ସାମ୍ବାଦିକ ରଘୁ ରାୟ, ଯିଏକି କ୍ୟାମେରା ଜରିଆରେ ବିକଶିତ ଭାରତ ଓ ଏହାର ଲୋକମାନଙ୍କ ପ୍ରକୃତ ରୂପକୁ ଚିତ୍ରଣ କରିଥିଲେ, ତାଙ୍କର ଶନିବାର ବିଳମ୍ବିତ ରାତିରେ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ୨ ବର୍ଷ ପୂର୍ବେ ତାଙ୍କଠାରେ ପ୍ରୋଷ୍ଟେଟ୍ କ୍ୟାନ୍‌ସର ଚିହ୍ନଟ ହୋଇଥିବାବେଳେ ସେଥିରୁ ସେ ଆରୋଗ୍ୟ ହୋଇଥିଲେ। ପରେ ପାକସ୍ଥଳୀ କର୍କଟ ରୋଗରୁ ମଧ୍ୟ ସୁସ୍ଥ ହୋଇଥିଲେ। ନିକଟରେ ଏହି କ୍ୟାନ୍ସର ତାଙ୍କ ମସ୍ତିଷ୍କକୁ ବ୍ୟାପିଥିଲା ଓ ବାର୍ଦ୍ଧକ୍ୟଜନିତ ଅନ୍ୟାନ୍ୟ ରୋଗରେ ସେ ପୀଡ଼ିତ ଥିଲେ ବୋଲି ରାୟଙ୍କ ପୁଅ ନଳିନ ରାୟ ଗଣମାଧ୍ୟମକୁ କହିଛନ୍ତି। ରଘୁ ରାୟଙ୍କ ସ୍ତ୍ରୀ ଗୁର୍‌ମିତ, ପୁଅ ନଳିନ, ଝିଅ



ଲାଗାନ, ଅବନୀ ଓ ପୁରବାଇ ଅଛନ୍ତି।

୧୯୪୨ ଡିସେମ୍ବର ୧୮ରେ ପଞ୍ଜାବର ଝାଙ୍ଗ୍ (ବର୍ତ୍ତମାନର ପାକିସ୍ତାନ)ରେ ଜନ୍ମିତ ରଘୁ ରାୟ ଜଣେ ସିଭିଲ୍ ଇଞ୍ଜିନିୟର ହୋଇଥିଲେ ମଧ୍ୟ ୨୩ ବର୍ଷ ବୟସରୁ ଫଟୋଗ୍ରାଫିକୁ ପେସା କରିଥିଲେ। ୧୯୬୬ରେ ସେ ଦି ଷ୍ଟେଟ୍ସମ୍ୟାନ୍‌ର ମୁଖ୍ୟ ଫଟୋଗ୍ରାଫର ଭାବେ ନିଯୁକ୍ତ ହୋଇଥିଲେ। ୬ ଦଶନ୍ଧିର କ୍ୟାରିୟରରେ ସେ ନିଜ କ୍ୟାମେରା ମାଧ୍ୟମରେ କ୍ଷଣସ୍ଥାୟୀ ମୁହୂର୍ତ୍ତଗୁଡ଼ିକୁ ଅତ୍ୟନ୍ତ ସ୍ପଷ୍ଟତାର ସହ କଏଦ କରିଥିଲେ, ଯାହା ବିକାଶଶୀଳ ଭାରତର ସାମାଜିକ-ରାଜନୈତିକ ଦୃଶ୍ୟପଟ୍ଟର ଦସ୍ତାବିଜ୍ ହୋଇ ରହିଛି। ସେ ଫଟୋରେ ବାନ୍ଧି ରଖିଥିବା ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକ ମଧ୍ୟରେ ରହିଛି ୧୯୭୨ର ବାଂଲାଦେଶ ଶରଣାର୍ଥୀ ସଙ୍କଟ ଏବଂ ୧୯୮୪ର ଭୋପାଳ ଗ୍ୟାସ୍ ଦୁର୍ଘଟଣା। ଇନ୍ଦିରା ଗାନ୍ଧୀ, ଦଲାଇଲାମା, ମଦର ଟେରେସା, ସତ୍ୟଜିତ ରାୟ, ହରିପ୍ରସାଦ ଚୌରାସିଆ ଏବଂ ବିସ୍‌ମିଲା ଖାନ୍‌ଙ୍କ ଭଳି ବିଶିଷ୍ଟ ବ୍ୟକ୍ତିଙ୍କ ବିଶେଷ ମୁହୂର୍ତ୍ତର ନିଖୁଣ ଫଟୋ ତାଙ୍କ ଲେନ୍ସରେ କଏଦ ହୋଇଥିଲା। ତାଙ୍କ ଫଟୋଗୁଡ଼ିକ ବହୁ ଅନ୍ତର୍ଜାତୀୟ ପ୍ରକାଶନରେ ସ୍ଥାନ ପାଇଥିଲା। ରଘୁଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

# ସୁଇସ୍ ବିମାନ ଇଞ୍ଜିନ୍‌ରେ ନିଆଁ: ୬ ଯାତ୍ରୀ ଆହତ

**ନୂଆଦିଲ୍ଲୀ,୨୬।୪**

ଦିଲ୍ଲୀ ଏୟାରପୋର୍ଟରୁ ୨୪୫ ଯାତ୍ରୀଙ୍କୁ ନେଇ ଶନିବାର ବିଳମ୍ବିତ ରାତିରେ ସୁଇଜରଲାଣ୍ଡର ଜ୍ୟୁରିଚ୍ ଅଭିମୁଖେ ଯିବାକୁ ଥିବା ସୁଇସ୍ ଇଣ୍ଟରନ୍ୟାଶନାଲ ଏୟାରଲାଇନ୍ସର ଏକ ବିମାନ ଇଞ୍ଜିନ୍‌ରେ ତ୍ରୁଟି ଦେଖାଦେବାରୁ ଏହାର ଉଡ଼ାଣକୁ ବାତିଲ କରାଯାଇଛି। ଇଞ୍ଜିନ୍‌ରେ ନିଆଁ ଲାଗିଯିବାରୁ ଯାତ୍ରୀମାନଙ୍କୁ ତୁରନ୍ତ ବାହାରକୁ ବାହାର କରାଯାଇଥିଲା। ଏହି ସମୟରେ ୬ ଜଣ ଯାତ୍ରୀ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଜଣେ କ୍ରିଉ ସଦସ୍ୟ ମଧ୍ୟ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଏୟାରବସ୍





ଏ୩୩୦ ବିମାନ (ଫ୍ଲାଇଟ୍ ନଂ. ଏଲ୍‌ଏକ୍ସ୧୪୭) ଶନିବାର ରାତି ୧ଟା ୮ ମିନିଟ୍ ସମୟରେ ଟେକ୍‌ଅଫ୍ ରନ୍ ଆରମ୍ଭ କରିବା ବେଳେ ଏହାର ଗୋଟିଏ ଇଞ୍ଜିନ ଫେଲ୍ ହେବା ସହ ସେଥିରୁ ନିଆଁ ବାହାରିଥିଲା। ଫଳରେ ରନ୍‌ୱେରେ ଜରୁରୀ ସ୍ଲାଇଡ୍ ବ୍ୟବହାର କରି ଯାତ୍ରୀମାନଙ୍କୁ ବାହାର କରାଯାଇଥିଲା। ମୁଖ୍ୟ ହୁଇଲ୍‌ର ପୋର୍ଟ ସାଇଡ୍‌ରୁ ଧୂଆଁ ବାହାରୁଥିବା ଦେଖାଯାଇଥିଲା। ଗୋଟିଏ ଲ୍ୟାଣ୍ଡିଂ ଗିଅରରୁ ଧୂଆଁ ବାହାରିଥିଲା ବୋଲି କୁହାଯାଇଛି।

# ଜନଗଣନାରେ ପ୍ରତ୍ୟେକ ନାଗରିକ ଯୋଗଦେବା ଗୁରୁତ୍ୱପୂର୍ଣ୍ଣ

**ନୂଆଦିଲ୍ଲୀ,୨୬।୪(ପି.ଟି.)**

ଦେଶରେ ଏବେ ଜନଗଣନାର ପ୍ରଥମ ପର୍ଯ୍ୟାୟ ଚାଲିଛି। ତେବେ ଏହା କେବଳ ସରକାରଙ୍କ କାମ ନୁହେଁ, ବରଂ ସବୁ ନାଗରିକଙ୍କ ଦାୟିତ୍ୱ। ପ୍ରତ୍ୟେକ ନାଗରିକ ଜନଗଣନା ପ୍ରକ୍ରିୟାରେ ନିଜକୁ ସାମିଲ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ କହିଛନ୍ତି। ଜନଗଣନା ସମୟରେ ଲୋକେ ଗଣନାକାରୀ ଅଧିକାରୀମାନଙ୍କୁ ଦେଉଥିବା ପ୍ରତ୍ୟେକ ତଥ୍ୟ ସୁରକ୍ଷିତ ଓ ଗୋପନ ରହିବ ବୋଲି ପ୍ରଧାନମନ୍ତ୍ରୀ

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍



କହିବା ସହ ଜନଗଣନା-୨୦୨୭କୁ ସଫଳ କରାଇବା ଲାଗି ସବୁ ନାଗରିକ ଏଥିରେ ସାମିଲ ହେବାକୁ ନିବେଦନ କରିଛନ୍ତି। ଭାରତର ଜନଗଣନା ବିଶ୍ୱରେ ସର୍ବବୃହତ୍ ଗଣନା ବୋଲି ସେ କହିଛନ୍ତି।

ଏଥର ଜନଗଣନାକୁ ପ୍ରଥମ ଥର ପାଇଁ ଡିଜିଟାଲ କରାଯାଇଛି। ଜନସାଧାରଣ ଦେଉଥିବା ପ୍ରତ୍ୟେକ ତଥ୍ୟକୁ ସିଧାସଳଖ ଡିଜିଟାଲ ମାଧ୍ୟମ ଜରିଆରେ ରେକର୍ଡ କରାଯିବ। ଏଥର ଜନଗଣନାରେ ଲୋକଙ୍କ ଯୋଗଦାନକୁ ମଧ୍ୟ ସହଜ କରାଯାଇଛି। ଆପଣମାନେ ନିଜ ତଥ୍ୟ ନିଜେ ରେକର୍ଡ କରାଇପାରିବେ।

ପ୍ରଧାନମନ୍ତ୍ରୀ ଏହି ଅବସରରେ ତାମିଲନାଡୁର କଳ୍ପକମ୍ ଆଣବିକ ରିଆକ୍ଟରର ଐତିହାସିକ ସଫଳତାର ଉଚ୍ଚ ପ୍ରଶଂସା କରିଛନ୍ତି। ଭାରତର ଆଣବିକ ବୈଜ୍ଞାନିକମାନେ ଦେଶ ପାଇଁ ଗର୍ବ ଆଣିଥିବା ସେ କହିଛନ୍ତି। ଭାରତୀୟ ବୈଜ୍ଞାନିକମାନେ ବେସାମରିକ ଆଣବିକ କାର୍ଯ୍ୟକ୍ରମରେ ଅଗ୍ରଗତି କରିଛନ୍ତି। ସେମାନଙ୍କ ଉଦ୍ୟମ ରାଷ୍ଟ୍ର ନିର୍ମାଣରେ ଉଲ୍ଲେଖନୀୟ ଅବଦାନ। ୨୦୨୪ ମାର୍ଚ୍ଚରେ କଳ୍ପକମ୍ ରିଆକ୍ଟରରେ କୋର୍ ଲୋଡିଂ ବେଳେ ଏହାକୁ ଦେଖିବାର ସୁଯୋଗ ମିଳିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ୫୦୦ ମେଗାୱାଟ୍ ପ୍ରୋଟୋଟାଇପ୍ ଫାଷ୍ଟ ବ୍ରିଡର ରିଆକ୍ଟର ଗତ ୬ ତାରିଖରେ କାର୍ଯ୍ୟକ୍ଷମ ହୋଇଥିଲା, ଯାହା ଦୀର୍ଘମିଆଦୀ ଶକ୍ତି ସୁରକ୍ଷା ଯୋଗାଇବାରେ ଏବଂ ସ୍ୱଦେଶୀ ଆଣବିକ ପ୍ରଯୁକ୍ତି ସାମର୍ଥ୍ୟକୁ ଆଗେଇ ନେବାରେ ଏକ ଐତିହାସିକ ପଦକ୍ଷେପ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ନାସାର ପରମାଣୁ ଚାଳିତ ଅନ୍ତରୀକ୍ଷ ଅଭିଯାନ



ନିକୁଞ୍ଜ ବିହାରୀ ସାହୁ

**"ଉତ୍‌କ୍ଷେପଣ ପରେ 'ଏସ.ଆର୍.-୧ ଫ୍ରିଡମ୍' ଅଭିଯାନ ପ୍ରଥମେ ପୃଥିବୀର ଗୁରୁତ୍ୱାକର୍ଷଣ ବନ୍ଧନକୁ ଅତିକ୍ରମ କରିବ। ଉତ୍‌କ୍ଷେପଣର ମାତ୍ର ୪୮ ଘଣ୍ଟା ସମୟ ମଧ୍ୟରେ ଯାନସ୍ଥିତ ଏକ ନାଭିକୀୟ ବିଖଣ୍ଡନ ରିଆକ୍ଟର କାର୍ଯ୍ୟକ୍ଷମ ହୋଇ ବୈଦ୍ୟୁତିକ ଉପାୟରେ ଯାନର ଥ୍ରଷ୍ଟରଗୁଡ଼ିକୁ ଅଗ୍ରଗାମୀ ଗତି ନିମନ୍ତେ ଚାଳନଶକ୍ତି ପ୍ରଦାନ କରିବ। ଏହା ପରେ ଯାନଟି ନିଜର ନାଭିକୀୟ- ବୈଦ୍ୟୁତିକ ଚାଳନଗତି ଅବ୍ୟାହତ ରଖି ମଙ୍ଗଳ ଗ୍ରହ ଅଭିମୁଖେ ଛୁଟିଯିବ। ଲୋହିତ ଗ୍ରହରେ ପହଞ୍ଚି ଗ୍ରହ ପୃଷ୍ଠର ଅଧିକ ଅନୁସନ୍ଧାନ ନିମନ୍ତେ ଗ୍ରହ ପୃଷ୍ଠରେ ତିନୋଟି ଇଞ୍ଜେନିଉଟି ଶ୍ରେଣୀର ହେଲିକପ୍ଟର ନିୟୋଜିତ କରିବ।"**

ଆମେରିକୀୟ ଅନ୍ତରୀକ୍ଷ ସଂସ୍ଥା 'ନାସା' ବହୁ ଦଶନ୍ଧିର ଗବେଷଣା ପରେ ପ୍ରୟୋଗଶାଳାରୁ ମହାକାଶକୁ ପରମାଣୁ ଶକ୍ତିର ପ୍ରୟୋଗକୁ ସମ୍ପ୍ରସାରିତ କରିବା ନିମନ୍ତେ ନିକଟରେ ଏକ ପ୍ରମୁଖ ଯୋଜନା ଘୋଷଣା କରିଛି। ଏହି ଯୋଜନା ମୁତାବକ, ନାସା ଆଗାମୀ ଡିସେମ୍ବର ୨୦୨୮ରେ ଅନ୍ତରୀକ୍ଷକୁ ନିଜର ଏକ ପରମାଣୁ ରିଆକ୍ଟର ସମ୍ବଳିତ ଅଭିଯାନ 'ଏସ୍. ଆର୍. -୧ ଫ୍ରିଡମ୍' ପ୍ରେରଣ କରିବ। ଏହା ଅନ୍ତରୀକ୍ଷରେ ରକେଟ ଚାଳନକ୍ରିୟା ନିମନ୍ତେ ରିଆକ୍ଟରର ପରମାଣୁ ବିଖଣ୍ଡନ ପ୍ରକ୍ରିୟାରୁ ଆହରିତ ଶକ୍ତି ବ୍ୟବହାର କରିବ। ନାସାର ଏହି ଉଦ୍ୟମ ସଫଳ ହେଲେ ଏହା ବିଶ୍ୱ ଅନ୍ତରୀକ୍ଷ ଉଡ଼ାଣର ଦୀର୍ଘ ୬୦ ବର୍ଷ ଇତିହାସରେ ପ୍ରଥମ ଉପଲବ୍ଧି ହେବ। ଏହି ଅଭିଯାନ ମଧ୍ୟ ମଙ୍ଗଳ ଗ୍ରହ ପୃଷ୍ଠର ବିସ୍ତୃତ ଅନୁସନ୍ଧାନ ନିମନ୍ତେ ତିନୋଟି ହେଲିକପ୍ଟର ବହନ କରିନେବ। ଏହି ପଥପ୍ରଦର୍ଶକ ଅଭିଯାନ ମଙ୍ଗଳ ବ୍ୟତୀତ ଚନ୍ଦ୍ର ଏବଂ ଆମ ସୌରମଣ୍ଡଳର ବାହ୍ୟ ପରିସର ଅନୁସନ୍ଧାନ ପାଇଁ ଗ୍ରହପୃଷ୍ଠରୁ ଆହରିତ ଶକ୍ତି ସମେତ ଭବିଷ୍ୟତର ଉପଯୋଗିତା ନିମନ୍ତେ ଆବଶ୍ୟକ ପ୍ରଯୁକ୍ତିବିଦ୍ୟାର ଭିତ୍ତିଭୂମି ସ୍ଥାପନ କରିବ।



## ଅନ୍ତରୀକ୍ଷରେ ପରମାଣୁ ଶକ୍ତି ଉତ୍ସର ଆବଶ୍ୟକତା

ପୃଥିବୀ ନିକଟରେ ପ୍ରଚୁର ସୌରଶକ୍ତି ଉପଲବ୍ଧ ହେଉଥିବାରୁ ଏହା ଉପରେ ନିର୍ଭରଶୀଳ ଯନ୍ତ୍ରାବଳି ଠିକ ରୂପେ କାର୍ଯ୍ୟ କରିଥାଏ। ମାତ୍ର ଚନ୍ଦ୍ର କିମ୍ବା ଅନ୍ୟ ଗ୍ରହରେ, ସୌରଶକ୍ତି ସ୍ୱଳ୍ପ ମାତ୍ରାରେ ଉପଲବ୍ଧ ହୋଇଥାଏ ଏବଂ ଏହା ପୁଣି ଦର୍ଶକର ସ୍ଥାନ ଉପରେ ନିର୍ଭର କରେ। ଉଦାହରଣ ସ୍ୱରୂପ, ଚନ୍ଦ୍ରର ଧ୍ରୁବୀୟ ସ୍ଥାନଗୁଡ଼ିକରେ ସ୍ୱଳ୍ପ ସୂର୍ଯ୍ୟକିରଣ ପଡୁଥିବାରୁ ସେଗୁଡିକ ସର୍ବାଧିକ କାଳ ଅନ୍ଧକାରାଚ୍ଛନ୍ନ ରହିଥାନ୍ତି। ଏପରିକି ଚନ୍ଦ୍ରପୃଷ୍ଠରେ ଅନେକ ସ୍ଥାୟୀ ଛାୟାଯୁକ୍ତ ଗଭୀର ଗର୍ତ୍ତ ରହିଛି ଯେଉଁଠାରେ ବର୍ଷସାରା ଆଦୌ ସୂର୍ଯ୍ୟକିରଣ ପଡେ ନାହିଁ, ଫଳରେ ଏହିସବୁ ସ୍ଥାନର ତାପମାତ୍ରା ଶୂନ୍ୟ ଡିଗ୍ରୀରୁ ବହୁତ ତଳେ ଏବଂ ସଦାସର୍ବଦା ବରଫରେ ପୂର୍ଣ୍ଣ ରହିଥାଏ। ସେହିପରି ମଙ୍ଗଳ ଗ୍ରହରେ ଉଠୁଥିବା ଅଶାନ୍ତ ଧୂଳିଝଡ଼ସବୁ ସପ୍ତାହ ସପ୍ତାହ ବ୍ୟାପୀ ସୂର୍ଯ୍ୟକିରଣକୁ ଅବରୋଧ କରେ। ଅନ୍ତରୀକ୍ଷର ଏଭଳି ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଚନ୍ଦ୍ରରେ ନିଜର ଉପସ୍ଥିତି ବଜାୟ ରଖିବା, ମଙ୍ଗଳ ଗ୍ରହକୁ ମନୁଷ୍ୟ ପ୍ରେରଣ କରିବା ଏବଂ ସୌରଜଗତର ବାହ୍ୟ ପରିସୀମା ଅନୁସନ୍ଧାନ କରିବାର ଦୀର୍ଘ ଅନ୍ତରୀକ୍ଷ ଯାତ୍ରା ନିମନ୍ତେ ନାସା ଏପରି ଶକ୍ତି ଉତ୍ସ ଖୋଜୁଛି, ଯାହା ସୂର୍ଯ୍ୟାଲୋକର ବିନା ଉପସ୍ଥିତିରେ ଦୀର୍ଘ ଦିନ ସବୁଠି କାର୍ଯ୍ୟ କରିପାରିବ। ପରମାଣୁ ବିଖଣ୍ଡନ ହେଉଛି ସେହିଭଳି ଏକ ଦକ୍ଷତାପୂର୍ଣ୍ଣ ଶକ୍ତି ଉତ୍ସ ଯାହାକୁ ବ୍ୟବହାର କରି ନାସା ଦୂର ଓ ଦୀର୍ଘସ୍ଥାୟୀ ଅନ୍ତରୀକ୍ଷ ଅଭିଯାନ ନିମନ୍ତେ ନିଜର ଫ୍ରିଡମ ଅଭିଯାନ ପ୍ରେରଣ କରିବାକୁ ଯାଉଛି।

ଅନ୍ତରୀକ୍ଷ ଅଭିଯାନ କ୍ଷେତ୍ରରେ ପରମାଣୁ ଶକ୍ତିଉତ୍ସର ପ୍ରୟୋଗ ଗଭୀର ମହାକାଶରେ ଯାତ୍ରୀ ଓ ସାମଗ୍ରୀ ପରିବହନ ନିମନ୍ତେ ଏକ ବରଦାନ ରୂପେ ସାବ୍ୟସ୍ତ ହେବ। ଏହା ମଧ୍ୟ ବୃହସ୍ପତି ଗ୍ରହ ବାହାର ପରିସୀମାରେ ଉଚ୍ଚ ଶକ୍ତି ଚାହିଦା ବିଶିଷ୍ଟ ଅଭିଯାନର ସ୍ୱପ୍ନକୁ ବାସ୍ତବତାରେ ରୂପାୟନ କରିବାରେ ସହାୟକ ହେବ, ଯେଉଁଠାରେ ସୌରଫଳକ ପ୍ରଭାବଶାଳୀ ଉପାୟରେ କାର୍ଯ୍ୟ କରିପାରେ ନାହିଁ।

ତରଳ ଇନ୍ଧନ ଭଳି ପାରମ୍ପରିକ ଶକ୍ତି ଉତ୍ସ ବ୍ୟବହାର କରି ଦୂର ଗ୍ରହ ରାଇଜକୁ ଅନ୍ତରୀକ୍ଷ ଯାନ ପ୍ରେରଣ କରିବା ସମ୍ଭବପର ନୁହେଁ। ଏହର କାରଣ, ଏଥିନିମନ୍ତେ ବିପୁଳ ଇନ୍ଧନ ଆବଶ୍ୟକ ହୋଇଥାଏ ଏବଂ ରକେଟରେ ଇନ୍ଧନ ଭାର ବଢିଗଲେ ଏହାର ଅଗ୍ରଗାମୀ ତ୍ୱରଣ ଓ ଚାଳନ କ୍ଷମତା ହ୍ରାସ ପାଇଥାଏ। ସୁତରାଂ ସମଗ୍ର ଯାତ୍ରାକାଳର ଆବଶ୍ୟକତା ପୂରଣ ନିମନ୍ତେ ଏଭଳି ବିପୁଳ ଇନ୍ଧନ ବହନ କରିନେବା କୌଣସି ଅନ୍ତରୀକ୍ଷ ଯାନ ପକ୍ଷରେ ବାସ୍ତବରୂପେ ସମ୍ଭବପର ନୁହେଁ। ଅତୀତରେ କେବଳ ବ୍ୟାଟେରି କିମ୍ବା ସୌରଚାଳିତ ଶକ୍ତି ବ୍ୟବହାର କରି 'ଭଏଜର' କିମ୍ବା 'ଜୁନୋ' ଭଳି ନାସାର କିଛି ଛୋଟ ଅନ୍ତରୀକ୍ଷଯାନ ଆମ ସୌରମଣ୍ଡଳର ସୀମା ଅତିକ୍ରମ କରି ଚାଲି ଯାଇଛନ୍ତି, ମାତ୍ର ବଡ ଯାନଗୁଡିକ କ୍ଷେତ୍ରରେ ଦୂର ଓ ଦୀର୍ଘ ଅନ୍ତରୀକ୍ଷ ଅଭିଯାନ ନିମନ୍ତେ ପାରମ୍ପରିକ ଶକ୍ତିଉତ୍ସ ଯଥେଷ୍ଟ ନୁହେଁ ଏବଂ ଏଥି ନିମନ୍ତେ ପରମାଣୁ ଉତ୍ସ ଭଳି ଦକ୍ଷ ଶକ୍ତି ଉତ୍ସ ହିଁ ଏକମାତ୍ର ବିକଳ୍ପ। କୌଣସି ପରମାଣୁ ବିଖଣ୍ଡନ ପ୍ରକ୍ରିୟାରେ ଏକ ଭାରି ନାଭିକକୁ ଧୀରଗାମୀ ନିଉଟ୍ରନ ଦ୍ୱାରା ଆଘାତ କରି ବିଭାଜିତ କରାଯାଏ। ଏହି ପ୍ରକ୍ରିୟାରେ କିଛି ବସ୍ତୁତ୍ୱର ବିଲୋପନ ଘଟେ, ଯାହା ଶକ୍ତରେ ପରିଣତ ହୋଇ ପ୍ରଚଣ୍ଡ ଶକ୍ତି ନିର୍ମୁକ୍ତ କରେ।

**ଅନ୍ତରୀକ୍ଷରେ ପରମାଣୁ ଅଭିଯାନ କିପରି କାର୍ଯ୍ୟକାରୀ ହେବ :** ଉତକ୍ଷେପଣ ପରେ 'ଏସ.ଆର୍.-୧ ଫ୍ରିଡମ' ଅଭିଯାନ ପ୍ରଥମେ ପୃଥିବୀର ଗୁରୁତ୍ୱାକର୍ଷଣ ବନ୍ଧନକୁ ଅତିକ୍ରମ କରିବ। ଉତକ୍ଷେପଣର ମାତ୍ର ୪୮ ଘଣ୍ଟା ସମୟ ମଧ୍ୟରେ ଯାନସ୍ଥିତ ଏକ ନାଭିକୀୟ ବିଖଣ୍ଡନ ରିଆକ୍ଟର କାର୍ଯ୍ୟକ୍ଷମ ହୋଇ ବୈଦ୍ୟୁତିକ ଉପାୟରେ ଯାନର ଥ୍ରଷ୍ଟରଗୁଡ଼ିକୁ ଅଗ୍ରଗାମୀ ଗତି ନିମନ୍ତେ ଚାଳନଶକ୍ତି ପ୍ରଦାନ କରିବ। ଏହା ପରେ ଯାନଟି ନିଜର ନାଭିକୀୟ- ବୈଦ୍ୟୁତିକ ଚାଳନଗତି ଅବ୍ୟାହତ ରଖି ମଙ୍ଗଳ ଗ୍ରହ ଅଭିମୁଖେ ଛୁଟିଯିବ। ଲୋହିତ ଗ୍ରହରେ ପହଞ୍ଚି ଗ୍ରହ ପୃଷ୍ଠର ଅଧିକ ଅନୁସନ୍ଧାନ ନିମନ୍ତେ ଗ୍ରହ ପୃଷ୍ଠରେ ତିନୋଟି ଇଞ୍ଜେନିଉଟି ଶ୍ରେଣୀର ହେଲିକପ୍ଟର ନିୟୋଜିତ କରିବ। ସୂଚନାଯୋଗ୍ୟ ଯେ, ଗତ ୨୦୨୧ ମସିହାରେ ନାସାର ଏକ ଯାନ 'କ୍ୟୁରିଓସିଟି' ମଙ୍ଗଳ ଗ୍ରହରେ ଅବତରଣ କରିଥିଲା ଏବଂ ଯାନରୁ ବାହାରି ଏହି ହେଲିକପ୍ଟର ସଫଳତର ସହ ଉଡ଼ାଣ ଭରିଥିଲା। ମଙ୍ଗଳ ଗ୍ରହରେ ସମ୍ଭାବ୍ୟ ମାନବ ଅବତରଣ ପାଇଁ ସ୍ଥାନ ଚିହ୍ନଟ, ଗ୍ରହପୃଷ୍ଠ ତଳେ ତରଳ ଜଳରାଶିର ସନ୍ଧାନ ଏବଂ ଭବିଷ୍ୟତର କୌଣସି ଅବତରକ ଯାନ ପାଇଁ ରିଲେ ନାଭିଗେସନ ତଥ୍ୟ ସଂଗ୍ରହ ଆଦି କାର୍ଯ୍ୟକଳାପ ନିମନ୍ତେ ଏହି ହେଲିକପ୍ଟରଗୁଡିକରେ କ୍ୟାମେରା, ଭୂମି- ଭେଦନକାରୀ ରାଡାର ଏବଂ ରେଡିଓ ଭଳି ଉପକରଣମାନ ସ୍ଥାନିତ ହେବ।

**ସୁଚିନ୍ତିତ ଅଭିଯାନ:** ଏସ.ଆର୍.-୧ ଫ୍ରିଡମ' ପ୍ରକୃତରେ ନାସାର ଏକ ସୁଚିନ୍ତିତ ଅନ୍ତରୀକ୍ଷ ଯାତ୍ରାକ୍ରମର ପ୍ରଥମ ପଦକ୍ଷେପ। ଏହା ଚନ୍ଦ୍ରପଷ୍ଠରେ ଅବତରଣ ନ କରି ଚନ୍ଦ୍ର ରିଆକ୍ଟର-୧ (LR-୧) ସହିତ ସମ୍ପର୍କ ସ୍ଥାପନ କରି ଏହାକୁ କାର୍ଯ୍ୟକ୍ଷମ କରିବ। ଏହା ମଧ୍ୟ ନିଜର ପରମାଣୁ ରିଆକ୍ଟର ଜରିଆରେ ଦୀର୍ଘ ଅନ୍ଧକାର ସମୟରେ ତଥା ସୂର୍ଯ୍ୟାଲୋକ ପଡିପାରୁ ନଥିବା ସ୍ଥାନରେ ଚନ୍ଦ୍ର ଘାଟିକୁ ନିରନ୍ତର ଶକ୍ତି ଯୋଗାଣ କରିବ।

ଚନ୍ଦ୍ରରେ ଅବତରଣର ଜଟିଳତା ବିନା ପ୍ରଥମେ ଏକ ରିଆକ୍ଟରକୁ ଉଡ଼ାଣ କରି 'ଏସ.ଆର-୧' ଯାତ୍ରା କାଳୀନ ପରମାଣୁ ଉତ୍ସର୍ଜନ ବିପଦକୁ ଦୂର କରିବ। ଏହା ମଧ୍ୟ ଅନ୍ତରୀକ୍ଷରେ ସାମଗ୍ରୀ ଯୋଗାଣ ବ୍ୟବସ୍ଥାକୁ ସୁଗମ କରିବା ସଙ୍ଗେ ସଙ୍ଗେ ଆବଶ୍ୟକ କର୍ମଶକ୍ତିର ଭିତ୍ତି ପ୍ରସ୍ତର ସ୍ଥାପନ କରିବ। ଏହି ଅଭିଯାନ ଅନ୍ତରୀକ୍ଷରେ ଉଚ୍ଚକୋଟୀର ପରମାଣୁ ହାର୍ଡୱେର ସ୍ଥାପନ କରିବା ସଙ୍ଗେସଙ୍ଗେ, ଅଭୂତପୂର୍ବ ନିୟାମକ ଏବଂ ପ୍ରକ୍ଷେପଣ ଦଷ୍ଟାନ୍ତ ଉପସ୍ଥାପନା କରିବ। ଏହା ମଧ୍ୟ ରକେଟ ଚାଳନା ଏବଂ ଦୀର୍ଘ-ଅବଧି ଯୁକ୍ତ ଅଭିଯାନ ନିମନ୍ତେ ପୃଷ୍ଠ ଆଧାରିତ ଭବିଷ୍ୟତର ବିଖଣ୍ଡନ ନାଭିକୀୟ ଶକ୍ତି ପ୍ରଣାଳୀ ଭିତ୍ତିକ ଶିଳ୍ପ ଭିତ୍ତିଭୂମି ପ୍ରତିଷ୍ଠା କରିବ। ଏହି ଅଭିଯାନ ଜରିଆରେ ନାସା ଏବଂ ଏହାର ଅଂଶୀଦାର ଆମେରିକୀୟ ଶକ୍ତି ବିଭାଗ ଚନ୍ଦ୍ରର ନିରନ୍ତର ଅନୁସନ୍ଧାନ ଏବଂ ସମୟକ୍ରମେ ମଙ୍ଗଳ ତଥା ବ ସୌରମଣ୍ଡଳର ବାହ୍ୟ ପରିସୀମାକୁ ଯାତ୍ରା ପାଇଁ ଆବଶ୍ୟକ ସୁବିଧାଗୁଡ଼ିକୁ କାର୍ଯ୍ୟକାରୀ କରିବେ।

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର
ମୋ : ୮୯୧୭୬୩୭୯୭୪

## କ୍ୟାନ୍‌ସର ଟ୍ୟୁମର ଚିହ୍ନଟର ନୂଆ ଉପାୟ



**କ୍ୟା**ନ୍‌ସର ଏଭଳି ଏକ ସମସ୍ୟା, ଯାହାର ପ୍ରାରମ୍ଭରୁ ଲକ୍ଷଣ ବିଷୟରେ ଜାଣି ଚିକିତ୍ସା ନ କଲେ ତାହା ପରବର୍ତ୍ତୀ ସମୟରେ ଗୁରୁତର ଆକାର ଧାରଣ କରିଥାଏ। କେବଳ ସେତିକି ନୁହେଁ, ଏହା ମଧ୍ୟ ଅକାଳ ମୃତ୍ୟୁକୁ ଅଯଥାରେ ଡାକିଆଣିଥାଏ। ତେବେ କ୍ୟାନ୍‌ସର ଟ୍ୟୁମରକୁ ଚିହ୍ନଟ କରିବାର ଏକ ନୂଆ ଉପାୟ ବିଷୟରେ ନିକଟରେ ଜଣାପଡ଼ିଛି। ଏ ବିଷୟରେ ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଗବେଷଣା କରିଥିଲେ। ଏହି ସମୟରେ ସେମାନେ କେତେକ ବ୍ୟକ୍ତିଙ୍କର ଜିନ୍‌କୁ ତନ୍ନ ତନ୍ନ କରି ପରୀକ୍ଷା କରିବା ଫଳରେ ସେଥିରୁ କ୍ୟାନ୍‌ସର ଟ୍ୟୁମର ବିଷୟରେ କେତେକ ସୂଚନା ପାଇଥିଲେ। ଏଥିରୁ କିପରି ଅଧିକ ତଥ୍ୟ ମିଳିବ ସେ ନେଇ ଆଉ କିଛି ବର୍ଷ ସମୟ ଲାଗିବ ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ତେବେ କ୍ୟାନ୍‌ସର ଲକ୍ଷଣ ବିଷୟରେ ଜାଣିବା ମାତ୍ରେ ତାହାର ଚିକିତ୍ସା କରାଇ ନେବା ଦରକାର। ଯଦି ଏ ନେଇ ଅଧିକ ଜାଣିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ହସ୍ପିଟାଲର କ୍ୟାନ୍‌ସର ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

## ସହଜରେ ଦୂର ହେବ ଟେନ୍‌ସନ



**ବ**ର୍ତ୍ତମାନ କାମ ଚାପରେ ହେଉ ଅବା କେତେକ କାରଣରୁ ଆମେ ଚାପର ବଶବର୍ତ୍ତୀ ହେବା କିଛି ନୂଆ କଥା ନୁହେଁ। ପୁଣି କେତେକ ଚାପରୁ କିପରି ମୁକ୍ତି ପାଇବେ ସେ ବିଷୟ ଚିନ୍ତା କରି ନ ଥାନ୍ତି। ଫଳରେ ଚାପର ପରିସର ଆହୁରି ବଢ଼ିଯାଇଥାଏ। ତେବେ ଏଥିରୁ ନିଜକୁ ଦୂରେଇ ରଖିବା ପାଇଁ କେତୋଟି ସରଳ ତଥା ସହଜ ଉପାୟ ରହିଛି। ପ୍ରଥମତଃ ଏହି ସମୟରେ ମନକୁ ଯେତେସମ୍ଭବ ଶାନ୍ତ ରଖନ୍ତୁ। ଏ ନେଇ ବ୍ୟସ୍ତ ବିବ୍ରତ ହୁଅନ୍ତୁ ନାହିଁ। କ'ଣ ପାଇଁ ଚାପର ବଶବର୍ତ୍ତୀ ହୋଇଛନ୍ତି ଏବଂ ତାହାର କିପରି ସମାଧାନ କରାଯାଇ ପାରିବ ସେ ନେଇ ଚିନ୍ତା କରନ୍ତୁ। ଏ ବିଷୟରେ ଅନ୍ୟ କାହାଠାରୁ ପରାମର୍ଶ ନେଇପାରିବେ। ହେଲେ ତାହାକୁ ଅନୁସରଣ କରିବା ପୂର୍ବରୁ ସେଗୁଡ଼ିକୁ ଭଲ ଭାବରେ ତର୍ଜମା କରନ୍ତୁ। ଏ ନେଇ ଆଉ ଏକ ଉପାୟ ରହିଛି। ତାହା କ'ଣ ଜାଣନ୍ତି ? ଲେଖାଲେଖି। ଏହି ସମୟରେ ଯଦି ଆପଣ କିଛି ସମୟ ଲେଖାଲେଖି କରିବେ ତେବେ ଚାପ କେତେକାଂଶରେ ଦୂର ହେବାର ସମ୍ଭାବନା ରହିଛି ବୋଲି ୟୁନିଭର୍ସିଟି ଅଫ୍ ଟୋକିଓର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଏହାବ୍ୟତୀତ ନିଜ ମନୋଭାବକୁ ଯେତେ ସମ୍ଭବ ସକାରାତ୍ମକ ରଖନ୍ତୁ।

## ଜାଣନ୍ତି କି...



**ପ୍ର**ଥମ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତିର ଶରୀରକୁ ଯାଏ। ଦ୍ୱିତୀୟ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତି ବାହାରକୁ ଛାଡ଼ିଥାଏ (ସେ ବ୍ୟବହାର କରୁଥିବା ଜଳନ୍ତା ସିଗାରେଟ୍ କିମ୍ବା ବିଡ଼ିର ଅଂଶରୁ ବାହାରୁଥିବା ଧୂଆଁ)। ନ୍ୟୁୟର୍କ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ସଦ୍ୟ ତଥ୍ୟ ଅନୁସାରେ ଗୋଟିଏ ମାତ୍ର ସିଗାରେଟ୍ ପାନ କଲେ ଆମ ଜୀବନରୁ ପ୍ରାୟ ୧୧ ମିନିଟ୍ କ୍ଷୟ ହୋଇଥାଏ। ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ। ଆମ ଦେଶରେ ପ୍ରତିବର୍ଷ ହାରାହାରି ୧୦ ଲକ୍ଷରୁ ଅଧିକ ଲୋକ ଧୂମପାନଜନିତ ରୋଗରେ ମୃତ୍ୟୁବରଣ କରିଥାଆନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ)ର ଆକଳନ ଅନୁଯାୟୀ ଭାରତର ୭୦ ପ୍ରତିଶତ ପୁରୁଷ ଏବଂ ୧୩-୧୫ ପ୍ରତିଶତ ମହିଳା ଧୂମପାନ କରିଥାଆନ୍ତି। ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଦ୍ୱିତୀୟ ପ୍ରକାର ମଧୁମେହ (ଟାଇପ-୨ ଡାଇବେଟିସ୍) ଏବଂ ଉଚ୍ଚ ରକ୍ତଚାପ ଇତ୍ୟାଦି ହୋଇଥାଏ। ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ। ତମାଖୁର ସୂକ୍ଷ୍ମକଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ, ଏମ୍‌ଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ।

## ଅଳ୍ପରେ...

►ସବୁବେଳେ ନିଜର ଜୀବନଶୈଳୀକୁ ଠିକ୍ ରଖନ୍ତୁ। ଏହାଦ୍ୱାରା ଆପଣଙ୍କର ମାନସିକତା ସକାରାତ୍ମକ ରହିବ।



►ଆପଣ ଯଦି କୌଣସି ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ ଏବଂ ନିୟମିତ ସମୟ ବ୍ୟବଧାନରେ ତାଙ୍କ ସହ ପରାମର୍ଶ କରନ୍ତୁ।

►ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଏବଂ ଶୋଇବା-ଉଭୟ ଶରୀର ପାଇଁ କ୍ଷତିକାରକ। ତେଣୁ ଯଦି ଆପଣଙ୍କର ଏଭଳି ଅଭ୍ୟାସ ଅଛି ତେବେ ତାହାକୁ ବଦଳାଇବା ନିହାତି ଦରକାର।

►ଡାଇବେଟିସ୍ ରୋଗୀ ବିଶେଷଭାବରେ ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ବିଶେଷ ସତର୍କତା ଅବଲମ୍ବନ କରନ୍ତୁ।

►ଏଭଳି ସ୍ଥାନରେ ବ୍ୟାୟାମ କରନ୍ତୁ ନାହିଁ, ଯାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିବ। ଏଥିଲାଗି ବିଶେଷଭାବରେ ପାର୍କ ଚୟନ କରନ୍ତୁ।

►ଯଦି କୌଣସି ଔଷଧ ଖାଇଲେ ତାହା ଶରୀରରେ ଆଲର୍ଜି ସମସ୍ୟା ସୃଷ୍ଟି କରୁଛି ତେବେ ସେ ବିଷୟରେ ଡାକ୍ତରଙ୍କୁ ଅବଗତ କରାନ୍ତୁ।

►ଗାଜର ଖାଇଲେ ତାହା ଆମ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଶରୀରରେ ଆଣ୍ଟିବଡି ଗଠନ କରିବାରେ କେତେକାଂଶରେ ସହାୟକ ହୋଇଥାଏ।

►ନିୟମିତ ଯୋଗ ଏବଂ ପ୍ରାଣାୟାମ କରୁଥିଲେ ତାହା ମୁଣ୍ଡବିନ୍ଧା ଆଶଙ୍କା ଠାରୁ କେତେକାଂଶରେ ଦୂରେଇ ରଖିଥାଏ।

## ଅଧିକ ସମୟ ମୋବାଇଲ ବ୍ୟବହାର କରୁଥିଲେ...

**ଆ**ଜିକାଲି ହାଇଟେକ୍ ଯୁଗରେ ମୋବାଇଲର ବ୍ୟବହାର କେତେ ବହୁଳ ହୋଇଯାଇଛି ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ଏବେ ଅନେକ କାମରେ ଏହା ଉପଯୋଗୀ ସାବ୍ୟସ୍ତ ହୋଇଛି। ବିଶେଷଭାବରେ ଯୁବପିଢ଼ି ଅଧିକ ମୋବାଇଲ୍ ବ୍ୟବହାର କରୁଥିବାର ଏକ ସର୍ଭେରୁ ଜଣାପଡିଛି। ତେବେ ଆବଶ୍ୟକତାଠାରୁ ଅଧିକ ସମୟ ମୋବାଇଲ ବ୍ୟବହାର କରୁଥିଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିବାର ଆଶଙ୍କା ରହିଛି। ଏହାଦ୍ୱାରା ବିଶେଷଭାବରେ ହାତ ଆଙ୍ଗୁଠିର ଚର୍ମ ପ୍ରଭାବିତ ହୋଇପାରେ ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ ପ୍ରତିଦିନ ଅଧିକ ସମୟ ମୋବାଇଲ ବ୍ୟବହାର କରୁଥିବା କେତେକ ବ୍ୟକ୍ତିଙ୍କ ହାତ ଆଙ୍ଗୁଠିର ଚର୍ମକୁ ପରୀକ୍ଷା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ଚର୍ମଜନିତ ସମସ୍ୟା ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଏଥିରୁ ରକ୍ଷା ପାଇବା ଲାଗି ସୀମିତ ସମୟ ପର୍ଯ୍ୟନ୍ତ ମୋବାଇଲ ବ୍ୟବହାର କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି। ଅତି ଆବଶ୍ୟକ ନ ଥିଲେ ଏହାଠାରୁ ଦୂରେଇ ରଖିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।



## ସ୍ୱାସ୍ଥ୍ୟ ସୂଚନା

➤ବର୍ତ୍ତମାନ ଖରାଦିନ। ତେଣୁ ଆମ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଜରୁରୀ। ସେହି ଅନୁସାରେ ପ୍ରଚୁର ପାଣି ପିଅନ୍ତୁ।

➤ପ୍ରତିଦିନ ଜଳଖିଆରେ ଗଜାମୁଗ ଏବଂ ବୁଟ ମିଶ୍ରିତ ସାଲାଡ୍ ସାମିଲ୍ କରନ୍ତୁ। ଏହା ଶରୀର ପାଇଁ ବେଶ୍ ଉପକାରୀ।



➤ଯଦି ଆପଣଙ୍କର ଆଣ୍ଠୁଗଣ୍ଠି ସମସ୍ୟା ରହିଛି ତେବେ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କର ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➤ଖାଦ୍ୟ ଖାଇବାର ଠିକ୍ ପରେ ପରେ ପାଣି ପିଇଲେ ପାଚନ କ୍ରିୟା ପ୍ରଭାବିତ ହୋଇଥାଏ।

➤ଓଜନ କମାଇବା ଲାଗି କୌଣସି ବ୍ୟାୟାମ କରିବା ପୂର୍ବରୁ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଭଲ ଭାବରେ ଆଲୋଚନା କରନ୍ତୁ।

➤ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଶାଗଜାତୀୟ ଖାଦ୍ୟ ସାମିଲ କରନ୍ତୁ। ଏଥିରୁ ଶରୀରକୁ ପ୍ରଚୁର ପରିମାଣରେ ଭିଟାମିନ ମିଳିଥାଏ।

➤ବ୍ଲଡପ୍ରେସର ସମସ୍ୟା ଥିଲେ ଏବଂ ଔଷଧ ଖାଇବା ପରେ ଯଦି ଏହା ସାଧାରଣ ସ୍ତରକୁ ଆସିଯାଇଛି ତେବେ ଔଷଧ ଖାଇବା ବନ୍ଦ କରନ୍ତୁ ନାହିଁ। କାରଣ ଔଷଧ ଦ୍ୱାରା ହିଁ ଏହା ନର୍ମାଲ ସ୍ତରରେ ରହୁଛି।

➤ନିଜର ଖାଇବା ଏବଂ ଶୋଇବା ସମୟ ଠିକ୍ ରଖିଲେ ଆପଣ କେତେକାଂଶରେ ସୁସ୍ଥ ରହିପାରିବେ।

## ଜଳ ପ୍ରଦୂଷଣ : କିଛି କଥା

**ଜ**ଳ ପ୍ରଦୂଷଣ ଏବେ ସମଗ୍ର ବିଶ୍ୱରେ ପ୍ରମୁଖ ଚିନ୍ତାର କାରଣ ସାଜିଛି। ଏଥିରେ ବିଭିନ୍ନ ପ୍ରକାର ଆବର୍ଜନା ମିଶିବା ଫଳରେ ଜଳ ପ୍ରଦୂଷିତ ହେଉଛି। ଏକ ହିସାବରୁ ଜଣାଯାଏ ଯେ, ପ୍ରତି ବର୍ଷ ପ୍ରାୟ ୮୮ ଲକ୍ଷ ଟନ୍ ପ୍ଲାଷ୍ଟିକ ସାମଗ୍ରୀ ସମୁଦ୍ର ତଟବର୍ତ୍ତୀ ଅଧିବାସୀଙ୍କ ବ୍ୟବହାର ଯୋଗୁ ସମୁଦ୍ରରେ ଆବର୍ଜନା ରୂପେ ମିଶିଥାଏ। ଅର୍ଥାତ, ସମୁଦ୍ରରେ ପ୍ରତି ମିନିଟରେ ପ୍ରାୟ ୧ ଟନ୍ ପ୍ଲାଷ୍ଟିକ ଆବର୍ଜନା ମିଶୁଛି ଯାହା ଏକ ଟ୍ରକ ଭର୍ତ୍ତି ଆବର୍ଜନା ସଙ୍ଗେ ସମାନ। ୨୦୧୩ ମସିହା ସୁଦ୍ଧା ପୃଥିବୀର ସମୁଦ୍ରରେ ପ୍ରାୟ ୮୬୦ ଲକ୍ଷ ଟନ୍ ପ୍ଲାଷ୍ଟିକ ଆବର୍ଜନା ମିଶିଛି। ଏହି ପ୍ଲାଷ୍ଟିକ ଆବର୍ଜନା ସମୟକ୍ରମେ ଭାଙ୍ଗି କ୍ଷୁଦ୍ର କ୍ଷୁଦ୍ର କଣିକାରେ ପରିଣତ ହୁଏ, ଯାହାକୁ 'ମାଇକ୍ରୋପ୍ଲାଷ୍ଟିକ' କହନ୍ତି। ଏହା ଘଟଣାକ୍ରମେ ସାମୁଦ୍ରିକ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ବିଭିନ୍ନ ଜଳଚର ଜୀବ ଯଥା ମାଛ, କଇଁଛ, ଡଲଫିନ୍, ତିମି, ସାମୁଦ୍ରିକ ପକ୍ଷୀଙ୍କ ଶରୀରକୁ ସଂଚାରିତ ହୁଏ। ଏହା ସେମାନଙ୍କ ପାକସ୍ଥଳୀରେ ଭରିଯିବା ହେତୁ ସେମାନଙ୍କ ଖାଦ୍ୟ ଗ୍ରହଣ କ୍ଷମତା ଗୁରୁତର ହ୍ରାସ ପାଇଥାଏ। ପରିଶେଷରେ ସେମାନଙ୍କ ମୃତ୍ୟୁ ଘଟେ। ପ୍ଲାଷ୍ଟିକ ଜାତ କିଛି ପଦାର୍ଥ (ଯଥା ମାଛ ଧରିବା ପାଇଁ ସମୁଦ୍ରରେ ବିଛା ଯାଉଥିବା ଜାଲ) ସାମୁଦ୍ରିକ ଜୀବଙ୍କ ଶରୀରରେ ଗୁଡ଼ାଇ ହୋଇଯିବା ଦ୍ୱାରା ସେମାନଙ୍କ ଚଳପ୍ରଚଳ କ୍ଷମତା ଓ ଗତିଶୀଳତା ଯଥେଷ୍ଟ ହ୍ରାସ ପାଇ ପରିଶେଷରେ ସେମାନେ ଶିକାରୀ ଜୀବ ଦ୍ୱାରା ଶିକାର ହୋଇଥାନ୍ତି।



# ଦୁର୍ନୀତି ବୁଡ଼ାଇଲା ଦେଓଗାଁ ଚିନିକଲ

ବଲାଙ୍ଗୀର,୨୬।୪ (ବୀରେନ୍ଦ୍ର କୁମାର ଝାଙ୍କର)

■ 'ଧରିତ୍ରୀ' ଅନୁମାନ ସତ ହେଲା
■ ନ୍ୟାୟିକ ମାମଲା ଯୋଗୁ ପୁନରୁଦ୍ଧାର ହେବନାହିଁ
■ ନୂଆ କରି ଆଇପିଏଲ ଆରମ୍ଭ କରିବ ବଲାଙ୍ଗୀରରେ ଚିନିକଲ


ଚିନିକଲକୁ ଦୁର୍ନୀତି ଅଡୁଆ

୨୦୨୫ ଜୁନ୍ ୨୩ ତାରିଖରେ 'ଧରିତ୍ରୀ'ରେ ପ୍ରକାଶ ପାଇଥିବା ଖବର।


ଦେଓଗାଁ ସ୍ଥିତ ବିଜୟାନନ୍ଦ ସମବାୟ ଚିନିକଲ।

ପ୍ରାୟ ୧୦ ମାସ ପୂର୍ବରୁ ଦୈନିକ 'ଧରିତ୍ରୀ' ପକ୍ଷରୁ କରାଯାଇଥିବା ଅନୁମାନ ସତ ହୋଇଛି। ଦୁର୍ନୀତି ମାମଲାରେ ଛନ୍ଦି ହୋଇ ଦୀର୍ଘ ବର୍ଷ ହେଲା ବନ୍ଦ ପଡିଥିବା ବଲାଙ୍ଗୀର ଜିଲା ଦେଓଗାଁର ବିଜୟାନନ୍ଦ ସମବାୟ ଚିନିକଲ ଘୋର ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଏହି ଚିନିକଲ ପୁନଃ କାର୍ଯ୍ୟକ୍ଷମ ହେବ ଏ ଆଶା ମଉଳି ଯାଇଛି। ଗତ ୨୪ ତାରିଖ ଦିନ ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କେନ୍ଦ୍ର ସରକାରଙ୍କ ସହାୟତାରେ ବଲାଙ୍ଗୀରରେ ନୂଆ ଚିନିକଲ ହେବ ବୋଲି ସୂଚନା ଦେଇଥିଲେ। ଦୁର୍ନୀତି ସମ୍ବନ୍ଧୀୟ ନ୍ୟାୟିକ ମାମଲାରେ ଛନ୍ଦି ହୋଇଥିବାରୁ ଇଣ୍ଡିଆନ୍ ପୋଟାସ ଲିମିଟେଡ୍ (ଆଇପିଏଲ୍) ବିଜୟାନନ୍ଦ ସମବାୟ ଚିନିକଲ ପୁନରୁଦ୍ଧାର କରିବାକୁ ମନା କରିଦେଇଛି ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ ସଭାମଞ୍ଚରୁ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଭାଷଣରୁ ଦେଓଗାଁ ବିଜୟାନନ୍ଦ ସମବାୟ ଚିନିକଲର ଭବିଷ୍ୟତ ଯେ ଘୋର ଅନ୍ଧକାର ଭିତରକୁ ଠେଲି ହୋଇଯାଇଛି ଏହି ସଙ୍କେତ ମିଳିଛି।

୨୦୨୫ ଜୁନ୍ ୨୩ ତାରିଖ ଦିନ 'ଧରିତ୍ରୀ'ରେ 'ଚିନିକଲକୁ ଦୁର୍ନୀତି ଅଡୁଆ' ଶୀର୍ଷକରେ ଏକ ଖବର ପ୍ରକାଶ ପାଇଥିଲା। ସେହି ଖବରରେ ଯେଉଁ ଆଶଙ୍କା କରାଯାଇଥିଲା ତାହା ସ୍ପଷ୍ଟ ହୋଇଯାଇଛି। ଗତବର୍ଷ ଜୁନ୍ ୧୭ ତାରିଖ ଦିନ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲା ଗସ୍ତରେ ଆସି କୃଷକ ଶକ୍ତି ସମାବେଶରେ ଯୋଗ ଦେଇଥିଲେ। ଏହି ସମାବେଶରେ ପ୍ରାୟ ୧୩ ବର୍ଷ ହେଲା ବନ୍ଦ ପଡିଥିବା ବଲାଙ୍ଗୀର ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ଦେଓଗାଁସ୍ଥିତ ବିଜୟାନନ୍ଦ ସମବାୟ ଚିନିକଲ ଏବଂ କଟକ ଜିଲା ବଡମ୍ବାସ୍ଥିତ ସମବାୟ ଚିନିକଲକୁ ପୁନଃ କାର୍ଯ୍ୟକ୍ଷମ କରିବା ଦିଗରେ ସରକାର ଆନ୍ତରିକତାର ସହ ଉଦ୍ୟମ କରୁଥିବା ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ସୂଚନା ପରେ ଦେଓଗାଁ ଚିନିକଲ ପୁନଃ କାର୍ଯ୍ୟକ୍ଷମ ଆଶା ଉଜ୍ଜୀବିତ ହୋଇଥିଲା।

ଜୁନ୍ ୧୯ ତାରିଖ ଦିନ ଭୁବନେଶ୍ୱରସ୍ଥିତ ସମବାୟ ସମିତି ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରୁ ବଲାଙ୍ଗୀର ଜିଲାପାଳ ତଥା ବିଜୟାନନ୍ଦ ସମବାୟ ଚିନିକଲ ପ୍ରଶାସକଙ୍କୁ ଦେଓଗାଁ ଚିନିକଲ ପୁନରୁଦ୍ଧାର ସଂକ୍ରାନ୍ତରେ ଚିଠି କରାଯାଇଥିଲା। ଏପରି କି ସମବାୟ ସମିତି ଅତିରିକ୍ତ ରେଜିଷ୍ଟ୍ରାର ଭକ୍ତବନ୍ଧୁ ସାହୁ ଦୁଇଦିନିଆ ବଲାଙ୍ଗୀର ଗସ୍ତରେ ଆସି ଉକ୍ତ ଚିନିକଲର ତୃଣମୂଳ ସ୍ଥିତି ଯାଞ୍ଚ ଏବଂ ସର୍ଭେ କରି ଫେରିଥିଲେ। ଇଣ୍ଡିଆନ୍ ପୋଟାସ ଲିମିଟେଡ୍ (ଆଇପିଏଲ) ପକ୍ଷରୁ ବଲାଙ୍ଗୀର ଜିଲାର ଦେଓଗାଁ ଚିନିକଲ ଏବଂ କଟକ ଜିଲା ବଡମ୍ବା ଚିନିକଲ ପୁନରୁଦ୍ଧାର କରାଯିବ ବୋଲି କୁହାଯାଇଥିଲା। ତେବେ ଉକ୍ତ ଚିନିକଲ ଚଳାଇବାକୁ ଆଗ୍ରହୀ ଆଇପିଏଲ୍ ସଂସ୍ଥା ସରକାରଙ୍କୁ ସେତେବେଳେ ଯେଉଁ ଚିଠି ଦେଇଥିଲେ ତାହା ଚର୍ଚ୍ଚାର ବିଷୟ ହୋଇଥିଲା।

ଉକ୍ତ ଚିଠିରେ ଯେଉଁ କେତୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଉଲ୍ଲେଖ କରାଯାଇଥିଲା ତାହା ଦେଓଗାଁ ଚିନିକଲ ପାଇଁ ଅଡୁଆ ବଢାଇଛି। ଆଇପିଏଲ ଦେଓଗାଁ ଓ ବଡମ୍ବା ଚିନିକଲ ପୁନଃ କାର୍ଯ୍ୟକ୍ଷମ କରିବା ସହ ସେଠାରେ ଆନୁସଙ୍ଗିକ ପ୍ରକଳ୍ପ ଭାବେ ୧୦୦ କେଏଲପିଡି ଇଥାନଲ ଉତ୍ପାଦନ ପାଇଁ ଡିଷ୍ଟିଲାରି, ସବୁଜ ଶକ୍ତି ଏବଂ କମ୍ପ୍ରେସଡ୍ ବାୟୋଗ୍ୟାସ ପ୍ରକଳ୍ପ ବସାଇବାକୁ ଆଗ୍ରହୀ ବୋଲି ଉଲ୍ଲେଖ କରିଥିଲା। ଉଭୟ ଚିନିକଲର କ୍ଷମତା ୩୦୦୦ରୁ ୩୫୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ କରାଯିବ ଏବଂ ୧୦୦୦ କୋଟି ପୁଞ୍ଜି ବିନିଯୋଗ ଉଲ୍ଲେଖ କରିଥିଲା। ଏହାକୁ କାର୍ଯ୍ୟକାରୀ କରିବା ସକାଶେ ଦୁଇ ଚିନିକଲର ସମସ୍ତ ପ୍ରକାର ବୋଝମୁକ୍ତ ସମ୍ପତ୍ତି ହସ୍ତାନ୍ତର ପାଇଁ ରାଜ୍ୟ ସରକାରଙ୍କୁ ଆଇପିଏଲ ଅନୁରୋଧ କରିଥିଲା। ଏଥିରେ ଆଇନଗତ ଏବଂ ଆର୍ଥିକ ବୋଝ ମୁକ୍ତ ଚିନିକଲ ସମ୍ପତ୍ତି ହସ୍ତାନ୍ତର ବିଷୟ ଉଲ୍ଲେଖ କରାଯାଇଥିଲା। ଦେଓଗାଁର ବିଜୟାନନ୍ଦ ସମବାୟ ଚିନିକଲ ଘୋର ଆର୍ଥିକ ଅନିୟମିତତା ଏବଂ ଦୁର୍ନୀତି ମାମଲାରେ ଛନ୍ଦି ହୋଇରହିଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ୨୦୧୩ ମସିହାରୁ ଚିନିକଲ ଦୁର୍ନୀତି ପ୍ରସଙ୍ଗରେ ମାମଲା ରୁଜୁ କରାଯାଇଛି। ଏହି ଚିନିକଲ ଦୁର୍ନୀତି ଏବଂ ଆର୍ଥିକ ଅନିୟମିତତା ମାମଲାରେ ପ୍ରାୟ ୪୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଏହି ମାମଲା ନ୍ୟାୟାଳୟରେ ବିଚାରାଧୀନ ରହିଥିବାରୁ ଆଇପିଏଲ ସଂସ୍ଥା ଏହାକୁ ନେବନାହିଁ ବୋଲି ମନା କରି ଦେଇଥିବା ଜଣାପଡିଛି। ଆଇପିଏଲ ସଂସ୍ଥା ମନା କରିବା ପରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଏବେ ଜିଲାରେ ନୂଆ ଚିନିକଲ ପ୍ରତିଷ୍ଠା କଥା କହିଛନ୍ତି। ଆଇପିଏଲ୍ ସଂସ୍ଥା ପ୍ରଥମରୁ ଦୁର୍ନୀତି ପ୍ରସଙ୍ଗରେ ସ୍ପଷ୍ଟ କରିଥିଲେ। ତେବେ ସରକାର ବଲାଙ୍ଗୀରରେ ନୂଆ ଚିନିକଲ ହେବ ବୋଲି ଖାଲି ଘୋଷଣା କରିବାକୁ କାହିଁକି ୧୦ ମାସ ସମୟ ନେଲେ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଘୋଷିତ ନୂଆ ଚିନିକଲ କେବେ ଓ କେଉଁଠି ହେବ ସେନେଇ ମୁଖ୍ୟମନ୍ତ୍ରୀ କି ଉପମୁଖ୍ୟମନ୍ତ୍ରୀ କିଛି ସ୍ପଷ୍ଟ କରିନାହାନ୍ତି। ଏଭଳିକି ଦୁର୍ନୀତି ମାମଲାରେ ଛନ୍ଦି ହୋଇ ବନ୍ଦ ପଡିଥିବା ଦେଓଗାଁ ଚିନିକଲର ଭବିଷ୍ୟତ କ'ଣ ହେବ ତାହା ବି ସ୍ପଷ୍ଟ ହୋଇନାହିଁ। ଯେଉଁ କର୍ମଚାରୀ ଓ ଚାଷୀମାନେ ବିଜୟାନନ୍ଦ ସମବାୟ ଚିନିକଲ ସହ ଅନୁବନ୍ଧିତ ହୋଇଥିଲେ ଏବେ ସେମାନଙ୍କ ଭାଗ୍ୟ କ'ଣ ହେବ ତାହାବି ଅସ୍ପଷ୍ଟ ରହିଛି। ବଡମ୍ବା ଚିନିକଲର ଶିଳାନ୍ୟାସ ସରିଛି। ବଲାଙ୍ଗୀରର ନୂଆ ଚିନିକଲ ପ୍ରତିଷ୍ଠା ହେବାକୁ ଆଉ କେତେ ସମୟ ଅପେକ୍ଷା କରିବାକୁ ପଡିବ ସେନେଇ ଜିଲାବାସୀଙ୍କୁ ଚିନ୍ତା ଘାରିଛି।

## ଏକତା ଛକ ଟ୍ରାଫିକ ପୋଷ୍ଟରେ ଛପର ନିର୍ମାଣ ଦାବି


ଟ୍ରାଫିକ ପୋଷ୍ଟରେ ଟାଣ ଖରାରେ ଲୋକେ ଅପେକ୍ଷା କରିଛନ୍ତି।

ନୂଆପଡ଼ା,୨୬।୪ (ମକାରୁ ବେମାଲ)

ନୂଆପଡ଼ା ଜିଲାରେ ଗତ କିଛିଦିନ ହେବ ପାରଦ ଉପରମୁହାଁ ହେବାରେ ଲାଗିଛି। ରବିବାର ସର୍ବୋଚ୍ଚ ତାପମାତ୍ରା ୪୨.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଏପରି ସମୟରେ ସହରର ପ୍ରମୁଖ ଏକତା ଛକଠାରେ ଥିବା ଟ୍ରାଫିକ ପୋଷ୍ଟରେ ଅପେକ୍ଷା କରିବା ଯାନବାହନ ଚାଳକଙ୍କ ପାଇଁ ଅସହ୍ୟ ବୋଧ ହେଉଛି। ସୂଚନାଯୋଗ୍ୟ ଓଡ଼ିଶାର ଗୋପାଳପୁରଠାରୁ ୩୫୩ ନମ୍ବର ଜାତୀୟ ରାଜପଥ ନୂଆପଡା ସହର ଦେଇ ଛତିଶଗଡ଼ ରାଜ୍ୟ ରାଜଧାନୀ ରାୟପୁରକୁ ସଂଯୋଗ କରିଛି । ସେହିପରି ରାଉରକେଲାଠାରୁ ବିଜୁ ଏକ୍ସପ୍ରେସ ଫୋର ୱେ ନୂଆପଡା ଜିଲା ଦେଇ ଜଗଦଲପୁରକୁ ସଂଯୋଗ କରିଛି । ଏହି ଉଭୟ ରାସ୍ତା ନୂଆପଡା ଏକତା ଛକଠାରେ ମିଶ୍ରଣ ହୋଇଛି । ରାସ୍ତାରେ ପ୍ରତିଦିନ ଶହ ଶହ ଭାରିଯାନ ଓ ହାଲୁକା ଯାନ ଚଳାଚଳ କରୁଛି। ଏକତା ଛକଠାରେ ଟ୍ରାଫିକ ପୋଷ୍ଟ ରହିଥିବାରୁ ଲୋକଙ୍କୁ ଦେଢ ମିନିଟରୁ ଅଧିକ ସମୟ ଟାଣ ଖରାରେ ଅପେକ୍ଷା କରିବାକୁ ପଡୁଛି। ମୁଣ୍ଡଫଟା ଖରାରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ଏକତା ଛକଠାରେ ଚାଇଫାଇ ଛପର ନିର୍ମାଣ କରିବା ପାଇଁ ଓକିଲ ସଂଘ ଜିଲା ସଭାପତି କ୍ଷିତିଶ ଅଶୋକ ବୋଧନକର, ଯୁବନେତା ରବି ମଙ୍ଗରାଜ, ଦୋକାନୀ ମିନ୍ତା ଦଣ୍ଡସେନା, ନନ୍ଦଲାଲ ଗୁପ୍ତା, ଭିକି ଜୈନ, ପ୍ରକାଶ ସିଂ ଠାକୁର ପ୍ରମୁଖ ଦାବି କରିଛନ୍ତି।

## ଦୁର୍ଘଟଣାରେ ଆହତ ନାବାଳିକାଙ୍କ ମୃତ୍ୟୁ

ଥୁଆମୂଳ ରାମପୁର, ୨୬।୪ (ଦୁର୍ଗା କୀର୍ତ୍ତି)

ଥୁଆମୂଳ ରାମପୁର ଥାନା ଶ୍ରୀମସ୍କା ଛକଠାରେ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣେ ନାବାଳିକାଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସୂଚନା ମୁତାବକ, ଗତ ୧୮ ତାରିଖରେ ସିନ୍ଧିପଦର ପଞ୍ଚାୟତ ଅନ୍ତର୍ଗତ ଶ୍ରୀମସ୍କା (ବଳଭଦ୍ର କଲୋନୀ)ର ବିକ୍ରମ ମାଝୀଙ୍କ ଝିଅ ଶୁଭଶ୍ରୀ (୧୬) ଏବଂ ତାଙ୍କ ପରିବାରର ଅନ୍ୟ ଦୁଇ ସଦସ୍ୟ କେଦାରନାଥ ମାଝୀ ଓ ସୌରଭି ମାଝୀ ବାଇକ୍ ଯୋଗେ ଗ୍ରାମରୁ ମୁଖ୍ୟ ରାସ୍ତାକୁ ଆସୁଥିଲେ। ଏହି ସମୟରେ ଥୁଆମୂଳ ରାମପୁର ପଟୁ ଆସୁଥିବା ଏକ ୧୦ ଚକିଆ ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ଅନ୍ୟ ଦୁଇଜଣ ସାମାନ୍ୟ ଆହତ ହୋଇଥିବାବେଳେ ଶୁଭଶ୍ରୀ ସଙ୍କଟାପନ୍ନ ଥିବାରୁ ଭବାନୀପାଟଣା ଓ ପରେ ସମ୍ବଲପୁର ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ବରଗଡ଼ ବିକାଶ ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ଶନିବାର ରାତିରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ କ୍ଷତିପୂରଣ ଦାବି କରି ଶ୍ରୀମସ୍କା ଛକଠାରେ ଲୋକେ ରାସ୍ତା ଅବରୋଧ କରିଥିଲେ। ଥୁଆମୂଳ ରାମପୁର ପୋଲିସ ଲୋକଙ୍କୁ ବୁଝାଶୁଝା କରିବା ସହ ବାଇକ୍ ଓ ହାଇୱା ଜବତ କରି ତଦନ୍ତ ଜାରି ରଖିଛି।

## ପ୍ରମୁଖ ଜନସଂଗୋଷ୍ଠୀ କାର୍ଯ୍ୟକ୍ରମ

ଖଡ଼ିଆଳ,୨୬।୪ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଅଗ୍ରସେନ ଧର୍ମଶାଳା ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ପ୍ରମୁଖ ଜନସଂଗୋଷ୍ଠୀ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଅଖିଳ ଭାରତୀୟ ସହ ସମ୍ପର୍କ ରମେଶ ପାପା ଜି ଯୋଗଦେଇ ସଂଘ ଗଠନର ୧୦୦ବର୍ଷ ପୂର୍ତ୍ତି ଅବସରରେ ସମାଜ ସଂସ୍କାର, ପରିବାରକୁ ସଙ୍ଗଠିତ କରିବା ସହ ହିନ୍ଦୁ ଏକତା, ସମରସତା ଜାଗ୍ରତ କରିବାକୁ ଆହ୍ୱାନ ଦେଇଥିଲେ। ବିଶେଷକରି ପରିବାର ସମ୍ପର୍କ ଏବଂ ତିନି ମା' ଯଥା ଜନ୍ମ ଦାତ୍ରୀ ମା', ମାଟି ମା' ଓ ଗୋମାତାଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜର ପ୍ରମୁଖ ଜନସଂଗୋଷ୍ଠୀ ଯୋଗଦେଇ ସୁଚିନ୍ତିତ ମତାମତ ଦେଇଥିଲେ। ସଭାରେ ସହ ବହୁ ସଚେତନ ନାଗରିକ ଯୋଗ ଦେଇଥିଲେ।

## ରାଜ୍ୟସ୍ତରୀୟ କୋଶଲି ଭାଷା ସମ୍ମେଳନ

ଟିଟିଲାଗଡ଼,୨୬।୪ (ଶରତ ମିଶ୍ର)

କୋଶଲି ଭାଷା ସୁରକ୍ଷା ସମିତି ଟିଟିଲାଗଡ଼ ଆନୁକୂଲ୍ୟରେ ସ୍ଥାନୀୟ ଡିଏନ ରିସର୍ଟଠାରେ ଦିନିକିଆ ରାଜ୍ୟସ୍ତରୀୟ କୋଶଲି ଭାଷା ସମ୍ମେଳନ -୨୦୨୬ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଦିଲୀପ ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ନାଟ୍ୟକାର ଜଗଦାନନ୍ଦ ଛୁରିଆ ମୁଖ୍ୟଅତିଥି, ପୂର୍ବତନ ଲାୟନ୍ସ ଡିଜି ସିଏ ଯମୁନା ପ୍ରସାଦ ଗୋଏଲ ବିଶିଷ୍ଟ ଅତିଥି, କୋଶଲି ଗବେଷକ ଡ. ଦୋଳଗୋବିନ୍ଦ ବିଶି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । କୋଶଲି ଗବେଷକ ଗୋରେଖନାଥ ସାହୁ, କୋଶଲି ସଂଗ୍ରାମୀ ସୁଶୀଳ ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ଅଧ୍ୟାପକ ସଞ୍ଜୟ ମିଶ୍ର, ସମିତି ଅଧ୍ୟକ୍ଷ କବି ଭିକାରୀ ଚରଣ ମିଶ୍ର ଆଲୋଚକ ଭାବରେ ଯୋଗଦେଇ କୋଶଳୀ ଭାଷାର ପ୍ରାଚୀନତା, ମହାନ ଐତିହ୍ୟ, ପ୍ରାଚୀନ କୋଶଳ ରାଜ୍ୟ ଏବଂ ଏହାର ସୁଦୀର୍ଘ ଇତିହାସ ସମ୍ବନ୍ଧରେ ବିଶଦ ବ୍ୟାଖ୍ୟା କରିଥିଲେ । ସମିତି ସଦସ୍ୟ ଆଇନଜୀବୀ ସତ୍ୟବ୍ରତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜଳୁଛି ଝାରସୁଗୁଡ଼ା, ତାପମାତ୍ରା ୪୪.୮


ରବିବାର ମଧ୍ୟାହ୍ନ ସମୟରେ ବେଲପାହାଡ଼ ସହର ଶୂନ୍‌ଶାନ୍ ରହିଛି।

ଝାରସୁଗୁଡ଼ା, ୨୬।୪(ଆଶିଷ ରଞ୍ଜନ ଦାଶ)

ପ୍ରଚଣ୍ଡ ରୌଦ୍ରତାପରେ ଜଳୁଛି ଝାରସୁଗୁଡ଼ା। ରାଜ୍ୟର ଶିଳ୍ପ ସହର ଝାରସୁଗୁଡ଼ାରେ ଏବେ ଗ୍ରୀଷ୍ମପ୍ରବାହ ଅସହ୍ୟ ହୋଇପଡ଼ିଛି। ରବିବାର ସହରର ତାପମାତ୍ରା ୪୪.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ଆଗାମୀ ଦିନରେ ଏହା ଭୟଙ୍କର ରୂପ ଧାରଣ କରିବାର ଆଶଙ୍କା ରହିଛି। ରବିବାର ମଧ୍ୟାହ୍ନ ସମୟରେ ଝାରସୁଗୁଡ଼ା, ବେଲପାହାଡ଼ ପ୍ରଭୃତି ସହର ଶୂନ୍‌ଶାନ୍ ହୋଇଯାଇଥିଲା। ଝାରସୁଗୁଡ଼ା ଜିଲାରେ ବିଭିନ୍ନ ଶିଳ୍ପ, କାରଖାନା ଗଢିଉଠିଥିବାରୁ ତାପମାତ୍ରା ବଢୁଥିବା ପରିବେଶବିତ୍‌ମାନେ କହିଛନ୍ତି। ଏପଟେ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ହେଉଥିବାବେଳେ ସେପଟେ ସେହି ଅନୁପାତରେ ବୃକ୍ଷ ରୋପଣ କରାଯାଉନାହିଁ। ବରଂ ଶିଳ୍ପ ପ୍ରତିଷ୍ଠା ପାଇଁ ଗଛ ବଳି ପଡୁଛି। ଫଳରେ ତାପମାତ୍ରା ଅସହ୍ୟ ହେଉଛି। ରବିବାର ଝାରସୁଗୁଡ଼ା ସହରର ତାପମାତ୍ରା ୪୪.୮ ଡିଗ୍ରୀ ସେଲ୍‌ସିୟସ ହୋଇଥିବାବେଳେ ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଦିନେ/ଦୁଇଦିନ ମଧ୍ୟରେ ଏହା ୪୬ ଡିଗ୍ରୀ ସେଲ୍‌ସିୟସ ଛୁଇଁପାରେ, ଯାହା ସହରର ପାଣିପାଗ ଇତିହାସରେ ଏକ ନୂଆ ରେକର୍ଡ ସୃଷ୍ଟି କରିବ। ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁ ଜିଲା ପ୍ରଶାସନ ପକ୍ଷରୁ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜରୁରୀ କାମ ନ ଥିଲେ ବାହାରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ପ୍ରଚୁର ପରିମାଣରେ ପାଣି, ଲସି ବା ଓଆର୍‌ଏସ୍ ପାନ କରିବା ସହିତ ବାହାରକୁ ବାହାରିଲେ ଛତା, ଟୋପି ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଛି।

ସୂଚନାଯୋଗ୍ୟ, ଗତବର୍ଷ ଅର୍ଥାତ୍ ୨୦୨୫ ଏପ୍ରିଲ ୨୨ରେ ଝାରସୁଗୁଡ଼ା ଜିଲାରେ ସର୍ବାଧିକ ୪୬.୨ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ରେକର୍ଡ କରାଯାଇଥିଲା। ଯଦି ବର୍ତ୍ତମାନର ସ୍ଥିତି ଜାରି ରହେ, ତେବେ ଚଳିତବର୍ଷ ସେହି ରେକର୍ଡ ମଧ୍ୟ ଅତିକ୍ରମ କରିଯାଇପାରେ। ଗତ ୧୫ ବର୍ଷର ତଥ୍ୟକୁ ଅନୁଧ୍ୟାନକଲେ ଜଣାପଡ଼େ, ୨୦୧୧ ମସିହାରେ ତାପମାତ୍ରା ୪୦.୭ ଡିଗ୍ରୀ ଥିବାବେଳେ ଏହା କ୍ରମାଗତ ଭାବେ ବୃଦ୍ଧିପାଇ ଏବେ ୪୪ରୁ ୪୬ ଡିଗ୍ରୀ ମଧ୍ୟରେ ରହୁଛି। ତାପମାତ୍ରା ବଢୁଥିବାବେଳେ ବର୍ଷା ପରିମାଣରେ ହ୍ରାସ ଜନଜୀବନକୁ ଅଧିକ ଅତିଷ୍ଠ କରିଦେଉଛି। ୨୦୨୦ ମସିହାରେ ସର୍ବାଧିକ ୮୩.୧ ମିମି ବର୍ଷା ହୋଇଥିବା ବେଳେ ଅନ୍ୟ ବର୍ଷଗୁଡ଼ିକରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଭୂତଳ ଜଳସ୍ତର ହ୍ରାସ ଓ ପ୍ରଚଣ୍ଡ ଗୁଳୁଗୁଳି ଅନୁଭୂତ ହେଉଛି। ଭାରତୀୟ ପାଣିପାଗ ବିଭାଗ ଅନୁସାରେ, ଏପ୍ରିଲ ୨୭ ପର୍ଯ୍ୟନ୍ତ ଏପରି ଗ୍ରୀଷ୍ମପ୍ରବାହ ଜାରି ରହିବ। ତେବେ ଏପ୍ରିଲ ୨୮ରୁ ପାଗରେ ସାମାନ୍ୟ ପରିବର୍ତ୍ତନ ଆସିପାରେ। ଆକାଶ ମେଘାଚ୍ଛନ୍ନ ରହିବା ସହ ସାମାନ୍ୟ ବର୍ଷାହେବାର ସମ୍ଭାବନା ରହିଛି, ଯାହାଫଳରେ ମେ' ମାସ ଆରମ୍ଭରେ ପାରଦ ୪୧ ଡିଗ୍ରୀ ସେଲସିୟସ୍‌କୁ ଖସିଆସିବ ବୋଲି ଆଶା କରାଯାଉଛି।

## ସମଲେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା

ସମ୍ବଲପୁର,୨୬।୪(ବି.ଶଙ୍କର)

ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣ ଭକ୍ତି ସଙ୍ଗୀତର କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଯାଇଛି। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ଓ କଳାକାରମାନଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ସନ୍ତୋଷ କୁମାର ପୃଷେଠ, ହେମନ୍ତ ମିଶ୍ର, ଦେଓ କୁମାର ଆଜମେରିଆ ଓ ଡ.ଶ୍ୟାମସୁନ୍ଦର ଧର, ସୁଶାନ୍ତ ମିଶ୍ର,ସୁଶୀଲ ଦାସ, ସୁନୀଲ ତ୍ରିପାଠୀ, ତ୍ରିଲୋଚନ ତ୍ରିପାଠୀ, ରଞ୍ଜନ ସାହୁ, ପ୍ରସନ୍ନ ପ୍ରଧାନ ଓ ରତନ ଲାଲ ଶର୍ମା ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ବଲପୁରର ପ୍ରସିଦ୍ଧ କଳାକାରମାନେ ମା'ଙ୍କ ମହିମାଗାନ କରିଥିଲେ ଯାହା ଉପସ୍ଥିତ ଭକ୍ତମାନଙ୍କୁ ବିମୋହିତ କରିଥିଲା। ସୁମଧୁର କଣ୍ଠରେ ଆକାଂକ୍ଷା ବେହେରା, ଚନ୍ଦନ, ଆଶିଷ, ଭାରତୀ ପଣ୍ଡା, ଚିନ୍ମୟୀ ମୁଦୁଲି, ଆନନ୍ଦ ମେହେର, ବିଜୟ ମିଶ୍ର, ଯୁଗଳ ଓ ମୃଦୁଳା ଗୀତଗାନ କରିଥିଲେ। ଅନଙ୍ଗ କୁମାର ସାଏଦେଓ, ଦେବାଶିଷ ପାଢ଼ୀ, ଭାଗୀରଥି ସିଂଦେଓ ଓ ଦିବାକର ମହାନନ୍ଦ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନଙ୍ଗ କୁମାର ସାଇଦେଓ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ସ୍ଥାନୀୟ କଳାକାର ଓ କଣ୍ଠଶିଳ୍ପୀମାନଙ୍କ ସହଭାଗିତାରେ ଏହି ପ୍ରୟାସ ସମ୍ବଲପୁରର ସାଂସ୍କୃତିକ ପରମ୍ପରାକୁ ଆଗକୁ ବଢ଼ାଇବ ବୋଲି ଭକ୍ତମାନେ ଆଶା ବ୍ୟକ୍ତ କରିଛନ୍ତି। ଏହା ମା' ଙ୍କ ମହିମା ପ୍ରଚାରରେ ମଧ୍ୟ ସହାୟକ ହେବ। ମା'ଙ୍କ ପୀଠ ସମ୍ବଲପୁରର ଆଧ୍ୟାତ୍ମିକ ତଥା ସାଂସ୍କୃତିକ ପ୍ରାଣକେନ୍ଦ୍ର ଅଟେ। ଏହାର ପବିତ୍ରତା ରକ୍ଷା କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ସଭାପତି ବାବୁ କହିଛନ୍ତି।


ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମରେ ଆୟୋଜକ ଓ କଳାକଳାରମାନେ।

## ଖରାଦିନେ ରାସ୍ତାରେ ବହୁଛି ଡ୍ରେନ୍ ପାଣି

ବରଗଡ଼ରେ ବିକାଶ ବାଟବଣା


ରାସ୍ତା ଉପରେ ପ୍ରବାହିତ ଡ୍ରେନ ପାଣି।

ବରଗଡ଼,୨୬।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରକୁ ବିକଶିତ କରିବା ଲକ୍ଷ୍ୟ ନେଇ ପର୍ଯ୍ୟାୟକ୍ରମେ ଜବରଦଖଲ ଉଚ୍ଛେଦ କରାଯାଉଛି। ଏହି କ୍ରମରେ କେଉଁଠି ରାସ୍ତା ପ୍ରଶସ୍ତୀକରଣ ତ ଆଉ କେଉଁଠାରେ ରାସ୍ତାପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ଚାଲିଛି। ମାତ୍ର ସହରର ବିଭିନ୍ନ ଗଳିକନ୍ଦିର ଅବସ୍ଥାକୁ ଦେଖିଲେ ଏଠାରେ ବିକାଶ ବାଟବଣା ହୋଇପଡ଼ିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ରାସ୍ତାରେ ରହିଥିବା ଅନେକ ଡ୍ରେନ୍ ବାଲି, ମାଟି, ଆବର୍ଜନା ଆଦିରେ ପୋତି ହୋଇଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ନୂତନ ଡ୍ରେନ୍ ନିର୍ମାଣ ଅଧାବାଟରେ ଅଟକି ଯାଇଛି। ଫଳରେ ଏତେ ଟାଣଖରାରେ ମଧ୍ୟ ସହରସ୍ଥିତ ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ଡ୍ରେନ୍ ଅର୍ଥାତ୍ ନର୍ଦ୍ଦମା ପାଣି ବହୁଛି। ସହରସ୍ଥିତ ୱାର୍ଡ ନଂ-୨ ଓ ୪ର ଲୋକେ ନିର୍ଭର କରୁଥିବା ସ୍ଥାନୀୟ ଲମ୍ବା ବିଲ୍‌ଡିଂ ଛକରୁ ସମଲେଶ୍ୱରୀ ମନ୍ଦିର ପଟକୁ ଯାଇଥିବା ଏକ ରାସ୍ତାରେ ଏଭଳି ସମସ୍ୟା ଦେଖାଯାଇଛି। ଦୀର୍ଘ ୩ମାସ ହେଲା, ଏଠାରେ ଏହି ସମସ୍ୟା ଲାଗି ରହିଛି। ମାତ୍ର ପୌର ପରିଷଦ ଏହାର ସ୍ଥାୟୀ ସମାଧାନ କରିପାରି ନ ଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଉକ୍ତ ରାସ୍ତା ପାର୍ଶ୍ୱରେ ଡ୍ରେନ୍ ରହିଥିଲେ ହେଁ ସେଠାରୁ ନର୍ଦ୍ଦମା ପାଣି ନିଷ୍କାସିତ ହୋଇପାରି ନ ଥିଲା। ଫଳରେ ସେଠାରୁ ଏକ ନୂତନ ଡ୍ରେନ୍ ନିର୍ମାଣ କରାଯାଇଥିଲା। ନୂତନ ଡ୍ରେନ୍ ନିର୍ମାଣ ଅଧାରେ ଅଟକି ରହିଛି। ଅନ୍ୟପଟେ ରାସ୍ତାରେ ରହିଥିବା ପୁରୁଣା ଡ୍ରେନ୍‌ରେ ବାଲି, ମାଟି, ଆବର୍ଜନା ଆଦି ଭରି ରହିଛି। ଫଳରେ ନର୍ଦ୍ଦମା ତଥା ଡ୍ରେନ୍ ପାଣି ନିଷ୍କାସିତ ହୋଇପାରୁ ନାହିଁ ଏବଂ ତାହା ରାସ୍ତା ଉପରେ ପ୍ରବାହିତ ହେବା ସହିତ ଜମି ରହୁଛି। ଏଥିପାଇଁ ମଶା, ମାଛି ସମେତ ଅନେକ ରୋଗ ଜୀବାଣୁ ଉପଦ୍ରବ କରୁଛନ୍ତି। କେବଳ ସେତିକି ନୁହେଁ, ସହରର ବିଭିନ୍ନ ସ୍ଥାନରେ କୁଢ଼କୁଢ଼ ମଇଳା, ଆବର୍ଜନା ସ୍ତୂପଭଳି ମଧ୍ୟ ଦୀର୍ଘଦିନ ଧରି ପଡ଼ି ରହୁଛି। ଏଥିରୁ ସହରରେ ପରିମଳ ବ୍ୟବସ୍ଥା କିଭଳି ରହିଛି, ତାହା ଆପେ ବାରି ହୋଇ ପଡୁଛି। ତେବେ ତୁରନ୍ତ ଏହାର ସ୍ଥାୟୀ ସମାଧାନ କରା ନ ଗଲେ ପଡ଼ାବାସୀ ଆଗକୁ ବିଭିନ୍ନ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଏହି ଦୃଷ୍ଟିରୁ ଏ ଦିଗରେ ପ୍ରଶାସନ ପକ୍ଷରୁ ତ୍ୱରିତ୍ ପଦକ୍ଷେପ ନେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସହାୟତା ରାଶିକୁ ନେଇ ବିସ୍ଥାପିତଙ୍କ ସନ୍ଦେହ

ରାଉରକେଲା,୨୬।୪(ସଙ୍ଗୀତା ଜେନା)


ବୈଠକରେ ଉପସ୍ଥିତ ଅଧିକାରୀ।

■ ଆର୍‌ଏସ୍‌ପି ସମ୍ପ୍ରସାରଣ ପାଇ ଗୁରୁତ୍ୱପୂର୍ଣ୍ଣ ବୈଠକ
■ ପୁନଃ ବୈଠକ ଡାକିବାକୁ କହିଲେ ଗ୍ରାମବାସୀ

ଆଗାମୀ ଦିନରେ ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି)ର ଉତ୍ପାଦନ ବୃଦ୍ଧି ପାଇଁ ସମ୍ପ୍ରସାରଣ ଯୋଜନା ରହିଛି। ବର୍ତ୍ତମାନ କାରଖାନାର ଉତ୍ପାଦନ କ୍ଷମତା ୪.୫ ମିଲିୟନ ଟନ୍ ଥିବାବେଳେ ଏହାକୁ ୯.୫ ମିଲିୟନ୍ ଟନ୍ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି ଲକ୍ଷ୍ୟ ହାସଲ ପାଇଁ ପ୍ରାୟ ୩୦ ହଜାର କୋଟି ଟଙ୍କାରେ ଆର୍‌ଏସ୍‌ପିର ସମ୍ପ୍ରସାରଣ କରାଯିବ। ଉକ୍ତ ମେଗା ସମ୍ପ୍ରସାରଣ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ରବିବାର ପୂର୍ବାହ୍ନ ୧୦ଟାରେ ସେକ୍ଟର-୧୯ ରାଉରକେଲା ହାଉସଠାରେ ଏକ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରଘୁନାଥପାଲୀ ବିଧାୟକ ତଥା ଯୋଜନା କମିଟି ଅଧ୍ୟକ୍ଷ ଦୁର୍ଗାଚରଣ ତନ୍ତୀ, ଇସ୍ପାତ କାରଖାନା କାର୍ଯ୍ୟନିର୍ବାହୀ ଅଧିକାରୀ (ମାନବ ସମ୍ବଳ) ତରୁଣ ମିଶ୍ର, ରାଉରକେଲା ଏଡିଏମ୍ ଦୀନା ଦସ୍ତଗିର, ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର, ଆର୍‌ଏସ୍‌ପି ସହରସେବା ସିଜିଏମ୍ ତପନ ଜୀ କାନେକର ତଥା ବରକାନି, ଝାରମୁଣ୍ଡା ଏବଂ ଟାଙ୍ଗରପାଲୀ ଅଞ୍ଚଳବାସୀ ଓ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

ବୈଠକରେ ପୁନର୍ବାସ ଯୋଜନା ଅଧୀନରେ ପ୍ରଭାବିତ ପରିବାର ପାଇଁ ସଂଶୋଧିତ ସହାୟତା ରାଶି ଘୋଷଣା କରାଯାଇଥିଲା। ପ୍ରତ୍ୟେକ ପ୍ରଭାବିତ ପରିବାରକୁ ୫ଲକ୍ଷ ୧୬ ହଜାର ୬୨୦ ଟଙ୍କାର ପ୍ରତ୍ୟକ୍ଷ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ। ଏହି ରାଶିରେ ଘର ନିର୍ମାଣ ପାଇଁ ୧ ଲକ୍ଷ ଟଙ୍କାର ଏକ୍ସଗ୍ରାସିଆ ପ୍ରଦାନ, ଗୃହନିର୍ମାଣ ସହାୟତା ବାବଦକୁ ୩ଲକ୍ଷ ୧୨ ହଜାର ୪୬୫ ଟଙ୍କା, ଏକକାଳୀନ ସ୍ଥାନାନ୍ତର ଭତ୍ତା ୧ଲକ୍ଷ ୪ ହଜାର ଟଙ୍କା ରହିଛି। ଆର୍ଥିକ ସହାୟତା ବ୍ୟତୀତ ବାସସ୍ଥାନ ପାଇଁ ପ୍ରଭାବିତ ପରିବାରକୁ ୬୫୦ ବର୍ଗଫୁଟର ଏକ ବିକଶିତ ଓ ସୀମାବଦ୍ଧ ପ୍ଲଟ୍ ଆବଣ୍ଟନ କରାଯିବ। ଯାହାର ମୂଲ୍ୟ ପ୍ରତି ବର୍ଗଫୁଟ୍ ୨ହଜାର ୭୬୦ ଟଙ୍କା (ପ୍ରତି ଏକର ପିଛା ୧୨ କୋଟି ଟଙ୍କା ସହ ସମାନ) ରହିଛି। ଜୀବିକା ନିର୍ବାହ ଏବଂ ସାମାଜିକ ସୁରକ୍ଷା କ୍ଷେତ୍ରରେ ମଧ୍ୟ ସହାୟତା ଘୋଷଣା କରାଯାଇଥିଲା। ନୂତନ ପ୍ଲାଣ୍ଟ ପ୍ରତିଷ୍ଠା ଏବଂ ଏହାର ପରବର୍ତ୍ତୀ କାର୍ଯ୍ୟ ସମୟରେ ପ୍ରତ୍ୟେକ ପ୍ରଭାବିତ ପରିବାରରୁ ଜଣେ ସଦସ୍ୟଙ୍କୁ ଆଉଟସୋର୍ସିଂ କାର୍ଯ୍ୟରେ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯିବ। ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଏହି କର୍ମଚାରୀମାନଙ୍କୁ ୬୦ ବର୍ଷ ବୟସ ପର୍ଯ୍ୟନ୍ତ ନିରନ୍ତର ସେବା ଯୋଗାଇ ଦେବା ସହ ପ୍ରତ୍ୟେକ କର୍ମଚାରୀଙ୍କୁ ସର୍ବନିମ୍ନ ୨୦ହଜାର ୬୫୬ ଟଙ୍କା ମାସିକ ଦରମା, ବୋନସ୍ ଏବଂ ଛୁଟି ପ୍ରଦାନ କରିବେ। ଏହାବ୍ୟତୀତ ବିସ୍ଥାପିତ ପରିବାରର ନିର୍ଭରଶୀଳ ସଦସ୍ୟମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଇଏସ୍‌ଆଇ ଚିକିତ୍ସା ସୁବିଧା ପରିସରକୁ ଅଣାଯିବ। ତେବେ ଗ୍ରାମବାସୀ କାରଖାନା କର୍ତ୍ତୃପକ୍ଷଙ୍କ ପ୍ରସ୍ତାବିତ ସହାୟତା ରାଶି ଉପରେ ସଂଶୟ ପ୍ରକାଶ କରିଥିଲେ। ସେମାନେ କହିଥିଲେ, ପୂର୍ବପୁରୁଷର ଭିଟାମାଟି ପ୍ରତିବଦଳରେ ତାଙ୍କୁ ପ୍ରସ୍ତାବିତ ସହାୟତା ରାଶି ଦିଆଯାଉଛି। ଆଗାମୀ ଦିନରେ ତାହା କାର୍ଯ୍ୟକାରୀ ହେବ କି ନାହିଁ ସେ ନେଇ ସନ୍ଦେହ ରହିଛି। କାରଖାନା କର୍ତ୍ତୃପକ୍ଷ ସହାୟତା ରାଶି ନିର୍ଦ୍ଧାରିତ କରିଛନ୍ତି। ହେଲେ ଏହାକୁ ବିଚାର କରିବାକୁ ବିସ୍ଥାପିତମାନଙ୍କୁ ଆଉ ଏକ ବୈଠକ ଆୟୋଜନ କରି ଡକାଯାଉ ବୋଲି ଗ୍ରାମବାସୀ କହିଥିଲେ। ସେହିପରି ଆର୍‌ଏସ୍‌ପି ଇଡ଼ି ମିଶ୍ର ବିସ୍ଥାପନର ସମସ୍ତ ପ୍ରତିଶ୍ରୁତି ସୁନିଶ୍ଚିତ ପାଳନ କରାଯିବ ବୋଲି କହିଥିଲେ।

# ଜଳୁଛି ଝାରସୁଗୁଡ଼ା, ତାପମାତ୍ରା ୪୪.୮

ଝାରସୁଗୁଡ଼ା, ୨୬।୪(ଆଶିଷ ରଞ୍ଜନ ଦାଶ)

ପ୍ରଚଣ୍ଡ ରୌଦ୍ରତାପରେ ଜଳୁଛି ଝାରସୁଗୁଡ଼ା। ରାଜ୍ୟର ଶିଳ୍ପ ସହର ଝାରସୁଗୁଡ଼ାରେ ଏବେ ଗ୍ରୀଷ୍ମପ୍ରବାହ ଅସହ୍ୟ ହୋଇପଡ଼ିଛି। ରବିବାର ସହରର ତାପମାତ୍ରା ୪୪.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ଆଗାମୀ ଦିନରେ ଏହା ଭୟଙ୍କର ରୂପ ଧାରଣ କରିବାର ଆଶଙ୍କା ରହିଛି। ରବିବାର ମଧ୍ୟାହ୍ନ ସମୟରେ ଝାରସୁଗୁଡ଼ା, ବେଲପାହାଡ଼ ପ୍ରଭୃତି ସହର ଶୂନ୍‌ଶାନ୍ ହୋଇଯାଇଥିଲା। ଝାରସୁଗୁଡ଼ା ଜିଲାରେ ବିଭିନ୍ନ ଶିଳ୍ପ, କାରଖାନା ଗଢିଉଠିଥିବାରୁ ତାପମାତ୍ରା ବଢୁଥିବା ପରିବେଶବିତ୍‌ମାନେ କହିଛନ୍ତି। ଏପଟେ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ହେଉଥିବାବେଳେ ସେପଟେ ସେହି ଅନୁପାତରେ ବୃକ୍ଷ ରୋପଣ କରାଯାଉନାହିଁ। ବରଂ ଶିଳ୍ପ ପ୍ରତିଷ୍ଠା ପାଇଁ ଗଛ ବଳି ପଡୁଛି। ଫଳରେ ତାପମାତ୍ରା ଅସହ୍ୟ ହେଉଛି।



ରବିବାର ମଧ୍ୟାହ୍ନ ସମୟରେ ବେଲପାହାଡ଼ ସହର ଶୂନ୍‌ଶାନ୍ ରହିଛି।

ରବିବାର ଝାରସୁଗୁଡ଼ା ସହରର ତାପମାତ୍ରା ୪୪.୮ ଡିଗ୍ରୀ ସେଲ୍‌ସିୟସ ହୋଇଥିବାବେଳେ ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଦିନେ/ଦୁଇଦିନ ମଧ୍ୟରେ ଏହା ୪୬ ଡିଗ୍ରୀ ସେଲ୍‌ସିୟସ ଛୁଇଁପାରେ, ଯାହା ସହରର ପାଣିପାଗ ଇତିହାସରେ ଏକ ନୂଆ ରେକର୍ଡ ସୃଷ୍ଟି କରିବ। ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁ ଜିଲା ପ୍ରଶାସନ ପକ୍ଷରୁ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜରୁରୀ କାମ ନ ଥିଲେ ବାହାରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ପ୍ରଚୁର ପରିମାଣରେ ପାଣି, ଲସି ବା ଓଆର୍‌ଏସ୍ ପାନ କରିବା ସହିତ ବାହାରକୁ ବାହାରିଲେ ଛତା, ଟୋପି ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଛି।

ସୂଚନାଯୋଗ୍ୟ, ଗତବର୍ଷ ଅର୍ଥାତ୍ ୨୦୨୫ ଏପ୍ରିଲ ୨୨ରେ ଝାରସୁଗୁଡ଼ା ଜିଲାରେ ସର୍ବାଧିକ ୪୬.୨ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ରେକର୍ଡ କରାଯାଇଥିଲା। ଯଦି ବର୍ତ୍ତମାନର ସ୍ଥିତି ଜାରି ରହେ, ତେବେ ଚଳିତବର୍ଷ ସେହି ରେକର୍ଡ ମଧ୍ୟ ଅତିକ୍ରମ କରିଯାଇପାରେ। ଗତ ୧୫ ବର୍ଷର ତଥ୍ୟକୁ ଅନୁଧ୍ୟାନକଲେ ଜଣାପଡ଼େ, ୨୦୧୧ ମସିହାରେ ତାପମାତ୍ରା ୪୦.୭ ଡିଗ୍ରୀ ଥିବାବେଳେ ଏହା କ୍ରମାଗତ ଭାବେ ବୃଦ୍ଧିପାଇ ଏବେ ୪୪ରୁ ୪୬ ଡିଗ୍ରୀ ମଧ୍ୟରେ ରହୁଛି। ତାପମାତ୍ରା ବଢୁଥିବାବେଳେ ବର୍ଷା ପରିମାଣରେ ହ୍ରାସ ଜନଜୀବନକୁ ଅଧିକ ଅତିଷ୍ଠ କରିଦେଉଛି। ୨୦୨୦ ମସିହାରେ ସର୍ବାଧିକ ୮୩.୧ ମିମି ବର୍ଷା ହୋଇଥିବା ବେଳେ ଅନ୍ୟ ବର୍ଷଗୁଡ଼ିକରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଭୂତଳ ଜଳସ୍ତର ହ୍ରାସ ଓ ପ୍ରଚଣ୍ଡ ଗୁଳୁଗୁଳି ଅନୁଭୂତ ହେଉଛି। ଭାରତୀୟ ପାଣିପାଗ ବିଭାଗ ଅନୁସାରେ, ଏପ୍ରିଲ ୨୭ ପର୍ଯ୍ୟନ୍ତ ଏପରି ଗ୍ରୀଷ୍ମପ୍ରବାହ ଜାରି ରହିବ। ତେବେ ଏପ୍ରିଲ ୨୮ରୁ ପାଗରେ ସାମାନ୍ୟ ପରିବର୍ତ୍ତନ ଆସିପାରେ। ଆକାଶ ମେଘାଚ୍ଛନ୍ନ ରହିବା ସହ ସାମାନ୍ୟ ବର୍ଷାହେବାର ସମ୍ଭାବନା ରହିଛି, ଯାହାଫଳରେ ମେ' ମାସ ଆରମ୍ଭରେ ପାରଦ ୪୧ ଡିଗ୍ରୀ ସେଲସିୟସ୍‌କୁ ଖସିଆସିବ ବୋଲି ଆଶା କରାଯାଉଛି।

## ସାର୍କ ପକ୍ଷରୁ ଶିଶୁମାତୃଙ୍କ ସ୍ୱାସ୍ଥ୍ୟ ସଚେତନତା ଶିବିର



ଡା.ରାଜାରାମ ଷଡ଼ଙ୍ଗୀ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

କୁଚିଣ୍ଡା, ୨୬।୪(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ସାଲେଭାଡି ପଞ୍ଚାୟତର ଡୁଲେସରା, ତେଲିତିଲେଇମାଲ ପଞ୍ଚାୟତର ରୋଡିହି ଓ ସୁନ୍ଦରଗଡ଼ ଜିଲ୍ଲା ଜର୍ଡା ପଞ୍ଚାୟତର ଜର୍ଡାଠାରେ ଶନିବାର ଜିଲା ପ୍ରଶାସନ ଓ ନାବାର୍ଡ ଆନୁକୁଲ୍ୟରେ ସାର୍କ ପକ୍ଷରୁ ଶିଶୁ ଓ ମାତୃଙ୍କ ସ୍ୱାସ୍ଥ୍ୟ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସାର୍କ ସମ୍ପାଦକ ଅଶୋକ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଡା. ରାଜାରାମ ଷଡଙ୍ଗୀ ସ୍ୱାସ୍ଥ୍ୟ ପରୀକ୍ଷା କରି ରୋଗୀଙ୍କୁ ମାଗଣା ଔଷଧ ବିତରଣ କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ଡା. ଷଡଙ୍ଗୀ ଶିଶୁ ଓ ମାତୃ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସାର୍କ ଦ୍ୱାରା ପରିଚାଳିତ ୱାନ ଷ୍ଟପ (ସଖି) ସେଣ୍ଟର ପକ୍ଷରୁ ବଳାତ୍କାର, ପାରିବାରିକ ହିଂସା, ଏସିଡ ଆକ୍ରମଣ, ସାଇବର କ୍ରାଇମ, ଯୌତୁକ ନିର୍ଯାତନା, ଗୁଣି ଗାରେଡି ଦ୍ୱାରା ହିଂସା ବୃଦ୍ଧି ପାଉଛି। ଏସବୁର ସମାଧାନ ବାଟ ସମ୍ପର୍କରେ ସଖି ସେଣ୍ଟରର ଦୁଷ୍ମିତା ମନୋହରୀ ଆଲୋଚନା କରିଥିଲେ କାର୍ଯ୍ୟକ୍ରମ ପରିଚାଳନାରେ ସାର୍କ ସିଇଓ ସଞ୍ଜୀବ କୁମାର ସାହୁ, ପ୍ରୋଜେକ୍ଟ ମ୍ୟାନେଜର ପ୍ରଭାତ ଚନ୍ଦ୍ର ପ୍ରଧାନ, ଭିଏଲଡବ୍ଲୁ ସରୋଜ କୁମାର ପ୍ରଧାନ, ଦୁତୀୟା କିଷାନ,ସଖି ସେଣ୍ଟର ପାରା ମେଡିକାଲ ଷ୍ଟାଫ ମାୟା ବାଗ ପ୍ରମୁଖ ସହଯୋଗ କରିଥିଲେ।

## ରେଢ଼ାଖୋଲରେ ବ୍ୟକ୍ତିଙ୍କ ଆତ୍ମହତ୍ୟା

ରେଢ଼ାଖୋଲ, ୨୬।୪ ( ସନ୍ତୋଷ ବଘାର)

ରେଢ଼ାଖୋଲ ଥାନା ଅନ୍ତର୍ଗତ ସହରର ଦଳଖମଣ ଗ୍ରାମର ପିଟର ବେକ (୪୨) କୌଣସି କାରଣରୁ ରବିବାର ଅପରାହ୍ନରେ ଗାଁ ପାଖ ଜଙ୍ଗଲରେ ଆତ୍ମହତ୍ୟା କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ଆତ୍ମହତ୍ୟାର ଠିକ୍ କାରଣ ଜଣାପଡ଼ିନାହିଁ। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

## ସମଲେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା

### ଝୁମିଲେ ଶ୍ରଦ୍ଧାଳୁ

ସମ୍ବଲପୁର,୨୬।୪(ବି.ଶଙ୍କର)

ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣ ଭକ୍ତି ସଙ୍ଗୀତର କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଯାଇଛି। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ଓ କଳାକାରମାନଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ସନ୍ତୋଷ କୁମାର ପୃଷ୍ଟେଠ, ହେମନ୍ତ ମିଶ୍ର, ଦେଓ କୁମାର ଆଜମେରିଆ ଓ ଡ.ଶ୍ୟାମସୁନ୍ଦର ଧର, ସୁଶାନ୍ତ ମିଶ୍ର,ସୁଶୀଲ ଦାସ, ସୁନୀଲ ତ୍ରିପାଠୀ, ତ୍ରିଲୋଚନ ତ୍ରିପାଠୀ, ରଞ୍ଜନ ସାହୁ, ପ୍ରସନ୍ନ ପ୍ରଧାନ ଓ ରତନ ଲାଲ ଶର୍ମା ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ବଲପୁରର ପ୍ରସିଦ୍ଧ କଳାକାରମାନେ ମା'ଙ୍କ ମହିମାଗାନ କରିଥିଲେ ଯାହା ଉପସ୍ଥିତ ଭକ୍ତମାନଙ୍କୁ ବିମୋହିତ କରିଥିଲା। ସୁମଧୁର କଣ୍ଠରେ ଆକାଂକ୍ଷା ବେହେରା, ଚନ୍ଦନ, ଆଶିଷ, ଭାରତୀ ପଣ୍ଡା, ଚିନ୍ମୟୀ ମୁଦୁଲି, ଆନନ୍ଦ ମେହେର, ବିଜୟ ମିଶ୍ର, ଯୁଗଳ ଓ ମୃଦୁଳା ଗୀତଗାନ କରିଥିଲେ। ଅନଙ୍ଗ କୁମାର ସାଏଦେଓ, ଦେବାଶିଷ ପାଢ଼ୀ, ଭାଗୀରଥି ସିଂଦେଓ ଓ ଦିବାକର ମହାନନ୍ଦ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନଙ୍ଗ କୁମାର ସାଇଦେଓ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ସ୍ଥାନୀୟ କଳାକାର ଓ କଣ୍ଠଶିଳ୍ପୀମାନଙ୍କ ସହଭାଗିତାରେ ଏହି ପ୍ରୟାସ ସମ୍ବଲପୁରର ସାଂସ୍କୃତିକ ପରମ୍ପରାକୁ ଆଗକୁ ବଢ଼ାଇବ ବୋଲି ଭକ୍ତମାନେ ଆଶା ବ୍ୟକ୍ତ କରିଛନ୍ତି। ଏହା ମା' ଙ୍କ ମହିମା ପ୍ରଚାରରେ ମଧ୍ୟ ସହାୟକ ହେବ। ମା'ଙ୍କ ପୀଠ ସମ୍ବଲପୁରର ଆଧ୍ୟାତ୍ମିକ ତଥା ସାଂସ୍କୃତିକ ପ୍ରାଣକେନ୍ଦ୍ର ଅଟେ। ଏହାର ପବିତ୍ରତା ରକ୍ଷା କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ସଭାପତି ବାବୁ କହିଛନ୍ତି।


ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମରେ ଆୟୋଜକ ଓ କଳାକଳାରମାନେ।

## ସମ୍ବଲପୁରରେ ଆମ ଜଳାଶୟ, ଆମର ଗୌରବ ଅଭିଯାନ



ହରଡ଼ଜୋନ କୂଳରେ ଛାତ୍ରୀଛାତ୍ରଙ୍କ ସଫେଇ ଅଭିଯାନ।

■ ଜଳ ସୁରକ୍ଷା, ସ୍ୱଚ୍ଛତା ପାଇଁ ଯୁବପିଢ଼ିଙ୍କ ସଂକଳ୍ପ

■ ହରଡ଼ଜୋର କୂଳରେ ସଫେଇ ଅଭିଯାନ

ସମ୍ବଲପୁର,୨୬।୪ (ପ୍ରମୋଦ ବହିଦାର)

ସ୍ଥାନୀୟ ଜଳାଶୟଗୁଡ଼ିକର ସୁରକ୍ଷା ଓ ପରିବେଶ ସନ୍ତୁଳନ ରକ୍ଷା ନିମନ୍ତେ ସମ୍ବଲପୁରରେ 'ଆମ ଜଳାଶୟ, ଆମର ଗୌରବ' ଶୀର୍ଷକ ଏକ ସ୍ୱଚ୍ଛତା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୟୁଥ୍ ଫର୍ ୱାଟର୍ ଇଣ୍ଡିଆ ସଙ୍ଗଠନ ପକ୍ଷରୁ ଆୟୋଜିତ 'ପ୍ଲାଷ୍ଟିକ ମୁକ୍ତ ପିକନିକ ଫେଲୋଶିପ' ଅଭିଯାନ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ପ୍ରତି ଗୁରୁତ୍ୱାରୋପ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ହରଡ଼ ଜୋର ନାଳ କୂଳରେ ଅନୁଷ୍ଠିତ ଏକ ମେଗା ସ୍ୱଚ୍ଛତା ଅଭିଯାନରେ ପ୍ରାୟ ୪୫ ଜଣ ସ୍ୱେଚ୍ଛାସେବୀ ଯୁବତୀଯୁବକ ଅଂଶଗ୍ରହଣ କରି ଏଠାରେ ଇତସ୍ତତ ହୋଇ ପଡ଼ିଥିବ ବର୍ଜ୍ୟବସ୍ତୁର ସଫେଇ କରିଥିଲେ। ଏହାସହ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ପାଇଁ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହାବାଦ ସହରର କମିସନର୍ସ କଲୋନୀ(୪ସି) ପଡ଼ିଆରେ ସମବେତ ବିଭିନ୍ନ କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଜଳ ସଚେତନତା ଶିବିର ଆୟୋଜିତ ହୋଇଥିଲା। ଏଥିରେ ଜଳ ସମ୍ପଦର ସୁରକ୍ଷା, ପ୍ଲାଷ୍ଟିକ ବ୍ୟବହାରକୁ ସୀମିତ କରିବା ଏବଂ ପରିବେଶ ପ୍ରଦୂଷଣ ରୋକିବା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ଏହି ମହତ ପ୍ରୟାସରେ ଆଇଆଇଏମ୍ ସମ୍ବଲପୁର, ଏଜେଏସଏ ଇଣ୍ଡିଆ, ୱାଟର୍ ଇନିଶିଏଟିଭସ ଏବଂ ମହାନଦୀ ରିଭର୍ ୱାଟର୍‌କିପର୍ ଭଳି ବିଭିନ୍ନ ସଙ୍ଗଠନଗୁଡ଼ିକ ସହଯୋଗର ହାତ ବଢ଼ାଇଥିଲେ। ୟୁଥ୍ ଫର୍ ୱାଟର୍ ଇଣ୍ଡିଆର କୋର୍ ଭଲେଣ୍ଟିୟର ମସୁଦ ଆଲମଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହୀରାକୁଦ କଲେଜର ଅଧ୍ୟାପକ ଏସ୍.କେ. ଫୈଜାନ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତା, ଜଳ ସଂରକ୍ଷଣ ଓ ପରିବେଶ ସନ୍ତୁଳନ ନେଇ ମାର୍ଗଦର୍ଶନ କରିଥିଲେ। ଜଳାଶୟଗୁଡ଼ିକ ଆମ ଜୀବନରେଖା ହୋଇଥିବାରୁ ଏହାର ସୁରକ୍ଷା ପାଇଁ ସାମୂହିକ ଉଦ୍ୟମ ଜରୁରୀ ବୋଲି ଆଲମ କହିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅଂଶଗ୍ରହଣକାରୀ ଯୁବପିଢ଼ି ପରିବେଶକୁ ସ୍ୱଚ୍ଛ ରଖିବା ଓ ଜଳାଶୟ ସୁରକ୍ଷା ପାଇଁ ସାମୂହିକ ଭାବେ ଶପଥ ପାଠ କରିଥିଲେ।

## ବିଜିଡି କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଶେଷ

କୁଚିଣ୍ଡା,୨୬।୪(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ କେଶାଇବାହାଲ ବିଜିଡି( ବାସୁଦେବ ଗୋଦାବରୀ ଡିଗ୍ରୀ) କଲେଜରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଦୟାସାଗର ପ୍ରଧାନଙ୍କ ପୌରୋହିତ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ ୧୯୧ ଜଣ ଛାତ୍ରୀ ୪ଟି ପର୍ଯ୍ୟାୟରେ ତାଲିମ ଗ୍ରହଣ କରିଥିଲେ। ଏହି ତାଲିମ ଶିବିର୧୭ରୁ ଆରମ୍ଭ ହୋଇ ଶନିବାର ସମାପ୍ତ ହୋଇଥିଲା। ଏଥିରେ ପୁଷ୍ପାଞ୍ଜଳି ବାଗ, ରୀତା କିଷାନ ତାଲିମଦାତ୍ରୀ ଭାବେ ଯୋଗଦେଇ କରାଟେ, ଜୁଡୋ, ପାମ ଷ୍ଟ୍ରାଇକ, କିକ, ରେସଲିଙ୍ଗ ପ୍ରମୁଖ କୌଶଳ ଶିଖାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ଯଶୋଦା ମାଝୀ, ତପନ ସାହୁ, ସଂଯୋଜକ ପି. ଦାସ, ଅଶୋକ ଭଇଁଷା ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଦୟାସାଗର ପ୍ରଧାନ ବକ୍ତବ୍ୟ ଦେଉଛନ୍ତି।

## ବିଶ୍ୱଶାନ୍ତି ନିମନ୍ତେ ଜମନକିରାଠାରେ ନାମଯଜ୍ଞ

ଜମନକିରା, ୨୬।୪(ରବୀନ୍ଦ୍ର ପ୍ରସାଦ ଦାନୀ)

ଜମନକିରା ବ୍ଲକ ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ୩ ଦିନ ଧରି ଚାଲିଥିବା ଶ୍ରୀଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମହାମନ୍ତ୍ର ଅଖଣ୍ଡ ଅଷ୍ଟପ୍ରହର ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି ନାମଯଜ୍ଞ ଅଞ୍ଚଳବାସୀଙ୍କ ସହଯୋଗ ସହିତ କର୍ତ୍ତା ଭାବେ ପ୍ରୀତମ କୁମାର ଦାନୀ ଓ ଧର୍ମପତ୍ନୀ ପ୍ରଜ୍ଞା ପଟ୍ଟନାୟକ ପୂଜା କାର୍ଯ୍ୟ କରିଥିବା ବେଳେ ପୂଜକ ଭାବେ ପଣ୍ଡିତ ଅଶୋକ କୁମାର ପାଣିଗ୍ରାହୀ ଏବଂ ଗୋପାଳ ଶତପଥୀ ରୀତିନୀତି ଭାବେ ପୂଜାକାର୍ଯ୍ୟ ସମାପନ କରିଥିଲେ। ଏହି ପରିପେକ୍ଷୀରେ ଶୁକ୍ରବାର ଅପରାହ୍ନରେ କଳସ ଶୋଭାଯାତ୍ରା କରି ମନ୍ଦିରରେ ସ୍ଥାପନା କରିଥିଲେ। ରବିବାର ନଗର ପରିଭ୍ରମଣ ସହିତ ଦଧିଭାଣ୍ଡ ଭଗ୍ନ କରି ମହାଯଜ୍ଞର ପୂର୍ଣ୍ଣାହୁତି କରାଯାଇଥିଲା। ଗ୍ରାମବାସୀଙ୍କ ସମ୍ପୂର୍ଣ୍ଣ ସହଯୋଗରେ ବିଶ୍ୱଶାନ୍ତି ମହାଯଜ୍ଞ ବଡ ଧୂମଧାମରେ ପାଳନ ହୋଇଯାଇଛି। ରାତ୍ରରେ ବହୁ କୀର୍ତ୍ତନ ମଣ୍ଡଳୀଙ୍କ ସମାବେଶରେ ବୈଠକି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମାନବ ସେବା ହିଁ ମାଧବ ସେବା ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ


ନୂତନ କାର୍ଯ୍ୟାଳୟର ଉଦଘାଟନ ଉତ୍ସବରେ ଯୋଗଦେଇଥିବା କର୍ମକର୍ତ୍ତା।

ସମ୍ବଲପୁର,୨୬।୪(ବି.ଶଙ୍କର)

ମାନବ ସେବା ହିଁ ମାଧବ ସେବା ନୂତନ କାର୍ଯ୍ୟାଳୟ ଶନିବାର ହୀରାକୁଦର ଗୁଣ୍ଡୁରୁପଡାରେ ଉଦଘାଟିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଚନ୍ଦ୍ରଶେଖର ଶତପଥୀ ଫିତା କାଟି କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ରୀୟ ଦାଶ, ସହସମ୍ପାଦିକା ଇତିଶ୍ରୀ ଶତପଥୀ, ସଂଯୋଜିକା ଗୀତାଞ୍ଜଳି ପଣ୍ଡା, କୋଷାଧ୍ୟକ୍ଷା ବୀଣାପାଣି ଦାସ, ବରିଷ୍ଠ ଉପଦେଷ୍ଟା ଅରିନ୍ଦ୍ର ଭୂଷଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସକ୍ରିୟ ସଦସ୍ୟା ଶୋଭାଗିନୀ ମେହେର, ସନ୍ତୋଷ ମେହେର, ଶ୍ରୀକାନ୍ତ ପ୍ରଧାନ, ସୁକାନ୍ତ ଦାସ ପ୍ରମୁଖ ଏହି ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନରେ ନୂତନ ଭାବେ ସ୍ୱୟଂପ୍ରଭା ପଣ୍ଡା ସଦସ୍ୟତା ଗ୍ରହଣ କରିଥିବାରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଆଗାମୀ ଶୀତଳ ଷଷ୍ଠୀ, ରଥଯାତ୍ରା ଏବଂ ବାହୁଡାରେ ହେବାକୁ ଥିବା ସେବା କାର୍ଯ୍ୟକ୍ରମ ଉପରେ ସଭ୍ୟମାନେ ଆଲୋଚନା କରିଥିଲେ। ବରିଷ୍ଠ ଉପଦେଷ୍ଟା ପରମାନନ୍ଦ ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

## ମା' ବାସବୀ କନ୍ୟାକା ପରମେଶ୍ୱରୀଙ୍କ ଜୟନ୍ତୀରେ ଶୋଭାଯାତ୍ରା

ସମ୍ବଲପୁର,୨୬।୪(ବି.ଶଙ୍କର)

ସମ୍ବଲପୁରସ୍ଥିତ କଳିଙ୍ଗ ବୈଶ୍ୟ ସଂଘ ପକ୍ଷରୁ ମା' ବାସବୀ କନ୍ୟାକା ପରମେଶ୍ୱରୀଙ୍କ ଜୟନ୍ତୀ ଓ ଭବ୍ୟ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ବୈଶ୍ୟ ମହିଳା ସଂଘ ଏବଂ ଯୁବକ ସଂଘର ମିଳିତ ସହଯୋଗରେ ଆୟୋଜିତ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସମ୍ବଲପୁର କଳିଙ୍ଗ ବୈଶ୍ୟ ସଂଘର ସାଧାରଣ ସମ୍ପାଦକ ଟୁମୁଲୁ ସୁଶାନ୍ତ ସରାଫଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପାରମ୍ପରିକ ମନ୍ତ୍ରୋଚାରଣ ଏବଂ ଭକ୍ତିମୟ ପରିବେଶ ମଧ୍ୟରେ ଏହି ଶୋଭାଯାତ୍ରା ସହରର ମୁଖ୍ୟ ରାସ୍ତା ଦେଇ ପରିକ୍ରମା କରିଥିଲା। ଏହି ଅବସରରେ ସମ୍ପ୍ରଦାୟର ଅନେକ ବିଶିଷ୍ଟ ନେତୃବୃନ୍ଦ ଉପସ୍ଥିତ ରହି ନଗର ପରିକ୍ରମାର ନେତୃତ୍ୱ ନେଇଥିଲେ। ପଶ୍ଚିମାଞ୍ଚଳ ସଭାପତି ଟୁମୁଲୁ ହରିନାରାୟଣ, ସମ୍ବଲପୁର ସଂଘ ସଭାପତି ଶିଳା ଯୋଗେନ୍ଦ୍ର, ମହିଳା ସଂଘ ସଭାନେତ୍ରୀ ଶିଳାରାଜ କୁମାରୀ, ଯୁବକ ସଂଘ ସଭାପତି ଟୁମୁଲୁ ସୁନୀଲ କୁମାର ଶୋଭାଯାତ୍ରାରେ ଯୋଗଦେଇଥିଲେ। ସାଂସ୍କୃତିକ ଏକତା ବଜାୟ ରଖିବା ଏବଂ ସମଗ୍ର ସମାଜର ମଙ୍ଗଳ ପାଇଁ ମା' ବାସବୀ କନ୍ୟାକା ପରମେଶ୍ୱରୀଙ୍କ ଆଶୀର୍ବାଦ ଭିକ୍ଷା କରିବା ଏହି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି କର୍ମାକର୍ତ୍ତାମାନେ ସୂଚନା ଦେଇଛନ୍ତି।



କଳିଙ୍ଗ ବୈଶ୍ୟ ସଂଘ ଆୟୋଜିତ ମା' ବାସବୀ କନ୍ୟାକା ପରମେଶ୍ୱରୀଙ୍କ ଜୟନ୍ତୀରେ ଶୋଭାଯାତ୍ରା।

## ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଭାଜପା ନେତା ଓ କର୍ମୀମାନେ।

### ଭାଜପା ମଣ୍ଡଳ ପ୍ରଶିକ୍ଷଣ ବର୍ଗ ଉଦ୍‌ଯାପିତ

ରେଢ଼ାଖୋଲ, ୨୬।୪ (ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢ଼ାଖୋଲ ଭାଜପା ନଗର ମଣ୍ଡଳ ପକ୍ଷରୁ ଶନିବାର ଓ ରବିବାର ଦୁଇଦିନ ଧରି ଚାଲିଥିବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନର ରେଢ଼ାଖୋଲ ନଗର ମଣ୍ଡଳର ପ୍ରଶିକ୍ଷଣ ବର୍ଗ ଯାଯାବର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମନଗର ସଭାପତି ସୁଷମା ମୁଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ରାମଚନ୍ଦ୍ର ମେହେର ବକ୍ତା ଭାବେ ବରିଷ୍ଠ ଭାଜପା ନେତା କାର୍ତ୍ତିକ ବହିଦାର, ସରୋଜ ଆଚାର୍ଯ୍ୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ଜିଲା ଉପସଭାପତି ଅର୍ଜୁନ ପଟ୍ଟନାଏକ ଯୋଗଦେଇ ବୁଥ ସ୍ତରରେ ସଙ୍ଗଠନକୁ ମଜବୁତ କରିବାର ମନ୍ତ୍ର ଦେଇଥିଲେ। ପ୍ରଥମ ଦିନରେ ଜିଲା ଉପସଭାପତି ବିଚିତ୍ରାନନ୍ଦ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଦୁଇଦିନ ଧରି ଚାଲିଥିବା ପ୍ରଶିକ୍ଷଣ ବର୍ଗରେ ୭ଟି ଅଧିବେଶନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବୈଚାରିକ ଅଧିଷ୍ଠାନ, ଭାଜପାର ଇତିହାସ ଓ ବିକାଶ, କାର୍ଯ୍ୟ ବିସ୍ତାର ପାଇଁ ଆମର ଦୃଷ୍ଟି କୋଣ ବିଷୟରେ ବକ୍ତାମାନେ ଆଲୋଚନା କରିଥିଲେ।

ଦ୍ୱିତୀୟ ଦିବସରେ ବକ୍ତା ଭାବେ ପୂର୍ବତନ ଜିଲା ପରିଷଦର ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ସାମାଜିକ ଗଣମାଧ୍ୟମର ରାଜ୍ୟ ସଂଯୋଜକ ଉତ୍ତମ ବିଶ୍ୱାଳ ଯୋଗଦେଇଥିଲେ। ମାତ୍ର କେନ୍ଦ୍ର, ରାଜ୍ୟ ସରକାରଙ୍କ ସଫଳତା ଓ କାର୍ଯ୍ୟାନ୍ୱୟନ, ସାମାଜିକ ଗଣମାଧ୍ୟମ ଏବଂ ଏଆଇ, ନମୋ ଆପ, ସରଳ ଆପ, ବୁଥ ପରିଚାଳନା, ଆଗାମୀ ବୁଥସ୍ତରୀୟ କାର୍ଯ୍ୟକ୍ରମ ବିଷୟରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ । ଶେଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୩୩ ତମ ମନକୀ ବାତ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହୋଇ ଶୁଣିଥିଲେ ଏବଂ ନଗର ମଣ୍ଡଳର ସମସ୍ତ ପଦାଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଭାଜପା ନଗର ସାଧାରଣ ସମ୍ପାଦକ ତଥା ବିଧାନସଭା ଗଣମାଧ୍ୟମ ସଂଯୋଜକ ଅନିଲ ପୃଷ୍ଟି ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ଜିଲା ପରିଷଦ ସଭ୍ୟ ଶରତ ପ୍ରଧାନ, ବୁର୍ଡା ପଞ୍ଚାୟତର ସମିତି ସଭ୍ୟ ସଞ୍ଜୟ ବେହେରା, ନଗର ସାଧାରଣ ସମ୍ପାଦକ ଅମର ସିଂ, ସମ୍ପାଦକ ବବିତା ସେଠୀ, ଲବ କିଶୋର ଷଣ୍ଢ, ଉପସଭାପତି ସୁରେଶ ଭିତିରିଆ, ଗୋବିନ୍ଦ ଭିତିରିଆ, ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ବୈଠାରୁ, ତୁଷାରକାନ୍ତି କର, ସୁଜିତ ପ୍ରଧାନ, କାଉନସିଲର କଳ୍ପନା ନାଏକ, କଡିଆର ଯୁଧିଷ୍ଠିର ବାଜେଣୀ, ସୋସିଆଲ ମିଡ଼ିଆ ସଂଯୋଜକ ସୌମ୍ୟରଞ୍ଜନ ଶାସନୀ, ଈଶର ବାଘଙ୍କ ସମେତ ସମସ୍ତ ବୁଥର ସଭାପତି ଓ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ହୋଇ ପ୍ରଶିକ୍ଷଣ ନେଇଥିଲେ। ଶେଷରେ ଯୁବ ମୋର୍ଚ୍ଚା ସଭାପତି ସୂର୍ଯ୍ୟ ପ୍ରକାଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଆଜି ଭାରତ-ନ୍ୟୁଜିଲାଣ୍ଡ ଏଫ୍‌ଟିଏ ସ୍ୱାକ୍ଷର

## ପ୍ରତିବର୍ଷ ୫ ହଜାର ଭାରତୀୟଙ୍କୁ ମିଳିବ 'ୱାର୍କିଂ ଭିଜା'



ଭାରତ ଗସ୍ତରେ ଆସିଥିବା ନ୍ୟୁଜିଲାଣ୍ଡ ବାଣିଜ୍ୟ ଓ ନିବେଶ ମନ୍ତ୍ରୀ ଟୋଡ୍ ମେକକ୍ଲେଙ୍କୁ ସ୍ୱାଗତ କରୁଛନ୍ତି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ।

ନୂଆଦିଲ୍ଲୀ,୨୬।୪

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ସୋମବାର ମୁକ୍ତ ବାଣିଜ୍ୟ ଚୁକ୍ତି(ଏଫ୍‌ଟିଏ) ସ୍ୱାକ୍ଷର ହେବ। ନ୍ୟୁଜିଲାଣ୍ଡ ବାଣିଜ୍ୟ ଓ ନିବେଶ ମନ୍ତ୍ରୀ ଟୋଡ୍ ମେକକ୍ଲେ ଏକ ଉଚ୍ଚ ପ୍ରତିନିଧି ଦଳ ସହ ସମ୍ପ୍ରତି ଭାରତ ଗସ୍ତରେ ଆସିଥିଲାବେଳେ ସୋମବାର ଭାରତ ମଣ୍ଡପମ୍‌ରେ ତାଙ୍କର ଭାରତୀୟ ପ୍ରତିପକ୍ଷ ପୀୟୂଷ ଗୋଏଲଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ଏହି ଅବସରରେ ଉଭୟ ରାଷ୍ଟ୍ର ମଧ୍ୟରେ ମୁକ୍ତ ବାଣିଜ୍ୟ ବୁଝାମଣା ସହ ଚୁକ୍ତି ସ୍ୱାକ୍ଷରିତ ହେବ ବୋଲି ସୂଚନା ମିଳିଛି। ଏହାପୂର୍ବରୁ ଭାରତ ୟୁରୋପୀୟ ସଂଘ ଏବଂ ଉପସାଗରୀୟ କେତେକ ଦେଶ ସହ ମୁକ୍ତ ବାଣିଜ୍ୟ ବୁଝାମଣା କରିସାରିଛି। ତେବେ ନ୍ୟୁଜିଲାଣ୍ଡ ସହ ହେବାକୁ ଥିବା ବୁଝାମଣା ଦ୍ୱାରା ଭାରତୀୟ ସାମଗ୍ରୀ ପାଇଁ ସମ୍ପୂର୍ଣ୍ଣ ଶୁଳ୍କ ଛାଡ଼ ହେବ। ଅର୍ଥାତ୍ ଭାରତୀୟ ରପ୍ତାନିକାରୀ ନ୍ୟୁଜିଲାଣ୍ଡକୁ କୌଣସି ଶୁଳ୍କ ନ ଦେଇ ସେମାନଙ୍କ ସାମଗ୍ରୀ ପଠାଇପାରିବେ। ବର୍ତ୍ତମାନ ଭାରତରୁ ନ୍ୟୁଜିଲାଣ୍ଡକୁ ରପ୍ତାନି ହେଉଥିବା ବୟନଶିଳ୍ପ ସାମଗ୍ରୀ, କାର୍ପେଟ୍, ଚମଡ଼ା ସାମଗ୍ରୀ, ସେରାମିକ୍ ଏବଂ ଅଟୋମୋବାଇଲ ସରଞ୍ଜାମ ଭଳି ୪୫୦ ଶ୍ରେଣୀର ସାମଗ୍ରୀ ଉପରେ ନ୍ୟୁଜିଲାଣ୍ଡ ୧୦ ପ୍ରତିଶତ ଶୁଳ୍କ ଲାଗୁ କରୁଛି। କିନ୍ତୁ ଉଭୟ ପକ୍ଷ ମଧ୍ୟରେ ଏଫ୍‌ଟିଏ ସ୍ୱାକ୍ଷର ହେବାପରେ ଏହା ଶତପ୍ରତିଶତ ଶୁଳ୍କମୁକ୍ତ ହେବ। ସେହିପରି ନ୍ୟୁଜିଲାଣ୍ଡରୁ ଭାରତ ଆସୁଥିବା ସାମଗ୍ରୀ ଉପରେ ଭାରତ ଲାଗୁ କରୁଥିବା ଶୁଳ୍କ ହାରରେ ୯୫ ପ୍ରତିଶତ ହ୍ରାସ କରାଯିବ ବୋଲି କୁହାଯାଇଛି। ଏହାବ୍ୟତୀତ ନ୍ୟୁଜିଲାଣ୍ଡ ଆଗାମୀ ୧୫ ବର୍ଷ ମଧ୍ୟରେ ଭାରତରେ ବିଭିନ୍ନ କ୍ଷେତ୍ରରେ ୨୦ ବିଲିୟନ ଡଲାର ନିବେଶ କରିବ ବୋଲି ସୂଚନା ମିଳିଛି। ସେହିପରି ନ୍ୟୁଜିଲାଣ୍ଡରେ କାର୍ଯ୍ୟ କରିବାକୁ ପ୍ରତିବର୍ଷ ୫ ହଜାର ଭାରତୀୟଙ୍କୁ ୱାର୍କିଂ ଭିଜା ମିଳିବ । ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ କାରବାର ଲାଗି ୨୦୧୦ରୁ ୨୦୧୫ ମଧ୍ୟରେ ବହୁବାର ଉଦ୍ୟମ ହୋଇଆସିଛି। ଏହାମଧ୍ୟରେ ଉଭୟ ପକ୍ଷର ପ୍ରତିନିଧିଦଳ ୧୦ରୁ ଅଧିକ ଥର ଆଲୋଚନା କରିଥିଲେ ହେଁ ଏଫଟିଏ ସ୍ୱାକ୍ଷର ହେବା ନେଇ ବାଟ ଫିଟି ନ ଥିଲା। କିନ୍ତୁ ବର୍ତ୍ତମାନ ଏଫଟିଏ ବୁଝାମଣା ଲାଗି ଉଭୟ ପକ୍ଷ ବିଭିନ୍ନ ସର୍ତ୍ତାବଳୀ ଅନୁସାରେ ସହମତ ହୋଇଥିଲାବେଳେ ସୋମବାର ଏହା ସାକାର ହେବାକୁ ଯାଉଛି ବୋଲି କୁହାଯାଇଛି।

# ବାର୍ଷିକ ୨ ଏମ୍‌ଟି ୟୁରିଆ ଉତ୍ପାଦନ କରିବେ ଭାରତ, ରୁଷିଆ

ନୂଆଦିଲ୍ଲୀ, ୨୬।୪

ବିଶ୍ୱବ୍ୟାପୀ ଯୋଗାଣ ବାଧା ମଧ୍ୟରେ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା ପାଇଁ ରୁଷିଆରେ ଇଣ୍ଡିଆନ୍ ପୋଟାସ୍ ଲିମିଟେଡ୍(ଆଇପିଏଲ୍), ରାଷ୍ଟ୍ରୀୟ କେମିକାଲ୍ସ ଆଣ୍ଡ ଫର୍ଟିଲାଇଜର୍ସ (ଆର୍‌ସିଏଫ୍) ଏବଂ ନ୍ୟାଶନାଲ୍ ଫର୍ଟିଲାଇଜର୍ସ (ଏନ୍‌ଏଫ୍‌ଏଲ)କୁ ମିଳିତ ଭାବେ ଏକ ୨ ନିୟୁତ ଟନ୍ ୟୁରିଆ ପ୍ରକଳ୍ପର ଲକ୍ଷ୍ୟ ରଖାଯାଇଛି। ପ୍ରାୟ ୨୦,୦୦୦ କୋଟି ଟଙ୍କା ନିବେଶ ସହିତ ଏବଂ ବାର୍ଷିକ ୨ ନିୟୁତ ଟନ୍ (ଏମ୍‌ଟି) ୟୁରିଆ ଉତ୍ପାଦନ କ୍ଷମତା ସହିତ ଆସନ୍ତା ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ସମାପ୍ତ ହେବାର ସମ୍ଭାବନା ରହିଛି। ପିଡିଆଇଏଲ୍ ନେତୃତ୍ୱରେ ଆଇପିଏଲ୍, ଆରସିଏସ୍‌ଏଫ୍‌ଏଲ୍ ଏବଂ ଏନ୍‌ଏଫ୍‌ଏଲ୍‌ର ପ୍ରତିନିଧିମାନଙ୍କ ସହିତ ଏକ ପ୍ରତିନିଧିମଣ୍ଡଳୀ ସମ୍ପ୍ରତି ରୁଷିଆ ଗସ୍ତ କରିଥିଲେ। ପ୍ରସ୍ତାବିତ ୟୁରିଆ ପ୍ଲାଣ୍ଟ ଦେଶ ପାଇଁ ଏକ ନିଶ୍ଚିତ ଯୋଗାଣ ଉତ୍ସ ଭାବରେ କାର୍ଯ୍ୟ କରିବ। ଜଣେ ଶିଳ୍ପ ଅଧିକାରୀ କହିଛନ୍ତି ଯେ, ଆର୍ଥିକ ବର୍ଷ-୨୦୨୫-୨୬ରେ ସମସ୍ତ ପ୍ରକାର ସାରର ସାମଗ୍ରିକ ଆମଦାନୀ ୨୦ଏମ୍‌ଟି ଅତିକ୍ରମ କରିଛି, ଯାହା ମଧ୍ୟରୁ ୧୦ଏମ୍‌ଟି ୟୁରିଆ ଯୋଗାଣ ଥିଲା। ଏହି ଆର୍ଥିକ ବର୍ଷରେ ପ୍ରାୟ ୪୦ଏମ୍‌ଟି ୟୁରିଆର ମୋଟ ବ୍ୟବହାର ମଧ୍ୟରୁ ପ୍ରାୟ ୩୦ଏମ୍‌ଟି ଘରୋଇ ଭାବରେ ୩୨ଟି ୟୁନିଟ୍‌ରୁ ଉତ୍ପାଦିତ ହୁଏ। ୟୁରାକେମ୍‌ର ପ୍ରାୟ ୧୦,୦୦୦ କୋଟି ଟଙ୍କାର ନିବେଶ ଆମୋନିଆ ପ୍ଲାଣ୍ଟରେ ହେବ। ୩ଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗ - ଆଇପିଏଲ, ଆରସିଏଫଏଲ୍ ଏବଂ ଏନ୍‌ଏଫ୍‌ଏଲ - ଏକ ୟୁରିଆ ଉତ୍ପାଦନ ୟୁନିଟ୍ ସ୍ଥାପନ ପାଇଁ ଯଥାକ୍ରମେ ୪,୫୦୦ କୋଟି, ୪,୫୦୦ କୋଟି ଏବଂ ୧,୦୦୦ କୋଟି ଟଙ୍କା ନିବେଶ କରିବେ। ଉତ୍ପାଦିତ ସମସ୍ତ ପରିମାଣ ଘରୋଇ ବ୍ୟବହାର ପାଇଁ ଭାରତରେ ଆମଦାନୀ କରାଯିବ। ରୁଷିଆର ଏହି ମିଳିତ ଉଦ୍ୟମ ଇଫକୋ ଏବଂ କ୍ରିଭକୋର 'ଓମାନ ଇଣ୍ଡିଆ ଫର୍ଟିଲାଇଜର' ପରେ ସବୁଠାରୁ ବଡ଼ ମିଳିତ ଉଦ୍ୟମ ପ୍ରକଳ୍ପ ହେବ, ଯାହା ବାର୍ଷିକ ପ୍ରାୟ ୧.୬୫ ମେଟ୍ରିକ ଟନ୍ ୟୁରିଆ ଉତ୍ପାଦନ କରେ।



ବିଏସ୍‌ଇ ସେନ୍‌ସେକ୍ସ
୭୬,୬୬୪ (-୯୯୯)



୧ ଡଲାର = ୯୪.୨୪ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୧୦୫.୩୦ ଡଲାର

# ଏଫ୍‌ଡିଆଇ ରାଶି ୯୦ ବିଲିୟନ ଡଲାର ଟପିଛି

ମୁମ୍ବାଇ ,୨୬।୪



ଭି.ଅନନ୍ତ ନାଗେଶ୍ୱରନ୍

୨୦୨୫-୨୬ ଆର୍ଥିକ ବର୍ଷରେ ଦେଶରେ ମୋଟ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ବିନିଯୋଗ(ଏଫଡିଆଇ) ରାଶି ୯୦ ବିଲିୟନ ଡଲାର ଟପିଛି ବୋଲି କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି.ଅନନ୍ତ ନାଗେଶ୍ୱରନ୍ କହିଛନ୍ତି। ୨୦୨୫ ଏପ୍ରିଲରୁ ୨୦୨୬ ଫେବୃଆରୀ ମଧ୍ୟରେ ୮୮ ବିଲିୟନ ଡଲାରର ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ହୋଇଥିଲା। ବାକି ଏକ ମାସରେ ଅର୍ଥାତ୍ ମାର୍ଚ୍ଚ ୨୦୨୬ରେ ଆଉ ୨ ବିଲିୟନ ଡଲାରର ପୁଞ୍ଜି ନିବେଶ ହୋଇଥିବା ସେ କହିଛନ୍ତି। ଫଳରେ କଥିତ ଆର୍ଥିକ ବର୍ଷର ମୋଟ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ରାଶି ୯୦ ବିଲିୟନ ଡଲାର ଛୁଇଁଛି। ଏହାର ପୂର୍ବ ୪ଟି ଆର୍ଥିକ ବର୍ଷରେ ଏଫ୍‌ଡିଆଇ ରାଶି ୭୦ ରୁ ୮୦ ବିଲିୟନ ଡଲାର ମଧ୍ୟରେ ସୀମିତ ରହିଥିଲା। କିନ୍ତୁ ପ୍ରଥମଥର ପାଇଁ ୨୦୨୫-୨୬ ବର୍ଷରେ ଏଫ୍‌ଡିଆଇ ବୃଦ୍ଧି ପାଇଥିବା ସେ କହିଛନ୍ତି। ଏହାଛଡ଼ା ପ୍ରଥମଥର ପାଇଁ ଏଫଡିଆଇ ରାଶି ଦେଶର ମୋଟ ଜିଡିପିର ୨ ପ୍ରତିଶତ ହୋଇଛି ବୋଲି ନାଗେଶ୍ୱରନ କହିଛନ୍ତି। ଭାରତରେ ବିଦେଶୀ ନିବେଶକମାନେ ପୁଞ୍ଜି ନିବେଶ କରିବାକୁ ଆଗ୍ରହ ଦେଖାଉନାହାନ୍ତି ବୋଲି ଅଭିଯୋଗ କରାଯାଇଥିଲା ହେଁ ଏହା ଭୁଲ୍ ପ୍ରମାଣିତ ହୋଇଛି। ବରଂ ଭାରତ ବିଦେଶୀ ପୁଞ୍ଜି ନିବେଶ ଲାଗି ଏକ ପ୍ରକୃଷ୍ଟ କ୍ଷେତ୍ର ଭାବେ ସାବ୍ୟସ୍ତ ହୋଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ତଥ୍ୟ ଅନୁସାରେ ୨୦୨୫-୨୬ ଆର୍ଥିକ ବର୍ଷର ଏପ୍ରିଲରୁ ଫେବୃଆରୀ ମଧ୍ୟରେ ୧୮.୧ ପ୍ରତିଶତ ଅଭିବୃଦ୍ଧିରେ ମୋଟ ଏଫ୍‌ଡିଆଇ ୮୮.୩ ବିଲିୟନ ଡଲାରରେ ପହଞ୍ଚିଥିଲା। ସେହିପରି ୨୦୨୪-୨୫ ତୁଳନାରେ ନିଟ୍ ଏଫଡିଆଇ ପରିମାଣ ମଧ୍ୟ ବୃଦ୍ଧି ପାଇଛି। ୨୦୨୪-୨୫ରେ ଏପ୍ରିଲରୁ ଫେବୃଆରୀ ମଧ୍ୟରେ ନିଟ୍ ରାଶି ୧.୫ ବିଲିୟନ ଡଲାର ରହିଥିଲାବେଳେ ୨୦୨୫-୨୬ରେ ସମ ଅବଧିରେ ଏହି ରାଶି ୬.୩ ବିଲିୟନ ଡଲାରକୁ ବୃଦ୍ଧି ପାଇଛି ବୋଲି କୁହାଯାଇଛି। ବିଶେଷକରି ଆମେରିକା, ଜାପାନ, ନେଦରଲାଣ୍ଡ ଏବଂ ମରିସସ୍ ଆଦି ଦେଶରୁ ସର୍ବାଧିକ ଏଫଡିଆଇ ନିବେଶ ହୋଇଛି। ଆଇଟି ଏବଂ ବ୍ୟାଙ୍କିଙ୍ଗ ଭଳି ୫ ପ୍ରମୁଖ ଗ୍ରୀନ୍ ଫିଲ୍ଡ କ୍ଷେତ୍ରରେ ସର୍ବାଧିକ ପୁଞ୍ଜି ନିବେଶ କରାଯାଇଛି।

## ୭ ପ୍ରମୁଖ କମ୍ପାନୀଙ୍କ ବଜାରପୁଞ୍ଜିରେ ୨ ଲକ୍ଷ କୋଟି ହ୍ରାସ

ମୁମ୍ବାଇ ,୨୬।୪

ଗତ ସପ୍ତାହରେ ଭାରତୀୟ ଷ୍ଟକ୍ ବଜାରର ହାରାହାରି କାରବାରକୁ ନେଇ ତଥ୍ୟ ସାମ୍ନାକୁ ଆସିଥିଲାବେଳେ ୧୦ ପ୍ରମୁଖ କମ୍ପାନୀଙ୍କ ମଧ୍ୟରୁ ୭ କମ୍ପାନୀଙ୍କ ବଜାରପୁଞ୍ଜି(ଏମ୍-କ୍ୟାପ୍)ରେ ମାତ୍ରାଧିକ ହ୍ରାସ ଘଟିଥିବା ଜଣାପଡ଼ିଛି। ଟାଟା କନ୍‌ସଲଟାନ୍ସି ସର୍ଭିସେସ୍(ଟିସିଏସ୍) ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସମେତ ୭ ପ୍ରମୁଖ କମ୍ପାନୀଙ୍କ ଏମ୍-କ୍ୟାପ୍‌ରେ ଅନ୍ୟୂନ ୨ ଲକ୍ଷ କୋଟି ଟଙ୍କାର ହ୍ରାସ ଘଟିଛି। ମିଳିଥିବା ସୂଚନା ଅନୁସାରେ, ବିଏସ୍‌ଇ ସେନ୍‌ସେକ୍ସ କାରବାରରେ ୨.୩୩ ପ୍ରତିଶତ ହ୍ରାସ ସହିତ ସେନ୍‌ସେକ୍ସ ୧୮୨୯ ପଏଣ୍ଟ ତଳକୁ ଖସିଥିଲା। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) କାରବାର ମଧ୍ୟ ୧.୮୭ ପ୍ରତିଶତ ହ୍ରାସ ଘଟି ନିଫ୍ଟିରେ ୪୫୫ ପଏଣ୍ଟ ହ୍ରାସ ଘଟିଥିଲା। କେବଳ ଦୁଇଟି ପର୍ଯ୍ୟାୟରେ କାରବାର ବୃଦ୍ଧି ପାଇଥିଲେ ହେଁ ସପ୍ତାହର ଶେଷ କାରବାର ଦିବସରେ ଉଭୟ ସୂଚକାଙ୍କରେ ମାତ୍ରାଧିକ ହ୍ରାସ ଘଟିଥିଲା।

# ଦୈନିକ ତୈଳ ଯୋଗାଣ ୧୪.୫ ନିୟୁତ ବ୍ୟାରେଲ ହ୍ରାସ

## ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବ

ଦୁବାଇ/ରିଆଦ,୨୬।୪




ପଶ୍ଚିମ ଏସିଆ ଯୁଦ୍ଧ ସ୍ଥିତିକୁ ନେଇ ବୈଶ୍ୱିକ ତୈଳ ଯୋଗାଣ ଶୃଙ୍ଖଳ ମାତ୍ରାଧିକ ପ୍ରଭାବିତ ହେବାରେ ଲାଗିଛି। ସାରା ବିଶ୍ୱରେ ହେଉଥିବା ତୈଳ ପରିବହନ ମଧ୍ୟରୁ ପ୍ରାୟ ୩୦ ଭାଗ ତୈଳ ହର୍ମୁଜ୍ ପ୍ରଣାଳୀ ଦେଇ ଉପସାଗରୀୟ ଦେଶଗୁଡିକରୁ ଅନ୍ୟ ଦେଶକୁ ଯାଉଥିଲାବେଳେ ଏବେ ହର୍ମୁଜ୍‌ରେ ଉପୁଜିଥିବା ସଙ୍କଟକୁ ନେଇ ତୈଳ ଯୋଗାଣ ଏକପ୍ରକାର ଠପ୍ ହୋଇଯାଇଛି। ଯାହାକୁ ନେଇ ଦୈନିକ ବୈଶ୍ୱିକ ତୈଳ ଯୋଗାଣରେ ୧୪.୫ ନିୟୁତ ବ୍ୟାରେଲ ହ୍ରାସ ଘଟିଛି ବୋଲି ଏ ସମ୍ପର୍କରେ କରାଯାଇଥିବା ଏକ ବିଶେଷ ଅନୁଧ୍ୟାନ ରିପୋର୍ଟରୁ ଜଣାପଡ଼ିଛି। ରିପୋର୍ଟ ଅନୁସାରେ ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପରେ ବେଳକୁ ବେଳ ସ୍ଥିତି ଖରାପ ହୋଇଥିବାରୁ ହର୍ମୁଜ୍ ପ୍ରଣାଳୀ ଦେଇ ତୈଳବାହୀ ଜାହାଜ ଚଳାଚଳ କ୍ଷେତ୍ର ସର୍ବାଧିକ ଭାବେ ବାଧାପ୍ରାପ୍ତ ହୋଇଛି। ଏହି ସାମୁଦ୍ରିକ ପଥ ଦେଇ ହାରାହାରି ଭାବେ ଯେତିକି ଜାହାଜ ଚଳାଚଳ ହୋଇଥାଏ ବର୍ତ୍ତମାନ ସେହି ସଂଖ୍ୟାରେ ୫୦ ପ୍ରତିଶତ ହ୍ରାସ ଘଟିଛି ଏବଂ ପରିବହନ କ୍ଷମତା ମଧ୍ୟ ୧୩୦ ନିୟୁତ ବ୍ୟାରେଲ ହ୍ରାସ ପାଇଛି। ଏଭଳି ସ୍ଥିତିକୁ ନେଇ ସାଉଦିଆରବ, ବାହାରିନ, କାତାର, ୟୁଏଇ ଏବଂ ଓମାନ ଭଳି ବହୁ ଉପସାଗରୀୟ ଦେଶର ତୈଳ ଉତ୍ପାଦନ ମଧ୍ୟ ହ୍ରାସ ପାଇଛି। ଯୁଦ୍ଧ ପୂର୍ବରୁ ହାରାହାରି ଭାବେ ଉପସାଗରୀୟ ଦେଶଗୁଡିକର ତୈଳ ଉତ୍ପାଦନ ପରିମାଣ ଦୈନିକ ୨୫.୪ ନିୟୁତ ବ୍ୟାରେଲ ରହିଥିଲାବେଳେ ଏବେ ଏହି ପରିମାଣ ୧୧ ନିୟୁତ ବ୍ୟାରେଲକୁ ହ୍ରାସ ପାଇଛି। ଯାହାକୁ ନେଇ ଅନ୍ତର୍ଜାତୀୟ ତୈଳ ବଜାରରେ ଦିନକୁ ଦିନ ସଙ୍କଟ ବଢ଼ିଚାଲିଛି ଏବଂ ଅଶୋଧିତ ତୈଳ ମୂଲ୍ୟ ମଧ୍ୟ ବୃଦ୍ଧି ପାଇଚାଲିଛି।

## ରାଜ୍ୟ

# ଚିଲିକା ନଳଘାସରେ ନିଆଁ

ଟାଙ୍ଗୀ,୨୬।୪(ରଘୁନାଥ ସାହୁ)



ଚିଲିକା କୂଳ କାଳୁପଡ଼ାଘାଟ ନିକଟ ନଳଘାସରେ ରବିବାର ଅଗ୍ନିକାଣ୍ଡ ଘଟିଛି। ପବନ ହେଉଥିବାରୁ ନିଆଁଧାସ ଉଡ଼ି ନିଆଁ ବ୍ୟାପିଯାଇଥିଲା। ଫଳରେ ବହୁ ବିରଳ ଫିଶିଂ କ୍ୟାଟ୍ ସହ ଜଳଚର ଜୀବ ଏବଂ ପକ୍ଷୀ ପୋଡ଼ିଯାଇଥିବା ଅନୁମାନ କରାଯାଉଛି। ସୂଚନା ମୁତାବକ, ଚିଲିକା କାଳୁପଡ଼ାଘାଟ ନିକଟରେ ଏକର ଏକର ନଳଘାସ ମାଡ଼ିଯାଇଛି। ପ୍ରଚଣ୍ଡ ଖରା ଯୋଗୁ ଏହି ଘାସସବୁ ଶୁଖିଯାଇଛି। ଏଥିରେ କେହି ବ୍ୟକ୍ତି ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ଖବରପାଇ ଟାଙ୍ଗୀ ଅଗ୍ନିଶମ ବାହିନୀ ଏବଂ ବନପ୍ରାଣୀ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ବୋଲି ବାଲୁଗାଁ ବନ୍ୟପ୍ରାଣୀ ଡିଏଫ୍‌ଓ ଅମ୍ଲାନ୍ ନାୟକ କହିଛନ୍ତି। ତେବେ ନିଆଁ କିପରି ଲାଗିଲା, ସେନେଇ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି।

# ହାତୀ ଆକ୍ରମଣରେ ଗଲା ୨ ଜୀବନ

ଢେଙ୍କାନାଳ/ଟାଙ୍ଗୀ,୨୬।୪
(ରତନ ନାୟାର/ରଘୁନାଥ ସାହୁ)

ହାତୀ ଆକ୍ରମଣରେ ରବିବାର ପୃଥକ୍ ସ୍ଥାନରେ ଦୁଇ ଜଣଙ୍କ ଜୀବନ ଯାଇଛି। ସେମାନେ ହେଲେ ଢେଙ୍କାନାଳ ଜିଲା ସଦର ଥାନା ଅଧୀନ ଭାଲିଆବୋଲକାଟେଣୀ ପଞ୍ଚାୟତର ସଂସାଇଲୋ ନିକଟସ୍ଥ ସରଦେଇପୁର ଗ୍ରାମର ଗୀତାଞ୍ଜଳି ସାହୁ(୫୮) ଏବଂ ଖୋର୍ଦ୍ଧା ବନଖଣ୍ଡ ଅଧୀନ ଟାଙ୍ଗୀ ବନାଞ୍ଚଳ ଅରିସଲ ଗ୍ରାମର ପ୍ରଫୁଲ୍ଲ ମହାପାତ୍ର(୭୫)।

ସୂଚନା ମୁତାବକ, ଢେଙ୍କାନାଳ ଜିଲା ସଦର ଥାନା ଅଧୀନ ସରଦେଇପୁର ଗ୍ରାମର ବ୍ରଜବନ୍ଧୁ ସାହୁଙ୍କ ସ୍ତ୍ରୀ ଗୀତାଞ୍ଜଳି ରବିବାର ଭୋର ସାଢ଼େ ୪ଟାରେ ନିକଟସ୍ଥ ଆମ୍ବତୋଟାକୁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଏହି ଘଟଣାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଘଟଣା ସ୍ଥଳରେ ପହଞ୍ଚିଥିବା ସଦର ରେଞ୍ଜ ଅଧିକାରୀ ଓ କର୍ମଚାରୀମାନଙ୍କୁ ଗ୍ରାମବାସୀ ବହୁ ସମୟଧରି ଘେରିଥିଲେ। ଉକ୍ତ ଅଞ୍ଚଳରେ ହାତୀ ଉପଦ୍ରବ ବଢୁଥିବାରୁ ତୁରନ୍ତ ସୋଲାର ଲାଇଟ୍ ଲଗାଇବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ଦାବି କରିଥିଲେ ।

ସେହିପରି ଖୋର୍ଦ୍ଧା ବନଖଣ୍ଡ ଅଧୀନ ଟାଙ୍ଗୀ ବନାଞ୍ଚଳ ଅରିସଲ ଗ୍ରାମର ପ୍ରଫୁଲ୍ଲ ନିକଟସ୍ଥ ଜଙ୍ଗଲକୁ କାଜୁ ମଞ୍ଜି ସଂଗ୍ରହ ପାଇଁ ଯାଇଥିବା ବେଳେ ହଠାତ୍ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଚାନ୍ଦପୁର ବସନ୍ତ ମଞ୍ଜରୀ ମେଡିକାଲ ପଠାଇଥିଲେ। କୁକୁଡ଼ାଝରି ପେଟ୍ରୋଲ ପମ୍ପ ନିକଟରେ ଉକ୍ତ ଆମ୍ବୁଲାନ୍ସ ପଛକୁ ଯାତ୍ରୀବାହୀ ବସ୍ ଧକ୍କା ଦେଇଥିଲା। ପରବର୍ତ୍ତୀ ସମୟରେ ପ୍ରଫୁଲ୍ଲଙ୍କୁ ଉକ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଅନ୍ୟପଟେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଢେଙ୍କାନାଳରୁ ଦଶେରୀ ଓ ଲେଙ୍ଗେଡ଼ା ଆମ୍ବ ଉତ୍ତରପ୍ରଦେଶ ଗଲା



ଢେଙ୍କାନାଳର ଦଶେରୀ ଓ ଲେଙ୍ଗେଡା ଆମ୍ବ।

ଢେଙ୍କାନାଳ,୨୬।୪(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନୂଆ ନାଗେନାସ୍ଥିତ ସମ୍ବିତ ଇକୋ ଗାର୍ଡେନରୁ ରବିବାର ଦଶେରୀ ଓ ଲେଙ୍ଗେଡ଼ା ଜାତୀୟ ଆମ୍ବ ଉତ୍ତରପ୍ରଦେଶ ଗଲା । ଦଶେରୀ ଓ ଲେଙ୍ଗେଡ଼ା ଆମ୍ବକୁ ମିଶାଇ ମୋଟ ୩ ଟନ୍ ଆମ୍ବ ଉତ୍ତରପ୍ରଦେଶ ପଠାଯାଇଥିବା ପୂର୍ବତନ ବିଧାୟକ ନବୀନ ନନ୍ଦ ସୂଚନା ଦେବା ସହିତ ସୋସିଆଲ ମିଡିଆରେ ଏହାକୁ ପୋଷ୍ଟ କରିଥିବା ଦେଖାଯାଇଛି। ଏକ ଘରୋଇ ବ୍ୟବସାୟିକ ସଂସ୍ଥା ମାଧ୍ୟମରେ ସମ୍ବିତ ଇକୋ ଗାର୍ଡେନରୁ ଦଶେରୀ ଓ ଲେଙ୍ଗେଡ଼ା ଆମ୍ବ ଉତ୍ତରପ୍ରଦେଶ ପଠାଯାଇଛି। ଗତବର୍ଷ ମଧ୍ୟ ଢେଙ୍କାନାଳର ଆମ୍ବ ଭାରତର ବିଭିନ୍ନ ରାଜ୍ୟ ସମେତ ଇଟାଲି ଓ ଜର୍ମାନୀକୁ ରପ୍ତାନୀ ହୋଇଥିବା ଜଣାପଡିଛି। ଢେଙ୍କାନାଳ ଆମ୍ବ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବହୁ ଦିନରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ସଦର ବ୍ଲକ ଗୋବିନ୍ଦପୁରଠାରେ ମ୍ୟାଙ୍ଗୋ ହବ୍ ଓ ପନିପରିବା ସଂରକ୍ଷଣ ପାଇଁ ପୁଣିଥରେ କାର୍ଯ୍ୟକ୍ଷମ ହୋଇଛି ।

# ସୂର୍ଯ୍ୟ ଉପାସନା ଅନ୍ଧାରରୁ ଆଲୋକକୁ ଯାତ୍ରା

ଡ. ସୁରେନ୍ଦ୍ର କୁମାର ମିଶ୍ର




ଗତସଂଖ୍ୟାରେ ଅଦ୍ଭୁତ ଶିଳ୍ପକଳାର ଚାତୁରୀ କେମିତି ପୁଲକିତ କରିଥିବ ସମସ୍ତଙ୍କୁ ତାହାର ସୂଚନା ଦେଇଥିଲୁ। ପ୍ରଥମ ସୂର୍ଯ୍ୟ କିରଣ ଶ୍ରୀଆଦିତ୍ୟ ବିଗ୍ରହଙ୍କୁ ଛୁଇଁବା ପରେ ବନ୍ଦାପନା ପର୍ବ ଆରମ୍ଭ ହୋଇଥିଲା। ସେତେବେଳେ ମନ୍ଦିରର ଉଚ୍ଚତା କେତେ ଥିଲା? ଆମେ ଜାଣିଛେ ଶ୍ରୀଲିଙ୍ଗରାଜ ମନ୍ଦିରର ଉଚ୍ଚତା ୧୨୭ ଫୁଟ ୧ ଇଞ୍ଚ। ଶ୍ରୀଜଗନ୍ନାଥ ମନ୍ଦିରର ଉଚ୍ଚତା ୨୧୪ ଫୁଟ ୮ ଇଞ୍ଚ (ବଡ଼ଦାଣ୍ଡ ଉପରୁ)। ତେବେ ଶ୍ରୀପଦ୍ମକେଶର ମନ୍ଦିରର ଉଚ୍ଚତା ୨୩୦ ଫୁଟ ବୋଲି ପଣ୍ଡିତ କୃପାସିନ୍ଧୁ ମିଶ୍ର ଆକଳନ କରିଥିଲେ। ସେ ଆନୁଷଙ୍ଗିକ ଦୃଷ୍ଟିକୋଣରୁ ବିଚାର କରିଛନ୍ତି। ମାଦଳା ପାଞ୍ଜି ଅନୁଯାୟୀ ମନ୍ଦିର କଳସ ୨୫ଫୁଟ ଉଚ୍ଚ ଥିଲା। ୧୯୦୩-୦୪ ମସିହାରେ ପ୍ରତ୍ନତତ୍ତ୍ୱ ବିଭାଗ ପ୍ରକାଶ କଲେ କଳସର ଉଚ୍ଚତା ଥିଲା ୨୫ଫୁଟ। ସେହିପରି ମାଦଳା ପାଞ୍ଜି ମତରେ ମୁଖଶାଳାର ଉଚ୍ଚତା ୧୨୭ଫୁଟ ୯ ଇଞ୍ଚ (ଅବଶ୍ୟ ଏହା କାଠି ମାପ)। ପଣ୍ଡିତ ମହାଶୟ ହିସାବ କରି ୧୪୫ ଫୁଟ ବୋଲି ଅନୁମାନ କରିଛନ୍ତି।

ଲାଙ୍ଗୁଳା ନରସିଂହ ଦେବଙ୍କ ପୂର୍ବରୁ କେଶରୀ ବଂଶର ୩୦ତମ ରାଜା ପୁରନ୍ଦର କେଶରୀ ସୂର୍ଯ୍ୟଙ୍କ ମନ୍ଦିର ପ୍ରତିଷ୍ଠା କରାଇଥିଲେ। ଆମେ ଏହାକୁ ସୂର୍ଯ୍ୟଙ୍କର କୋଣାର୍କଠାରେ ଦ୍ୱିତୀୟ ମନ୍ଦିର କହୁଛୁ। ତା' ପୂର୍ବର ମନ୍ଦିର ନିର୍ମାଣ ଐତିହ୍ୟ ବିଶେଷତଃ ଶାମ୍ବଙ୍କ ପରେ ପୁରନ୍ଦର କେଶରୀଙ୍କ ମଧ୍ୟବର୍ତ୍ତୀ କାଳଖଣ୍ଡର ଦସ୍ତାବିଜ ମିଳୁ ନାହିଁ। ଶାସ୍ତ୍ରୀୟ ପ୍ରମାଣ ଆମେ ପାଉନାହୁଁ। ପୁରୀରେ ପରିଦୃଶ୍ୟମାନ ଶ୍ରୀମନ୍ଦିର ହେଉଛି ମହାପ୍ରଭୁଙ୍କର ଅଷ୍ଟମ ମନ୍ଦିର। ଇତିହାସ ଓ ଶାସ୍ତ୍ର ଉଭୟକୁ ଆମେ ବିଚାରକୁ ନେଇଛୁ। କିନ୍ତୁ ସେପରି ଶାସ୍ତ୍ରୀୟ ମତ କୋଣାର୍କ ସମ୍ବନ୍ଧରେ ମିଳୁନାହିଁ। ପଣ୍ଡିତ କୃପାସିନ୍ଧୁ ମିଶ୍ର ମଧ୍ୟ ସ୍ପଷ୍ଟ ମତ ଦେଇଛନ୍ତି- x x x ଲୋକପ୍ରବାଦଠାରୁ ଆରମ୍ଭ କରି ଅନୁଶାସନ ପର୍ଯ୍ୟନ୍ତ ସମସ୍ତ ପ୍ରମାଣ ଉପରେ ସମାନ ଆସ୍ଥା ରଖି ବିଷୟର ସତ୍ୟାସତ୍ୟ ନିରୂପଣ କରିବାକୁ ହେବ।

ବାସ୍ତବରେ ଶ୍ରୀସୂର୍ଯ୍ୟଙ୍କ ଉପାସନା ଭାରତରେ "ସୌର ଉପାସନା ଭାବରେ ଖ୍ରୀ.ପୂ. ପାଞ୍ଚହଜାର ବର୍ଷ ପୂର୍ବରୁ ଥିଲା। ସୂର୍ଯ୍ୟଙ୍କୁ ସକଳ ଶକ୍ତିର ଆଧାର ରୂପେ ସନାତନ ପରମ୍ପରାରେ ଗ୍ରହଣ କରାଯାଏ। ଏପରିକି 'ପ୍ରଜାପତି' ଶବ୍ଦରେ ତାଙ୍କୁ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି।" 'ନମଃ ସବିତ୍ରେ



ଶ୍ରୀପଦ୍ମକେଶର ମନ୍ଦିରର ବହୁଚର୍ଚ୍ଚିତ ମୁଖଶାଳା। (ଫଟୋ: ଜ୍ୟୋତିରାଜ ମହାନ୍ତି, କୋଣାର୍କ)

ଜଗଦେବ ଚକ୍ଷୁଷେ ଜଗତ୍ ପ୍ରସୂତି- ସ୍ଥିତି- ନାଶ- ହେତବେ...' ସନାତନୀୟ ସ୍ରୋତ ସମ୍ବନ୍ଧରେ ଅନଭିଜ୍ଞ ଲେଖକ କୋଣାର୍କ ମନ୍ଦିର ଇତିହାସ ଲେଖିଲେ ଯାହା ହେବା କଥା ତାହା ହୋଇଛି। ସେମାନେ 'ଆଦିତ୍ୟ' ଶବ୍ଦର ଅର୍ଥ- ଯାହାର ଅନ୍ତ ନାହିଁ... ଏ ରହସ୍ୟ ଭେଦ କରିପାରି ନାହାନ୍ତି।

ସୂର୍ଯ୍ୟଙ୍କୁ 'ହିରଣ୍ୟଗର୍ଭ' କୁହାଯାଇଛି। ସାଧାରଣ ଅର୍ଥ- ସୁନାର କୋଳରୁ ଜଗତ ଜନ୍ମ। ଏହାର ରହସ୍ୟମୟ ଅର୍ଥ ମଧ୍ୟ ଅଛି। ସୂର୍ଯ୍ୟଙ୍କୁ ମିତ୍ର କୁହାଯାଏ। ସେଇ ମିତ୍ରଙ୍କ ତପକୁ ଋଷିମାନେ ତପସ୍ୟାରେ ପରିଣତ କରିଥାନ୍ତି। ସୂର୍ଯ୍ୟଙ୍କ ଉପାସନା ହେଉଛି ଅନ୍ଧାରରୁ ଆଲୋକକୁ ଯାତ୍ରା। ତମସୋ ମା ଜ୍ୟୋତିର୍ଗମୟ। ସୂର୍ଯ୍ୟଙ୍କୁ ସନାତନ ପରମ୍ପରାରେ ସବୁଠାରୁ ବଡ଼ 'ଗୁରୁ'ର ମର୍ଯ୍ୟାଦା ଦିଆଯାଏ। ସବୁଠାରୁ ବଡ଼ ବୈଦ୍ୟ ହେଉଛନ୍ତି ସୂର୍ଯ୍ୟ। ସୂର୍ଯ୍ୟ ହିଁ ଆମର ଜଠରାଗ୍ନି। ସୂର୍ଯ୍ୟ ହେଉଛନ୍ତି ଜ୍ଞାନର ଭାବ। ସୂର୍ଯ୍ୟ ହିଁ ଅସ୍ତିତ୍ୱର ସତ୍ୟ, କଳ୍ପନାର ନୁହେଁ। ସୂର୍ଯ୍ୟଙ୍କ ଚକ୍ର ହିଁ ସାତଚକ୍ରର ପ୍ରତୀକ। ସାତ ରଙ୍ଗର ପ୍ରତୀକ। ଇନ୍ଦ୍ରିୟର ପ୍ରତୀକ। ତାନ୍ତ୍ରିକ ଯୋଗୀଙ୍କ ମତରେ ସୂର୍ଯ୍ୟଙ୍କର ସକାଳ କିରଣ ସହସ୍ରାର ଚକ୍ରକୁ ଜାଗ୍ରତ କରେ।

## ସୂର୍ଯ୍ୟଙ୍କର ସକାଳ କିରଣ ସହସ୍ରାର ଚକ୍ରକୁ ଜାଗ୍ରତ କରେ

ସୂର୍ଯ୍ୟଙ୍କର ପ୍ରଥମ କିରଣ କୋଣାର୍କଠାରେ ପ୍ରତିଷ୍ଠିତ ଶ୍ରୀଆଦିତ୍ୟଙ୍କୁ ସ୍ପର୍ଶ କରିବାର ରହସ୍ୟ ସହସ୍ରାର ଚକ୍ରକୁ ଜାଗ୍ରତ କରିବାର ପ୍ରତିକଳ୍ପ ବିଧାନ। ଚେତନାକୁ ଉପରକୁ ଉଠାଇବା।

ଏହି ପ୍ରସଙ୍ଗରେ 'ଆଦିତ୍ୟହୃଦୟ' ସ୍ମରଣୀୟ। ଋଷି ଅଗସ୍ତ୍ୟ କହିଥିଲେ ଶ୍ରୀରାମଙ୍କୁ, ଆଦିତ୍ୟଙ୍କୁ ହୃଦୟରେ ଧାରଣ କର। ଶରୀର ମନ୍ଦିରରେ ସମାହିତ କର। ସେ ମାଟିରୁ ଆକାଶ ପର୍ଯ୍ୟନ୍ତ ବ୍ୟାପ୍ତ। ଜୀବନକୁ ସେ ହିଁ ଜୀବନ୍ତ କରିଥାନ୍ତି। ଜୀବନ୍ତ କରିବାର ମାନେ ହେଉଛି ବ୍ରହ୍ମାଣ୍ଡର ଗତି ସହିତ ନିଜ ଗତିକୁ ଏକାକାର କରିବା। ତାହା ହେଲେ ନିଜକୁ ଅନ୍ୟ ପ୍ରତି ସମର୍ପିତ କରିହେବ।

ସୂର୍ଯ୍ୟଙ୍କ କିରଣ 'ବୀଜ'କୁ ଅଙ୍କୁରିତ କରେ, ଯେମିତି ମଣିଷ ଭିତର ଇନ୍ଦ୍ରିୟକୁ ଅଙ୍କୁରିତ କରେ। ସୂର୍ଯ୍ୟ ଉପାସନାର ରହସ୍ୟ ବ୍ରହ୍ମପୁରାଣ ସ୍ପଷ୍ଟ କରିଛନ୍ତି। ଓଡ୍ରଦେଶର ବ୍ରାହ୍ମଣମାନେ ଦକ୍ଷିଣ ସମୁଦ୍ର କୂଳରେ ସୂର୍ଯ୍ୟଙ୍କୁ ଆଧାର କରି ବେଦ, ଇତିହାସ ଓ ପୁରାଣ ଶାସ୍ତ୍ରରେ ପାରଙ୍ଗମ। ଯଜ୍ଞାଦି କାର୍ଯ୍ୟରେ ଲିପ୍ତ ଅଛନ୍ତି। ସତରେ ଓଡ଼ିଆମାନେ କେଉଁ ପୁରାତନ କାଳରୁ ସୂର୍ଯ୍ୟଙ୍କ ରହସ୍ୟ ବୁଝିଥିଲେ!

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏମ୍‌ବିଏ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ

## ପାଚେରି ଡେଇଁ ଘରେ ପଶିଥିବା ବୃଦ୍ଧ ଗିରଫ

ଭୁବନେଶ୍ୱର/ଯାଁଳା,୨୬।୪
(ପ୍ରସନଜିତ୍ ସାହୁ/ବୁଲା ବାରିକ)

ଭୁବନେଶ୍ୱର ଇନ୍‌ଫୋଭ୍ୟାଲି ଥାନାଞ୍ଚଳରେ ଘର ଭଡ଼ା ନେଇ ରହୁଥିବା ଜଣେ ଏମ୍‌ବିଏ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ଶୁକ୍ରବାର ରାତିରେ ଘଟିଥିବା ଏହି ଲଜ୍ଜାଜନକ ଘଟଣାରେ ସମ୍ପୃକ୍ତ ଜଣେ ବୃଦ୍ଧଙ୍କୁ ରବିବାର ପୋଲିସ ଗିରଫ କରିବା ପରେ ଘଟଣା ପଦାକୁ ଆସିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ଗଙ୍ଗପଡା ମଝିସାହିର ଦୀପକ ପ୍ରଧାନ (୬୭)। ପୋଲିସ ସୂଚନାନୁସାରେ, ଛତିଶଗଡ଼ ଅଞ୍ଚଳର ପୀଡିତା ଏଠାରେ ଅନ୍ୟ କେତେଜଣ ସାଙ୍ଗଙ୍କ ସହ ମେସ୍ କରି ରହିବା ସହ ସ୍ଥାନୀୟ ଏକ ବୈଷୟିକ ଶିକ୍ଷାନୁଷ୍ଠାନରେ ଏମ୍‌ବିଏ ପଢୁଥିଲେ। ପୀଡ଼ିତା ରହୁଥିବା ଘର ନିକଟରେ ଅଭିଯୁକ୍ତ ଦୀପକଙ୍କ ଗ୍ରୋସରି ଦୋକାନ ରହିଛି। ଛାତ୍ରୀମାନେ ତାଙ୍କ ଦୋକାନରୁ ଜିନିଷପତ୍ର କିଣାକିଣି କରିବା ଭିତରେ ଚିହ୍ନା ପରିଚୟ ହୋଇଥିଲା। ଦୀପକ ସେମାନଙ୍କ ସହ ଥଟା ତାମସା କରୁଥିଲେ ମଧ୍ୟ ବୟସାଧିକ କାରଣରୁ ତାଙ୍କ କଥାକୁ କୌଣସି ଛାତ୍ରୀ ଗୁରୁତ୍ୱ ଦିଅନ୍ତି ନାହିଁ। ହେଲେ ଛାତ୍ରୀମାନଙ୍କ ପ୍ରତି ବୃଦ୍ଧ ଦୀପକଙ୍କର ଖରାପ ନଜର ରହିଥିଲା। ପରୀକ୍ଷା ସରିଥିବାରୁ ଅନ୍ୟ ଛାତ୍ରୀମାନେ ଘରକୁ ଚାଲି ଯାଇଥିଲେ। ବାହାର ରାଜ୍ୟର ହୋଇଥିବାରୁ ପୀଡ଼ିତା ଛାତ୍ରୀ ଜଣକ ଘରକୁ ଯାଇ ନ ପାରି ଏକୁଟିଆ ଥିଲେ। ଶୁକ୍ରବାର ରାତି ପ୍ରାୟ ୯ଟାରେ ପାଚେରି ଡେଇଁ ଉକ୍ତ ଘରେ ପଶି ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ପୀଡିତାଙ୍କ ଚିତ୍କାର ଶୁଣି ପଡ଼ୋଶୀ ଲୋକେ ଚାଲିଆସିବାରୁ ଦୀପକ ଚମ୍ପଟ ମାରିଥିଲେ।

# ମେ'ରେ ସିଜିମାଳି ଖଣି ପ୍ରଭାବିତ ଅଞ୍ଚଳରେ ଯୁବ କଂଗ୍ରେସର ପଦଯାତ୍ରା



ସତ୍ୟାଗ୍ରହ ଉଦ୍‌ଯାପନ ବେଳେ ଉପସ୍ଥିତ ଯୁବ କଂଗ୍ରେସ ନେତାମାନେ।

## ଯୋଗଦେବେ ଜାତୀୟ କଂଗ୍ରେସର ବରିଷ୍ଠ ଓ ଯୁବନେତା

ରାୟଗଡ଼ା,୨୬।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ସିଜିମାଳି ଅଞ୍ଚଳର କଣ୍ଟାମାଳ ଗ୍ରାମରେ ଗ୍ରାମବାସୀଙ୍କ ଉପରେ ପୋଲିସର ଅତ୍ୟାଚାରକୁ ନେଇ ଶନିବାର ଜାତୀୟ ଯୁଥ୍ କଂଗ୍ରେସ ସଭାପତି ଉଦୟଭାନ୍ ଚିବ୍‌ଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ୨୪ ଘଣ୍ଟିଆ ସତ୍ୟାଗ୍ରହ ରବିବାର ଉଦ୍‌ଯାପିତ ହୋଇଛି। ଅଞ୍ଚଳବାସୀଙ୍କ ଉପରେ କମ୍ପାନୀ ଓ ପୋଲିସର ଅତ୍ୟାଚାରକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ଯୁବ କଂଗ୍ରେସ। ଜିଲା ଯୁବ କଂଗ୍ରେସ ସଭାପତି କହିଛନ୍ତି ଯେ, ସିଜିମାଳି ଖଣି ଖନନ ପ୍ରତିବାଦରେ ଆସନ୍ତା ମେ'ରେ ସିଜିମାଳିରୁ ଯୁବ କଂଗ୍ରେସର ପଦଯାତ୍ରା ଆରମ୍ଭ ହେବ। ଏହି ପଦଯାତ୍ରାରେ ଅଖିଳ ଭାରତୀୟ କଂଗ୍ରେସ ଦଳର ବହୁ ବରିଷ୍ଠ ଓ ଯୁବନେତା ଯୋଗଦେବେ। ଉଭୟ ରାୟଗଡ଼ା ଓ କଳାହାଣ୍ଡି ଜିଲାର ସିଜିମାଳି ଖଣି ପ୍ରଭାବିତ ଅଞ୍ଚଳରେ ଏହି ପଦଯାତ୍ରା ହେବା ସହିତ ସିଜିମାଳି ଖଣି ଖନନକୁ କଂଗ୍ରେସ ଦୃଢ଼ ବିରୋଧ କରିବ ବୋଲି ଜଣାପଡ଼ିଛି। ସତ୍ୟାଗ୍ରହ ଉଦ୍‌ଯାପନୀ ବେଳେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଭବାନୀ ଶଙ୍କର ଜେନା, ରାୟଗଡ଼ା ବିଧାନସଭାର ଯୁବ କଂଗ୍ରେସ ଉପସଭାପତି ଅଶୋକ ପୁଆଲା, ଜାତୀୟ ଯୁବ କଂଗ୍ରେସ ପକ୍ଷରୁ ଜାତୀୟ ଇନଚାର୍ଜ ମନୀଷ ଶର୍ମା, ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ଉଦୟଭାନ୍ ଚିବ୍, ଓଡ଼ିଶା ଇନଚାର୍ଜ ମହେଶ ଦେଶମୁଖ, ସହକାରୀ ଇନଚାର୍ଜ ରେହାନା ରାଜ୍ଜୁଜୀ ଏବଂ ଖୁସି ଟିଗାଜି ପ୍ରମୁଖ ଉପସ୍ଥିତ ଥିଲେ।

# ଶିମିଳିପାଳରେ ନୂଆ ଅତିଥି ମହାରାଷ୍ଟ୍ରର ମହାବଳ

## ୧୫୦୦ କି.ମି. ଚାଲି ଚାଲି ପହଞ୍ଚିଲା

ବାରିପଦା,୨୬।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନରେ ନୂଆ ଅତିଥି ମହାରାଷ୍ଟ୍ରର ମହାବଳ ବାଘ। ଦୀର୍ଘ ୧୫ଶହ କି.ମି. ଦୂରରୁ ବିଭିନ୍ନ ଜଙ୍ଗଲ ଦେଇ ଚାଲି ଚାଲି ଶିମିଳିପାଳରେ ପହଞ୍ଚିଛି। ବାଘଗଣତି ପାଇଁ ଲାଗିଥିବା ସିସିଟିଭି ଫୁଟେଜରୁ ମହାବଳର ସ୍ଥିତି ଜଣାପଡିଛି ବୋଲି ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ତଥା ବାରିପଦା ସେକ୍ସନ ସର୍କଲର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି। ମହାବଳ ବାଘର ବୟସ ପାଖାପାଖି ୪ରୁ ୫ବର୍ଷ ହୋଇଥିବା ଅନୁମାନ କରାଯାଇଛି।

ତେବେ ଏ ବାଘକୁ ଜିନତ ଓ ଯମୁନା ଭଳି ବନବିଭାଗ ଆଣିନାହିଁ। ଏହି ଘଟଣା ୪ମାସ ତଳେ ଜଣାପଡିଥିଲେ ହେଁ, ରବିବାର ସମସ୍ତ ଘଟଣା ପଦାକୁ ଆସିଛି। ରାଜ୍ୟ ବନ ଉନ୍ନୟନ ନିଗମ ନିର୍ଦ୍ଦେଶକ ତଥା ପରିବେଶବିତ୍ ଭାନୁମିତ୍ର ଆଚାର୍ଯ୍ୟଙ୍କ କହିବାନୁଯାୟୀ ଶିମିଳିପାଳକୁ ବାହାର ରାଜ୍ୟରୁ ଏକ ପ୍ରାପ୍ତବୟସ୍କ ବାଘ ଚାଲିଚାଲି ଆସିବା ଶୁଭସଙ୍କେତ। ଆଗରୁ ମଧ୍ୟ ବାଘ ମାଇଗ୍ରେଣ୍ଟ ଖବର ସାମ୍ନାକୁ ଆସିଛି। ତେବେ ଅନୁମାନ କରାଯାଉଛି ଏହି ବାଘଟି ମହାରାଷ୍ଟ୍ରରୁ ଆସିଥାଇପାରେ। ସେହିପରି ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ଡ. ଗୋଗିନେନୀଙ୍କ କହିବା ଅନୁଯାୟୀ, ବାହାରୁ ବାଘ ଆସିବା ଘଟଣା ସତ୍ୟ। ଗତବର୍ଷ ଅଗଷ୍ଟ, ସେପ୍ଟେମ୍ବରରେ ଏକ ମହାବଳ ବାଘ ଛତିଶଗଡ ପଟୁ ସୁନ୍ଦରଗଡ ଜିଲାର ବଣାଇ ଜଙ୍ଗଲ ଦେଇ ଦେବଗଡ଼, ଢେଙ୍କାନାଳ-କାମାକ୍ଷାନଗର ଦେଇ ଡିସେମ୍ବର ଜାନୁଆରୀରେ ଶିମିଳିପାଳକୁ ପ୍ରବେଶ କରିଥିଲା। ଏହା ଏକ ପ୍ରାପ୍ତବୟସ୍କ ଅଣ୍ଡିରା ବାଘ। ଡିସେମ୍ବରରେ ପୁଣିଥରେ କ୍ୟାମେରା ଲାଗିବା ପରେ ଏହି ବାଘର ଆଗାମୀ ସୂଚନା ମିଳିପାରିବ।

ସୂଚନାଯୋଗ୍ୟ, ଶିମିଳିପାଳରେ କଳାବାଘ ଜେନେଟିକ ପରିବର୍ତ୍ତନ ପାଇଁ ସରକାର ପଦକ୍ଷେପ ସ୍ୱରୂପ ମହାରାଷ୍ଟ୍ରରୁ ୨ଟି ବାଘୁଣୀ ଜିନତ ଓ ଯମୁନା ଆଣିଥିଲେ। ସେମାନେ ଏବେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପରିଧି ଅଞ୍ଚଳରେ ଅଛନ୍ତି। ସେହିପରି ଗତ ଗଣନା ଅନୁସାରେ ଶିମିଳିପାଳରେ ବର୍ତ୍ତମାନ ଏମାନଙ୍କୁ ଛାଡି ୩୯ଟି ମହାବଳ ବାଘ ଅଛନ୍ତି। ତନ୍ମଧ୍ୟରୁ ୧୪ଟି କଳା ବାଘ ଓ ୧୨ଟି ଶାବକ ରହିଛନ୍ତି।


## ବାସ୍ତୁ ଶାସ୍ତ୍ରରେ (Ph.D)


ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ହରିପୁର ଗ୍ରାମର ପ୍ରତିଭାଶାଳୀ ଯୁବକ ଶ୍ରୀ ଅରବିନ୍ଦ ସାମଲ ବାସ୍ତୁ ଶାସ୍ତ୍ରରେ ପିଏଚ୍.ଡି. (Ph.D.) ଡିଗ୍ରୀ ସଫଳତାର ସହ ଅର୍ଜନ କରି ଜିଲ୍ଲା ପାଇଁ ଗର୍ବର କାରଣ ହୋଇଛନ୍ତି। ସେ ସନ୍ୟାସୀ ଚରଣ ସାମଲଙ୍କ ପୁତ୍ର। ଶ୍ରୀ ସାମଲ କୋଲକାତାସ୍ଥିତ Institute of Oriental Studies and Researchଠାରୁ ଏହି ଉଚ୍ଚତମ ଶିକ୍ଷା ଅର୍ଜନ କରିଛନ୍ତି। ତାଙ୍କ ଗବେଷଣା ବିଷୟ ଥିଲା- Directional Influence in Colour Therapy: A Vastu and Energy Perspective. ଏହି ଗବେଷଣା କାର୍ଯ୍ୟ ଡ. ସୁଧାକର ମିଶ୍ର, ଡ. ଦୀପ୍ତିରଞ୍ଜନ ପଣ୍ଡା ଓ ଡ. ତପସ୍ୱିନୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ତା୨୫।୦୪।୨୦୨୬ରିଖ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆୟୋଜିତ ଏକ ଗମ୍ଭୀର କାର୍ଯ୍ୟକ୍ରମରେ ମାନ୍ୟବର ଆଇନ ମନ୍ତ୍ରୀ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ ଓ ଓଡ଼ିଶା ବିଧାନସଭା ଅଧ୍ୟକ୍ଷା ଶ୍ରୀମତୀ ସୁରମା ପାଢ଼ୀଙ୍କ ପବିତ୍ର ହସ୍ତରେ ତାଙ୍କୁ ପ୍ରମାଣପତ୍ର (Ph.D) ଓ "ବାସ୍ତୁ ରତ୍ନ" ଉପାଧି ପ୍ରଦାନ କରାଯାଇଥିଲା। ତାଙ୍କର ଏହି ସଫଳତା ପାଇଁ ପରିବାର, ଆତ୍ମୀୟସ୍ୱଜନ ଓ ଅଞ୍ଚଳବାସୀମାନେ ହୃଦୟପୂର୍ଣ୍ଣ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ସେ ନିଜ ପିତା, ମାତା, ପରିବାରବର୍ଗ ସହିତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦକୁ ପୂରା ଶ୍ରେୟ ଦେଇଛନ୍ତି।
ଧ-୨୧୦

## ବାସ୍ତୁ ଶାସ୍ତ୍ରରେ (Ph.D)


ଶ୍ରୀ ଦେବଦତ୍ତ ବେହେରା ବାସ୍ତୁ ଶାସ୍ତ୍ରରେ (Ph.D.) ଡିଗ୍ରୀ Institute of Oriental Studies and Research, Kolkataଠାରୁ ସଫଳତାର ସହ ଅର୍ଜନ କରିଛନ୍ତି। ସେ ଡ. ସୁଧାକର ମିଶ୍ର, ଡ. ଦୀପ୍ତିରଞ୍ଜନ ପଣ୍ଡା ଓ ଡ. ତପସ୍ୱିନୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Remedial Vastu for the Southwest Direction" ଶୀର୍ଷକ ଉପରେ ଗବେଷଣା କରୁଥିଲେ। ଏହି ଅବସରରେ ତା୨୫।୦୪।୨୦୨୬ରିଖ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ଅଧ୍ୟକ୍ଷା ଶ୍ରୀମତୀ ସୁରମା ପାଢ଼ୀ ଓ ମାନ୍ୟବର ଆଇନ ମନ୍ତ୍ରୀ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନଙ୍କ ପବିତ୍ର ହସ୍ତରେ ତାଙ୍କୁ ପ୍ରମାଣପତ୍ର (Ph.D) ଓ "ବାସ୍ତୁ ସମ୍ରାଟ" ଉପାଧି ପ୍ରଦାନ କରାଗଲା। ସେ ଭଦ୍ରକ ଜିଲ୍ଲାର ତ୍ରିକୋଣା ଗ୍ରାମର ସ୍ୱର୍ଗତ ଡ. ଯାଦବାନନ୍ଦ ବେହେରା ଓ ଶ୍ରୀମତୀ ମାଳତୀଲତା ବେହେରାଙ୍କର ସୁପୁତ୍ର ଅଟନ୍ତି। ବର୍ତ୍ତମାନ ସେ Software Engineer ସହିତ Vastu Consultant ଭାବେ କାର୍ଯ୍ୟରତ। ତାଙ୍କର ସେବା କରିବା ମନୋବୃତ୍ତି ଥିବାରୁ ସେ ଚିକିତ୍ସା ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ, ବାସ୍ତୁବିଜ୍ଞାନ ଓ ସ୍ୱର୍ଶ ଚିକିତ୍ସା ଉପରେ ଗବେଷଣା କରୁଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କ ପିତା, ମାତା, ଗୁରୁଜନ ଓ ସର୍ବୋପରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଭକ୍ତି ଅର୍ଘ୍ୟ ଅର୍ପଣ କରିଛନ୍ତି।
ଧ-୨୧୧


# ରାଜ୍ୟରେ ଅଛନ୍ତି ୮୩,୫୭୬ ଘରଚଟିଆ

ଭୁବନେଶ୍ୱର,୨୬।୪ (ବନ୍ଦନା ସେଠୀ)

**ରାତି ପାହି ଆସିବାବେଳକୁ ଏମାନଙ୍କ କିଚିରି ମିଚିରି ଶବ୍ଦ ପରିବେଶରେ ଭରି ଦେଉଥିଲା ଚଞ୍ଚଳତା। ପିଲାଠୁ ବୃଦ୍ଧ ସମସ୍ତେ ଏମାନଙ୍କୁ ଦଣ୍ଡେ ଚାହାନ୍ତୁ ବା ନ ଚାହାନ୍ତୁ ଏକ ସକାରାତ୍ମକ ଭାବ ସୃଷ୍ଟି ହେଉଥିଲା। କିନ୍ତୁ ଗତ କିଛିବର୍ଷ ହେଲା ଏଭଳି ପକ୍ଷୀଙ୍କ ବିଚରଣ ଢେର କମିଯାଇଛି। ଏମାନେ କେଉଁଠି କେମିତି ଦେଖା ଯାଉଥିବାବେଳେ ସହରାଞ୍ଚଳରେ ଏମାନଙ୍କୁ ପ୍ରାୟ ଦେଖିବାକୁ ମିଳୁନାହିଁ। ପରିବେଶରେ ସରସତା ଭରୁଥିବା ଏହି ପକ୍ଷୀ ହେଉଛନ୍ତି 'ଘରଚଟିଆ'। ଏମାନଙ୍କ ସଂରକ୍ଷଣ ତଥା ବଂଶବୃଦ୍ଧି ପାଇଁ କେତେକ ସ୍ଥାନରେ ବ୍ୟବସ୍ଥା କରାଯାଉଥିବାବେଳେ ଏ ଦିଗରେ ସଚେତନତା ମଧ୍ୟ ସୃଷ୍ଟି କରାଯାଉଛି।**

ବନ୍ୟଜନ୍ତୁ ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ୱାଇଲ୍ଡଲାଇଫ ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶାରେ ପ୍ରଥମ ଘରଚଟିଆ ଗଣନା କରାଯାଇଛି। ୨୦୨୫-୨୬ରେ କରାଯାଇଥିବା ଏହି ଗଣନା ଅନୁସାରେ, ସମଗ୍ର ରାଜ୍ୟରେ ମୋଟ ୮୩,୫୭୬ଟି ଘରଚଟିଆ ଚିହ୍ନଟ କରାଯାଇଛି। ସବୁଠାରୁ ଅଧିକ ସଂଖ୍ୟକ ଅର୍ଥାତ୍ ୩୦,୦୦୦ରୁ ଉର୍ଦ୍ଧ୍ୱ ଘରଚଟିଆ ସୋନପୁର ଜିଲାରେ ଦେଖିବାକୁ ମିଳିଛି। ସେହିପରି ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଘରଚଟିଆଙ୍କ ସଂଖ୍ୟା ଅନେକ କମ୍ ଥିବାବେଳେ ପଶ୍ଚିମ ଓଡ଼ିଶାରେ ସେମାନଙ୍କ ସଂଖ୍ୟା ଅଧିକ ରହିଥିବା ଗଣନାରୁ ଜଣାପଡ଼ିଛି।

ଏ ନେଇ ୱାଇଲ୍ଡଲାଇଫ ଫାଉଣ୍ଡେଶନର ସଂସ୍ଥାପକ ପ୍ରମୋଦ ଡାଲ କହିଛନ୍ତି, ଏହି ଗଣନାରୁ ଘରଚଟିଆଙ୍କ ବିତରଣରେ ଅଞ୍ଚଳଭିତ୍ତିକ ପାର୍ଥକ୍ୟ ସ୍ପଷ୍ଟ ହୋଇଛି। ପଶ୍ଚିମ ଓଡ଼ିଶାରେ ସେମାନଙ୍କ ପ୍ରଜାତି ଅଧିକ ଥିବାବେଳେ, ଉପକୂଳ ଅଞ୍ଚଳରେ ସଂଖ୍ୟା କମ୍ ରହିଛି। ଏହି ଗଣନା ମୟୂରଭଞ୍ଜ, ଗଞ୍ଜାମ, ଖୋର୍ଦ୍ଧା, କୋରାପୁଟ, ସମ୍ବଲପୁର, ବଲାଙ୍ଗୀର, ଝାରସୁଗୁଡ଼ା, କଟକ, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଏବଂ ବାଲେଶ୍ୱର ଭଳି ଜଲାରେ କରାଯାଇଥିଲା। ଓଡ଼ିଶାରେ ଘରଚଟିଆଙ୍କ ସଂଖ୍ୟା ସମ୍ବନ୍ଧୀୟ ମୂଳ ତଥ୍ୟ ସଂଗ୍ରହ କରିବାକୁ ଲକ୍ଷ୍ୟ ରହିଛି। ଏକ ସମୟରେ ସହର ଅଞ୍ଚଳରେ ମଧ୍ୟ ସାଧାରଣ ଭାବେ ଦେଖାଯାଉଥିବା ଏହି ପକ୍ଷୀ ବାସସ୍ଥାନ ନ ମିଳିବା, ସହରୀକରଣ, ପ୍ରଦୂଷଣ ଆଦି କାରଣ ପାଇଁ ବିଶ୍ୱସ୍ତରରେ କମିଯାଉଥିବା ସୂଚନା ଦିଆଯାଇଛି।


## ବିବାହ ବାର୍ଷିକ ଶୁଭେଚ୍ଛା


ଡ. ପ୍ରବୀର ପ୍ରଧାନ (ପୁଟୁ)
ଓ
ଦେବଶ୍ରୀ ପ୍ରଧାନ (ଲୁସି
ବଡ଼ଙ୍ଗ, କୁଜଙ୍ଗ, ଜଗତ୍‌ସିଂହପୁର
ଶୁଭେଚ୍ଛା ସହ:- କ୍ରିଷ୍ଣା, ବନ୍ଧୁ ଓ ପରିବାରବର୍ଗ
"ଶାରଳା ଜ୍ୟୋତି" ପରିବାର,
IEU IFFCO Paradeep
ପିଏମ୍‌ଶ୍ରୀ ବି.ବି. ହାଇସ୍କୁଲ SMC କମିଟି, କୁଜଙ୍ଗ
Mob- 9437317344
D-215


# ଆଜି ବାଚସ୍ପତିଙ୍କୁ ଭେଟିବେ ବିଜେଡି ପ୍ରତିନିଧି ଦଳ

ଭୁବନେଶ୍ୱର,୨୬।୪(ରବିନାରାୟଣ ଜେନା)

ମହିଳା ସଂରକ୍ଷଣ ଅଧିନିୟମକୁ ନେଇ ରାଜ୍ୟ ରାଜନୀତି ଏବେ ସରଗରମ ହୋଇ ଉଠିଛି। ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ୨୪ରୁ ଦୁଇଦିନ ଧରି ଜନଆକ୍ରୋଶ ସମାବେଶ ଅନୁଷ୍ଠିତ ହେବା ସହିତ ବିରୋଧୀଙ୍କୁ ଟାର୍ଗେଟ କରାଯାଇଥିଲା। ଏହାସହିତ ସରକାରଙ୍କ ପକ୍ଷରୁ ଏପ୍ରିଲ ୩୦ରେ ସ୍ୱତନ୍ତ୍ର ବିଧାନସଭାର ଅଧିବେଶନ ଅନୁଷ୍ଠିତ ହେବାକୁ ରହିଛି। ଏହି ଅବସରରେ ସରକାରଙ୍କ ପକ୍ଷରୁ 'ଗଣତନ୍ତ୍ରରେ ମହିଳାମାନଙ୍କ ଭୂମିକା' ଶୀର୍ଷକ ଆଲୋଚନା ହେବ। ଏହାକୁ ନେଇ ରାଜ୍ୟର ପ୍ରମୁଖ ବିରୋଧୀ ବିଜେଡି ଏବେ ତତ୍ପରତା ଦେଖାଇଛି। ସୋମବାର ବିଜେଡିର ଏକ ପ୍ରତିନିଧି ଦଳ ସ୍ୱତନ୍ତ୍ର ପ୍ରସଙ୍ଗରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ବିରୋଧୀଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଧ୍ୟାହ୍ନ ୧୨ଟାରେ ବାଚସ୍ପତିଙ୍କୁ ଭେଟି ଏକ ଦାବି ଉପସ୍ଥାପନ କରିବେ ବୋଲି ଦଳୀୟ ସୂତ୍ରରୁ ଜଣାଯାଇଛି।


# Classified Everyday
0674-2580101, 9692975378


REAL ESTATE

## SALE

ବାଲିଅନ୍ତାରୁ 5K.M. Pitchu Road side Schedulecaste plot 2100sqft.- 40,00,000/-. 7978947520. D-32


CONSTRUCTION

Construct your dream home @999/-, 1560/- with branded materials, we provide plan approval, free boring(Vastu complaints) SNV Engineering- 9439295469. D-212




All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

Newly open health benefits spa by expert therapist. Contact- 7504222886. D-76963

## LOST

ମୁଁ ପ୍ରତିମା ଦାଶ ଘୋଷଣା କରୁଅଛି କି ମୋର ଦୁଇଟି ମୂଳ କବଲା ଯାହାର (୧) ନଂ. ୫୨୬୬ ତା୨୯।୧୨।୧୯୯୮ ଏବଂ (୨) ନଂ. ୪୦୫୭ ତା୧୪।୦୫।୨୦୦୭ ଏରିୟା ୦.୮୫ ଡିସିମିଲର କାଗଜପତ୍ର କେଉଁଆଡ଼େ ନୟାପଲ୍ଲୀ ରୋଡ୍‌ରେ ହଜିଯାଇଛି। ଏ ବିଷୟରେ ମୁଁ ନୟାପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଅଛି। ଯାହାର କେସ୍ ନଂ ୪୧୯ ତା୧୮।୦୪।୨୦୨୬ ଅଟେ। ଯଦି କୌଣସି ବ୍ୟକ୍ତି ପାଆନ୍ତି ତେବେ ଉକ୍ତ ନଂ ୯୮୬୧୨୩୫୪୫୭ରେ ଯୋଗାଯୋଗ କରିପାରିବେ। ମୁଁ ଏତଦ୍ୱାରା ଘୋଷଣା କରୁଅଛୁ କି ଉକ୍ତ କବଲା କୌଣସି ବ୍ୟାଙ୍କ ବା ବ୍ୟକ୍ତିଙ୍କ ପାଖରେ ବନ୍ଧକ ରଖାଯାଇ ନାହିଁ। ଧ-୨୧୩

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ.-୩, ଶ୍ରୀଯୁକ୍ତ ପ୍ରବୀର କୁମାର ନାୟକ, ଓଡ଼ିଶା ପ୍ରଶାସନିକ ସେବା (ଏସ୍.ଏ.ଜି.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା।
ଓ.ଏସ୍.ଏସ୍. ମୋକଦ୍ଦମା ନଂ.- ୫୮୬/୨୦୨୪
ନୋଟିସ
(ଦେୱାନୀ କାର୍ଯ୍ୟବିଧି ସଂହିତା ଆଦେଶ ନଂ.- ୫, ନିୟମ ନଂ.-୨୦ ମୁତାବକ)
ଶ୍ରୀମତୀ ଗୀତାରାଣୀ ଭଞ୍ଜ ............ବାଦୀ।
ବନାମ
ତହସିଲଦାର, ଭୁବନେଶ୍ୱର ଏବଂ ଓଗେର ...........ପ୍ରତିବାଦୀ।
ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:-

ପ୍ରତିବାଦୀ ନଂ.- ୧୭: ରିତୁରାଜ ମହାନ୍ତି, ପିତା- ୰ ଭ୍ରମରବର ମହାନ୍ତି। ପ୍ରତିବାଦୀ ନଂ.- ୨୯: ଝରଣାବଳୀ ମହାନ୍ତି, ପିତା- ୰ ଉଗ୍ରସେନ ମହାନ୍ତି। ପ୍ରତିବାଦୀ ନଂ.- ୩୦: କିରଣବାଳା ମହାନ୍ତି, ପିତା- ୰ ଉଗ୍ରସେନ ମହାନ୍ତି। ପ୍ରତିବାଦୀ ନଂ.- ୩୧: ପବିତ୍ର ମହାନ୍ତି, ପିତା- ୰ ଉଗ୍ରସେନ ମହାନ୍ତି। ପ୍ରତିବାଦୀ ନଂ.- ୩୨: ଧୀରୁପମା ମହାନ୍ତି, ପିତା- ୰ ଅଟଳ ବିହାରୀ ମହାନ୍ତି। ପ୍ରତିବାଦୀ ନଂ.- ୩୩: ଉରୁପମା ମହାନ୍ତି, ପିତା- ୰ ଅଟଳ ବିହାରୀ ମହାନ୍ତି। ପ୍ରତିବାଦୀମାନଙ୍କର ଠିକଣା: ସା- ଗୋଠପାଟଣା, ପୋ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩।

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ରଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ.- ୩ରେ ଦାଖଲ କରିଛନ୍ତି। ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା। କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉକ୍ତ ମୋକଦ୍ଦମାର ଶୁଣାଣି ଆସନ୍ତା ତା.୦୪।୦୬।୨୦୨୬ରିଖ, ଦିବା ୦୩:୩୦ ଘଟିକା ସମୟରେ କରାଯିବ।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା (ନଂ.- ୩୩), ମୌଜା- ଗୋଠପାଟଣା, ସାବକ ଖାତା ନଂ.- ୮୪ (ସ୍ଥିତିବାନ୍), ସାବକ ପ୍ଲଟ୍ ନଂ.- ୪୦୫ (ଅଂଶ), ରକବା- ଏ୫.୦୩୦ଡି ସ୍ଥ, ଏ୩.୪୨୫ଡି ସ୍ଥ, ଏ୦.୩୬୪ଡି ସ୍ଥ, ଏ୦.୧୮୨.ଡି ସ୍ଥରୁ ଏ୦.୦୫୭.ଡି। ଏହାର ସବ୍-ପ୍ଲଟ୍ ନଂ.୨୩ ଏବଂ ୨୪-ଏ, ବିକ୍ରୟ ଦଲିଲର ସଂଯୁକ୍ତ ନକ୍ସା ମୁତାବକ। ଏହାର ହାଲ୍ ବନ୍ଦୋବସ୍ତ (୨୦୧୩) ଖାତା ନଂ.- ୨୯୩ (ସ୍ଥିତିବାନ୍), ପ୍ଲଟ୍ ନଂ.- ୧୮୮୯, ରକବା- ଏ୦.୨୧୦ଡି ସ୍ଥରୁ ଏ୦.୦୨୨ଡି, କିସମ: ବଗାୟତ- ୨ ଓ ପ୍ଲଟ୍ ନଂ.- ୧୮୮୭, ରକବା- ଏ୦.୧୭୦ଡି ସ୍ଥ (ଅଂଶ)ରୁ ଏ୦.୦୩୫ଡି, କିସମ: ବଗାୟତ-୨।

ଏଣୁ ଉପରୋକ୍ତ ମୋକଦ୍ଦମାରେ ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କର ଉତ୍ତରାଧିକାରୀ ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାର ବିଚାର କରାଯିବ।

ତାରିଖ: ୧୬।୦୪।୨୬ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର ସ୍ୱା./- କୋର୍ଟ ଅଫିସର
ଧ-୨୧୫

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ.-୩, ଶ୍ରୀଯୁକ୍ତ ପ୍ରବୀର କୁମାର ନାୟକ, ଓଡ଼ିଶା ପ୍ରଶାସନିକ ସେବା (ଏସ୍.ଏ.ଜି.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା।
ଓ.ଏସ୍.ଏସ୍. ମୋକଦ୍ଦମା ନଂ.- ୫୮୭/୨୦୨୪
ନୋଟିସ
(ଦେୱାନୀ କାର୍ଯ୍ୟବିଧି ସଂହିତା ଆଦେଶ ନଂ.- ୫, ନିୟମ ନଂ.- ୨୦ ମୁତାବକ)
ଶ୍ରୀମତୀ ସରୋଜିନୀ ବିଶ୍ୱାଳ ............ବାଦୀ।
ବନାମ
ତହସିଲଦାର, ଭୁବନେଶ୍ୱର ଏବଂ ଓଗେର ...........ପ୍ରତିବାଦୀ।
ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:-

ପ୍ରତିବାଦୀ ନଂ.- ୧୭: ରିତୁରାଜ ମହାନ୍ତି, ପିତା- ୰ ଭ୍ରମରବର ମହାନ୍ତି। ପ୍ରତିବାଦୀ ନଂ.- ୨୯: ଝରଣାବଳୀ ମହାନ୍ତି, ପିତା- ୰ ଉଗ୍ରସେନ ମହାନ୍ତି। ପ୍ରତିବାଦୀ ନଂ.- ୩୦: କିରଣବାଳା ମହାନ୍ତି, ପିତା- ୰ ଉଗ୍ରସେନ ମହାନ୍ତି। ପ୍ରତିବାଦୀ ନଂ.- ୩୧: ପବିତ୍ର ମହାନ୍ତି, ପିତା- ୰ ଉଗ୍ରସେନ ମହାନ୍ତି। ପ୍ରତିବାଦୀ ନଂ.- ୩୨: ଧୀରୁପମା ମହାନ୍ତି, ପିତା- ୰ ଅଟଳ ବିହାରୀ ମହାନ୍ତି। ପ୍ରତିବାଦୀ ନଂ.- ୩୩: ଉରୁପମା ମହାନ୍ତି, ପିତା- ୰ ଅଟଳ ବିହାରୀ ମହାନ୍ତି। ପ୍ରତିବାଦୀମାନଙ୍କର ଠିକଣା: ସା- ଗୋଠପାଟଣା, ପୋ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩।

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ରଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ.- ୩ରେ ଦାଖଲ କରିଛନ୍ତି। ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା। କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉକ୍ତ ମୋକଦ୍ଦମାର ଶୁଣାଣି ଆସନ୍ତା ତା.୦୪।୦୬।୨୦୨୬ରିଖ, ଦିବା ୦୩:୩୦ ଘଟିକା ସମୟରେ କରାଯିବ।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା (ନଂ.- ୩୩), ମୌଜା- ଗୋଠପାଟଣା, ସାବକ ଖାତା ନଂ.- ୮୪ (ସ୍ଥିତିବାନ୍), ସାବକ ପ୍ଲଟ୍ ନଂ.- ୪୦୫ (ଅଂଶ), ରକବା- ଏ୫.୦୩୦ଡି ସ୍ଥ, ଏ୩.୪୨୫ଡି ସ୍ଥ, ଏ୦.୩୬୪ଡି ସ୍ଥ, ଏ୦.୧୮୨.ଡି ସ୍ଥରୁ ଏ୦.୦୩୪.ଡି। ଏହାର ସବ୍-ପ୍ଲଟ୍ ନଂ.୨୪-ବି, ବିକ୍ରୟ ଦଲିଲର ସଂଯୁକ୍ତ ନକ୍ସା ମୁତାବକ। ଏହାର ହାଲ୍ ବନ୍ଦୋବସ୍ତ (୨୦୧୩) ଖାତା ନଂ.- ୨୯୩ (ସ୍ଥିତିବାନ୍), ପ୍ଲଟ୍ ନଂ.- ୧୮୮୯, ରକବା- ଏ୦.୨୧୦ଡି ସ୍ଥରୁ ଏ୦.୦୧୩ଡି, କିସମ: ବଗାୟତ- ୨ ଓ ପ୍ଲଟ୍ ନଂ.- ୧୮୮୭, ରକବା- ଏ୦.୧୭୦ଡି ସ୍ଥ (ଅଂଶ)ରୁ ଏ୦.୦୨୧ଡି, କିସମ: ବଗାୟତ-୨।

ଏଣୁ ଉପରୋକ୍ତ ମୋକଦ୍ଦମାରେ ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କର ଉତ୍ତରାଧିକାରୀ ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାର ବିଚାର କରାଯିବ।

ତାରିଖ: ୧୬।୦୪।୨୬ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର ସ୍ୱା./- କୋର୍ଟ ଅଫିସର
ଧ-୨୧୬


## ମନେ ପଡ଼ନ୍ତି

୧୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ଡଃ ପଦ୍ମିନୀ ମିଶ୍ର
ଆବିର୍ଭାବ - ୦୧.୦୨.୧୯୪୫
ତିରୋଧାନ - ୦୨.୦୫.୨୦୧୨
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
D-114

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

୰ ଅରୁଣ କୁମାର ଚମ୍ପତିରାୟ
ନିଗମ ନଗର, ତୃତୀୟ ଲାଇନ ଶିଳ୍ପାଞ୍ଚଳ, ବ୍ରହ୍ମପୁର
ଗୋଟିଏ ବର୍ଷ ହେଲା ଆପଣଙ୍କ ଅକାଳ ବିୟୋଗ ଆମ ମାନଙ୍କ ଜୀବନରେ ଲୁହ ଓ ଶୋକ ଭରିଦେଇଛି। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ
ପରିବାର ଓ ଆତ୍ମୀୟସ୍ୱଜନ।
D-118

**ଗରିବ ଝିଅକୁ ପାଠପଢ଼ା ସହାୟତା ଦେଲେ ଜିଲାପାଳ**

ବୋଡ଼େନ,(ଟିକେଶ୍ୱର ନାଗ): ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ବିନୋପୁର ଗାଁରେ ୨୦୨୩ ମସିହାରେ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ଉଚ୍ଚ ଶିକ୍ଷାରୁ ବଞ୍ଚିତ ଥିବା ଗରିବ ଝିଅ ସ୍ମୃତି ସୁନାନିଙ୍କ ଘରେ ରବିବାର ଜିଲାପାଳ ପହଞ୍ଚି ତାଙ୍କ ପଢ଼ା ଖର୍ଚ୍ଚ ପାଇଁ ୨୦,୦୦୦ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଝିଅର ବାପା ଆର୍ଥିକ ଅଭାବ ଦୃଷ୍ଟିରୁ ଝିଅକୁ ଉଚ୍ଚ ଶିକ୍ଷା ଯୋଗାଇବାରେ ଅସମର୍ଥ ଥିଲେ। ଏହା ଜାଣିବା ପରେ ଜିଲାପାଳ ମଧୁସୂଦନ ଦାଶ ତାଙ୍କ ଘରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଜିଲାପାଳଙ୍କ ସହିତ ଉପ ଜିଲାପାଳ ସୁରମି ସୋରେନ, ବିଡିଓ କାର୍ମା ଓରାମ, ତହସିଲଦାର ସରିତା ଗୁପ୍ତା ଉପସ୍ଥିତ ରହିଥିଲେ। ଏହି ସହାୟତା ପାଇ ପରିବାର ସଦସ୍ୟ ଖୁସି ବ୍ୟକ୍ତ କରିବା ସହ ଜିଲାପାଳଙ୍କୁ ପ୍ରଶଂସା କରିଛନ୍ତି।

## ସଂକ୍ଷେପରେ

### ଥୁଆମୂଳ ରାମପୁରରେ ରନ୍ଧନ ଗ୍ୟାସ୍ ଅଭାବ



**ଥୁଆମୂଳ ରାମପୁର, ୨୬।୪ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ ଏବେ ରନ୍ଧନ ଗ୍ୟାସ୍‌ର ଘୋର ଅଭାବ ଦେଖାଦେଇଛି। ସରକାର 'ଉଜ୍ଜ୍ୱଳା ଯୋଜନା' ମାଧ୍ୟମରେ ଘରେ ଘରେ ସ୍ୱଚ୍ଛ ଇନ୍ଧନ ପହଞ୍ଚାଇବାକୁ ଦାବି କରୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ଓଲଟା। ବ୍ଲକର ୨୪ ପଞ୍ଚାୟତର ହିତାଧିକାରୀ ଗ୍ୟାସ୍ ପାଇଁ ଏଜେନ୍ସିକୁ ଯାଉଥିଲେ ମଧ୍ୟ ସେମାନଙ୍କୁ ନିରାଶ ହେବାକୁ ପଡୁଛି। ଫଳରେ ଏହି ଗ୍ରୀଷ୍ମ ପ୍ରବାହ ସମୟରେ ଲୋକେ ବାଧ୍ୟ ହୋଇ ଚୁଲି ଧୂଆଁରେ ରୋଷେଇ କରୁଛନ୍ତି। ସୂଚନା ଅନୁଯାୟୀ, ପ୍ରତିଷ୍ଠିତ କମ୍ପାନୀର ଏଜେନ୍ସିମାନେ ଗ୍ରାହକଙ୍କୁ ଠିକ ସମୟରେ ସିଲିଣ୍ଡର ଯୋଗାଇବାରେ ବିଫଳ ହୋଇଛନ୍ତି। ସରକାରୀ ନିୟମ ଅନୁଯାୟୀ ୪୫ ଦିନ ମଧ୍ୟରେ ଗ୍ରାହକଙ୍କୁ ଗ୍ୟାସ୍ ମିଳିବା କଥା। କିନ୍ତୁ ଏଠାରେ ୬୦ରୁ ୭୦ ଦିନ ବିତିଯାଇଥିଲେ ମଧ୍ୟ ଗ୍ୟାସ୍ ମିଳୁ ନ ଥିବା ଅଭିଯୋଗ ହେଉଛି। କିଛି ଏଜେନ୍ସି ମାଲିକ ମଧ୍ୟ ଷ୍ଟକ ନ ଥିବା ଦର୍ଶାଇ ଗ୍ରାହକଙ୍କୁ ସିଧାସଳଖ ମନା କରିଦେଉଛନ୍ତି। ଗ୍ରୀଷ୍ମ ଋତୁରେ ଜାଳେଣି କାଠ ସଂଗ୍ରହ କରି ରୋଷେଇ କରିବା ସାଧାରଣ ଖାଉଟିଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହୋଇଛି। ଏହି ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଉପଭୋକ୍ତାମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି।

# ପିଏମଶ୍ରୀ ବିଦ୍ୟାଳୟ: କାର୍ଯ୍ୟକ୍ରମ ସରିଛି, ଟଙ୍କା ନାହିଁ

**ଭବାନୀପାଟଣା,୨୬।୪(ଉତ୍ତମ କୁମାର ଦାଶ)**

■ ଟ୍ରେଜେରିରେ ବିଲ୍ ପାସ୍ ସତ୍ତ୍ୱେ ଭେଣ୍ଡରଙ୍କୁ ମିଳୁନି ଟଙ୍କା
■ ଜିଲାରେ ବକେୟା ରହିଛି ୧କୋଟି ୭୨ ଲକ୍ଷ ଟଙ୍କା

ବର୍ତ୍ତମାନର ଶାସନ ବ୍ୟବସ୍ଥାରେ ଶିକ୍ଷାର ଗଭୀର ଅର୍ଥକୁ ନେଇ ନାନା ପ୍ରଶ୍ନ ଉଠୁଛି। ବିଦ୍ୟାଳୟ ଶିକ୍ଷା ଦ୍ୱାରା ଶିକ୍ଷକ କେଉଁ ପ୍ରକାର ମଣିଷ ଗଢ଼ିବାର ସ୍ୱପ୍ନ ଦେଖିବ ତାହା ହିଁ ବଡ ଆହ୍ୱାନ। କଳାହାଣ୍ଡି ଜିଲାରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପୋଷାକ ବାବଦରେ ସରକାର କୌଣସି ସ୍କୁଲ ଆକାଉଣ୍ଟକୁ ଟଙ୍କାଟିଏ ଦେଇନାହାନ୍ତି। ଠିକ ସେହିଭଳି ବର୍ତ୍ତମାନ ଜିଲାରେ ଥିବା ୩୨ଟି ପିଏମ୍‌ଶ୍ରୀ ବିଦ୍ୟାଳୟ ହଟହଟାର ସମ୍ମୁଖୀନ ହେଉଥିବା ଲକ୍ଷ୍ୟ କରାଯାଇଛି। କେନ୍ଦ୍ରୀୟ ଅନୁଦାନ ଦ୍ୱାରା ବର୍ଷତମାମ ବିଭିନ୍ନ କାର୍ଯ୍ୟକ୍ରମ ସୁଚାରୁରୂପେ ବିଦ୍ୟାଳୟରେ ସମ୍ପାଦନ କରାଯାଇଛି। ତେବେ ଅଧା କାର୍ଯ୍ୟକ୍ରମ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ସ୍ଥଳେ ଦ୍ୱିତୀୟ ପର୍ଯ୍ୟାୟର କାର୍ଯ୍ୟକ୍ରମରେ ବିନିଯୋଗ ହୋଇଥିବା ଅର୍ଥ ଯୋଗାଇ ଦିଆଯାଇନାହିଁ। ସବୁ ବିଲ୍ ଟ୍ରେଜେରିରେ ପାସ୍ ହୋଇଛି। କିନ୍ତୁ ସମ୍ପୃକ୍ତ ଭେଣ୍ଡରଙ୍କ ଆକାଉଣ୍ଟରେ ଟଙ୍କା ପଡ଼ିନାହିଁ। ଟ୍ରେଜେରିରେ ବିଲ୍ ପାସ୍ ହୋଇ ୨୫ଦିନ ବିତିଲାଣି, ତଥାପି କାହାର ଚିନ୍ତା ଚେତନା ଜାଗ୍ରତ ହେଉ ନ ଥିବା ଜଣାପଡ଼ୁଛି। କଳାହାଣ୍ଡି ଜିଲାରେ ଥିବା ୩୨ଟି ପିଏମ୍‌ଶ୍ରୀ ବିଦ୍ୟାଳୟର ୧କୋଟି ୭୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଲ୍ ଟ୍ରେଜେରିରେ ପାସ୍ ହୋଇ ପଡ଼ିରହିଛି। ଅର୍ଥାଭାବ କାରଣରୁ ଭିନ୍ନ ଭିନ୍ନ କାର୍ଯ୍ୟରେ ସହଯୋଗ କରିଥିବା ବ୍ୟବସାୟୀ ତଥା ଭେଣ୍ଡରଙ୍କ ବ୍ୟାଙ୍କ ଖାତାରେ ଟଙ୍କା ପଡୁନି। ଅଯଥାରେ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ଟିକେ ଧୈର୍ଯ୍ୟ ଧରିବାକୁ ଅନୁରୋଧ କରୁଥିବା ଦେଖିବାକୁ ମିଳିଛି। ଏ ବାବଦରେ ଜିଲାର ବିଭିନ୍ନ ବ୍ଲକରେ ଥିବା କେତକ ପିଏମ୍‌ଶ୍ରୀ ବିଦ୍ୟାଳୟ ଶିକ୍ଷକଙ୍କ ସହ ଯୋଗାଯୋଗ କରିବା ପରେ ଅର୍ଥାଭାବ ହିଁ ବିଳମ୍ବର କାରଣ ବୋଲି ପ୍ରକାଶ କରିଛନ୍ତି। ଶିକ୍ଷା ବିଭାଗର ଟଙ୍କା ଗଲା କୁଆଡେ ସେ ଉତ୍ତର କାହାପାଖେ ନାହିଁ। ଡବଲ ଇଞ୍ଜିନ ସରକାର ଯୋଜନା ନାଁରେ ଯେଉଁ ବାହାସ୍ଫୋଟ ମାରୁଛନ୍ତି ତାହାର ଅସଲ ଚିତ୍ର ବଖାଣୁଛି ପ୍ରାଇମ ମିନିଷ୍ଟର ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ।

# ଦେର୍ଲାଠିର ହିତାଧିକାରୀଙ୍କୁ ମିଳିଲା ପକ୍କାଘର କାର୍ଯ୍ୟାଦେଶ



ଅଧିକାରୀମାନେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

**ଥୁଆମୂଳ ରାମପୁର,୨୬।୪(ଦୁର୍ଗା କୀର୍ତ୍ତି)**

ଦୁର୍ଗମ ଅଞ୍ଚଳର ବିକାଶ ପାଇଁ ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ବାସ୍ତବ ରୂପ ନେଇଛି। କିଛିଦିନ ପୂର୍ବେ କଳାହାଣ୍ଡି ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ତଥା ଆଇଏଏସ୍ ସୌମ୍ୟ ରଞ୍ଜନ ପ୍ରଧାନ ଥୁଆମୂଳ ରାମପୁର ବ୍ଲକର ଦେର୍ଲାଠି ଗ୍ରାମକୁ ଚାଲି ଚାଲି ଯାଇ ହିତାଧିକାରୀଙ୍କ ସମସ୍ୟା ବୁଝିଥିଲେ। ଏହାର ବାସ୍ତବ ରୂପ ଦେବାକୁ ଯାଇ ଶନିବାର ବ୍ଲକ ପ୍ରଶାସନ ପକ୍ଷରୁ ଦେର୍ଲାଠି ଗ୍ରାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇ ହିତାଧିକାରୀଙ୍କୁ ପକ୍କାଘର ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସିନ୍ଦିପଦର ପଞ୍ଚାୟତର ଏହି ଦୁର୍ଗମ ଗ୍ରାମରେ ଅନ୍ତ୍ୟୋଦୟ ଗୃହ ଯୋଜନା ୨୦୨୬-୨୭ ଅଧୀନରେ ୧୨ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏଥିସହ ଏକ ଭବ୍ୟ ଶପଥ ଗ୍ରହଣ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ହିତାଧିକାରୀମାନେ ନିର୍ଦ୍ଧାରିତ ସମୟରେ ଗୃହ ନିର୍ମାଣ ଶେଷ କରିବାକୁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଥୁଆମୂଳ ରାମପୁର ବିଡିଓ ଧ୍ରୁବ ଚରଣ ମୁଦୁଲି, ଏପିଡି ଆର୍‌ଏଚ୍ ଅମୂଲ୍ୟ ବାଉଳ, ପିଇଓ ବସିଷ୍ଠ ଶବର, ଏଇଇ ସାଲୁ ହେମ୍ବ୍ରମ, ଏଇ ପ୍ରତାପ ସାହୁ, ବିପିସି ଆର୍‌ଏଚ୍ ରାଜେନ୍ଦ୍ର ନାରାୟଣ ଦେବ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ପାଇଁ ଅଞ୍ଚଳବାସୀ ଜିଲା ଓ ବ୍ଲକ ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି।

# ପଞ୍ଚାୟତ ସ୍ତରୀୟ କ୍ରିକେଟ: ମୂଷାନାଳ ଚାମ୍ପିୟନ



ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

**ଲାଞ୍ଜିଗଡ଼,୨୬।୪(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ କୁମଖାଳ ଗ୍ରାମ ପଞ୍ଚାୟତ ପୁନିଗୁଡ଼ା ଗ୍ରାମ ଖେଳ ପଡ଼ିଆଠାରେ ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ହରିହରପୁର ଓ ମୂଷାନାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହରିହରପୁର ଟସ୍ ଜିତି ମୂଷାନାଳକୁ ବ୍ୟାଟିଂ କରିବା ପାଇଁ ଦେଇଥିଲା। ମୂଷାନାଳ ଦଳ ୧୨ ଓଭରରେ ୬ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରିଥିଲା। ଜବାବରେ ହରିହରପୁର ସମାନ ଓଭରରେ ୪ ଉଇକେଟ ହରାଇ ୧୫୭ ରନରେ ସୀମିତ ରହିଥିଲା। ଫଳରେ ମୂଷାନାଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କୁମଖାଳ ସରପଞ୍ଚ ସାନ୍ଧୁ ମାଝୀ ମୁଖ୍ୟଅତିଥି ଓ ପୁନିଗୁଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ ନାଏକ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଲାଞ୍ଜିଗଡ଼ ଆବାହକ ମୁଲୁ ମାଝୀ, ସାମାଜିକ କର୍ମୀ ସୁଶୀଲ ବିଭାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଜେତା ଦଳକୁ ନଗଦ ୧୨ ହଜାର ଅର୍ଥରାଶି ସହିତ ଟ୍ରଫି ଓ ଉପବିଜେତା ଦଳକୁ ୮ହଜାର ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ବିକ୍ରମ ମାଝୀ, ବିଶ୍ୱନାଥ ମାଝୀ, ରଞ୍ଜିତ ହରିଜନ ଓ ସମୀର ମାଝୀ ଖେଳ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ଆଖପାଖ ୮ ପଞ୍ଚାୟତର କ୍ରିକେଟ ଦଳ ଭାଗ ନେଇଥିଲେ। ପୁନିଗୁଡ଼ା କ୍ୟାପଟେନ ବିକ୍ରମ ମାଝୀ ସମେତ ନବୀନ ମାଝୀ, ତପନ ମାଝୀ, ପ୍ରଶାନ୍ତ ମାଝୀ, କୈଳାସ ମାଝୀ, ଉପେନ୍ଦ୍ର ହରପାଳ ପ୍ରମୁଖ ସହଯୋଗ କରିଥିଲେ।

## ସ୍ୱାସ୍ଥ୍ୟର ଯତ୍ନ, ଆଧ୍ୟାତ୍ମିକ ଚିନ୍ତନ କାର୍ଯ୍ୟକ୍ରମ

**ଭବାନୀପାଟଣା,୨୬।୪(ଉତ୍ତମ କୁମାର ଦାଶ)**

ଆଜିର ଜଞ୍ଜାଳମୟ ଜୀବନରେ ମାନସିକ ଶାନ୍ତି ଟିକକ ପାଇଁ ସମସ୍ତେ ବ୍ୟଗ୍ର। ବସ୍ତୁବାଦୀ ଦୁନିଆରେ ଏସବୁ ମିଳିବା ଅସମ୍ଭବ। ଶରୀରକୁ ସୁସ୍ଥ ରଖିବା ପାଇଁ ଯୋଗାସନ ଓ ପ୍ରାଣାୟାମ ଏବଂ ମାନସିକ ଶାନ୍ତି ପାଇଁ ଆଧ୍ୟାତ୍ମିକ ଚିନ୍ତନ ସନାତନ ସଂସ୍କୃତିର ମାନବ ସଭ୍ୟତାକୁ ଏକ ଅମୂଲ୍ୟ ଦାନ। ଏହି ଆପ୍ତବାକ୍ୟକୁ କାର୍ଯ୍ୟରେ ପରିଣତ କରିବା ପାଇଁ କଳାହାଣ୍ଡି ବ୍ରାହ୍ମଣ ସମାଜ ପକ୍ଷରୁ ଭବାନୀପାଟଣା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରବିବାର ସକାଳ ୬ଟାରେ 'ସ୍ୱାସ୍ଥ୍ୟର ଯତ୍ନ ଓ ଆଧ୍ୟାତ୍ମିକ ଚିନ୍ତନ' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଜିଲା ଉପସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଗୁରୁ ଅଶୋକ କୁମାର ମୁଣ୍ଡ ଯୋଗଦେଇ ପ୍ରାଣାୟାମ ଓ ଯୋଗ ତାଲିମ ଦେଇଥିଲେ। ଅଧଘଣ୍ଟା ଯୋଗାସନ ପରେ ଆଧ୍ୟାତ୍ମିକ ଚିନ୍ତନ କ୍ରମରେ ଗୀତା ଉପରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ରବିବାର ସକାଳ ଛଅଟାରୁ ସାତଟା ପର୍ଯ୍ୟନ୍ତ ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଜିଲା ଉପସଭାପତି ପାଢ଼ୀ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ରାହ୍ମଣ ସମାଜ, ପର୍ଶୁରାମ ସେନା ଓ ପ୍ରଜ୍ଞା ବାହିନୀର ୩୦ ଜଣ ସଦସ୍ୟାସଦସ୍ୟ ଯୋଗଦେଇ ପ୍ରାଣାୟାମ ଓ ଯୋଗାସନ ତାଲିମ ନେଇଥିଲେ।

# ବିଭିନ୍ନ କ୍ଷେତ୍ରରେ ଖଡ଼ିଆଳ ବ୍ଲକ ଅବହେଳିତ

**ଖଡ଼ିଆଳ,୨୬।୪(ସୁଜିତ କୁମାର ପ୍ରଧାନ)**

ନୂଆପଡା ଜିଲାର ଖଡ଼ିଆଳ ବ୍ଲକ ବିଭିନ୍ନ କ୍ଷେତ୍ରରେ ଅବହେଳିତ ହୋଇରହିଛି। ଜିଲାର ଏକ ପ୍ରମୁଖ ବ୍ଲକ ଭାବରେ ପରିଚିତ ଖଡ଼ିଆଳ ୨୬ଟି ପଞ୍ଚାୟତକୁ ନେଇ ଗଠିତ। ଏହି ବ୍ଲକ ସବଡିଭିଜନ ମାନ୍ୟତା ପାଇବାରୁ ମଧ୍ୟ ବଞ୍ଚିତ ହୋଇ ରହିଯାଇଛି। କେବଳ ସେତିକି ନୁହେଁ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ସମସ୍ୟାର ଆଶାନୁରୂପ ସମାଧାନ ହୋଇନାହିଁ। ବିଭିନ୍ନ ଗାଁର ମୌଳିକ ସମସ୍ୟାର ସମାଧାନ ହେବା କାଠିକାର ପାଠ ହୋଇଯାଇଛି। ଦୀର୍ଘ ଦିନ ଧରି ବିଡିଓ ନ ଥିବାବେଳେ ନୂତନ ସ୍ଥାୟୀ ବିଡିଓ ଭାବରେ ମିଳନ କୁମାର ଝାଙ୍କର ଯୋଗଦେଇଥିଲେ। ବିଡିଓଙ୍କ ଯୋଗଦାନ ପରେ ବିଭିନ୍ନ ସମସ୍ୟାର ସମାଧାନ ହେବ, ଖଡ଼ିଆଳ ବ୍ଲକ ପ୍ରଗତିପଥେ ପୁଣି ଦୌଡ଼ିବ ବୋଲି ଲୋକଙ୍କ ମନରେ ଆଶା ସଞ୍ଚାର ହୋଇଥିଲା। ହେଲେ ବିଡିଓଙ୍କ ଯୋଗଦାନର ଛଅରୁ ସାତ ମାସ ବିତିଯାଇଥିଲେ ହେଁ ବ୍ଲକର ବିଭିନ୍ନ ସମସ୍ୟାର ସମାଧାନ ହୋଇପାରୁନାହିଁ। ଏପରି କି ନୂତନ ବିଡିଓଙ୍କ ଯୋଗଦାନ ପରେ ବ୍ଲକ ପରିସର, ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ କାର୍ଯ୍ୟର ଅନୁଧ୍ୟାନ ପାଇଁ ସିସି କ୍ୟାମେରା ଲଗେଇଲେ। ଲୋକେ ଭାବିଲେ ସମସ୍ତ କର୍ମଚାରୀ ଠିକ୍ ସମୟରେ ଆସିବେ, ଲୋକେ ସୁବିଧାରେ ନିଜ କାମ କରିପାରିବେ। ହେଲେ ବିଡମ୍ବନାର ବିଷୟ ବ୍ଲକ କାର୍ଯ୍ୟାଳୟର ଅନେକ କର୍ମଚାରୀ ଅଫିସ ଆସିବା ଯିବା ସମୟ ଭୁଲିଗଲେ। ଏହା ଉପରେ ବିଡିଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସ୍ଥିତିରେ ସୁଧାର ଆସିଥିଲା। ହେଲେ ପରେ ପୂର୍ବଭଳି ଅବସ୍ଥା ଦେଖିବାକୁ ମିଳୁଛି।

# ଦେଢ଼ କି.ମି. ରାସ୍ତାରେ ୧୦ ହମ୍ପ୍ସ

**ନୂଆପଡ଼ା,୨୬।୪ (ମକାରୁ ବେମାଲ)**

ଛତିଶଗଡ଼ ରାଜ୍ୟ ରାୟପୁରଠାରୁ ନୂଆପଡ଼ା ଜିଲା ଦେଇ ଗୋପାଳପୁରକୁ ସଂଯୋଗ କରୁଥିବା ଜାତୀୟ ରାଜପଥରେ ଅତ୍ୟଧିକ ହମ୍ପ (ସ୍ପିଡ୍ ବ୍ରେକର) ଯୋଗୁ ଯାତାୟାତରେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଅଭିଯୋଗ ହେଉଛି । ଉକ୍ତ ହମ୍ପ ସମ୍ମୁଖରେ କୌଣସି ଚିହ୍ନ (ମାର୍କ) କରାଯାଇ ନ ଥିବାରୁ ଚାଳକ ଜାଣି ନ ପାରି ଛୋଟବଡ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାୟପୁର-ଗୋପାଳପୁର ୩୫୩ ନମ୍ବର ଜାତୀୟ ରାଜପଥ ନୂଆପଡା ଜିଲା ସଦର ମହକୁମାଠାରୁ ଖରିଆର ରୋଡ ୧୦ କିଲୋମିଟର ପର୍ଯ୍ୟନ୍ତ ରାସ୍ତାରେ ସିଲଦା ବ୍ରିଜଠାରୁ ନ୍ୟାଶନାଲ ମାଧ୍ୟମିକ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଦେଢ କିଲୋମିଟର ଭିତରେ ୧୦ଟି ସ୍ଥାନରେ ହମ୍ପ ରହିଛି। ଜାତୀୟ ରାଜପଥ ଉପରେ ହମ୍ପ ନ ରହିବା କଥା । କିନ୍ତୁ ଜିଲାରେ ଅଧିକାଂଶ ସ୍ଥାନରେ ହମ୍ପ ବ୍ୟବହାର କରାଯାଉଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ହମ୍ପ ପୂର୍ବରୁ ଚିହ୍ନ ମାରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ମହିଳା ବିଲ୍‌କୁ ସମର୍ଥନ ନ ଦେବା ଦୁର୍ଭାଗ୍ୟଜନକ

**ନାରୀ ଶକ୍ତି ବନ୍ଦନ ଉପରେ ଭାଜପାର ଖବରଦାତା ସମ୍ମିଳନୀ**

**ଭବାନୀପାଟଣା,୨୬।୪(ଉତ୍ତମ କୁମାର ଦାଶ)**



ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ୨୦୨୯ରୁ ଲାଗୁ କରିବା ପାଇଁ କେନ୍ଦ୍ର ସରକାର ଆଣିଥିବା ସମ୍ବିଧାନ ସଂଶୋଧନ ବିଲ (ନାରୀ ଶକ୍ତି ବନ୍ଦନ ଅଧିନିୟମ ୨୦୨୩) ଗତ ୧୭ ତାରିଖ ଲୋକ ସଭାରେ ନାକଚ ହୋଇଯାଇଛି। ଏହି ବିଲ ବିରୋଧରେ କଂଗ୍ରେସ ସମେତ ସମାଜବାଦୀ ପାର୍ଟି, ଟିଏମ୍‌ସି ଏବଂ ଡିଏମ୍‌କେ ବିପକ୍ଷର ୨୩୦ ସଦସ୍ୟ ମତଦାନ କରିଥିଲେ। ଏହାକୁ ନେଇ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିଭିନ୍ନ ସ୍ଥାନରେ ଜନ ଆକ୍ରୋଶ ପଦଯାତ୍ରା କରାଯାଇ ବିରୋଧୀଙ୍କ ମହିଳା-ବିରୋଧୀ ମାନସିକତାକୁ ସାମ୍ନାକୁ ଆଣିଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଭବାନୀପାଟଣା ସର୍କିଟ ହାଉସଠାରେ ଭାଜପା ପକ୍ଷରୁ ନାରୀ ଶକ୍ତି ବନ୍ଦନ ଅଧିନିୟମ ଉପରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ପୂର୍ବତନ ମହିଳା କମିଶନର ଜ୍ୟୋତି ପାଣିଗ୍ରାହୀ ଯୋଗଦେଇ ବିରୋଧୀଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ମହିଳା ସଶକ୍ତୀକରଣ ଓ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ଏହି ବିଲ୍ ଆଣିଥିବାବେଳେ ବିରୋଧୀ ଦଳ ଏହାକୁ ସମର୍ଥନ ନ ଦେବା ଦୁର୍ଭାଗ୍ୟଜନକ। ଏହି ବିଲ୍ ଦ୍ୱାରା କେବଳ ଭାଜପା ନୁହେଁ ଦେଶର ସବୁ ଦଳର ମହିଳା ନେତ୍ରୀ ଉପକୃତ ହୋଇଥାନ୍ତେ। ବିରୋଧୀ ଦଳ ଏହି ବିଲକୁ ନାକଚ କରି ନିଜ ଦଳର ମହିଳା ନେତ୍ରୀଙ୍କୁ ମଧ୍ୟ ଦୁଃଖୀ କରିଛନ୍ତି। ମହିଳା ବିରୋଧୀ ଶକ୍ତିଙ୍କ ସହ ଭାଜପା ଦୃଢ଼ତାର ସହ ଲଢ଼ିବ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଜିଲା ସଭାପତି ଯୁଗଳ କିଶୋର ପୋଡ଼, କଳାହାଣ୍ଡି ପ୍ରଭାରୀ ଶିବାଜି ମହାନ୍ତି, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଜିଲା ଉପସଭାପତି ମୁକେଶ ଅଗ୍ରୱାଲ, ମିଡିଆ ସେଲ ସଂଯୋଜକ ନରହରି ପଟ୍ଟନାୟକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପାତାଳଗଙ୍ଗା ବୈଶାଖ ମେଳା ପ୍ରସ୍ତୁତି ବୈଠକ



ବୈଠକରେ ଯୋଗଦେଇଥିବା ଅଧିକାରୀ ଓ କର୍ମକର୍ତ୍ତା।

**ବୋଡ଼େନ,୨୬।୪ (ଟିକେଶ୍ୱର ନାଗ)**

ନୂଆପଡ଼ା ଜିଲା ବୋଡ଼େନ ବ୍ଲକର ତୀର୍ଥକ୍ଷେତ୍ର ପାତାଳ ଗଙ୍ଗା ରାମ ମନ୍ଦିର ଓ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ପରିବେଶକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ କରିବା ସହ ପାନୀୟଜଳ ଯୋଗାଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିରେ ଉପଜିଲାପାଳ ସୁର୍ମି ସୁରେନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜିତ ନାୟକ, ବିଡିଓ କର୍ମି ଓରାମ, ଖଡ଼ିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ, ବୋଡେନ ଥାନା ଅଧିକାରୀ ଧର୍ମେନ୍ଦ୍ର ଭୁଏ, ଆଇନଜୀବୀ ଯୋଗେନ୍ଦ୍ର ନାଥ ମାଝୀ, ଜଗନ୍ନାଥ ମନ୍ଦିର କମିଟି ସଭାପତି ଧୀରେନ୍ଦ୍ର ମାଝୀ, ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି, ରାଧାକୃଷ୍ଣ ମନ୍ଦିର ଉପସଭାପତି ଲମ୍ବୋଦର ନିଆଲ, ବୋଡେନ ଯାଦବ ସମାଜ ସଭାପତି ରାଜ କିଶୋର ହେର୍ଣ୍ଣା, ଝରିଆ ଯାଦବ ସମାଜ ଜିଲା ସଭାପତି ଡମବୁଡ଼ା ଗୁଆଲ ପ୍ରମୁଖ ଉପସ୍ଥିତ ରହି ମେଳା ଆୟୋଜନ ନେଇ ଆଲୋଚନା କରିଥିଲେ।

# ଶୀତଳ ଭଣ୍ଡାର, ମଣ୍ଡି ବ୍ୟବସ୍ଥା କରାଯାଉ

**ନୂଆପଡା,୨୬।୪ (ମକାରୁ ବେମାଲ)**



ଉତ୍ପାଦିତ ପିଆଜ ସମ୍ପର୍କରେ ପଚାରି ବୁଝୁଛନ୍ତି ଅତିରିକ୍ତ ସଚିବ।

**ଅତିରିକ୍ତ ସଚିବଙ୍କୁ ଦାବି ଜଣାଇଲେ ପିଆଜଚାଷୀ**

କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନା ଅତିରିକ୍ତ ସଚିବ ମନୋଜ କୁମାର ରବିବାର ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଡୁକଲାପଡା ଗାଁର ଚାଷୀଙ୍କ ପିଆଜ ଚାଷଜମି ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ଗାଁର ପିଆଜ ଚାଷୀ ପଣ୍ଡୁ ବାଗ, ଅବଲ ନିଆଲ, ବରୁଣ ବାଗ, ଭୁବନେଶ୍ୱର ବାଗ, ତେଜୁଲାଲ ବାଗଙ୍କଠାରୁ ବିଭିନ୍ନ ପ୍ରସଙ୍ଗ ପଚାରି ବୁଝିଥିଲେ। ଆୟବ୍ୟୟ ସମ୍ପର୍କରେ ପଚାରିବାରୁ ଚାଷୀମାନେ ଏକର ପିଛା ୬୦ରୁ ୭୦ କୁଇଣ୍ଟାଲ ପିଆଜ ଉତ୍ପାଦନ ହେଉଥିବାବେଳେ ଲକ୍ଷେରୁ ଊର୍ଦ୍ଧ୍ୱ ଆୟ ହେଉଛି ବୋଲି କହିଥିଲେ। ଏହାସହ ସେମାନେ ଚାଷ ସମ୍ପର୍କିତ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଗାଁରେ ବନ୍ଧ, ମୁଡା, ଗଭୀର ନଳକୂପ ଦ୍ୱାରା ଆବଶ୍ୟକ ପାଣି ରହିଛି। ହେଲେ ଅଘୋଷିତ ବିଦ୍ୟୁତ କାଟ ଯୋଗୁ ଠିକ ସମୟରେ ଚାଷଜମିରେ ପାଣି ମଡାଇ ହେଉନାହିଁ। ଫଳରେ ଫସଲ ମରିଯିବା ଆଶଙ୍କା ରହୁଛି । ଏଠାରେ ଶୀତଳଭଣ୍ଡାର କିମ୍ବା ମଣ୍ଡି (ମାର୍କେଟିଂ) ବ୍ୟବସ୍ଥା ନ ଥିବାରୁ ଶାଗମାଛ ଦରରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ବିକ୍ରୟ କରି ଦେଉଛୁ। ତେଣୁ ଶୀତଳ ଭଣ୍ଡାର ଓ ମଣ୍ଡି ବ୍ୟବସ୍ଥା କରାଯାଉ ବୋଲି ଚାଷୀ ଦାବି କରିଥିଲେ। ଏହାପରେ ଅତିରିକ୍ତ ସଚିବ ସିପିଏସ୍‌ଡବ୍ଲ୍ୟୁ କେନ୍ଦୁଭଟା ଓ ଉଦ୍ୟାନ ବିଭାଗ ନୂଆପଡା ତରଫରୁ ନିର୍ମାଣ କରାଯାଇଥିବା ଭମର ନିଆଲଙ୍କ ପିଆଜ ସାଇତି ରଖିବା ଘର ପରିଦର୍ଶନ କରିଥିଲେ। ଏହି ଅବସରରେ ପିଆଜ ଚାଷୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଏହି ସମୟରେ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାଏକ, ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାସଦାଁ, ସିପିଏସ୍‌ଡବ୍ଲ୍ୟୁ ମୁଖ୍ୟ କାର୍ଯ୍ୟନିର୍ବାହୀ ବିରଞ୍ଚି ନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସୁସ୍ଥ ସମାଜ ପାଇଁ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଅତ୍ୟାବଶ୍ୟକ

**ନୂଆପଡ଼ା,୨୬।୪ (ମକାରୁ ବେମାଲ)**

**ନୂଆପଡ଼ାରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ**



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଚାଷୀ।

ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସରେ ଏକ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଓ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁଖେନ୍ଦୁ ରାୟ, ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, କୃଷି ବିଜ୍ଞାନ କେନ୍ଦ୍ର ନୂଆପଡ଼ା ପ୍ରମୁଖ ବୈଜ୍ଞାନିକ ଡା. ଲବ ସୋରେନ, ଉପନିର୍ଦ୍ଦେଶକ ଡା. କେ. ପାର୍ଥସାରଥି ଦୋରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲାପାଳ ପ୍ରାଣୀ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରି ସୁସ୍ଥ ସମାଜ ପାଇଁ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଅତ୍ୟାବଶ୍ୟକ ବୋଲି କହିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରାୟ ଜିଲାର ପ୍ରାଣୀ ସମ୍ପଦ ବିକାଶ ବିଭାଗର ସଫଳତା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ଅତିଥିମାନେ ଚାଷୀମାନଙ୍କୁ ବୈଜ୍ଞାନିକ ପଦ୍ଧତି ଅନୁସରଣ କରି କୃଷି ଓ ପ୍ରାଣୀ ପାଳନରେ ଆଗେଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲାର ୫ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋପାଳନ କ୍ଷେତ୍ରରେ ରତ୍ନାକର ପଟେଲ (ଖରିଆର), ବତକ ପାଳନରେ ଦିଲଚନ ନାଏକ (କୋମନା), ଛେଳି ପାଳନରେ ଅକ୍ରୁର ହଂସ (କୋମନା), ଘୁଷୁରି ପାଳନରେ ରଥୁରାମ ଦୀପ (ନୂଆପଡ଼ା) ଏବଂ ଘାସ ଚାଷରେ ହିମାଞ୍ଚଳ ଭୋଇ (ଖରିଆର)ଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଭାବେ ଡା. ସଂଗ୍ରାମ କେଶରୀ ବେହେରା (ଖରିଆର), ଶ୍ରେଷ୍ଠ ପ୍ରାଣୀ ଚିକିତ୍ସକ ଭାବେ ଡା. ସତ୍ୟବ୍ରତ ପରିଡା (ନୂଆପଡ଼ା) ଏବଂ ଶ୍ରେଷ୍ଠ ପ୍ରାଣୀଧନ ନିରୀକ୍ଷକ ଭାବେ ବିମଳ କିଶୋର କୁମ୍ଭାର (ନିଲଜୀ, ସିନାପାଲି)ଙ୍କୁ ସମ୍ମାନିତ କରାଯାଇଥିଲା। ସଭାରେ ଡା. କିଶୋର କୁମାର ସାହୁ (ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ନୂଆପଡ଼ା), ଡା. ସିଙ୍ଘୋନି ମହାନ୍ତି (ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀ ଉତ୍ପାଦନ, ନୂଆପଡ଼ା) ଏବଂ ଡା. ଶମ୍ଭୁ ପ୍ରସାଦ ସାହୁ (ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀ ରୋଗ ନିୟନ୍ତ୍ରଣ, ନୂଆପଡ଼ା) ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡା. ସସ୍ମିତା ବିଶ୍ୱାଳ ସଭା ପରିଚାଳନା ଓ ଡା. ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବର୍ଣ୍ଣପୁରରେ ପଶ୍ଚିମ ଓଡ଼ିଶା ନାଟୁଆଙ୍କ ମହାକୁମ୍ଭ

■ ରାଷ୍ଟ୍ରୀୟ ନାଟ ମେଳା ୨୦୨୬
■ ପ୍ରସନ୍ନ ଦାଶ ହେଲେ ନାଟର ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷ
■ ଟାଉନ ହଲ ପରିସରରେ ନିର୍ମାଣ ହେବ ଭୀମଭୋଇ କଳାମଣ୍ଡପ

ସୋନପୁର,୨୬।୪(ମୃତ୍ୟୁଞ୍ଜୟ ଶତପଥୀ)

ନାଟକ, ସାହିତ୍ୟ ଏବଂ ସମାଜସେବା ପାଇଁ ସମର୍ପିତ ସୁବର୍ଣ୍ଣପୁରର ଅନୁଷ୍ଠାନ ନୋଡାଲ ଆସୋସିଏଶନ ଫର୍ ଅମେଚ୍ୟୋର୍ ଥିଏଟର (ନାଟ) ଦ୍ୱାରା ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ରାଷ୍ଟ୍ରୀୟ ନାଟ ମେଳା ୨୦୨୬ ରବିବାର ପାଳିତ ହୋଇଯାଇଛି। ନାଟର ବରିଷ୍ଠ ସଦସ୍ୟ ସମୀର ସାହୁଙ୍କ ଭଜନରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନାଟର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବିଶିଷ୍ଟ ନାଟ୍ୟକର୍ମୀ ପ୍ରସନ୍ନ କୁମାର ଦାଶ, ବିଶିଷ୍ଟ ଶିକ୍ଷାବିତ ପ୍ରକାଶ କୁମାର ଯୋଶୀ, ସୋନପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ, ସୋନପୁର ପୌର ପରିଷଦର ଅଧ୍ୟକ୍ଷା ତାମସୀ ତାମସ୍ୱିତା ନାୟକ ଏବଂ କବି ଆର୍ତ୍ତତ୍ରାଣ ବାବୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୌରାଧ୍ୟକ୍ଷା ନୂତନ ଟାଉନ ହଲ ପରିସରରେ ୩୦ ଲକ୍ଷ ବ୍ୟୟରେ ଭୀମଭୋଇ କଳାମଣ୍ଡପ ନିର୍ମାଣ କରିବା ପାଇଁ ଘୋଷଣା କରିଥିଲେ। ଯାହାକୁ ଉପସ୍ଥିତ ଦର୍ଶକ ସ୍ୱାଗତ କରିଥିଲେ। ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ନେପଥ୍ୟ ଉନ୍ମୋଚିତ ହୋଇଥିଲା। ଉଦ୍‌ଘାଟନୀ ସଭାକୁ ନାଟର ସାହିତ୍ୟ ସମ୍ପାଦକ ଲକ୍ଷ୍ମୀ ନାରାୟଣ ସାହୁ ସଂଯୋଜନା କରିଥିବା ବେଳେ ସାଧାରଣ ସମ୍ପାଦକ ବନମାଳୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଏକ ଦିବସୀୟ ଉତ୍ସବର ଦ୍ୱିତୀୟ ପର୍ବରେ 'ନାଟକ ପରିବେଷଣରେ ମଞ୍ଚସଜ୍ଜା, ଐତିହ୍ୟ ଓ ସମୃଦ୍ଧି' ଶୀର୍ଷକ ଆଲୋଚନାଚକ୍ର ନାଟର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ଦ୍ୱାରିକାନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଇନ୍‌ଟେକ ସୋନପୁର ଶାଖାର ସହଯୋଗରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ପୂର୍ବତନ ସଚିବ ପ୍ରବୋଧ ରଥଙ୍କ ସମେତ ଅଶୋକ ବହିଦାର, ଚିତ୍ତ ରଞ୍ଜନ ଦାଶ, ପ୍ରଦୀପ ପଣ୍ଡା, ପ୍ରଦୀପ ଡ଼ି. ମାଝି, ଶ୍ୟାମା ଓଁ ପ୍ରସାଦ ମିଶ୍ର, ସତ୍ୟ ରଞ୍ଜନ ବେହେରା, ଡ. ତୁଷାରକାନ୍ତ ସାହୁ, ନାଟ୍ୟଶ୍ରୀ ମାନସ ରଞ୍ଜନ ମିଶ୍ର, ଡ. ଅତିଶ କୁମାର ଶତପଥୀଙ୍କ ପରି ପଶ୍ଚିମ ଓଡ଼ିଶାର ଲବ୍ଧପ୍ରତିଷ୍ଠିତ ନାଟ୍ୟକର୍ମୀମାନେ ଅତିଥି ଆଲୋଚକ ଭାବେ ଯୋଗଦେଇଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ନାଟ ମେଳା ୨୦୨୬ ହେଉଛି ସୁବର୍ଣ୍ଣପୁରରେ ପଶ୍ଚିମ ଓଡ଼ିଶାର ନାଟୁଆଙ୍କ ମହାକୁମ୍ଭ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ମଞ୍ଚସଜ୍ଜା ଓ ମଞ୍ଚଶିଳ୍ପର ଅତୀତ ଏବଂ ବର୍ତ୍ତମାନ ସ୍ଥିତିକୁ ମନ୍ଥନ କରିବା ସହ ଭବିଷ୍ୟତ ପୀଢ଼ିଙ୍କୁ ଗଢି ତୋଳିଲେ ନାଟ୍ୟ ପରମ୍ପରା ଚିରଞ୍ଜିବି ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ବେଣୁଧର ପ୍ରଧାନ ପ୍ରସଙ୍ଗ ଉପସ୍ଥାପନ କରିଥିବା ବେଳେ ଡ. ସୌରଭ ରଞ୍ଜନ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପର୍ଯ୍ୟାୟରେ ଟ୍ରେଣ୍ଡି ଏକାଡ଼େମୀର ନୃତ୍ୟ ଶିଳ୍ପୀମାନେ ବୀରେନ୍ଦ୍ର ମହାନନ୍ଦଙ୍କ ସଂଯୋଜନାରେ ନୃତ୍ୟ ପରିବେଷଣ କରିଥିଲେ। ଗୋପାଳ ନେଗୀ ଅତିଥି ଭାବେ ଯୋଗଦେଇ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନାଟର ସଂସ୍କୃତି ସମ୍ପାଦକ ଅବିନାଶ ହୋତାଙ୍କ ସଂଯୋଜନାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ନାଟ୍ୟକର୍ମୀ ପ୍ରସନ୍ନ ଦାଶଙ୍କୁ ଅନୁଷ୍ଠାନ ପକ୍ଷରୁ ରାଷ୍ଟ୍ରୀୟ ନାଟ ସମ୍ମାନରେ ସମ୍ମାନିତ କରାଯିବା ସହ ଆଗାମୀ ଏକ ବର୍ଷ ପାଇଁ ନାଟର ରାଷ୍ଟ୍ରୀୟ ଅଧ୍ୟକ୍ଷ ରୂପେ ଅଭିଷିକ୍ତ କରାଯାଇଥିଲା। ଏହାସହ ବିଶିଷ୍ଟ ମଞ୍ଚସଜ୍ଜା ଶିଳ୍ପୀ କୁନୁ ବେଜ, ପ୍ରବୀଣ କୁମାର ଅଗ୍ରୱାଲ, ଭିନ୍ନେନ୍ଦୁ ଶେଖର ଦାଶ, ପ୍ରଳୟ କୁମାର ଶତପଥୀ, ଉମାକାନ୍ତ ବିଷୋୟୀ, ଅଶୋକ କୁମାର ମିଶ୍ର, ଚିତ୍ରସେନ ମିଶ୍ର, ସଞ୍ଜୟ ସାହୁ, ଦେବେନ୍ଦ୍ର କୁମାର ଅମାତ, ପ୍ରଭାସ ଚନ୍ଦ୍ର ମିଶ୍ର, ଲଡୁ କିଶୋର ମଲ୍ଲିକ, ରମେଶ ଗୁର୍ଲା, ଆଶିଷ କୁମାର ବାଇକର, ଅଶୋକ ବାରିକ, ଜନ୍ମେଜୟ ନାୟକ, କୌଶିକ ଜାଲ, ତ୍ରିମୋହନ ସାହୁ ଏବଂ ଡ. ଶ୍ୟାମ ସୁନ୍ଦର ପାଣ୍ଡେଙ୍କୁ ନାଟ ବିଶ୍ୱକର୍ମା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅତିଥି ଭାବେ ଡଃ. ଦାରିକାନାଥ ନାୟକଙ୍କ ସହ ବିଶିଷ୍ଟ କଳା ନିର୍ଦ୍ଦେଶକ ପ୍ରେମଚାନ୍ଦ ମଣ୍ଟୁ ମହାପାତ୍ର ଏବଂ ନାଟ୍ୟଶ୍ରୀ ଗଦାଧର ବାରିକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଟର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁ, ଉପସଭାପତି ଶୈଳେନ୍ଦ୍ର ବସ୍ତିଆ, ସାଧାରଣ ସମ୍ପାଦକ ବନମାଳୀ ପଣ୍ଡା, ସାହିତ୍ୟ ସମ୍ପାଦକ ଲକ୍ଷ୍ମୀ ନାରାୟଣ ସାହୁ, ସମାଜସେବା ସମ୍ପାଦକ ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ନାଟର କୋଷାଧ୍ୟକ୍ଷ ଜ୍ୟୋତି ବିକାଶ ମିଶ୍ର ଧନ୍ୟବାଦ ଦେଇଥିଲେ। ନାଟର ସଦସ୍ୟ ଗତିକୃଷ୍ଣ ବଣିଆଁ, ଶିବରାଜ କମ୍ପ, ସରିତା ପୋଥାଳ, ସବିତା ସାହୁ ଓ ପ୍ରତାପ ମେହେର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।


ପ୍ରସନ୍ନ ଦାଶଙ୍କୁ ରାଷ୍ଟ୍ରୀୟ ନାଟ ସମ୍ମାନ ପ୍ରଦାନ କରାଯାଉଛି।

# ସୁକାନ୍ତିଙ୍କ ଆଖିରେ ଅସ୍ତ୍ରୋପଚାର ପାଇଁ ଅର୍ଥ ବାଧକ

ସୋନପୁର,୨୬।୪(ମୃତ୍ୟୁଞ୍ଜୟ ଶତପଥୀ)



ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ଗ୍ରାମର ଖେତୁ କମ୍ପଙ୍କ ମେଧାବୀ ଝିଅ ସୁକାନ୍ତି (୯)। ଗାଁ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପାଠ ପଢୁଥିଲେ। ତାଙ୍କ ବାମ ପଟ ଆଖିରେ ଗତ ୧୯ ତାରିଖରେ ତୀର ବାଜିଯିବାରୁ ଆଖିଟି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି। ପ୍ରଥମେ ତାଙ୍କୁ ବୀରମହାରାଜପୁର ପଣ୍ଡାପାଲିସ୍ଥିତ ଚକ୍ଷୁ ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ଅବସ୍ଥା ଗୁରୁତର ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଉଚ୍ଚତର ଚିକିତ୍ସା ପାଇଁ ସୁକାନ୍ତିଙ୍କୁ ଭୁବନେଶ୍ୱର ଏଲ.ଭି. ପ୍ରସାଦ ଚକ୍ଷୁ ଡାକ୍ତରଖାନାକୁ ନିଆଯାଇଥିଲା। ଆଖିରେ ୩ ଟି ଅସ୍ତ୍ରୋପଚାର ହେବ ବୋଲି ଡାକ୍ତର କହିଛନ୍ତି। ବାପା ଖେତୁଙ୍କ ବୟସ (୭୦)। ମା' ଜ୍ଞାନ ସିକଲିନ ରୋଗୀ। ଖେତୁଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ। ବଡ଼ ପୁଅ ସୂର୍ଯ୍ୟକାନ୍ତ ମାନସିକ ରୋଗୀ। ସେ ସୁବର୍ଣ୍ଣପୁର ଜିଲା ଅନ୍ଧ, ମୁକ ବଧିର ସ୍କୁଲରେ ପାଠ ପଢୁଛି। ସୁକାନ୍ତି ମା', ବାପାଙ୍କ ସାହାରା ଥିଲେ। ଭଲ ପାଠ ବି ପଢୁଥିଲେ। ଅନ୍ୟ ଛୋଟ ପିଲାମାନେ ଖଜୁରୀ କଣ୍ଟା ଲଗେଇ ଧନୁ ତୀର ଖେଳୁଥିବା ସମୟରେ ସୁକାନ୍ତି ସେହି ରାସ୍ତାରେ ଯାଉଥିଲେ। ତାଙ୍କ ଆଖିରେ ତୀର ବାଜିଥିଲା। ସୁକାନ୍ତିଙ୍କ ଆଖି ଅସ୍ତ୍ରୋପଚାର ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ। ଖେତୁ ଏହା ଯୋଗାଡ଼ କରିବାକୁ ଅକ୍ଷମ। କୌଣସି ସହୃଦୟ ବ୍ୟକ୍ତି ଝିଅର ଚିକିତ୍ସା ପାଇଁ ତାଙ୍କୁ ଆର୍ଥିକ ସହାୟତା କରିବାକୁ ସେ ଅନୁରୋଧ କରିଛନ୍ତି।

# ୨୦ କେଜି ଗଞ୍ଜେଇ ଜବତ, ଜଣେ କୋର୍ଟ ଚାଲାଣ



ତରଭା,୨୬।୪(ମାନଭଞ୍ଜନ ମିଶ୍ର)

ତରଭା ଥାନା ପୋଲିସ ବଡ଼ଭୋଇଁରୋ ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ସାନଭୋଇଁରୋ ଛକ ନିକଟରେ ବାଇକ୍ ନଂ. ଓଡି ୩୧ ବି ୯୨୬୭କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବାରେ ଏକ ଜରି ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା। ଉକ୍ତ ଗଞ୍ଜେଇ ମାଜିଷ୍ଟ୍ରେଟ ଶତୋଲିନା ମହାଣଙ୍କ ଉପସ୍ଥିତରେ ଓଜନ କରାଯିବାରୁ ୨୦ କେଜି ୧୪୦ ଗ୍ରାମ ହୋଇଥିଲା। ଗଞ୍ଜେଇ ସହ ବାଇକ୍‌କୁ ଜବତ କରିଥିଲା। ପୋଲିସ ଓ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ନଂ. ୧୪୨/୨୬ରେ ମାମଲା ରୁଜୁ କରିଛି। ଝାର ତରଭା ପଞ୍ଚାୟତର ଠକପାଳି ଗ୍ରାମର ସିଦ୍ଧାନ୍ତ ନାଗ (୨୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଅନିତା କିଡୋ ସୂଚନା ଦେଇଛନ୍ତି। ଏହି ପାଟ୍ରୋଲିଂ ଟିମ୍‌ରେ ଆଇଆଇସି କିଡୋ, ଏଏସ୍‌ଆଇ ସୁଧୀର ଜେନା, କନେଷ୍ଟବଳ ଜୋସ୍ନା ପଧାନ, ହୋମ ଗାର୍ଡ ନେତ୍ରାନନ୍ଦ ତାଣ୍ଡି ଓ ଦିଲୀପ କର୍ମୀ ସାମିଲ ଥିଲେ।

# ମନ୍ଦିରରେ ଶୁଭଖମ୍ବ ସ୍ଥାପନ

କଣ୍ଟାବାଞ୍ଜି,୨୬।୪(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ଅଧିଷ୍ଠାତ୍ରୀ ଦେବୀ ଶ୍ରୀଗଙ୍ଗାମାଈ ପୂଜାର ଶୁଭଖମ୍ବ ରବିବାର ପୂର୍ବାହ୍ନରେ ମନ୍ଦିର ପରିସରରେ ସ୍ଥାପନ କରାଯାଇଛି। ମନ୍ଦିର ପୂଜା କମିଟି ଦ୍ୱାରା ବିଧିବଦ୍ଧ ଭାବେ ପୂଜା ଅର୍ଚ୍ଚନା ପରେ ଶୁଭ ଖମ୍ବ ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କମିଟିର ସୁନିଲା ଦୀପ, ନାଗେଶ୍ୱର ଦୀପ, ଜସପାଲ ସୁନାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ପ୍ରକାଶଥାଉ କି, ଆସନ୍ତା ମେ ୧୫ ତାରିଖରୁ ୭ ଦିନ ଧରି ହେବାକୁ ଥିବା ଏହି ପୂଜାର ଶୁଭ ଖମ୍ବ ସ୍ଥାପନ କରାଯାଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ମୀନା ବଜାର ପଡିବା ସହ ବିଭିନ୍ନ କାର୍ଯ୍ୟକ୍ରମ ବ୍ୟବସ୍ଥା ରହିଥିବା କମିଟି ତରଫରୁ ପ୍ରକାଶ।

# ନୂତନ ମନ୍ଦିରକୁ ପ୍ରବେଶ କଲେ ଗୋପାଳଜୀ ଠାକୁର


ଗୋପାଳଜୀ ମନ୍ଦିର ପ୍ରତିଷ୍ଠା ପାଇଁ ପୂଜାର୍ଚ୍ଚନା।

ବୀରମହାରାଜପୁର, ୨୬।୪ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣୀ ପଞ୍ଚାୟତ ଅନ୍ତର୍ଗତ ଘଣ୍ଟପାଲିଠାରେ ନବ ନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଶେଷ ସହ ଗୋପାଳଜୀ ଠାକୁର ମନ୍ଦିର ପ୍ରବେଶ କଲା ପରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଛି। ଗୁରୁବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଅଷ୍ଟପ୍ରହର ନାମଯଜ୍ଞ, ସୁନ୍ଦରକାଣ୍ଡ ପାରାୟଣ ଅର୍ଣ୍ଣ ଯଜ୍ଞ, ଘୃତ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଦିବସରେ ରାଜ୍ୟ ମାନବାଧିକାର କମିଶନ ଶତ୍ରୁଘ୍ନ ପୂଝାରୀ, ପୂର୍ବତନ ବିଚାରପତି ବିଜୟ କୁମାର ପୁରୋହିତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ। ରବିବାର ଅନ୍ତିମ ଦିବସରେ ଗୋପାଳଜୀ ଠାକୁର ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମରେ ପୁରୀ ରାମଜୀ ମଠର ମଠାଧୀଶ ବଂଶୀଧର ମହାରାଜ ଜୀ, ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଘଣ୍ଟପାଲି ଗ୍ରାମବାସୀ ଓ ଆଖପାଖ ବିଭିନ୍ନ ୫ ଖଣ୍ଡ ଗାଁର ଶତାଧିକ ବ୍ୟକ୍ତି ସାମିଲ ହୋଇଥିଲେ। ମନ୍ଦିର ପ୍ରତିଷ୍ଠା ଅବସରରେ ଅଷ୍ଟପ୍ରହର ନାମଯଜ୍ଞ, ସୁନ୍ଦରକାଣ୍ଡ ପାରାୟଣ ଏବଂ ବଲାଙ୍ଗୀରର ଦଣ୍ଡମାଳ କଳାକାରଙ୍କ ଦ୍ୱାରା ରାମଲୀଳା ନାଟକ ଅନୁଷ୍ଠିତ ହେବ। ଏହି ପ୍ରତିଷ୍ଠା ଅବସରରେ ପୂଜକ ଭାବେ ପଣ୍ଡିତ ବନମାଳୀ ଚାନ୍ଦ, ବଳରାମ ପଣ୍ଡା, ସ୍ୱପ୍ନେଶ୍ୱର ଚାନ୍ଦ, ଅମ୍ବରିଶ ଚାନ୍ଦ, ସୁବ୍ରତ କୁମାର ପାଢ଼ୀ କାର୍ଯ୍ୟ ନିର୍ବାହ କରିଥିଲେ। କର୍ତ୍ତା ଭାବେ ଗୌରୀ ଶଙ୍କର ହୋତା ଓ ରିନାରାଣୀ ପଣ୍ଡା ସସ୍ତ୍ରିକ କାର୍ଯ୍ୟ ସମ୍ପାଦନା କରି ଥିବାବେଳେ ଘଣ୍ଟପାଲି, କର୍ଡ଼ପାଳ, ତେଲିପାଲି, ଭୁଡିଆପାଲି ଆଦି ଗ୍ରାମବାସୀ ସହଯୋଗ କରୁଥିଲେ। ନ୍ୟାୟମୂର୍ତ୍ତି ରାମଶଙ୍କର ହୋତା ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜଗୋପାଳ ପାଣିଗ୍ରାହୀ ଉପଦେଷ୍ଟା ଭାବେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମେଲୋଡ଼ି ଗାଡ଼ି ଓଲଟିଲା: ୫ ଗୁରୁତର

## ଅଳ୍ପକେ ବର୍ତ୍ତିଲେ ୨୫ ଜଣ




ସଇଁତଲା,୨୬।୪ (ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ବୋରିଗୁମ୍ମା ଜାତୀୟ ରାଜପଥ-୨୬ କନ୍ଧକେଲଗାଁ ଛକରେ ରବିବାର ଏକ ମେଲୋଡ଼ି ଗାଡ଼ି କୌଣସି କାରଣରୁ ଭାରସାମ୍ୟ ହରାଇ ଓଲଟି ପଡିଛି। ଫଳରେ ଗାଡିରେ ଥିବା ୫ ଜଣ ଗୁରୁତର ହୋଇଥିବା ବେଳେ ଅନ୍ୟ ୨୫ ଜଣ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାଯାଇଛି। ପୋଲିସ ସୂଚନା ଅନୁଯାୟୀ, ସକାଳୁ ବରଗଡ଼ ଜିଲା ବିର୍ଜାମ ଗ୍ରାମରୁ ମା' ଲଙ୍କେଶ୍ୱରୀ ନାମକ ମେଲୋଡ଼ି ଏବଂ ଦୁଲଦୁଲି ପାର୍ଟି ଜୁନାଗଡ଼ରେ ହେବାକୁ ଥିବା ଏକ ବିବାହ ଉତ୍ସବକୁ ଯାଉଥିଲେ। ଗାଡ଼ିଟି କୌଣସି କାରଣରୁ ସଇଁତଲା ଥାନା ଅନ୍ତର୍ଗତ କନ୍ଧକେଲଗାଁ ଛକରେ ଓଲଟି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବରପାଇ ସ୍ଥାନୀୟ ପୋଲିସ ଓ ଜନସାଧାରଣ ପହଞ୍ଚି ଆହତ ମାନଙ୍କୁ ଉଦ୍ଧାର କରି ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସଇଁତଲା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ପାନୀୟ ଜଳ, ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

**ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି**

ଖପ୍ରାଖୋଲ,୨୬।୪(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ହରିଶଙ୍କର ପର୍ଯ୍ୟଟନ ବିଭାଗ ଅଭ୍ୟର୍ଥନା କେନ୍ଦ୍ର ସଭାଗୃହଠାରେ ଦେବୋତ୍ତର ବିଭାଗ ତଥା ପ୍ରଶାସନ ତରଫରୁ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଓ ହରିଶଙ୍କର ମହୋତ୍ସବ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାଟଣାଗଡ଼ ଉପ ଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିଲ କୁମାର ମେହେର ଅଧ୍ୟକ୍ଷତା କରିଥିଲେ । ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ଦେବୋତ୍ତର ପରିଚାଳନା କମିଟି, ସବ୍ କମିଟି ସଦସ୍ୟଙ୍କ ଉପସ୍ଥିତିରେ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ପରିମଳ, ସ୍ୱଚ୍ଛତା , ପୂଜାନୀତି, ପ୍ରଜ୍ଞାପନ ମେଢ, ପ୍ରଦର୍ଶନୀ, ହୋମ ଯଜ୍ଞ, ସାଂସ୍କୃତିକ କାର୍ଯ୍ୟକ୍ରମ, ପାହାଡ ଉପରେ ପାନୀୟ ଜଳ ଯୋଗାଣ, ଟ୍ରାଫିକ ନିୟନ୍ତ୍ରଣ, ଅତିଥି ଓ ସାଂସ୍କୃତିକ ଦଳଙ୍କୁ ଅଭ୍ୟର୍ଥନା ଉପରେ ଆଲୋଚନା ହୋଇଥିଲା । ତେବେ ପାନୀୟ ଜଳ ଯୋଗାଣ ଓ ଟ୍ରାଫିକ ନିୟନ୍ତ୍ରଣକୁ ପ୍ରାଥମିକତା ଦିଆଯାଇଥିଲା। ଆଗାମୀ ୨୭ ତାରିଖରୁ ମେ ୧ ତାରିଖ ଯାଏ ହେବାକୁ ଥିବା ଏହି ମେଳାରେ ଲକ୍ଷାଧିକ ଜନ ସମାଗମ ହେବାର ଆଶା କରାଯାଉଛି। ବୈଠକ ରେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡଙ୍ଗୀ, ତହସିଲଦାର ଆନନ୍ଦ ଚନ୍ଦ୍ର ପଣ୍ଡା, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ବେଲପଡା, ପାଟଣାଗଡ଼ର ତହସିଲଦାର, ଅତିରିକ୍ତ ତହସିଲଦାର, ଦେବୋତ୍ତର କମିଟି ସଦସ୍ୟ ସନ୍ତୋଷ ମେହେର, ଅଭୟ ତ୍ରିପାଠୀ, ଶଶୀ ପୂଝାରୀ, ରୋହିତ ମେହେର, ସବ କମିଟି ସଭାପତି ବିପ୍ର ବିଶି, ଟିକେଶର ଧରୁଆ, କ୍ଷମା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ରୌଦ୍ରତାପକୁ ବଢାଉଛି ଇଟାଭାଟି, ଆବର୍ଜନା ନିଆଁ

ତରଭା, ୨୬।୪ (ମାନଭଞ୍ଜନ ମିଶ୍ର)

କିଛିଦିନ ହେଲା ପ୍ରଚଣ୍ଡ ରୌଦ୍ରତାପ ତାପରେ ଗାଁଠୁ ସହର ଜଳୁଛି। ଲୋକେ ଝାଞ୍ଜି ଖରା ପବନରେ ଉହକ ବିକଳ ହେଉଥିବା ବେଳେ ଗାଁଗଣ୍ଡାରେ ଇଟାଭାଟି ଓ ସହରାଞ୍ଚଳର ଆବର୍ଜନା ନିଆଁ ଗରମକୁ ଦୁଇ ଗୁଣିତ କରିଛି। ସାମାଜିକ ଗଣମାଧ୍ୟମରେ ତରଭା ବ୍ଲକ ପଛପଟ ବାଇପାସ ରାସ୍ତାରେ ଗଦା ଯାଇଥିବା ଆବର୍ଜନାରେ କୌଣସି କାରଣରୁ ନିଆଁ ଲାଗୁ ଅବା ତାକୁ ପୋଡ଼ା ଯାଇ ସ୍ୱଚ୍ଛତା ରୂପ ଦେବା ଭଳି ପଦକ୍ଷେପ ନୀନ୍ଦନୀୟ ଏବଂ ଜନ ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ ଅଟେ। ସେହିପରି ଅବାଧରେ ଜନବସତିକୁ ଲାଗି ଅନେକସ୍ଥାନରେ ଇଟାଭାଟି ପୋଡ଼ା ଚାଲିଛି। ଯାହା ନିୟମ ବିରୋଧୀ। ଜଳବାୟୁ ପ୍ରଦୂଷଣ ଏବଂ ଉତ୍ତପ୍ତର ମୁଖ୍ୟ କାରଣ ସାଜିଛି। ଏହା ମନୁଷ୍ୟ କୃତ, ବହୁବାର ସ୍ଥାନୀୟ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ହେଲେ ଏହା ଆମ କାମ ନୁହଁ ଖଣିଜ ସମ୍ପଦ ବିଭାଗର ଦାୟିତ୍ୱ ବୋଲି କହିଛନ୍ତି। ଏଣୁ ଏ ଦିଗରେ ଜିଲାପାଳ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।



# ଉତ୍ତମ ଖାଦ୍ୟ, ସ୍ୱାସ୍ଥ୍ୟ ପାଇଁ ପ୍ରାଣୀ ଚିକିତ୍ସକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ସୋନପୁର,୨୬।୪(ମୃତ୍ୟୁଞ୍ଜୟ ଶତପଥୀ)

ଉଭୟ ପ୍ରାଣୀ ଓ ମଣିଷର ସ୍ୱାସ୍ଥ୍ୟ ରକ୍ଷା ସହ ସୁସ୍ଥ ପରିବେଶ ସୃଷ୍ଟି ନେଇ ପ୍ରାଣୀ ଚିକିତ୍ସକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରାଣୀ ଚିକିତ୍ସକମାନେ କଥା କହି ପାରୁ ନ ଥିବା ପ୍ରାଣୀକୁ ନିଜର ଅଧ୍ୟବସାୟ ବଳରେ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ତତ୍‌ସହିତ ଆମ ସ୍ୱାସ୍ଥ୍ୟ ବର୍ଦ୍ଧକ ପ୍ରାଣୀ ପୁଷ୍ଟିସାର ଯଥା ଦୁଗ୍ଧ, ମାଂସ, ଅଣ୍ଡା ଉତ୍ପାଦନ ବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରାଣୀପାଳନ ଯଥା ଗୋପାଳନ ଓ କୁକୁଡ଼ା ପାଳନ ଉପରେ ଗୁରୁତ୍ୱ ଦେଇ ଆସୁଥିବା ସୋନପୁର କୃଷି ବିଜ୍ଞାନ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ ଅବସରରେ ଅତିଥି ବୃନ୍ଦ ମତପ୍ରକାଶ କରିଛନ୍ତି। ସୁବର୍ଣ୍ଣପୁର ଜିଲା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ମୃତ୍ୟୁଞ୍ଜୟ ମହାନ୍ତି ସଚେତନତା ସଭାରେ ସଭାପତିତ୍ୱ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା କରାଯାଉଥିବା ପ୍ରାଣୀସମ୍ପଦ ବିକାଶ ଭିତ୍ତିକ କାର୍ଯ୍ୟକ୍ରମ ଓ ସଫଳତା ଉପରେ ଆଲୋଚନା କରିଥିଲେ। ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରାଣୀ ଦାଶ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପ୍ରାଣୀ ଚିକିତ୍ସକ ଖାଦ୍ୟ ଏବଂ ସ୍ୱାସ୍ଥ୍ୟର ଅଭିଭାବକ ବୋଲି କହିଥିଲେ। ଏଲଡିଏମ୍ କାର୍ତ୍ତିକେଶ୍ୱର ପଣ୍ଡା, ଜଳ ବିଭାଜିକାର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଇଂ. କିଶୋର ଚନ୍ଦ୍ର ବେହେରା, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଶଙ୍କର୍ଷଣ ମାହୁନ୍ତ, ବୀରମହରାଜପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ କୃଷ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦାନ କରି ପ୍ରାଣୀ ଚିକିତ୍ସା ଦିବସ ପାଳନ ଅବସରରେ ମତ ରଖିଥିଲେ। ସୋନପୁର ବ୍ଲକ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ସୌରଭ ମହାରଣା ଯୋଗଦେଇ ଗୋପାଳନ ଓ କୁକୁଡା ପାଳନ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସହାୟତା, ଯୋଜନା ବିଷୟରେ ବିଶଦ ଆଲୋଚନା କରିଥିଲେ। ଉଲୁଣ୍ଡା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ସୁବ୍ରତ ପୁରୋହିତ ସଭାକୁ ସଂଯୋଜନା କରିଥିଲେ। ଏହି ଅବସରରେ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ, ପ୍ରାଣୀଧନ ନିରୀକ୍ଷକ ଓ ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ।



ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

## ସଂକ୍ଷେପରେ

### ଅଂଶୁଘାତଜନିତ ମୃତ୍ୟୁ ସନ୍ଦେହ

ବଣାଇଁ,୨୬।୪(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ କେ. ବଲାଙ୍ଗ ଥାନା ଅନ୍ତର୍ଗତ ଫକୀରମୁଣ୍ଡା ଗ୍ରାମରେ ଜଣେ ବୃଦ୍ଧଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ଗାବ୍ରୀଏଲ ମୁଣ୍ଡା (୬୦) ଫକୀରମୁଣ୍ଡା ଗ୍ରାମରେ ନଳକୂପ ଖୋଳା ଚାଲିଥିଲା। ସେଠାରେ ଦେଖିବା ପାଇଁ ବସିଥିବା ଗାବ୍ରୀଏଲ ହଠାତ ଅସୁସ୍ଥ ହୋଇ ପଡିଯାଇଥିଲେ। ତାଙ୍କୁ ତୁରନ୍ତ ଲହୁଣୀପଡା ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଛନ୍ତି। ମୃତ ଦେହକୁ ବ୍ୟବଚ୍ଛେଦ ନିମନ୍ତେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ କେ. ବଲାଙ୍ଗ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ସୋମବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି। ଏହି ଅଭିଯୋଗର ତଦନ୍ତ କରି ଜିଲା ପ୍ରଶାସନ କ୍ଷତିଗ୍ରସ୍ତ ପରିବାରଙ୍କୁ କ୍ଷତିପୂରଣ ପ୍ରଦାନ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

### ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

କୁଆଁରମୁଣ୍ଡା,୨୬।୪(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଡାଏରୀ ଫାର୍ମ ସମ୍ମୁଖ ୧୪୩ ନମ୍ବର ଜାତୀୟ ରାଜପଥରେ ଗତ ବୁଧବାର ଅପରାହ୍ନରେ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦୀପକ ଲାକ୍ରା(୩୨)। ଏନେଇ ବୀରମିତ୍ରପୁର ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବେଦବ୍ୟାସରୁ ବାଇକ୍ ଯୋଗେ ଦୀପକ ନିଜ ଘର କୁଆଁରମୁଣ୍ଡା ସରଣ୍ଡାମାଳକୁ ଫେରୁଥିବା ବେଳେ ହଠାତ୍ ଏକ ବଳଦ ପଶିଯିବାରୁ ସେ ଭାରସ୍ୟାମ ହରାଇ ତଳେ ପଡିଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ସ୍ଥାନୀୟ ଲୋକେ ଚିକିତ୍ସା ନିମନ୍ତେ ରାଉରକେଲା ପଠାଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଶନିବାର ଅପରାହ୍ନରେ ମୃତ୍ୟୁ ଘଟିଥିଲା। ରବିବାର ମୃତକଙ୍କ ପରିବାର ପକ୍ଷରୁ ଏ ନେଇ ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ନଳକୂପ ମରାମତି ଦାବି

ବଡ଼ଗାଁ,୨୬।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ରୁନଗାଁ ବସ୍ତି ପଡ଼ାରେ ଥିବା ଏକମାତ୍ର ନଳକୂଅରୁ ଗତ ଦୁଇ ମାସ ହେଲା ଠିକ୍ ଭାବେ ପାଣି ବାହାରୁ ନ ଥିବାରୁ ପଡ଼ାବାସୀ ଜଳକଷ୍ଟରେ ରହିଛନ୍ତି। ଏଥିସହ ଯେଉଁ ପାଣି ବାହାରୁଛି ତାହା ନାଲି। ୩୦ଟି ପରିବାର ରହୁଥିବା ଏହି ପଡ଼ାରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଲୋକ ପାନୀୟ ଜଳ ପାଇଁ ଏହି ନଳକୂପ ଉପରେ ନିର୍ଭର କରନ୍ତି। ପଡ଼ାବାସୀଙ୍କ କହିବା ଅନୁଯାୟୀ, ଅଧିକାଂଶ ସମୟରେ ନଳକୂପ ଖରାପ ରହୁଥିବାବେଳେ ରେଙ୍ଗାଲମାଳ ଗ୍ରାମରେ ବସୁଧା ଯୋଜନା ଅନ୍ତର୍ଗତ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ପାଇପ୍ ପାଣି ମଧ୍ୟ ଠିକ୍ ଭାବରେ ଷ୍ଟାଣ୍ଡପୋଷ୍ଟଗୁଡ଼ିକରେ ପହଞ୍ଚିପାରୁନାହିଁ। ଅଭିଯୋଗ କଲେ ମଧ୍ୟ ଏହାର ସମାଧାନ ହୋଇପାରୁନାହିଁ। ସାମାଜିକ କର୍ମୀ ମନୋଜ କୁମାର ଦାନୀ, ସୁପ୍ରଭା ରାଉତ, ଚାନ୍ଦନୀ ଦାଶଙ୍କ ସମେତ ପଡ଼ାବାସୀ ଶୀଘ୍ର ନଳକୂଅ ମରାମତି କରିବାକୁ ଦାବି କରିଛନ୍ତି।

# ବର୍ଜ୍ୟ ପାଉଁଶ ବୋଝେଇ ୨୦ ହାଇୱା ଅଟକ

## ପରିବେଶ ପ୍ରଦୂଷଣ ନେଇ ଗ୍ରାମବାସୀଙ୍କ ଅଭିଯୋଗ

କୁତ୍ରା,୨୬।୪(ଦେବାଶିଷ ସାହୁ)



ଜବତ ହୋଇଥିବା ପାଉଁଶ ବୋଝେଇ ଟ୍ରକ୍।

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଖତକୁରବାହାଲ ପଞ୍ଚାୟତ ଅନ୍ତର୍ଗତ ଉପରବାହାଲ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ କାରଖାନାର ବର୍ଜ୍ୟ ପାଉଁଶ ବୋଝେଇ ୨୦ଟି ହାଇୱାକୁ ଗ୍ରାମବାସୀ ଅଟକ ରଖିଥିଲେ। ଏହି ପାଉଁଶ ନିକଟସ୍ଥ ଡୁଙ୍ଗଲେଇ ପାହାଡ଼, ଖତକୁରବାହାଲ ଡାକ୍ତରଖାନା ନିକଟରେ ପକାଯାଉଛି, ଯାହାକୁ ଗ୍ରାମବାସୀ ବିରୋଧ କରିଛନ୍ତି । ଖତକୁରବାହାଲ ସରପଞ୍ଚ ଝାଡ଼ି ଧନୱାର ଅଭିଯୋଗ ଆଣିଛନ୍ତି ଯେ, ଉପରବାହାଲରେ ସରକାରୀ ଯୋଜନାରେ ଏକ ପୋଖରୀ ଖୋଳାଯାଇଥିଲା। ଏହି ପୋଖରୀରେ ମଧ୍ୟ କାରଖାନା ପାଉଁଶ ପକାଇ ପୋତି ଦିଆଯାଉଛି। ଏହାକୁ ନେଇ ଖତକୁରବାହାଲ ସରପଞ୍ଚ ଧନୱାର, ସମିତିସଭ୍ୟା ପୁଷ୍ପା ତିର୍କୀଙ୍କ ସମେତ ଉପରବାହାଲ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଗାଡ଼ିଗୁଡ଼ିକୁ ରାତିର ଅନ୍ଧାରରେ ରାଜପଥ ଦେଇ ସେହି ଅଞ୍ଚଳର ରାସ୍ତାକଡ଼, ଜଙ୍ଗଲ ତଥା ବିଭିନ୍ନ ଅଞ୍ଚଳରେ ବର୍ଜ୍ୟ ପାଉଁଶ ପକାଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ବଢ଼ିଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ଏହି ବେଆଇନ ବର୍ଜ୍ୟ ପକାଇବା କାରଣରୁ ପ୍ରଦୂଷଣ ବଢ଼ିବା ସହ ପରିବେଶ ଗୁରୁତର ଭାବେ ପ୍ରଭାବିତ ହେଉଛି। ବିଶେଷକରି ଚାଷଜମି ନଷ୍ଟ ହେଉଛି। ଏହାର ପ୍ରଭାବରେ ଜଳ, ମାଟି ଓ ପାର୍ଶ୍ୱବର୍ତ୍ତୀ ଜୀବଜଗତ ମଧ୍ୟ ଦୂଷିତ ହେବାର ଆଶଙ୍କା ବଢ଼ିଛି। ଏପରିକି ପାଉଁଶ ପରିବହନ ସମୟରେ ସମଗ୍ର କୁତ୍ରା ବ୍ଲକର ରାସ୍ତାଘାଟରେ ପାଉଁଶ ପଡ଼ି ରାସ୍ତା ଦେଇ ଚଳାଚଳ କରୁଥିବା ବାଇକ୍ ଚାଳକ ତଥା ଜନସାଧାରଣଙ୍କ ଆଖିରେ ପାଉଁଶ ଗୁଣ୍ଡ ପଶି ଆଖି ସମସ୍ୟା ସୃଷ୍ଟି କରୁଛି। ସ୍ଥାନୀୟ ଲୋକଙ୍କ ଦାବି ଏହି ବେଆଇନ ବର୍ଜ୍ୟ ପାଉଁଶ ଚାଲାଣ ଉପରେ ତୁରନ୍ତ ସ୍ଥାୟୀ ରୋକ ଲଗାଇବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ। ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଏଥିପ୍ରତି ଶୀଘ୍ର ଦୃଷ୍ଟି ଦେଇ ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ଜୋର୍ ଧରିଛି। ଅଟକ ଗାଡ଼ିଗୁଡ଼ିକୁ ସିଜ୍ କରିବା ପାଇଁ ଦାବି ହେଉଛି। ପୋଲିସ ତଥା ପରିବହନ ବିଭାଗ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ପ୍ରତ୍ୟେକ ଗାଡିରୁ ଫାଇନ୍ ଆଦାୟ କରାଯାଇଥିବାର ସୂଚନା ଦେଇଛନ୍ତି ଥାନା ଅଧିକାରୀ ଲୋକେଶ୍ୱର ସାହୁ।

# ପୂର୍ବ ମାଓବାଦୀ କ୍ୟାଡରଙ୍କୁ ହତ୍ୟା

ବଣାଇଁ,୨୬।୪(ପ୍ରଦୀପ ତ୍ରିପାଠୀ)

- ପୋଲିସ ଇନଫର୍ମର ସନ୍ଦେହ
- ୬ ମାଓବାଦୀ ଘରୁ ଉଠାଇ ନେଇ ହତ୍ୟା କଲେ
- ଥମୁନି ମାଓବାଦୀ ହିଂସା

ଓଡ଼ିଶା–ଝାଡ଼ଖଣ୍ଡ ସୀମା ସଂଲଗ୍ନ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲାର ଗୋଇଲକେରା ଅଞ୍ଚଳରେ ପୋଲିସ ଇନଫରମର ସନ୍ଦେହରେ ଶୁକ୍ରବାର ବିଳମ୍ବିତ ରାତିରେ ନିଜ ପୁରୁଣା ସାଥୀ ରମେଶ ଚାମ୍ପିଆଙ୍କୁ ମାଓବାଦୀମାନେ ଘରୁ ଉଠାଇ ଆଣି ହତ୍ୟା କରିଥିବା ଜଣାପଡିଛି। ରମେଶ ସିପିଆଇ (ମାଓବାଦୀ) ସଙ୍ଗଠନର ଜଣେ ପୂର୍ବତନ ସଦସ୍ୟ। ଗତ ୨୪ ତାରିଖ ରାତିରେ ଗୋଇଲକେରା ଥାନା ଅଧୀନସ୍ଥ ଡୁଗୁନିଆ ଗାଁରେ ତାଙ୍କୁ ଘରୁ ଅପହରଣ କରିନେଇଥିଲେ। ମାଓବାଦୀମାନେ ତାଙ୍କୁ ନିକଟସ୍ଥ ଜଙ୍ଗଲକୁ ନେଇ ପିଟି ପିଟି ହତ୍ୟା କରିଥିଲେ ଏବଂ ପରେ ତାଙ୍କ ମୃତଦେହକୁ ଗୋଇଲକେରା–ମନୋହରପୁର ମୁଖ୍ୟ ସଡକ ଉପରେ ଫିଙ୍ଗି ଦେଇଥିଲେ। ମୃତ ବ୍ୟକ୍ତି ନିଷିଦ୍ଧ ସଙ୍ଗଠନ ଛାଡି ଦେଇଥିଲେ ଏବଂ ସଡକ ନିର୍ମାଣ କାମରେ ମୁନସୀ ଭାବେ କାମ କରୁଥିଲେ। ମାଓବାଦୀମାନେ ତାଙ୍କୁ ପୋଲିସର ସୂଚନାଦାତା ବୋଲି ସନ୍ଦେହ କରୁଥିବା ପୋଲିସ କହିଛି।

# ସାମାଜିକ ସେବାରେ ବ୍ରତୀ ମନୋଜ

ବଡ଼ଗାଁ,୨୬।୪(ଅଶୋକ ଷଡ଼ଙ୍ଗୀ)



ସେବା ହିଁ ଧର୍ମ, ସେବା ହିଁ ମାନବତାର ଶ୍ରେଷ୍ଠ ପରିଚୟ। ଏହି ମହାନ୍ ଆଦର୍ଶକୁ ଜୀବନର ଧ୍ୟେୟ କରି ପ୍ରାୟ ୨ ଦଶକ ଧରି ନିରନ୍ତର ସମାଜସେବାରେ ନିଜକୁ ସମର୍ପିତ କରିଆସୁଛନ୍ତି ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ରୁନଗାଁର ସାମାଜିକ କର୍ମୀ ମନୋଜ କୁମାର ଦାନୀ। ତାଙ୍କ ଜୀବନଯାତ୍ରା କେବଳ ବ୍ୟକ୍ତିଗତ ସଫଳତାର କାହାଣୀ ନୁହେଁ, ବରଂ ସମାଜକୁ ଆଲୋକିତ କରୁଥିବା ଏକ ପ୍ରେରଣା। ନେହେରୁ ଯୁବକେନ୍ଦ୍ର, ପ୍ରଗତି, ସିଆଇଆର୍‌ଡି, ସେବକ, ଆଭା ଓ ସେୱା ପରି ପ୍ରତିଷ୍ଠିତ ସଂସ୍ଥାମାନଙ୍କ ସହ ସ୍ୱେଚ୍ଛାସେବୀ ଭାବେ ସଚ୍ଚୋଟତା ସହିତ କାମ କରିବା ଅବସରରେ ସେ ଗ୍ରାମୀଣ ସମାଜର ନିଜସ୍ୱ ସମସ୍ୟା ଓ ସମ୍ଭାବନାକୁ ନିକଟରୁ ଅନୁଭବ କରିଥିଲେ। ସେହି ଅନୁଭବକୁ ଆଧାରକରି ସମାଜର ଗରିବ, ପଛୁଆ ଓ ବଞ୍ଚିତ ଶ୍ରେଣୀଙ୍କ ସଶକ୍ତୀକରଣ ପାଇଁ ତାଙ୍କ କାର୍ଯ୍ୟକ୍ଷେତ୍ର ଆହୁରି ବିସ୍ତୃତ ହୋଇଥିଲା। ନେହେରୁ ଯୁବକେନ୍ଦ୍ରରେ ଜାତୀୟ ସେବା କର୍ମୀ ଭାବେ ଆରମ୍ଭ ହୋଇଥିବା ତାଙ୍କ ଯାତ୍ରା କ୍ରମେ ଗ୍ରାମୀଣ ଅଞ୍ଚଳରେ ଯୁବ ସଂଘ ଓ ମହିଳା ମଣ୍ଡଳ ଗଠନ, ବନ୍ଦ ପଡ଼ିଥିବା ଯୁବ କ୍ଲବଗୁଡ଼ିକୁ ପୁନଃ ସଚଳ କରିବା ଏବଂ ସମୁଦାୟକୁ ସଂଗଠିତ କରିବାରେ ସେ ଅଗ୍ରଣୀ ଭୂମିକା ନେଇଛନ୍ତି। ଶିକ୍ଷାକ୍ଷେତ୍ରରେ ସେ ପାଠଛଡ଼ା ଶିଶୁମାନଙ୍କୁ ପୁନଃ ପଢ଼ାଶାଳାକୁ ଫେରାଇବା, ଅନିୟମିତ ଛାତ୍ରୀଛାତ୍ରଙ୍କୁ ନିୟମିତ ଶିକ୍ଷାରେ ଆଣିବା ଓ କିଶୋରୀମାନଙ୍କୁ କୌଶଳ ଶିକ୍ଷା ମାଧ୍ୟମରେ ସ୍ୱାବଲମ୍ବୀ କରିବାରେ ଅପୂର୍ବ ସଫଳତା ଅର୍ଜନ କରିଛନ୍ତି। କୃଷିକ୍ଷେତ୍ରରେ ଜୈବିକ ଚାଷ, ଶ୍ରୀପ୍ରଣାଳୀ କ୍ଷୁଦ୍ର ଶସ୍ୟ ଓ ସ୍ଥାନୀୟ ବିହନ ସଂରକ୍ଷଣରେ ସେ ଚାଷୀମାନଙ୍କୁ ପ୍ରେରିତ କରି ନୂତନ ଆର୍ଥିକ ସମ୍ଭାବନା ସୃଷ୍ଟି କରିଛନ୍ତି। ପରିବେଶ ସୁରକ୍ଷା, ପର୍ଯ୍ୟାବରଣ, ଭୂତଳ ଜଳ ଓ ମୃତ୍ତିକା ସଂରକ୍ଷଣ, ଜଳସେଚନ, ବନୀକରଣ ଦିଗରେ ମଧ୍ୟ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ସେ ବଡ଼ଗାଁ, ବାଲିଶଙ୍କରା, ସବ୍‌ଡେଗା, ଲେଫ୍ରିପଡ଼ା ଓ ସଦର ବ୍ଲକର ପ୍ରାୟ ୯୫ଟି ଗ୍ରାମରେ ସେବାର ସ୍ୱର୍ଶ ପହଞ୍ଚାଇ ପ୍ରାୟ ୫୦୦୦ରୁ ଅଧିକ ଲୋକଙ୍କୁ ସିଧାସଳଖ ଉପକୃତ କରାଇଛନ୍ତି। ଗରିବ ଓ ଦୁର୍ବଳ ବର୍ଗଙ୍କୁ ସରକାରୀ ଯୋଜନା ସହ ଯୋଡ଼ି ତାଙ୍କ ଜୀବନରେ ଆଶାର ନୂଆ ପ୍ରଭାତ ଆଣିବାରେ ସେ ସଫଳ ହୋଇଛନ୍ତି। ତାଙ୍କ ନିଷ୍ଠାପୂର୍ଣ୍ଣ ସେବା ପାଇଁ ସେ ରାଜ୍ୟସ୍ତରରେ ମର୍ଯ୍ୟାଦାଜନକ ରାଜ୍ୟ ସମାଜସେବା ପୁରସ୍କାରରେ ସମ୍ମାନିତ ହୋଇଥିବା ସହ ବିଭିନ୍ନ ସଂଗଠନ ଓ ଜିଲା ପ୍ରଶାସନ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କ ପକ୍ଷରୁ ପ୍ରଶଂସା ଅର୍ଜନ କରିଛନ୍ତି।



ପ୍ରବଳ ଖରାରେ ସୁନ୍ଦରଗଡ଼ ସହର ଡିଆରଡିଏ ଛକ ଶୂନ୍‌ଶାନ୍।

# ପ୍ରଚଣ୍ଡ ରୌଦ୍ରତାପରେ ସିଝୁଛି ସୁନ୍ଦରଗଡ଼

## ଦିନର ତାପମାତ୍ରା ୪୨.୮ଡିଗ୍ରୀ ସେଲ୍‌ସିୟସ ଉପରେ

### ଜନଜୀବନ ଅସ୍ତବ୍ୟସ୍ତ

ସୁନ୍ଦରଗଡ଼,୨୬।୪(ଜୟ ନାରାୟଣ ମେଣ୍ଡୁଲି)

ପ୍ରଚଣ୍ଡ ରୌଦ୍ରତାପରେ ସିଝୁଛି ସୁନ୍ଦରଗଡ଼ ସହର। ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ରବିବାର ସୁନ୍ଦରଗଡ଼ରେ ଦିନର ତାପମାତ୍ରା ୪୨.୮ଡିଗ୍ରୀ ସେଲସିୟସ ରହିଥିଲା। ଜିଲା ଆପାଦକାଳୀନ ବିଭାଗ ତରଫରୁ ମିଳିଥିବା ସୂଚନା ମୁତାବକ, ସୁନ୍ଦରଗଡର ତାପମାତ୍ରା ଏବେ ଉପରମୁହାଁ ହୋଇଛି। ଗତ୧୬ତାରିଖରେ ୪୧.୫ ଡିଗ୍ରୀ,୧୭ତାରିଖରେ ୩୯.୬, ୧୮ରେ ୪୦.୨ଡିଗ୍ରୀ, ୧୯ରେ ୪୧.୫ଡିଗ୍ରୀ, ୨୦ରେ ୪୯.୮ଡିଗ୍ରୀ, ୨୧ରେ ୪୧.୫ଡିଗ୍ରୀ, ୨୨ରେ ୪୧.୮ଡିଗ୍ରୀ, ୨୩ରେ ୪୨.୫ଡିଗ୍ରୀ, ୨୪ରେ ୪୨.୬ଡିଗ୍ରୀ, ୨୫ରେ ୪୨. ୮ଡିଗ୍ରୀ ସେଲସିୟସ ରହିଥିଲା। ଦିନ୧୦ଟା ନ ହେଉଣୁ ଟାଣ ଖରା ପ୍ରକୋପ ଦେଖିବାକୁ ମିଳୁଛି। ଖରା ଯୋଗୁ ରାସ୍ତାଘାଟ ଶୁନଶାନ ହୋଇ ପଡୁଛି। ଥଣ୍ଡା ପାନୀୟ ଜଳ, ଲସି ଦୋକାନରେ ଭିଡ ଦେଖିବାକୁ ମିଳୁଛି। ହେଲେ ଅନ୍ୟ ବର୍ଷପରି ଚଳିତବର୍ଷ ସୁନ୍ଦରଗଡ ସହରରେ ଥିବା ଟ୍ରାଫିକ ପୋଷ୍ଟ ଗୁଡିକରେ ଲୋକଙ୍କୁ ଛାଇ ଦେବାପାଇଁ ଏପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ହୋଇନାହିଁ। ଗାଁ ଗହଳିରୁ ପନିପରିବା ବିକ୍ରି ପାଇଁ ସୁନ୍ଦରଗଡ ଆସୁଥିବା ଚାଷୀଙ୍କ ବସିବା ପାଇଁ କୌଣସି ସୁବିଧା ନ ଥିବାରୁ ରାସ୍ତା କଡରେ ଛତା ଧରି ବସୁଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ସୁଦ୍ଧା ସରକାରୀ ଭାବେ ଅଂଶୁଘାତ ଜନିତ ମୃତ୍ୟୁ ଘଟି ନ ଥିବା କୁହାଯାଉଥିବା ବେଳେ ଅନେକ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହୋଇଛି। ସେହିଭଳି ୨ଜଣଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଥିବା ବେସରକାରୀ ଭାବେ ସୂଚନା ମିଳିଛି। ହେଲେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ସ୍ପଷ୍ଟ ହେବ ବୋଲି ଜିଲାଆପାଦ ଅଧିକାରୀ ଅଶ୍ୱିନୀ କୁମାର ପଣ୍ଡା ପ୍ରକାଶ କରିଛନ୍ତି। ଟାଣଖରାରେ ଜରୁରୀ କାମ ନ ଥିଲେ ପଦାକୁ ନ ବାହାରିବାକୁ ଓ ଅସୁସ୍ଥତା ଅନୁଭବ କଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ବୋଲି ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଅଂଶୁଘାତ ମୁକାବିଲା ପାଇଁ ଜିଲାପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଡାକ୍ତରଖାନା ଗୁଡିକରେ ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଶଯ୍ୟା ରହିଛି ବୋଲି ସେ କହିଛନ୍ତି।

### ରସରାଜପୁରରେ ସାପ୍ତାହିକ ହାଟ ଉଦ୍‌ଘାଟିତ

ସୁନ୍ଦରଗଡ଼,୨୬।୪(ଜୟ ନାରାୟଣ ମେଣ୍ଡୁଲି)

କରମଡିହି ପଞ୍ଚାୟତ ଅନ୍ତର୍ଗତ ରସରାଜପୁରଠାରେ ରବିବାର ନୂତନ ସାପ୍ତାହିକ ହାଟ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ବିଧାନସଭାର ଉପବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ସାପ୍ତାହିକ ହାଟର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଅଞ୍ଚଳର ଚାଷୀମାନଙ୍କ ଉତ୍ପାଦିତ କୃଷିଜାତ ସାମଗ୍ରୀର ବଜାର ସୁବିଧା ପାଇଁ ଏହି ହାଟ ସହାୟକ ହେବା ସହ ଆଖପାଖ ବ୍ୟବସାୟୀମାନେ ତାଙ୍କ କାରବାର ସୁବିଧା ହେବ ବୋଲି କହିଥିଲେ। କରମଡିହି ସରପଞ୍ଚ ସୁସ୍ମିତା କୁଜୁର, ସଦର ଥାନା ଆଇଆଇସି ସୌଦାମିନୀ ନାଗ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଏହି ହାଟ ସପ୍ତାହର ରବିବାର ଦିନ ବସିବ। ଉପବାଚସ୍ପତି ନିଜେ ଜଣେ ଚାଷୀଙ୍କଠାରୁ ପ୍ରଥମେ ସାମଗ୍ରୀ କିଣିଥିଲେ।

# ଭାଜପାର ଜନଆକ୍ରୋଶ ସମାବେଶ

ରାଉରକେଲା,୨୬।୪(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲାରେ ନାରୀ ଶକ୍ତି ବନ୍ଦନ କ୍ରମରେ ଭାଜପାର ଜନ ଆକ୍ରୋଶ ପଦଯାତ୍ରା ଓ ପ୍ରତିବାଦ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ସିଂହାସିନୀ ମନ୍ଦିର ନିକଟରୁ ଆରମ୍ଭ ହୋଇ ଉଦିତନଗର ମିନି ଷ୍ଟାଡିୟମରେ ପହଞ୍ଚିବା ପରେ ସେଠାରେ ଏକ ସଭା ହୋଇଥିଲା। ଭାଜପା ଜିଲା ସଭାପତି ପୂର୍ଣ୍ଣିମା କେରକେଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ପ୍ରତିନିଧି ଲିନା ପଟେଲ, ରାଜ୍ୟ ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ, ମହିଳା ଓ ଶିଶୁ କମିଶନ୍ ସଦସ୍ୟା କଳ୍ପନା ଲେଙ୍କା, ବରିଷ୍ଠ ନେତ୍ରୀ ମିନତି ଦେବତା, ଜିଲା ପରିଷଦ ସଦସ୍ୟା ସଞ୍ଚିତା କିସ୍‌ପଟ୍ଟା, ରୁନା କିଷାନ ପ୍ରମୁଖ ଉଦ୍‌ବୋଧନ ଦେଇ ବିରୋଧୀ ଦଳ ନାରୀ ଶକ୍ତି ବିକାଶର ବାଧକ ବୋଲି କହିଥିଲେ। ସେମାନେ କଂଗ୍ରେସ, ଇଣ୍ଡିଆ ମେଣ୍ଟ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ପ୍ରସଙ୍ଗରେ ସମାଲୋଚନା କରିଥିଲେ।

# କାର ଧକ୍କାରେ ବାଇକ୍ ଆରୋହୀ ମୃତ

ବଘିଆପଡ଼ା,୨୬।୪(ଶ୍ରୀକାନ୍ତ ସାହୁ)

ବୌଦ୍ଧ–ବଘିଆପଡା ରାସ୍ତାର ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅନ୍ତର୍ଗତ କନକପୁର ମୁଣ୍ଡଧୁଆ ବନ୍ଧ ନିକଟରେ ଏକ ଅଜଣା କାର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟିକରପଡା ପଞ୍ଚାୟତ ବୁରଗୋରା ଗ୍ରାମର ବୀର କିଶୋର ଖଟୁଆ(୫୦)। ଖଟୁଆ ଏକ ବାଇକ୍ ଯୋଗେ ବୌଦ୍ଧ ଆଡ଼କୁ ଆସୁଥିବା ବେଳେ ବିପରିତ ଦିଗରୁ ଆସୁଥିବା ଏକ କାର ଧକ୍କା ଦେଇ ଚାଲିଯାଇଥିଲା । ଫଳରେ ବୀର କିଶୋର ବାଇକ୍ ସହ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଘିଆପଡ଼ା ଫାଣ୍ଡିପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# କୃତ୍ରିମ ବୁଦ୍ଧିମତ୍ତା, ସାଇବର ସୁରକ୍ଷା ଆଲୋଚନାଚକ୍ର

ବରଗଡ଼,୨୬।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ରବିବାର କୃତ୍ରିମ ବୁଦ୍ଧିମତ୍ତା ଓ ସାଇବର ସୁରକ୍ଷା ଶୀର୍ଷକ ଏକଦିବସୀୟ ଜିଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୌଜନ୍ୟରେ ଓ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ନନ୍ଦିନୀ ନିରୋଦ ପଣ୍ଡା ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ପ୍ରାଧ୍ୟାପିକା ଡ.ପୁଷ୍ପାଞ୍ଜଳି ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବରଗଡ଼ ସାଇବର ଥାନାର ଡିଏସ୍‌ପି ସୁମନ୍ତ କିଷାନ, ଚିରାଗ ରଥ, ସୁବ୍ରତ ମଜୁମଦାର ଏବଂ ରାହୁଲ ପଣ୍ଡା ଅତିଥିଭାବେ ଯୋଗଦେଇ ସାଇବର ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସହ ସଂଯୋଜକ ଡ. ଦେବେନ୍ଦ୍ର ବେହେରା ଏବଂ ଜିଲା ପ୍ରୋଗ୍ରାମ ଅଫିସର ରାଜୀବ ସାହୁ ମଞ୍ଚାସୀନ ଥିଲେ। ଉକ୍ତ ଆଲୋଚନାଚକ୍ରରେ ବରଗଡ଼ ଜିଲାର ୨୦ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଏବଂ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଯୋଗଦେଇଥିଲେ। ପ୍ରାଧ୍ୟାପିକା ମଧୁସ୍ମିତା ନନ୍ଦ ଓ ମୌସୁମୀ ଲିଜା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପକ ବିଶ୍ୱଜିତ ସାହୁ ଓ ଅମିତ କୁମାର ଭାର୍ଗ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ତୁଳମୁକ୍ତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୫୦୦ ବିନିଯୋଗରେ ଆତ୍ମନିର୍ଭର ହେବା ଆଶା

ବଡ଼ଗାଁ,୨୬।୪(ଅଶୋକ ଷଡଙ୍ଗୀ)

- ଫିନାଇଲ୍ ତିଆରି କରି ବିକୁଛନ୍ତି ରିଙ୍କି
- ୧୨ଦିନ ତାଲିମ ନେଇଥିଲେ



ରିଙ୍କି ବଡାଇ।

ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅନେକ ଯୋଜନା କରିଥିବା ବେଳେ ଏଥିପାଇଁ ବିଭିନ୍ନ ସଂସ୍ଥା ଓ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ ସହଯୋଗ କରୁଛନ୍ତି। ଏହି ସୁଯୋଗ ପାଇବା ପରେ ତାଲିମପ୍ରାପ୍ତ ଗ୍ରାମୀଣ ମହିଳାମାନେ ଘରେ କୁଟୀର ଶିଳ୍ପ କରି ଉପାର୍ଜନ କରିପାରିବେ। ଆଶା, ଆତ୍ମବିଶ୍ୱାସ ଓ ପ୍ରଚେଷ୍ଟା ଦ୍ୱାରା ମହିଳାମାନେ ନିଶ୍ଚୟ ସ୍ୱାବଲମ୍ବୀ ହୋଇପାରିବେ। ଏହିପରି ଆତ୍ମବିଶ୍ୱାସ ରଖି ୧୨ ଦିନ ତାଲିମ ପାଇଥିବା ଜଣେ ମହିଳା ମାତ୍ର ୧୫ ଶହ ଟଙ୍କା ବିନିଯୋଗ କରି ଆତ୍ମ ନିର୍ଭର ହେବା ଆଶା ରଖିଛନ୍ତି। ସେ ହେଲେ ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜାଙ୍ଗଲୀ ଗ୍ରାମର ତାଲିମପ୍ରାପ୍ତ ଗୃହିଣୀ ରିଙ୍କି ବଡ଼ାଇ।

ଏ ସମ୍ପର୍କରେ ରିଙ୍କିଙ୍କୁ ସାକ୍ଷାତ କରି ପଚାରିବାରୁ ସେ କହିଛନ୍ତି, ସୁନ୍ଦରଗଡ଼ ସ୍ଥିତ ଷ୍ଟେଟ ବ୍ୟାଙ୍କ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନରେ ମାଗଣାରେ ୧୨ ଦିନ ତାଲିମ ନେଇଥିଲି। ସେଠାରେ ସାବୁନ, ଫିନାଇଲ, ଧୂପକାଠି, ନୀଳ ତିଆରି କରିବା ଶିଖାଇଥିଲେ। ମାର୍ଚ୍ଚ ମାସରେ ତାଲିମ ନେଲାପରେ ଘରେ ଫିନାଇଲ ତିଆରି କରି ଗୋଟିଏ ବୋତଲକୁ ୩୦ ଟଙ୍କାରେ ବିକ୍ରି କରୁଛି। ଏ ପର୍ଯ୍ୟନ୍ତ ସେତେଟା ଲାଭ ଜଣାପଡିନାହିଁ, କିନ୍ତୁ ଆଶା ରଖିଛି ଏହା ମୋତେ ନିଶ୍ଚୟ ଆତ୍ମନିର୍ଭର କରିବ। କାରଣ ହର୍ବାଲ ହୋଇଥିବାରୁ ଫିନାଇଲ, ସାବୁନ, ଧୂପକାଠିର ଚାହିଦା ରହିବ। ଏଥିପାଇଁ ବ୍ୟାଙ୍କ ମଧ୍ୟ ଋଣ ଦେଉଛି।

## ସଂକ୍ଷେପରେ

### ଠିକା ଶ୍ରମିକଙ୍କ ଧାରଣା ହଟିଲା: ୧୫ ଜଣଙ୍କୁ ଦେବ ଚାକିରି

ବ୍ରଜରାଜନଗର, ୨୬।୪ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗରରେ ମହାନଦୀ କୋଇଲା କମ୍ପାନୀ ଅଧୀନରେ କାର୍ଯ୍ୟରତ ଥିବା ଗଣପତି କମ୍ପାନୀରେ ଠିକା ଶ୍ରମିକ ନିଯୁକ୍ତିକୁ ନେଇ ଜିଏମ୍ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଶ୍ରମିକମାନେ ଦେଇଥିବା ଧାରଣା ଶନିବାର ରାତିରେ ପ୍ରତ୍ୟାହୃତ ହୋଇଯାଇଛି। ଶନିବାର ପ୍ରୋଜେକ୍ଟ ମ୍ୟାନେଜର ପି.କେ ମିଶ୍ର ବିଜେଡି ପ୍ରତିନିଧି ମଣ୍ଡଳୀରୁ ତ୍ରିନାଥ ଗୁଆଲ, କମ୍ପାନୀ ଏଚ୍ଆର ୱାସୀମ ରାଜା, ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ଆଇଆଇସି ଧବଳେଶ୍ୱର ସାହୁଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା। ଆସନ୍ତା ଜୁନ ମାସ ଭିତରେ ମୋଟ ୧୫ ଜଣଙ୍କୁ ଚାକିରି ଦେବେ ବୋଲି କମ୍ପାନୀ ରାଜି ହୋଇଥିବା ଜଣାପଡିଛି। ସେଥିରେ ବ୍ୟତିକ୍ରମ ହେଲେ ପୁଣି ଆନ୍ଦୋଳନ କରାଯିବ ବୋଲି ଶ୍ରମିକମାନେ ଚେତାବନୀ ଦେଇଛନ୍ତି।

# ଶିକ୍ଷା ବିଭାଗର ଅଧିକାରୀ, କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବିଳମ୍ବ

ଶିକ୍ଷା ବିଭାଗରେ ଅନିୟମିତତା, ଶିକ୍ଷକଙ୍କୁ ଡେପୁଟେଶନ କରାଯାଇଥିବା ପ୍ରସଙ୍ଗ

- ସନ୍ଦେହ ଘେରରେ ଦେବଗଡ଼ ଜିଲା ପ୍ରଶାସନ
- କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ

ଦେବଗଡ଼,୨୬।୪(ଶଶାଙ୍କ ଶେଖର ଖାଙ୍କର)

ଦେବଗଡ଼ ଜିଲା ଶିକ୍ଷା ବିଭାଗରେ ଅନିୟମିତତା ତଥା ଟଙ୍କା ଖାଇ ଶିକ୍ଷକଙ୍କୁ ଡେପୁଟେଶନ କରାଯାଇଥିବା ଘଟଣାରେ ଶିକ୍ଷା ବିଭାଗର ଅଧିକାରୀ, କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବିଳମ୍ବ ହେଉଛି। ୧୦ ତାରିଖ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଉଥିବାବେଳେ ଆଜି ପର୍ଯ୍ୟନ୍ତ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଦେବଗଡ଼ ଜିଲା ଶିକ୍ଷା ବିଭାଗରେ ୭୦ରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କଠାରୁ ମୋଟା ଅଙ୍କର ଟଙ୍କା କାରବାର କରାଯାଇ ନିଜର ସୁବିଧା ସ୍ଥାନ ବା ସ୍କୁଲକୁ ଡେପୁଟେଶନ କରାଯାଇଥିବା ଘଟଣା ଉପରେ ଧରିତ୍ରୀ ଖବର କାଗଜରେ ବାରମ୍ବାର ଖବର ପ୍ରକାଶ ହେଲା ପରେ ତଦନ୍ତ ଆରମ୍ଭ ହେଇଥିଲା। ଜିଲାପାଳଙ୍କ ପାଖକୁ ତଦନ୍ତ ରିପୋର୍ଟ ଆସିଥିଲା। ଘଟଣା ସତ୍ୟ ହୋଇଥିଲା। ପରେ ଜିଲାପାଳ କବିନ୍ଦ୍ର କୁମାର ସାହୁ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ଜିଲାପାଳ ବେଆଇନ ଭାବେ ହୋଇଥିବା ଡେ଼ପୁଟେସନ ରଦ୍ଦ କରି ୪୮ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଜର ପୂର୍ବ ସ୍କୁଲକୁ ଫେରିବା ପାଇଁ ତିନି ବ୍ଲକ ବିଭାଗୀୟ କାର୍ଯ୍ୟାଳୟକୁ ଚିଠି କରି ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଏମିତି କାର୍ଯ୍ୟ ପାଇଁ ବୁଦ୍ଧିଜୀବୀ ମହଲରେ ପ୍ରଶଂସାର ପାତ୍ର ହୋଇଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ବର୍ତ୍ତମାନ ସୁଦ୍ଧା ଅନିୟମିତତାରେ ସମ୍ପୃକ୍ତ ଅଧିକାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ତେଣୁ ଜିଲା ପ୍ରଶାସନର ଏପରି କାର୍ଯ୍ୟକୁ ସନ୍ଦେହ ଘେରରେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ସମାଲୋଚନା ହେଉଛି। ଜିଲା ଶିକ୍ଷା ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଜିଲାପାଳ କାର୍ଯ୍ୟାନୁଷ୍ଠାନ କେବେ ନେବେ ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି। ସୂଚନା ଥାଉକି ଉକ୍ତ ଘଟଣା ନେଇ ଜିଲାପାଳ ଲେଟର ନମ୍ବର ୪୫୪୨ରେ ଜିଲାର ସମସ୍ତ ୫୦ ସିଆରସିଙ୍କୁ ନିଜ ଦାୟିତ୍ୱରେ ଥିବା ସ୍କୁଲଗୁଡ଼ିକର ଛାତ୍ରୀଛାତ୍ର ସଂଖ୍ୟା, କେତେ ଜଣ ଶିକ୍ଷୟିତ୍ରୀଶିକ୍ଷକ ଡେପୁଟେଶନ ଆସିଛନ୍ତି କି ଯାଇଛନ୍ତି, କେଉଁ ତାରିଖରେ ଆସିଛନ୍ତି, ଆଉ କେଉଁ ତାରିଖରେ ଯାଇଛନ୍ତି ଜଣାଇବାକୁ ଲେଖିଥିଲେ। ସମସ୍ତ ରିପୋର୍ଟ ଜିଲାପାଳଙ୍କୁ ସିଆର୍‌ସିମାନେ ଦେଇଥିଲେ। ଜିଲାପାଳ ସିଆର୍‌ସିମାନଙ୍କ ସହିତ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ଏହି ବିଷୟରେ ଆଲୋଚନା ସମାଲୋଚନା କରିଥିଲେ। ସିଆର୍‌ସିମାନେ ଦେଇଥିବା ରିପୋର୍ଟକୁ ନେଇ ଜିଲାପ୍ରଶାସନର ସ୍ୱତନ୍ତ୍ର ଟିମ୍ ତଦନ୍ତ କରିଥିଲେ।

ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଥିଲେ। ଜିଲାପାଳ ତାଙ୍କ କଥା ରଖିଲେ ଏବଂ କାର୍ଯ୍ୟାନୁଷ୍ଠାନ ନେଲେ। ଯେଉଁମାନେ ଅନିୟମିତତାକରି ବଦଳି ହୋଇଥିଲେ ବା ଡେପୁଟେଶନ ହୋଇଥିଲେ ତାହା ବାତିଲ କରିଥିଲେ। ଅନ୍ୟପକ୍ଷରେ ଉକ୍ତ ଘଟଣାରେ ସମ୍ପୃକ୍ତ ଜିଲା ଶିକ୍ଷା ବିଭାଗର ଅଧିକାରୀଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ଉପରେ ଜିଲାପାଳ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାହାକୁ ବୁଦ୍ଧିଜୀବୀମାନେ ଚାହିଁ ରହିଥିବାବେଳେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ନାନା ପ୍ରକାର ଆଲୋଚନା ସମାଲୋଚନା ହେଉଛି। ତେଣୁ ଜିଲାପାଳ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜନସାଧାରଣରେ ଦାବି ହେଉଛି।

# ଆନ୍ତଃ ଜିଲା ଗଞ୍ଜେଇ ଚୋରା ଚାଲାଣ: ୩ ଗିରଫ



ଜବତ ସାମଗ୍ରୀ ସହ ସଦର ପୋଲିସ ଦ୍ୱାରା ଗିରଫ ୩ ଅଭିଯୁକ୍ତ।

ଝାରସୁଗୁଡ଼ା,୨୬।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ପୋଲିସ ଏକ ଆନ୍ତଃ-ଜିଲା ଗଞ୍ଜେଇ ଚୋରା ଚାଲାଣ ର୍ୟାକେଟର ପର୍ଦ୍ଦାଫାଶ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସଦର ଥାନା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲା। ଏହି ଅପରେଶନ ସମୟରେ ଅଭିଯୁକ୍ତମାନଙ୍କ ନିକଟରୁ ଗଞ୍ଜେଇ ଜବତ କରାଯାଇଛି। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏନ୍‌ଡ଼ିପିଏସ୍ ଆକ୍ଟ ଅନୁଯାୟୀ ସମସ୍ତ ନିଷିଦ୍ଧ ସାମଗ୍ରୀକୁ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଜିଲାର ଦିବ୍ୟଶଙ୍କର ନାଏକ (୫୫), ସନତ ନାଏକ (୨୪), ଏବଂ ସମୀର ପ୍ରଧାନ (୧୯)। ଏମାନଙ୍କଠାରୁ ୨୦ କିଲୋ ୪୨୫ ଗ୍ରାମ ଗଞ୍ଜେଇ ସହିତ ୨ଟି ବାଇକ୍ ୩ଟି ମୋବାଇଲ ଏବଂ ନଗଦ ୩୨୫୦ ଟଙ୍କା ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡିଛି, ଏହି ଅଭିଯୁକ୍ତମାନେ ବାହାର ଜିଲାରୁ ଗଞ୍ଜେଇ ଆଣି ଝାରସୁଗୁଡ଼ାରେ ବିକ୍ରି କରୁଥିଲେ। ବିଶେଷକରି ସେମାନେ ଅଞ୍ଚଳର ଯୁବପିଢ଼ିଙ୍କୁ ଟାର୍ଗେଟ କରୁଥିଲେ। ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଛାୟତଙ୍କ ତତ୍ତ୍ୱାବଧାନରେ ଚଢାଉ ଜାରି ରହିଛି।

### ବିହନ ସଂରକ୍ଷଣ, କୃଷକ ସଶକ୍ତୀକରଣ ଉପରେ ଆଲୋଚନା

# ଅନ୍ତର୍ଜାତୀୟ ବିହନ ଦିବସ



କାର୍ଯ୍ୟକ୍ରମରେ ଅତିଥି, ଚାଷୀ, ସଦସ୍ୟ ଉପସ୍ଥିତ।

ଝାରସୁଗୁଡ଼ା,୨୬।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ଲଇକେରା ବ୍ଲକ ଅଧୀନସ୍ଥ ଅଇତାପଡ଼ା ଗ୍ରାମରେ ରବିବାର ସେୱା ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ବିହନ ଦିବସ ପାଳିତ ହୋଇଯାଇଛି। ସେୱା ଅନୁଷ୍ଠାନ ଦ୍ୱାରା ସହଭାଗୀତାରେ ଆଜିମ ପ୍ରେମଜି ଫାଉଣ୍ଡେସନଙ୍କ ଆନୁକୂଲ୍ୟରେ ପରିଚାଳିତ ଆଗାମୀ ଚାଷୀପିଢ଼ିଙ୍କ ସଶକ୍ତିକରଣ ପ୍ରକଳ୍ପ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବିହନ ସଂରକ୍ଷଣ ଓ କୃଷକ ସଶକ୍ତିକରଣ ଉପରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇତାପଡା ଓ ଆଖପାଖ ଗ୍ରାମର ପୁରୁଷ ଓ ମହିଳା ଚାଷୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପାରମ୍ପରିକ ପ୍ରଣାଳୀରେ ବିହନ ସଂରକ୍ଷଣ ଓ ଜୈବିକ ଚାଷ ପ୍ରତି ସଚେତନତା ସୃଷ୍ଟି କରାଯାଇଥିଲା। ଏଥିରେ ସ୍ୱଦେଶୀ ମଞ୍ଜି ରକ୍ଷା କରିବା ଓ ଆମର ଭବିଷ୍ୟତକୁ ରକ୍ଷା କରିବା, ମଞ୍ଜି ବଞ୍ଚିଲେ ଜୀବନ ବଞ୍ଚିବ ଓ ପୃଥିବୀ ହସିବ ଓ ଆଜିର ସଂରକ୍ଷଣ ଆଗାମୀର ସୁରକ୍ଷା ନାରା ସହ ଚାଷୀଙ୍କୁ ସଚେତନ କରାଯାଇଥିଲା। ପ୍ରକଳ୍ପର ମୁଖ୍ୟ ପରିଚାଳକ ଆଶୁତୋଷ ପ୍ରସାଦ ଗଡନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୀବିକା ସଂଯୋଜିକା ହିମାଙ୍ଗିନି ବେହେରା, ଗୋଷ୍ଠୀ ସଙ୍ଗଠିକା ଚେତନା ନାୟକ, ରେଶ୍ମା ଖର୍ସେଲ, ପ୍ରୀତି ପାଣିଗ୍ରାହୀ, ସୁମି ନେଟି, ରୋଜି ସାହୁ, ପାର୍ବତୀ କିଷାନ ଓ ସୀମା ଧୁରୁଆ ଏବଂ ଗୋଷ୍ଠୀ ସଙ୍ଗଠକ ପ୍ରତାପ ଚନ୍ଦ୍ର ପଟେଲ, ଯଶୋବନ୍ତ ବେହେରା, ହରେଶ କିଷାନ ଓ ଏମ୍‌ଆଇଏସ ତୃପ୍ତି ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଭାଜପା ମହିଳା ମୋର୍ଚ୍ଚାର ଜନଆକ୍ରୋଶ ପଦଯାତ୍ରା

ଝାରସୁଗୁଡ଼ା, ୨୬।୪(ଆଶିଷ ରଞ୍ଜନ ଦାଶ)

ଭାରତୀୟ ଜନତା ପାର୍ଟି ଝାରସୁଗୁଡ଼ା ଜିଲା ମହିଳା ମୋର୍ଚ୍ଚା ପକ୍ଷରୁ ରବିବାର ଜନ ଆକ୍ରୋଶ ମହିଳା ସମାବେଶ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିରୋଧୀ ଦଳ ପକ୍ଷରୁ ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ବିରୋଧ କରାଯିବା ଏବଂ ମହିଳା ବିରୋଧୀ ଆଭିମୁଖ୍ୟ ପ୍ରଦର୍ଶନ କରାଯାଉଥିବା ପ୍ରତିବାଦରେ ଏହି ଆନ୍ଦୋଳନ କରାଯାଇଛି। ରବିବାର ସ୍ଥାନୀୟ ବେହେରାମାଲସ୍ଥିତ କିଷାନ ଛକଠାରୁ ଶତାଧିକ ମହିଳା କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ବିଶାଳ ପଦଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଆକ୍ରୋଶ ବ୍ୟକ୍ତ କରି ମହିଳାମାନେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଜିଲା ସଭାପତି ରଘୁନନ୍ଦନ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରୀନା ପଟେଲ, ବ୍ରଜରାଜନଗର ବିଧାନସଭା ସଂଯୋଜିକା ସୁଜାତା ସେଠ, ଝାରସୁଗୁଡ଼ା ବିଧାନସଭା ସଂଯୋଜିକା ପଦ୍ମିନୀ ପଟେଲ, ଲଖନପୁର ସରପଞ୍ଚ ଆରତୀ ପ୍ରଧାନ, ବ୍ରଜରାଜନଗର କାଉନସିଲର ଉଷାରାଣୀ ଚାନ୍ଦ, ବରିଷ୍ଠ କାର୍ଯ୍ୟକର୍ତ୍ତା ତିଳୋତ୍ତମା ଛତ୍ରାନ, ନଳିନୀ ପ୍ରଧାନ, ପ୍ରେମସେନ ରାୟ ଓ ବିମଳେନ୍ଦୁ ଭୋଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ନେତୃବୃନ୍ଦ କହିଥିଲେ, କେନ୍ଦ୍ର ସରକାର ମହିଳାଙ୍କ ସମ୍ମାନ ପାଇଁ ଐତିହାସିକ ପଦକ୍ଷେପ ନେଉଥିବାବେଳେ ଇଣ୍ଡିମେଣ୍ଟ ଏହାକୁ ବିରୋଧ କରି ନିଜର ଅସଲ ଚେହେରା ଦେଖାଇଛି। ନାରୀ ସମ୍ମାନ ଓ ସୁରକ୍ଷା ପାଇଁ ଭାଜପାର ଏହି ଲଢ଼ାଇ ଆଗକୁ ଆହୁରି ଜୋରଦାର ହେବ ବୋଲି ସମାବେଶରେ ଚେତାବନୀ ଦିଆଯାଇଛି। ପୂର୍ବରୁ ଏକ ଘରୋଇ ହୋଟେଲ ପରିସରରେ ଏକ ପ୍ରସ୍ତୁତି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା।




ଝାରସୁଗୁଡ଼ାରେ ଭାଜପା ମହିଳା ମୋର୍ଚ୍ଚା ତରଫରୁ ଜନଆକ୍ରୋଶ ପଦଯାତ୍ରା କରାଯାଉଛି।

# ୨୧ କିଲୋ ଗଞ୍ଜେଇ ଜବତ: ୩ ଗିରଫ



ଜବତ ସାମଗ୍ରୀ ସହ ରେଙ୍ଗାଲି ପୋଲିସ ଦ୍ୱାରା ଗିରଫ ୩ ଅଭିଯୁକ୍ତ।

ଝାରସୁଗୁଡ଼ା, ୨୬।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ପୋଲିସ ଶନିବାର ଚଢ଼ାଉ କରି ୨୧କିଲୋ ଗଞ୍ଜେଇ ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅପରାହ୍ନରେ ରେଙ୍ଗାଲି ପୋଲିସ ୪୯ନଂ. ଜାତୀୟ ରାଜପଥର ଘଣ୍ଟେଶ୍ୱରୀ ମନ୍ଦିର ନିକଟରେ ପାଟ୍ରୋଲିଂ କରୁଥିବାବେଳେ ଏକ ମୋଟର ସାଇକେଲକୁ ଅଟକାଇଥିଲେ। ଯାଞ୍ଚ ସମୟରେ ଏକ ପ୍ଲାଷ୍ଟିକ ବ୍ୟାଗରୁ ବେଆଇନ ଗଞ୍ଜେଇ ମିଳିଥିଲା। ପୋଲିସ ତୁରନ୍ତ ଘଟଣାସ୍ଥଳରୁ ୨ଜଣଙ୍କୁ କାବୁ କରିବା ସହ ସେମାନଙ୍କ ସୂଚନା ଆଧାରରେ ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରେଙ୍ଗାଲି ଥାନା ଅନ୍ତର୍ଗତ ସେମିଲିଆ ଗ୍ରାମର କୁଶ ସା ଏବଂ ସୁନ୍ଦରଗଡ଼ କୁରେଇବଗା ଗ୍ରାମର ଗଣେଶ କିଷାନ, ଝାରସୁଗୁଡା ମଧୁବନ ନଗରର ଗଣେଶ ପ୍ରଧାନ। ଏମାନଙ୍କଠାରୁ ୨୧ କେଜି ୨୬ ଗ୍ରାମ ଗଞ୍ଜେଇ, ୨ଟି ବାଇକ୍, ୩ଟି ମୋବାଇଲ ଫୋନ ଏବଂ ନଗଦ ୫୪,୦୦୦ ଟଙ୍କା ଜବତ କରାଯାଇଛି। ରେଙ୍ଗାଲି ପୋଲିସ ଏନେଇ ଏକ ମାମଲା (ନଂ.୧୧୭/୨୦୨୬) ରୁଜୁକରି ତଦନ୍ତ ଜାରି ରଖିଛି।

# ଦୀପାଳୀଙ୍କ ନେତୃତ୍ୱରେ ମହିଳା ସଙ୍ଗଠନକୁ ମଜଭୁତ କରାଯିବ



ନୂତନ ମନୋନୀତ ସଭାନେତ୍ରୀମାନେ ଦୀପାଳୀ ଦାସଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛନ୍ତି।

ଝାରସୁଗୁଡ଼ା, ୨୬।୪(ଆଶିଷ ରଞ୍ଜନ ଦାଶ)

ବିଜୁ ଜନତା ଦଳ(ବିଜେଡି)ର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଝାରସୁଗୁଡ଼ା ଜିଲା ବିଜୁ ମହିଳା ଜନତା ଦଳର ବ୍ଲକ ଓ ନଗର ସଭାପତି ଭାବରେ ସ୍ୱପ୍ନାମୟୀ ପଟେଲ, ଝରଣା ସାଗର, ଭଗବତୀ ବେହେରା, ଜ୍ୟୋତି ସୁନାର ଏବଂ ନିରୁପମା ପ୍ରଧାନ ମନୋନୀତ ହୋଇଛନ୍ତି। ଏମାନେ ରବିବାର ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳୀ ଦାସଙ୍କୁ ସରବାହାଲସ୍ଥିତ ବାସଭବନରେ ସାକ୍ଷାତକରି ଶୁଭେଚ୍ଛା ଜଣାଇଛନ୍ତି। ନୂତନ ମନୋନୀତ ହୋଇଥିବା ମହିଳା ସଭାନେତ୍ରୀମାନେ କହିଛନ୍ତି, ଆଗାମୀ ଦିନରେ ଝାରସୁଗୁଡା ଜିଲାରେ ଦୀପାଳୀ ଦାସଙ୍କ ନେତୃତ୍ୱରେ ମହିଳାମାନଙ୍କୁ ସକ୍ରିୟ ନେତୃତ୍ୱ ଓ ସଙ୍ଗଠିତ କରାଇ ମହିଳା ସଙ୍ଗଠନକୁ ଜିଲାରେ ମଜଭୁତ କରାଯିବ।

# ପୋଲିସ ପକ୍ଷରୁ ମୋବାଇଲ ଫେରସ୍ତ ମେଳା

ଦେବଗଡ଼,୨୬।୪(ଶଶାଙ୍କ ଶେଖର ଖାଙ୍କର)

ଦେବଗଡ ଜିଲା ପୋଲିସ ପକ୍ଷରୁ ସ୍ଥାନୀୟ ରିଜର୍ଭ ପୋଲିସ କାର୍ଯ୍ୟାଳୟ ପରିସରରେ ରବିବାର ମୋବାଇଲ ଫୋନ ଫେରସ୍ତ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳା ଜରିଆରେ ମୋବାଇଲ ହଜାଇଥିବା ବହୁ ବ୍ୟକ୍ତି ହଜିଯାଇଥିବା କିମ୍ବା ଚୋରି ହୋଇଯାଇଥିବା ନିଜର ମୋବାଇଲଗୁଡିକ ଫେରି ପାଇଛନ୍ତି। ସେମାନଙ୍କୁ ଦେବଗଡ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର ସେଗୁଡିକୁ ଫେରାଇଥିବାବେଳେ ମୋବାଇଲ ଗୁଡିକୁ ଗ୍ରହଣକରି ବେଶ ଖୁସି ବ୍ୟକ୍ତ କରିଥିଲେ।

ସୂଚନାଯୋଗ୍ୟ, ଦେବଗଡ ଜିଲା ସମେତ ରାଜ୍ୟର ବିଭିନ୍ନ ଜିଲା ଏବଂ ରାଜ୍ୟ ବାହାରର ୬୦ ଜଣଙ୍କର ମୋବାଇଲ ଫୋନ ଚୋରି ହୋଇଥିବା ବା ହଜିଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ନିଖୋଜ କିମ୍ବା ଚୋରି ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା । ସେଥିମଧ୍ୟରୁ ୨୫ଟି ମୋବାଇଲ ଫୋନ ପୋଲିସ ଉଦ୍ଧାର କରିବାରେ ସଫଳ ହୋଇଥିଲା। ଏଥିସହ ଏନେଇ ମୋବାଇଲ ମାଲିକଙ୍କୁ ସୂଚନା ଦିଆଯିବା ସହ ଉଦ୍ଧାର ମୋବାଇଲ ଗୁଡ଼ିକୁ ସମ୍ପୃକ୍ତ ମୋବାଇଲ ଗୁଡିକର ମାଲିକମାନଙ୍କୁ ହସ୍ତାନ୍ତର ନିମନ୍ତେ ପୋଲିସ ପକ୍ଷରୁ ମୋବାଇଲ ଫେରସ୍ତ ମେଳା' ଆୟୋଜିତ ହୋଇଥିଲା। ଏହି ମେଳାରେ ରବିବାର ମୋବାଇଲ ନେବା ପାଇଁ ୧୨ ଜଣ ଆସିଥିବାବେଳେ ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ଦେବଗଡ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର ସେମାନଙ୍କୁ ଉଦ୍ଧାର ମୋବାଇଲ ଗୁଡିକ ଫେରସ୍ତ କରିଥିଲେ। ସେହିପରି ଅନୁପସ୍ଥିତ ଥିବା ଅନ୍ୟ ୧୩ ଜଣ ମୋବାଇଲ ମାଲିକଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ମୋବାଇଲ ଫେରସ୍ତ କରାଯିବ ଏବଂ ଅବଶିଷ୍ଟ ମୋବାଇଲଗୁଡିକୁ ମଧ ଉଦ୍ଧାର ନିମନ୍ତେ ଉଦ୍ୟମ ଜାରି ରହିଛି ବୋଲି ଆରକ୍ଷୀ ଅଧୀକ୍ଷକ ମିଶ୍ର ଏହି ଅବସରରେ ପ୍ରକାଶ କରିଥିଲେ। ଏହାଦ୍ୱାରା ପୋଲିସ ପ୍ରତି ଲୋକଙ୍କର ବିଶ୍ୱାସ ଅଧିକ ବୃଦ୍ଧି ପାଇବାସହ ଲୋକେ ନିଜର ମୋବାଇଲ ଫେରି ପାରିବେ ବୋଲି ସେ ପ୍ରକାଶ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧିରଜ କୁମାର ଚୋପଦାର, ଦେବଗଡ ସାଇବର ଥାନା ଅଧିକାରୀ ତଥା ଡିଆଇବି ଡିଏସ୍‌ପି ପବିତ୍ର କିଷାନ, ଦେବଗଡ ଥାନା ଅଧିକାରୀ ସବ୍ୟଶାଚୀ ଶତପଥି ଓ ସାଇବର ଥାନା ଇନ୍ସପେକ୍ଟର ତ୍ରିଲୋଚନ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଜିଲା ହାବିଲଦାର କନଷ୍ଟେବଳ ସଂଘର ସଭାପତି ଯୋଗେନ୍ଦ୍ର ସାହୁ ଓ ସମ୍ପାଦକ ସଞ୍ଜୀବ ବେହେରାଙ୍କ ସମେତ ବହୁ ପୋଲିସ କର୍ମଚାରୀ ସହଯୋଗ କରିଥିଲେ।




ଦେବଗଡ ଏସ୍‌ପି ଜଣଙ୍କୁ ମୋବାଇଲ ଫେରାଉଛନ୍ତି।

# ଗ୍ରାମୀଣ ଆବାସ ଯୋଜନାର ସଫଳ ରୂପାୟନ କରି ଦେବଗଡ଼ ଜିଲା ପ୍ରଥମ




ଜିଲା ପରିଷଦର ସଭାପତି ମୁଖ୍ୟମନ୍ତ୍ରୀଙ୍କଠାରୁ ମାନପତ୍ର ସହ ପୁରସ୍କାର ରାଶି ଗ୍ରହଣ କରୁଛନ୍ତି।

ଦେବଗଡ଼, ୨୬।୪ (ଶଶାଙ୍କ ଶେଖର ଖାଙ୍କର)

ଆର୍ଥିକବର୍ଷ ୨୦୨୫-୨୬ରେ ଗ୍ରାମୀଣ ଆବାସ ଯୋଜନାର ସଫଳ ରୂପାୟନ କରି ଦେବଗଡ଼ ଜିଲା ସଫଳତା ଅର୍ଜନ କରି ରାଜ୍ୟସ୍ତରରେ ଅନ୍ୟ ୨୯ଟି ଜିଲ୍ଲାକୁ ପଛରେ ପକାଇ ପ୍ରଥମସ୍ଥାନ ଅଧିକାର କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୨୪ ତାରିଖରେ ବଲାଙ୍ଗୀରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମରେ ଦେବଗଡ ଜିଲ୍ଲା ପରିଷଦକୁ ପୁରସ୍କୃତ କରିଛନ୍ତି।

ଦେବଗଡ ଜିଲ୍ଲା ପରିଷଦର ସଭାପତି କୌଶିକ ପ୍ରଧାନ ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ ମୁଖ୍ୟମନ୍ତ୍ରୀଙ୍କଠାରୁ ମାନପତ୍ର ସହ ୧୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମିଞ୍ଜ ଏହି ସଫଳତା ପାଇଁ ଜିଲ୍ଲା ପରିଷଦ ତଥା ବ୍ଲକସ୍ତରୀୟ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଦେବଗଡ଼ ଭାଜପା ପକ୍ଷରୁ ଜନଆକ୍ରୋଶ ମହିଳା ସମାବେଶ

ଦେବଗଡ଼,୨୬।୪(ଶଶାଙ୍କ ଶେଖର ଖାଙ୍କର)

ଦେବଗଡ ଜିଲା ଭାଜପା ପକ୍ଷରୁ ରବିବାର ଜନଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସଂସଦରେ ନାରୀ ଶକ୍ତି ବନ୍ଦନା ଅଧିନିୟମ ବିଲ୍ କାଟ ଖାଇବା ପରେ ଭାଜପା ପକ୍ଷରୁ ସାରା ଦେଶରେ ଜନଆକ୍ରୋଶ ମହିଳା ସମାବେଶ ଡାକରା ଦିଆଯାଇଛି।

ଏହି ପରିପ୍ରେକ୍ଷୀରେ ରବିବାର ଦେବଗଡ ଗୋପାଳଜୀ ମନ୍ଦିରରୁ ବହୁ ଭାଜପା ନେତା, କର୍ମୀ ଓ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମହିଳାମାନେ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ସହିତ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ପରେ ବଡବଗିଚା ପଡିଆରେ ପହଞ୍ଚିଥିଲେ। ସେଠାରେ ଦେବଗଡ଼ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱ ଓ ଉପସଭାପତି ସତ୍ୟନାରାୟଣ ପାଣିଙ୍କ ସଂଯୋଜନାରେ ଆୟୋଜିତ ସାଧାରଣ ସଭାରେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ତିଲେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ, ଉପାଧକ୍ଷା ଆରତୀ ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ପ୍ରଶାନ୍ତ ବେହେରା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ପ୍ରମିଳା କିସାନ, ପୌର ପରିଷଦ ଭାରପ୍ରାପ୍ତ ଅଧକ୍ଷ ପ୍ରଜିତ କୁମାର ଭୋଜ, କାଉନସିଲର ଇତିଶ୍ରୀ ମିଶ୍ର, କାଉନସିଲର ସରୋଜିନୀ ମୁଣ୍ଡା ଓ ଜିଲା ଭାଜପା ସମ୍ପାଦିକା ପ୍ରୀତିପରମିତା ବେହେରା ପ୍ରମୁଖ ମଞ୍ଚାସୀନ ରହି ବିରୋଧି ଦଳ କଂଗ୍ରେସ ଏବଂ ବିଜେଡିକୁ ମହିଳା ବିରୋଧୀର ଆଖ୍ୟା ଦେବା ସହିତ ଜନସାଧାରଣ ଆଗାମୀ ଦିନରେ ଏହାର ଦୃଢ ଜବାବ ଦେବେ ବୋଲି ପ୍ରକାଶ କରିଥିଲେ।




ଭାଜପା ପକ୍ଷରୁ ଜନଆକ୍ରୋଶ ମହିଳା ସମାବେଶରେ ସାମିଲ ମହିଳା ଓ ଭାଜପା କର୍ମକର୍ତ୍ତା।

ଏହି ଅବସରରେ ସେମାନେ କେନ୍ଦ୍ର ଏବଂ ରାଜ୍ୟରେ ସରକାରରେ ଥିବା ଭାଜପା ମହିଳାଙ୍କୁ ସେମାନଙ୍କ ରାଜନୈତିକ ଅଧିକାର ଦେବା ପାଇଁ ଏଭଳି ଏକ ବିଲ୍ ଆଣିଥିବା ବେଳେ ବିରୋଧି ଦଳ ଏହାକୁ ସମର୍ଥନ ନ ଜଣାଇ ପରୋକ୍ଷରେ ମହିଳାଙ୍କୁ ଅପମାନିତ କରୁଥିବା ନେଇ ସମାବେଶରେ ଯୋଗଦେଇଥିବା ଭାଜପା ନେତାମାନେ ପ୍ରକାଶ କରିଥିଲେ। ସେହିପରି ବିରୋଧୀ ଦଳ ଏବଂ ବିଜେଡିର ଆଭିମୁଖ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବାକୁ ଏହି ଜନଆକ୍ରୋଶ ମହିଳା ସମାବେଶର ଆୟୋଜନ କରାଯାଇଥିବା ପ୍ରକାଶ କରିଥିଲେ। ଏହି ସଭା ଓ ଶୋଭାଯାତ୍ରାରେ ଯୁବ ନେତା ଯୋଗେଶ ଚନ୍ଦ୍ର ପ୍ରଧାନ, ଜିଲା ଭାଜପା ଉପସଭାପତି ଇଂ.ସୁଜିତ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ମୀନକେତନ ପ୍ରଧାନ, ସରୋଜ କୁମାର ପାଢୀ ଓ ମହନ୍ତ କୁମାର ବେହେରା, ସମ୍ପାଦକ ସୁଧିର କୁମାର ବ୍ରହ୍ମା, ଭୋଳେଶ୍ୱର ପ୍ରଧାନ, ମୁନସୁନ ସାହୁ, ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ବିରଞ୍ଚି ବେହେରା, ଅକାଲୁ ଧଳ, ସୁଶୀଳ କୁମାର ଭୋଇ, ବିରେନ କୁମାର ନାୟକ, ପ୍ରତାପ କୁମାର ପଣ୍ଡା, କାର୍ତ୍ତିକ ମହାକୁଳ, ସୁଧାଂଶୁ ପ୍ରଧାନ ଓ ପୂର୍ବତନ ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାସଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ।






କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ରେ ଜିମ୍ନାଷ୍ଟମାନେ ବିଭିନ୍ନ ବିଭାଗରେ କଳାକୌଶଳ ପ୍ରଦର୍ଶନ କରୁଛନ୍ତି।

# ପରାଜୟ ଧାରା ଭାଙ୍ଗିଲା ଗୁଜରାଟ

**ଚେନ୍ନାଇ,୨୬।୪**

ସାଇ ସୁଦର୍ଶନଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଅପରାହ୍ନରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ (ଜିଟି) ୮ ଉଇକେଟରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ପରାସ୍ତ କରିଛି। ଲଗାତର ଦୁଇ ପରାଜୟ ପରେ ଏହି ବିଜୟ ସହ ଗୁଜରାଟ ତା'ର ପରାଜୟ ଧାରା ଭାଙ୍ଗିଛି। ଗୁଜରାଟ ୮ ମ୍ୟାଚ୍‌ରେ ଚତୁର୍ଥ ବିଜୟ ସହ ପଞ୍ଚମ ସ୍ଥାନକୁ ଉଠିଛି। ଅନ୍ୟପକ୍ଷରେ ଚେନ୍ନାଇ ୮ ମ୍ୟାଚ୍‌ରେ ୬ ପଏଣ୍ଟ ସହ ଷଷ୍ଠ ସ୍ଥାନକୁ ଖସିଛି। ଏହି ମ୍ୟାଚ୍ ଜରିଆରେ ଋତୁରାଜ ଗାଏକ୍ୱାଡ ଆଇପିଏଲ୍‌ରେ ୧୦୦ ଛକା ଓ ସଞ୍ଜୁ ସାମସନ ୫ ହଜାର ରନ ପୂରଣ କରିଛନ୍ତି।

ବୋଲରଙ୍କୁ ସୁହାଉଥିବା ପିଚ୍‌ରେ ଚେନ୍ନାଇର ବ୍ୟାଟରମାନେ ସଂଘର୍ଷ କରିଥିଲେ। ଅଧିନାୟକ ଋତୁରାଜ ଗାଏକ୍ୱାଡ ଗୋଟିଏ ପକ୍ଷରେ ସଂଘର୍ଷ କରୁଥିବା ବେଳେ ଅନ୍ୟ ପଟେ ଉଇକେଟ ପତନ ଘଟିଥିଲା। ଦଳ ମାତ୍ର ୩୭ ରନ ମଧ୍ୟରେ ଭଲ ଫର୍ମରେ ଥିବା ସଞ୍ଜୁ ସାମସନ (୧୫ ବଲ, ୧୧ ରନ୍, ୨ ଚୌକା), ଉର୍ଭିଲ ପଟେଲ (୪), ସର୍ଫରାଜ ଖାନ (୦), ଡେୱାଲ୍ଡ ବ୍ରେଭିସ (୨)ଙ୍କ ଉଇକେଟ ହରାଇଥିଲା। ଦଳୀୟ ସ୍କୋର ୧୨ତମ ଓଭରରେ ୫୦ ଅତିକ୍ରମ କରିଥିଲା। ସେତେବେଳକୁ ଋତୁରାଜ ୩୬ ବଲରେ ୨୦ ରନରେ ବ୍ୟାଟିଂ କରୁଥିଲେ। କିନ୍ତୁ ୧୩ତମ ଓଭରରେ ଋତୁରାଜ ଗିୟର ବଦଳାଇଥିଲେ। ଶିଭମ ଦୁବେଙ୍କ ସହ ଋତୁରାଜ ମିଶି ପଞ୍ଚମ ଉଇକେଟରେ ୭.୧ ଓଭରରେ ୫୯ ରନ ଯୋଡ଼ିଥିଲେ। ଦୁବେ (୧୭ ବଲ, ୨୨ ରନ, ୩ ଚୌକା ଓ ୧ ଛକା) ଆଉଟ୍ ହେବା ପରେ ଋତୁରାଜ ଗାଏକ୍ୱାଡ ଏକାକୀ ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
ଦିଲ୍ଲୀ ବନାମ ବେଙ୍ଗାଲୁରୁ
ସ୍ଥାନ: ନୂଆଦିଲ୍ଲୀ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ତାଙ୍କୁ କାର୍ତ୍ତିକ ଶର୍ମା (୯ ବଲ, ୧୫ ରନ, ୩ ଚୌକା) ଓ ଜେମି ଓଭର୍ଟନ (୬ ବଲ, ୧୮ ରନ, ୩ ଚୌକା ଓ ୧ ଛକା) ସମର୍ଥନ ଦେଇଥିଲେ। ଚେନ୍ନାଇ ୨୦ ଓଭରରେ ୭ ଉଇକେଟ ହରାଇ ୧୫୮ ରନ କରିଥିଲା। ଋତୁରାଜ ୬୦ ବଲରେ ୬ ଚୌକା ଓ ୪ ଛକା ସହିତ ୭୪ ରନ କରି ଅପରାଜିତ ରହିଥିବା ବେଳେ ଗୁଜରାଟ ପାଇଁ କାଗିସୋ ରାବାଡା ୩ ଓ ଅର୍ଶଦ ଖାନ ୨ ଉଇକେଟ ନେଇଥିଲେ। ଜବାବରେ ଗୁଜରାଟ ୧୬.୪ ଓଭରରେ ୨ ଉଇକେଟ ହରାଇ ୧୬୨ ରନ କରିନେଇଥିଲା। ସୁଦର୍ଶନ ୪୬ ବଲରେ ୮୭ (୪ ଚୌକା ଓ ୭ ଛକା) ଓ ଅଧିନାୟକ ଶୁବମନ ଗିଲ ୩୩ (୧ ଚୌକା ଓ ୩ ଛକା) ରନ କରି ଆଉଟ୍ ହୋଇଥିଲେ। ଜୋଶ ବଟଲର ଅପରାଜିତ ୩୯ (୪ ଚୌକା ଓ ୧ ଛକା) କରି ମ୍ୟାଚ୍ ଫିନିଶ୍ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୧୫୮/୭(ଋତୁରାଜ ଗାଏକ୍ୱାଡ-୭୪*, କାଗିସୋ ରାବାଡା-୩/୨୫, ଅର୍ଶଦ ଖାନ-୨/୪୩)। ଗୁଜରାଟ ଟାଇଟନ୍ସ: ୧୬.୪ ଓଭରରେ ୧୬୨/୨(ସାଇ ସୁଦର୍ଶନ-୮୭, ଜୋଶ ବଟଲର-୩୯, ନୂର ଅହମଦ-୧/୨୯)।

# ସୁପର ଓଭରରେ ଜିତିଲା କେକେଆର



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ରିଙ୍କୁ ସିଂ।

**ଲକ୍ଷ୍ନୌ,୨୬।୪**

ରବିବାର ଅନୁଷ୍ଠିତ ରୋମାଞ୍ଚକ ଆଇପିଏଲ୍ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ସୁପର ଓଭରରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି)କୁ ପରାସ୍ତ କରିଛି। ସୁପର ଓଭରରେ ଲକ୍ଷ୍ନୌ ମାତ୍ର ୧ ରନରେ ଦୁଇ ଉଇକେଟ ହରାଇଥିବା ବେଳେ ୨ ରନର ଟାର୍ଗେଟକୁ କେକେଆର୍ ପ୍ରଥମ ବଲରେ ହାସଲ କରି ନେଇଥିଲା। ଏହି ବିଜୟ ଯୋଗୁ କେକେଆର ୫ ପଏଣ୍ଟ ସହ ଅଷ୍ଟମ ସ୍ଥାନକୁ ଉଠିଛି। ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ଆରମ୍ଭରୁ ମହସିନ ଖାନଙ୍କ ଘାତକ ବୋଲିଂର ସମ୍ମୁଖୀନ ହୋଇ ନ ପାରି ମାତ୍ର ୩୧ ରନରେ ପ୍ରମୁଖ ୪ ବ୍ୟାଟରଙ୍କୁ ହରାଇଥିଲା। କାମେରନ ଗ୍ରୀନ (୨୧ ବଲ, ୩୪ ରନ, ୩ ଛକା) ଓ ରିଙ୍କୁ ସିଂ ପଞ୍ଚମ ଉଇକେଟରେ ୪୨ ରନ ଯୋଡ଼ିଥିଲେ। ଶେଷ ଆଡ଼କୁ ରିଙ୍କୁ ସିଂ ଏକାକୀ ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ସେ ଅନ୍ତିମ ଓଭରରେ ଦିଗଭେଶ ସିଂ ରାଠୀଙ୍କୁ ଲଗାତର ୪ ଛକା ଲଗାଇଥିଲେ। କୋଲକାତା ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୫୫ ରନ କରିଥିଲା। ରିଙ୍କୁ ୫୧ ବଲରେ ୮୩ (୭ ଚୌକା ଓ ୫ ଛକା) ରନ କରି ଅପରାଜିତ ରହିଥିଲେ। ଲକ୍ଷ୍ନୌ ପାଇଁ ମହସିନ ୫ ଉଇକେଟ ନେଇଥିଲେ। ଜବାବରେ ଲକ୍ଷ୍ନୌ ପାଇଁ ଏଡେନ ମାରାକ୍ରମ(୩୧ ରନ, ୨ ଚୌକା ଓ ୧ ଛକା) ଓ ଅଧିନାୟକ ରିଷଭ ପନ୍ତ (୪୨ ରନ, ୪ ଚୌକା ଓ ୧ ଛକା) ଧିମା ଆରମ୍ଭ ପ୍ରଦାନ କରିଥିଲେ। କେକେଆରର ସ୍ପିନରମାନେ କ୍ରମାଗତ ବ୍ୟବଧାନରେ ଉଇକେଟ ନେଇଥିଲେ। ଏଥିଯୋଗୁ ୧୯ ଓଭର ସୁଦ୍ଧା ଦଳ ୧୩୯/୭ ସ୍କୋର କରିଥିଲା। ଅନ୍ତିମ ଓଭରରେ ଜିତିବା ପାଇଁ ୧୭ ରନ ଦରକାର ଥିବା ବେଳେ କାର୍ତ୍ତିକ ତ୍ୟାଗୀ ଲଗାତାର ଦୁଇ ଥର ଅଣ୍ଟା ଉଚ୍ଚତାରେ ନୋ ବଲ ପକାଇ ଥିଲେ। ଦ୍ୱିତୀୟ ତଥା ଫ୍ରି-ହିଟ୍ ବଲକୁ ହିମତ ସିଂ (୧୦ ବଲ, ୧୯ ରନ, ୨ ଚୌକା ଓ ୧ ଛକା) ଚୌକା ମାରିବା ପରେ ତୃତୀୟ ବଲରେ ଆଉଟ୍ ହୋଇଥିଲେ। ଚତୁର୍ଥ ବଲରେ ପ୍ରିନ୍ସ ଯାଦବ ବାଇରୁ ୧ ରନ ନେଇଥିଲେ। ଅନ୍ତିମ ବଲରେ ଜିତିବା ପାଇଁ ୭ ରନ ଦରକାର ଥିବା ବେଳେ ଶାମି ଛକା ମାରି ସ୍କୋର ବରାବର କରିଥିଲେ। ଲକ୍ଷ୍ନୌ ୨୦ ଓଭରରେ ୮ ଉଇକେଟ ହରାଇ ୧୫୫ ରନ କରିଥିଲା।

**ସଂକ୍ଷିପ୍ତ ସ୍କୋର**

କୋଲକାତା: ୨୦ ଓଭରରେ ୧୫୫/୭ (ରିଙ୍କୁ ସିଂ-୮୩*, କାମେରନ ଗ୍ରୀନ-୩୪, ମହସିନ ଖାନ-୫/୨୩)। ଲକ୍ଷ୍ନୌ: ୨୦ ଓଭରରେ ୧୫୫/୮ (ରିଷଭ ପନ୍ତ-୪୨, ବରୁନ ଚକ୍ରବର୍ତ୍ତୀ-୨/୩୩, କାମେରନ ଗ୍ରୀନ-୧/୧୨, ସୁନୀଲ ନାରିନ-୧/୨୩)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୭ | ୬ | ୦ | ୧ | ୧୩ | +୧.୩୩୩ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୫ | ୨ | ୦ | ୧୦ | +୧.୧୦୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୫ | ୩ | ୦ | ୧୦ | +୦.୮୧୫ |
| ରାଜସ୍ଥାନ ରୟାଲ୍ସ | ୮ | ୫ | ୩ | ୦ | ୧୦ | +୦.୬୦୨ |
| ଗୁଜରାଟ ଟାଇଟନ୍ସ | ୮ | ୪ | ୪ | ୦ | ୮ | -୦.୪୭୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୩ | ୫ | ୦ | ୬ | -୦.୧୨୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୩ | ୪ | ୦ | ୬ | -୦.୧୮୪ |
| ନାଇଟ ରାଇଡର୍ସ | ୮ | ୨ | ୫ | ୧ | ୫ | -୦.୭୫୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୨ | ୫ | ୦ | ୪ | -୦.୭୩୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୨ | ୬ | ୦ | ୪ | -୧.୧୦୬ |

**ଦ. ଆଫ୍ରିକା ବିପକ୍ଷ ମହିଳା ଟି୨୦**

# ଦୀପ୍ତିଙ୍କ ଅଲରାଉଣ୍ଡ ପ୍ରଦର୍ଶନରେ ଜିତିଲା ଭାରତ

**ଜୋହାନ୍ସବର୍ଗ,୨୬।୪:** ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ମହିଳା ଟି୨୦ ସିରିଜ୍‌ରେ ଲଗାତର ୩ ପରାଜୟ ପରେ ଭାରତ ବିଜୟ ସ୍ୱାଦ ଚାଖିଛି। ବ୍ୟାଟରେ ଅପରାଜିତ ୩୬ ରନ କରିଥିବା ଦୀପ୍ତି ଶର୍ମାଙ୍କ ୫ ଉଇକେଟ ସଫଳତା ବଳରେ ଏଠାରେ ଖେଳାଯାଇଥିବା ଚତୁର୍ଥ ଟି୨୦ ମ୍ୟାଚ୍‌ରେ ଭାରତ ୧୪ ରନରେ ଦ. ଆଫ୍ରିକାକୁ ପରାସ୍ତ କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୫ ରନ କରିଥିଲା। ଦଳ ପାଇଁ ଜେମିମା ରୋଡ୍ରିଗ୍ସ ୧୯ ବଲରେ ୪୩ (୪ ଚୌକା ଓ ୨ ଛକା), ଅନୁଷ୍କା ଶର୍ମା ୧୮ ବଲରେ ୨୭ (୪ ଚୌକା) ରନ କରି ଆଉଟ୍ ହୋଇଥିଲେ। ଦୀପ୍ତି ୨୬ ବଲରେ ୩୬ (୫ ଚୌକା) ଓ ରିଚା ଘୋଷ ୧୮ ବଲରେ ୩୪ (୫ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ପାଇଁ ଏଲିଜ-ମାରି ମାର୍କ୍ସ ଓ କାୟଲା ରେନେକେ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଘରୋଇ ଦଳ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୯ ଉଇକେଟ ହରାଇ ୧୭୧ ରନ କରିପାରିଥିଲା। ସୁନେ ଲୁସ ୨୪ ବଲରେ ୪୦ (୫ ଚୌକା ଓ ୧ ଛକା) ଓ ତଜମିନ ବ୍ରିଟ୍ସ ୨୩ ବଲରେ ୩୦ (୫ ଚୌକା) ରନ କରିଥିଲେ। ଭାରତ ପାଇଁ ଦୀପ୍ତି ୪ ଓଭରରେ ୧୯ ରନ ଦେଇ ୫ ଉଇକେଟ ଅକ୍ତିଆର କରିଥିଲେ। ଏହା ତାଙ୍କ ଟି୨୦ କ୍ୟାରିୟରର ପ୍ରଥମ ୫ ଉଇକେଟ ସଫଳତା।

# ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍: ଅଲ-ଅହଲିକୁ ଟାଇଟଲ

**ଜେଦ୍ଦା(ସାଉଦି ଆରବ),୨୬।୪(ଏପି)**

ସାଉଦି ଆରବର ଅଲ-ଅହଲି କ୍ଲବ ସଫଳତାର ସହିତ ତା'ର ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ଏଲିଟ୍ ଟାଇଟଲ ବଜାୟ ରଖିଛି। ରବିବାର ଖେଳାଯାଇଥିବା ଫାଇନାଲରେ ଅଲ-ଅହଲି ୧-୦ ଗୋଲରେ ଜାପାନର ମାଚିଦା ଜେଲଭିଆକୁ ପରାସ୍ତ କରିଛି। ୬୦ ହଜାର ଦର୍ଶକଙ୍କ ଉପସ୍ଥିତିରେ ଖେଳାଯାଇଥିବା ମ୍ୟାଚ୍‌ର ପ୍ରଥମ ୯୦ ମିନିଟ୍ ଗୋଲଶୂନ୍ୟ ରହିଥିଲା। ଏକ୍ସଟ୍ରା ଟାଇମର ଷଷ୍ଠ ମିନିଟ୍‌ରେ ମିଡ୍‌ଫିଲ୍ଡର ଫ୍ରାଙ୍କ କେସିଙ୍କଠାରୁ ପାଇଥିବା ପାସ୍‌କୁ ସାଉଦିର ଅନ୍ତର୍ଜାତୀୟ ଷ୍ଟ୍ରାଇକର ଫିରାସ ଅଲ-ବୁରିକାନ ଗୋଲରେ ପରିଣତ କରିଥିଲେ, ଯାହା କି ଘରୋଇ ଦଳର ବିଜୟ ପାଇଁ ଯଥେଷ୍ଟ ସାବ୍ୟସ୍ତ ହୋଇଥିଲା। ଅଲ-ଅହଲି ମ୍ୟାଚ୍‌ରେ ପ୍ରାୟ ୧ ଘଣ୍ଟା ୧୦ ଖେଳାଳିଙ୍କ ସହିତ ଖେଳିଥିଲା। ହେଲେ ମାଚିଦା ଦଳ ଏହାର ଫାଇଦା ଉଠାଇବାରେ ସଫଳ ହୋଇପାରି ନ ଥିଲେ। ୨୦୦୫ରେ ଅଲ-ଇତିହାଦ ପରେ ଅଲ-ଅହଲି ପ୍ରଥମ ଦଳ ଭାବେ ଲଗାତର ଦୁଇ ଥର ଏସିଆନ ଟାଇଟଲ ହାସଲ କରିଛି। ଉଲ୍ଲେଖଯୋଗ୍ୟ, ମଧ୍ୟପ୍ରାଚ୍ୟରେ ଚାଲିଥିବା ବିବାଦ କାରଣରୁ ଏହି ଟୁର୍ନାମେଣ୍ଟ ପ୍ରଭାବିତ ହୋଇଥିଲା। ଟୁର୍ନାମେଣ୍ଟର ସମସ୍ତ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌କୁ ଦୁଇ ରାଉଣ୍ଡ ବଦଳରେ ଏକ ରାଉଣ୍ଡରେ ସୀମିତ ରଖାଯାଇଥିଲା।

# ମାରାଥନରେ ସେବାଷ୍ଟିଆନ ସାୱେଙ୍କ ବିଶ୍ୱ ରେକର୍ଡ

**୨ ଘଣ୍ଟା ମଧ୍ୟରେ ମାରାଥନ ଶେଷ କରିବାରେ ପ୍ରଥମ**




ମାରାଥନ ଫିନିଶ୍ କରିବା ଅବସରରେ କେନିୟାର ସେବାଷ୍ଟିଆନ ସାୱେ।

**ଲଣ୍ଡନ,୨୬।୪(ଏପି)**

କେନିୟାର ସେବାଷ୍ଟିଆନ ସାୱେ ବିଶ୍ୱର ପ୍ରଥମ ବ୍ୟକ୍ତି ଭବେ ୨ ଘଣ୍ଟା ମଧ୍ୟରେ ମାରାଥନ ଶେଷ କରିଛନ୍ତି। ରବିବାର ଅନୁଷ୍ଠିତ ଲଣ୍ଡନ ମାରାଥନକୁ ସେ ୧ ଘଣ୍ଟା ୫୯ ମିନିଟ୍ ଓ ୩୦ ସେକେଣ୍ଡରେ ଶେଷ କରି ଇତିହାସ ରଚିଛନ୍ତି। ସେ ପୂର୍ବ ରେକର୍ଡକୁ ୬୫ ସେକେଣ୍ଡ ବ୍ୟବଧାନରେ ଭଙ୍ଗ କରିଛନ୍ତି। ପୂର୍ବରୁ ମାରାଥନ ବିଶ୍ୱ ରେକର୍ଡ କେନିୟାର କେଲଭିନ କିପଟମଙ୍କ ନାମରେ ଥିଲା। ସେ ୨୦୨୩ରେ ଚିକାଗୋଠାରେ ୨:୦୦.୩୫ ସେକେଣ୍ଡ ଟାଇମିଂ ହାସଲ କରିଥିଲେ। ଲଣ୍ଡନ ମାରାଥନରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଇଥୋପିଆର ୟୋମିଫ କେଜେଲଚା (୧:୫୯.୪୧ ସେକେଣ୍ଡ) ୨ ଘଣ୍ଟା ମଧ୍ୟରେ ମାରାଥନ ଶେଷ କରିଥିଲେ। ଏହା ତାଙ୍କ କ୍ୟାରିୟରର ପ୍ରଥମ ମାରାଥନ ଥିଲା। ଉଗାଣ୍ଡାର ଜେକବ କିପ୍ଲିମୋ (୨:୦୦.୨୮ ସେ.) ତୃତୀୟ ସ୍ଥାନ ହାସଲ କରିଥିଲେ।

# ରାହୁଲ ଦେବଙ୍କ ଶତକ: କେନ୍ଦୁଝର ବିଜୟୀ

**କଟକ,୨୬।୪(କୁମାରଶ୍ରୀ)**

ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୬ବର୍ଷରୁ କମ୍ ବାଳକ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ କେନ୍ଦୁଝର ୨୦୪ରନରେ ରାୟଗଡାକୁ ପରାସ୍ତ କରିଛି। ଅଡଶପୁର ଗ୍ରାଉଣ୍ଡରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦୁଝର ୬ ଉଇକେଟ ବିନିମୟରେ ୨୫୭ରନ ସଂଗ୍ରହ କରିଥିଲା। ରାହୁଲଦେବ ନାଏକ ୧୦୬ରନର ଅପରାଜିତ ଇନିଂସ ଖେଳିଥିଲେ। ଜବାବରେ ରାୟଗଡା ମାତ୍ର ୫୩ରନରେ ଅଲଆଉଟ ହୋଇଥିଲା। ବିଜୟୀ କେନ୍ଦୁଝର ପକ୍ଷରୁ ଓମପ୍ରକାଶ ସେଠୀ ୨୦ରନ ବ୍ୟୟରେ ୪ଟି ଉଇକେଟ ଦଖଲ କରିଥିଲେ। ଶତକ ହାସଲ କରିଥିବା ରାହୁଲ ଦେବଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଡ୍ରିମ୍ସ ଗ୍ରାଉଣ୍ଡରେ ବଲାଙ୍ଗୀର ୩ ଉଇକେଟରେ ଜଗତସିଂହପୁରକୁ ହରାଇଛି। ବିଶ୍ୱ ସାମନ୍ତରାୟଙ୍କ ୪୫ରନ ବଳରେ ଜଗତସିଂହପୁର ୯ ଉଇକେଟ ବିନିମୟରେ ୧୬୨ରନ କରିଥିଲା। ବଲାଙ୍ଗୀରର ସାଇ ପ୍ରୟାସ ୩ଟି ଉଇକେଟ ଅକ୍ତିଆର କରିଥିଲେ। ତେବେ ବଲାଙ୍ଗୀରର ୭ମ ଉଇକେଟ ପତନ ସତ୍ତ୍ୱେ ସିଦ୍ଧେଶ୍ୱର ବାଗ ୬୪ରନର ଅପରାଜିତ ସଂଘର୍ଷପୂର୍ଣ୍ଣ ପାଳି ଖେଳି ୪୬ତମ ଓଭରରେ ଦଳକୁ ଜିତାଇଥିଲେ। ଏହି ମ୍ୟାଚ୍‌ରେ ସାଇ ପ୍ରୟାସଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ନିମପୁର ଗ୍ରାଉଣ୍ଡରେ ଏକ ଲୋ ସ୍କୋରିଂ ମ୍ୟାଚ୍‌ରେ ସୋନପୁର ୮ ଉଇକେଟରେ କଳାହାଣ୍ଡିକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କଳାହାଣ୍ଡି ମାତ୍ର ୪୯ରନରେ ଅଲଆଉଟ ହୋଇଥିଲା। ସୋନପୁରର କଳିଙ୍ଗ ପାଟନାମ ଏବଂ ଭବତୋଷ ବିଶ୍ୱାଳ ଯଥାକ୍ରମେ ୩ଟି ଓ ୨ଟି ଉଇକେଟ ଦଖଲ କରିଥିଲେ। ୧୨.୨ ଓଭରରେ ସୋନପୁର ବିଜୟୀ ହୋଇଥିବା ବେଳେ ୨ଟି ଉଇକେଟ ଦଖଲ କରିବା ସହ ୧୫ରନ ସଂଗ୍ରହ କରିଥିବା ଭବତୋଷ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

**୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

# ଆଇଏସ୍‌ଏଲ୍: ସ୍ପୋର୍ଟିଂ ଦିଲ୍ଲୀ-ମହମ୍ମଡାନ ମ୍ୟାଚ୍ ଡ୍ର'

**ହାଇଦ୍ରାବାଦ,୨୬।୪**

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ରବିବାର ସ୍ପୋର୍ଟିଂ ଦିଲ୍ଲୀ ଓ ମହମ୍ମଡାନ ଏସ୍‌ସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୨-୨ ଗୋଲରେ ଡ୍ର' ଭାବେ ଶେଷ ହୋଇଛି। ପଏଣ୍ଟ ଭାଗ ହେବାରୁ ଦିଲ୍ଲୀ ୯ ପଏଣ୍ଟ ସହିତ ଦଶମ ସ୍ଥାନରେ ରହିଥିବା ବେଳେ ମହମ୍ମଡାନ ଟେବୁଲ ସର୍ବନିମ୍ନ ତଥା ୧୪ତମ ସ୍ଥାନରେ ରହିଛି।

ମ୍ୟାଚ୍‌ର ୧୭ତମ ମିନିଟ୍‌ରେ ଦିଲ୍ଲୀକୁ ମିଳିଥିବା ପେନାଲ୍ଟି ମାଟିଜା ବାବୋଭିକ୍ ଗୋଲରେ ପରିଣତ କରିଥିଲେ। ହେଲେ ୪୦ତମ ମିନିଟ୍‌ରେ ଆଡିସନ ସିଂଙ୍କ ଗୋଲ ଯୋଗୁ ମହମ୍ମଡାନ ପ୍ରଥମାର୍ଦ୍ଧ ସୁଦ୍ଧା ମ୍ୟାଚ୍‌କୁ ୧-୧ ଗୋଲରେ ବରାବର ରଖିଥିଲା। ଦ୍ୱିତୀୟାର୍ଦ୍ଧର ୫୧ତମ ମିନିଟ୍‌ରେ ବାବୋକି ମାଟିଜା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ। ସେହିଭଳି ୬୫ତମ ମିନିଟ୍‌ରେ ହୀରା ମଣ୍ଡଳଙ୍କ ଗୋଲ ବଳରେ ମହମ୍ମଡାନ ସ୍କୋରକୁ ସମାନ ସ୍ତରକୁ ଆଣିଥିଲା।




କଟକର ବିଡାନାସୀ ମିନି ଷ୍ଟାଡିୟମରେ ଅନୁଷ୍ଠିତ ସିଏମ ଟ୍ରଫିର ୧୪ବର୍ଷରୁ କମ୍ ଭଲିବଲରେ ବାଳିକା ଓ ବାଳକ ବର୍ଗର ଚାମ୍ପିୟନ ଦଳସହ ଅତିଥିବୃନ୍ଦ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ Business queries: <advt@dharitri.com>